NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
29 MAY 2026
ଶୁକ୍ରବାର
୨୯ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 370 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୭୦ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


### ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି

## ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:**



ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ।

### ପିଏମ୍ଓରୁ ମିଳିଛି ଗ୍ରୀନ୍ ସିଗ୍ନାଲ୍: ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଓଡ଼ିଶା ଗସ୍ତର ନିର୍ଦ୍ଦିଷ୍ଟ ତାରିଖ ଚୂଡ଼ାନ୍ତ ହୋଇନଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବା ନେଇ ପ୍ରଧାନମନ୍ତ୍ରୀଙ୍କ ▶▶ ୫

## କନ୍ୱର୍ ବିଶାଳ ସିଂ ଏସ୍‌ଟିଏଫ୍ ଡିଆଇଜି



**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:**

ଗୁରୁବାର ରାଜ୍ୟସରକାର ଭାରତୀୟ ପୁଲିସ ସେବାର ଦୁଇ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି। ରାଜ୍ୟ ସରାକରଙ୍କ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଦକ୍ଷିଣ ପଶ୍ଚିମ ରେଞ୍ଜର ଡିଆଇଜି ଡା କନ୍ୱର ବିଶାଳ ସିଂହଙ୍କୁ ଏସ୍‌ଟିଫ୍ (ସ୍ପେସାଲ୍ ଟାସ୍କ ଫୋର୍ସ)ର ଡିଆଇଜି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଏସ୍ଆଇଡବ୍ଲ୍ୟୁ(ସ୍ୱତନ୍ତ୍ର ଗୁଇନ୍ଦା ଶାଖା)ର ଡିଆଇଜି ଭାବେ ଦାୟିତ୍ୱ ତୁଲାଉଥିବା ୨୦୦୯ ବ୍ୟାଚ୍‌ର ଅଖିଳେଶ୍ୱର ସିଂହଙ୍କୁ ଏସ୍‌ଡବ୍ଲ୍ୟୁଆର, ▶▶ ୫

### ପୁଣି ମୁହାଁମୁହିଁ ହେଲେ ଇରାନ୍-ଆମେରିକା

# ବଢ଼ିଲା ଉତ୍କଟ ଶକ୍ତି ସଂକଟ ଆଶଙ୍କା

**ତେହରାନ, ୱାଶିଂଟନ, ୨୮।୫/ଏଜେନ୍ସି:**

ଇରାନ୍ ଓ ଆମେରିକା ମଧ୍ୟରେ ପୁଣିଥରେ ଆକ୍ରମଣ-ପ୍ରତି ଆକ୍ରମଣ ଆରମ୍ଭ ହୋଇଯାଇଛି। ଗତ ଦୁଇ ଦିନ (ବୁଧବାର ଓ ଗୁରୁବାର) ମଧ୍ୟରେ ଆମେରିକା ସେନା, ଇରାନ୍‌ର କବ୍‌ଜା ଥିବା ହର୍ମୁଜ୍ ପ୍ରଣାଳୀ ଉପରେ ଏକାଧିକ ଆକ୍ରମଣ କରିଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ 'ସେଣ୍ଟକମ୍' ସୂଚନା ଦେଇଛି ଯେ, ସାମୁଦ୍ରିକ ଯାତାୟାତ ଏବଂ ନିଜର ସୈନ୍ୟବାହିନୀର ସୁରକ୍ଷା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ରୂପେ ଆତ୍ମରକ୍ଷା ଉଦ୍ଦେଶ୍ୟରେ କରାଯାଇଛି। ଆମେରିକା ସେନା ହର୍ମୁଜ ପ୍ରଣାଳୀ ମଧ୍ୟରେ ଅନେକ ଶତ୍ରୁପକ୍ଷର (ଇରାନର) ଆତ୍ମଘାତୀ ଡ୍ରୋନ୍‌ଗୁଡ଼ିକକୁ ଗୁଳି କରି ଆକାଶରେ ଧ୍ୱଂସ କରିଦେଇଛି। ଏତଦ୍‌ବ୍ୟତୀତ ଇରାନର ପ୍ରମୁଖ ବନ୍ଦର ସହର 'ଅବ୍ବାସ ପୋର୍ଟ' ନିକଟରେ ଥିବା ଏକ ଇରାନୀ ସାମରିକ ନିୟନ୍ତ୍ରଣ କେନ୍ଦ୍ରକୁ ବଜ୍ରଯଦ ଲକ୍ଷ୍ୟ କରି ଆମେରିକା ସଫଳତାର ସହ ଆକ୍ରମଣ କରିଛି। ଅନ୍ୟପକ୍ଷେ, ଆମେରିକାର ଏହି ଆକ୍ରମଣ ପରେ ଇରାନର ଇସ୍‌ଲାମିକ୍ ବିପ୍ଳବୀ ଗାର୍ଡ କର୍ପସ୍ (ଆଇଆର୍‌ଜିସି) ପକ୍ଷରୁ ମଧ୍ୟ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଇରାନ ଦାବି କରିଛି ଯେ, ଯେଉଁ ଆମେରିକୀୟ ସାମରିକ ଏୟାରବେସ୍‌ରୁ ଇରାନ



ଉପରେ ଆକ୍ରମଣ କରାଯାଇଥିଲା, ସେହି ବେସ୍‌କୁ ଲକ୍ଷ୍ୟ କରି ଆଇଆର୍‌ଜିସି ପାଲଟା ମିସାଇଲ ଓ ଡ୍ରୋନ ମାଡ଼ କରିଛି। ତେବେ ଦୁଇ ଦେଶ ମଧ୍ୟରେ ପୁଣି ଥରେ ଏପ୍ରକାର ବୃଦ୍ଧି ପାଉଥିବା ସାମରିକ ଉତ୍ତେଜନା କାରଣରୁ ଆଖପାଖ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ମଧ୍ୟ ହଲଚଲ ବଢ଼ିଯାଇଛି। ଏସବୁ ମଧ୍ୟରେ ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ସମସ୍ତ ବାଣିଜ୍ୟିକ ଓ ତୈଳବାହୀ ଜାହାଜ ଯାତାୟାତ କରୁଥିବାରୁ ଏହି ଆକ୍ରମଣ ଯୋଗୁଁ

### ପ୍ରଭାବିତ ହେବ ମଧ୍ୟପ୍ରାଚ୍ୟରୁ ତୈଳ, ଗ୍ୟାସ୍ ଆମଦାନୀ

### ଓମାନକୁ ଧମକ ଦେଲେ ଟ୍ରମ୍ପ, ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ ଜାରି

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଯୋଗାଣ ପୁଣିଥରେ ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି।

ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଜ ଚିନ୍ତା ଶକ୍ତି ଉପରେ ନିୟନ୍ତ୍ରଣ ନଥିବା ପରି ପ୍ରତୀତ ହେଉଛି। ରିପୋର୍ଟ ଅନୁସାରେ ଇରାନ ପରେ ଟ୍ରମ୍ପ ଏବେ ଓମାନକୁ ଧମକ ଦେଇଛନ୍ତି। ସେ କହିଛନ୍ତି ଯେ ହର୍ମୁଜ ପ୍ରଣାଳୀ ଏକ ଅନ୍ତର୍ଜାତୀୟ ସାମୁଦ୍ରିକ ମାର୍ଗ ଏବଂ ଏହା ଉପରେ କୌଣସି ଗୋଟିଏ ଦେଶର କବ୍‌ଜା ରହିପାରିବ ନାହିଁ। ବିଶ୍ୱର ସମସ୍ତ ଜାହାଜ ପାଇଁ ଏହି ବାଟ ଦେଇ ଯାତାୟାତ କରିବାର ସ୍ୱାଧୀନତା ରହିବ। ପ୍ରକାଶ ହର୍ମୁଜ ଦେଇ ଯାଉଥିବା ଜାହାଜଗୁଡ଼ିକଠାରୁ ଟୋଲ୍ ଶୁଳ୍କ ଆଦାୟ କରିବା ପାଇଁ ଇରାନ୍, ଓମାନ ସହିତ ମିଶି ଏକ ବ୍ୟବସ୍ଥା ପ୍ରସ୍ତୁତ କରିବା ସମ୍ପର୍କରେ ଆଲୋଚନା କରୁଛି। ଏସମ୍ପର୍କରେ ଜାଣିବା ପରେ ଟ୍ରମ୍ପ ମାତ୍ରାଧିକ କ୍ଷୁବ୍ଧ ହୋଇଛନ୍ତି ଏବଂ ଓମାନ୍‌କୁ ଚେତାବନୀ ଆଳରେ ସିଧାସଳଖ ଧମକ ଦେଇଛନ୍ତି।

ଟ୍ରମ୍ପ କହିଛନ୍ତି ଯେ, "ଆମେ ହର୍ମୁଜ ଉପରେ ନଜର ରଖିବୁ, କିନ୍ତୁ ଏହାକୁ କେହି ନିୟନ୍ତ୍ରଣ କରିପାରିବେ ନାହିଁ। ଇରାନ ଏହାକୁ ନିୟନ୍ତ୍ରଣ କରିବାକୁ ଚାହୁଁଛି, କିନ୍ତୁ ଏମିତି ହେବନାହିଁ। ଏହା ଏକ ଅନ୍ତର୍ଜାତୀୟ ଜଳକ୍ଷେତ୍ର। ଓମାନକୁ ମଧ୍ୟ ବାକି ▶▶ ୫

### କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ସିଦ୍ଧରମୈୟା

## ୩୦ରେ ଶପଥ ନେବେ ଶିବକୁମାର

**ବେଙ୍ଗାଲୁରୁ, ୨୮।୫/ଏଜେନ୍ସି:**

ଶେଷରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ପଦରୁ ସିଦ୍ଧରମୈୟା ଗୁରୁବାର ଇସ୍ତଫା ଦେଇଛନ୍ତି। ସେ ବେଙ୍ଗାଲୁରୁରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, 'ମୁଁ ପୂର୍ବରୁ ହିଁ କହିଥିଲି ଯେ ହାଇକମାଣ୍ଡ ଯେତେବେଳେ କହିବେ, ମୁଁ ଇସ୍ତଫା ଦେଇଦେବି। କାଲି ହାଇକମାଣ୍ଡ କହିଲେ ଏବଂ ଆଜି ମୁଁ ଇସ୍ତଫା ଦେଲି। ସେ ସୂଚନା ଦେଇଛନ୍ତି ଯେ ରାଜ୍ୟପାଳ ଥାବରଚନ୍ଦ ଗେହଲଟଙ୍କ ସଚିବଙ୍କୁ ସେ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ତେବେ ରାଜ୍ୟପାଳ ଗେହଲଟ୍ ବର୍ତ୍ତମାନ ପାରିବାରିକ କାରଣରୁ ବେଙ୍ଗାଲୁରୁ ବାହାରେ



ଅଛନ୍ତି। ତେବେ ସିଦ୍ଧରମୈୟାଙ୍କ ଇସ୍ତଫା ପରେ ଏବେ ଡି.କେ. ଶିବକୁମାରଙ୍କ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ ହୋଇଯାଇଛି। ଶୁକ୍ରବାର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ଏବଂ ଏଥିରେ ଏସନେଇ ଆନୁଷ୍ଠାନିକ ଘୋଷଣା କରାଯାଇପାରେ ବୋଲି ଅନୁମାନ କରାଯାଉଛି। ସେହିପରି ଆସନ୍ତା ୩୦ ତାରିଖରେ ଶପଥ ସମାରୋହ ମଧ୍ୟ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ସିଦ୍ଧରମୈୟାଙ୍କୁ ପଦରୁ ହଟାଯିବା 'ରୋଟେସନାଲ୍ ସିଏମ୍ ଫର୍ମୁଲା' (ପର୍ଯ୍ୟାୟକ୍ରମିକ ମୁଖ୍ୟମନ୍ତ୍ରୀ ବ୍ୟବସ୍ଥା) ଅଧୀନରେ ହୋଇଥିବା କୁହାଯାଉଛି। ଏହାପୂର୍ବରୁ ସିଦ୍ଧରମୈୟା ନିଜ ବାସଭବନରେ ମନ୍ତ୍ରୀମାନଙ୍କ ସହ ବୈଠକ ▶▶ ୫

### ସିବିଏସ୍‌ଇ ଉତ୍ତର ଖାତା ବିବାଦ

## ଉତ୍ତରଦାୟିତ୍ୱ ନେଲେ ଧର୍ମେନ୍ଦ୍ର

### ଅନିୟମିତତା ହୋଇଥିଲେ କାହାକୁ ବି ଛଡ଼ାଯିବନି

**ନୂଆଦିଲ୍ଲୀ,୨୮।୫/ଏଜେନ୍ସି:**

ସିବିଏସ୍‌ଇର ଅନ ସ୍କ୍ରିନ ମାର୍କିଂ ସିଷ୍ଟମକୁ ନେଇ ଦେଶରେ ଚାଲିଥିବା ବିବାଦ ଘଟଣାରେ ମୁହଁ ଖୋଲିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ସିବିଏସ୍‌ଇ ଉତ୍ତର ଖାତା ସୃଷ୍ଟି ହୋଇଥିବା ବିବାଦର ଉତ୍ତର ଦାୟିତ୍ୱ ନିଜ ମୁଣ୍ଡକୁ ନେଇଛନ୍ତି। ଏଥିସହ ଶିକ୍ଷାର୍ଥୀ ଓ ଅଭିଭାବକଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ ମୂଲ୍ୟାଙ୍କନ ପ୍ରକ୍ରିୟାରେ ଯଦି ଅନିୟମିତତା ହୋଇଥିବା ଜଣାପଡ଼ିବ, ତା'ହେଲେ କାହାକୁ ବି ଛଡ଼ା ଯିବ ନାହିଁ। ଶ୍ରୀ ପ୍ରଧାନ କହିଛନ୍ତି, "ମୁଁ ସବୁ ବିବାଦର ଉତ୍ତର ଦାୟିତ୍ୱ ଗ୍ରହଣ କରୁଛି। ଏହାକୁ ଠିକ୍ କରାଯିବ। ଗୋଟିଏ ସମାଧାନର ରାସ୍ତା ବାହାରିବ। ଆମେ ସମସ୍ତେ ଏହି କାମରେ ଲାଗି ପଡ଼ିଛୁ।" ଅସ୍ପଷ୍ଟ ସ୍କାନ କପି, ମୂଲ୍ୟାଙ୍କନ ହୋଇ ନଥିବା ଉତ୍ତର, ପୋର୍ଟାଲ କ୍ରାଶ, ଦେୟ ସମୟରେ ବିଭ୍ରାଟ ଓ ପୁନଃ ମୂଲ୍ୟାଙ୍କନ ପ୍ରକ୍ରିୟାରେ ଦେଖାଯାଉଥିବା ଦ୍ୱନ୍ଦ୍ୱ ସମ୍ପର୍କରେ ସିବିଏସ୍‌ଇ ଶିକ୍ଷାର୍ଥୀମାନେ ଅଭିଯୋଗ ▶▶ ୫



## ପୋଲ ତଳକୁ ଖସିଲା କାର୍, ୨ ମୃତ

**ରସୋଳ,୨୮।୫/ଏନ୍ଏନ୍ଏସ୍:**

ଅଧୁରା ରହିଲା ମା' ତାରିଣୀଙ୍କ ଦର୍ଶନ। କପିଳାଶ ଦର୍ଶନ ସାରି ଘଟଗାଁ ତାରିଣୀ ପୀଠକୁ ଦର୍ଶନ କରିବାକୁ ଯାଉଥିବା ବେଳେ ପୁଲ ତଳକୁ ଖସି ପଡ଼ିଲା କାର୍। ଫଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ପୂର୍ବାହ୍ନରେ କେନ୍ଦୁଝର ଜିଲ୍ଲା ଦୈତାରି ଥାନା ଅନ୍ତର୍ଗତ ରାସୋଳ ଛକ ନିକଟରେ ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତକ ହେଲେ ଢେଙ୍କାନାଳ ଜିଲ୍ଲା ପ୍ରତାପ ଦାସଙ୍କ ପୁଅ ଦେବବ୍ରତ ଦାସ (୩୦) ଓ ଗଙ୍ଗାଧର ରାଉତଙ୍କ ପୁଅ ଶିବାସୁରୂପ ରାଉତ (୩୦)। ସେହିପରି ଗୁରୁତର ଦୁଇଜଣ ଯୁବକ ହେଲେ ଦେଙ୍କନାଳ ଜିଲ୍ଲାର ସମରେଶ ସ୍ୱାଇଁ ଓ ଶ୍ୟାମସୁନ୍ଦର ବେଉରା।

ପ୍ରକାଶ ଯେ ଢେଙ୍କାନାଳ ଟାଉନ ଅଞ୍ଚଳରୁ ସମ୍ପୃକ୍ତ ୪ ଜଣ ଯୁବକ ମା' ତାରିଣୀଙ୍କ ଦର୍ଶନ ପାଇଁ ଏକ କାର୍‌ରେ ଘଟଗାଁ ଯାଉଥିବା ବେଳେ ଭାରସାମ୍ୟ ହରାଇ କାର୍‌ଟି ପୋଲରେ ବାଡ଼େଇ ହୋଇ ତଳକୁ ଖସି ପଡ଼ିଥିଲା। ଗାଡ଼ିରୁ ଛିଟିକି ୨ ଜଣ ବାହାରି ପଡ଼ିଥିବା ବେଳେ ଘଟଣା ସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୨ଜଣ ଗୁରୁତରଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଭଗାମୁଣ୍ଡା ଗୋଷ୍ଠୀସ୍ୱାସ୍ୟ କେନ୍ଦ୍ରକୁ ପଠାଯାଇଛି। ଦୈତାରୀ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି ।

## ଓଡ଼ିଶାରେ ହେବ ଖଣିଜ ପ୍ରକ୍ରିୟାକରଣ ପ୍ଲାଣ୍ଟ୍

### ଗୁଜରାଟ, ତେଲେଙ୍ଗାନା ଓ ମହାରାଷ୍ଟ୍ରରେ ବି ହେବ: କେନ୍ଦ୍ର ମନ୍ତ୍ରୀ

**ନୂଆଦିଲ୍ଲୀ,୨୮।୫/ଏଜେନ୍ସି:**

ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଲାଗି ଭାରତ ପ୍ରୟାସ ଚଳାଇଛି। ଏଥିପାଇଁ ଓଡ଼ିଶା ସମେତ ଦେଶର ୪ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ ହେବ। କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି କିଷାନ ରେଡ୍ଡୀ ଆଜି ଏହି ସୂଚନା ଦେଇଛନ୍ତି।



ନ୍ୟାସ୍‌ନାଲ୍ କ୍ରିଟିକାଲ ମିନେରାଲ ମିଶନ (ଏନ୍‌ସିଏମ୍‌ଏମ୍) କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି ଯେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପାଇଁ ପୃଥକ୍ ଖଣି ବ୍ଲକ ପ୍ରସ୍ତୁତ ହୋଇଛି। ଦେଶ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଏଥିଲାଗି ବଡ଼ ନିଲାମ ହାତକୁ ନିଆଯାଇଛି। ବହୁସଂଖ୍ୟକ ଖଣିଜ ବ୍ଲକ୍ ସଫଳତାର ସହ ନିଲାମ ହୋଇସାରିଛି। ବିଦ୍ୟୁତ ଯାନ, ସବୁଜ ଶକ୍ତି, ସେମିକଣ୍ଡକ୍ଟର, ପ୍ରତିରକ୍ଷା ଏବଂ ଅନ୍ୟାଧୁନିକ ଉତ୍ପାଦନ କ୍ଷେତ୍ରରେ ଏସବୁ ସାମଗ୍ରୀର ▶▶ ୫

### କେନିଆ: ଛାତ୍ରୀ ବୋର୍ଡିଂ ସ୍କୁଲ୍‌ରେ ଭୟଙ୍କର ଅଗ୍ନିକାଣ୍ଡ

## ୧୬ ଜୀବନ୍ତ ଦଗ୍ଧ, ୭୩ ଆହତ

**ନାଇରୋବି (କେନିଆ), ୨୮।୫/ଏଜେନ୍ସି:**

କେନିଆର ସେଣ୍ଟ୍ରାଲ ଭାଗ ବା ଅଞ୍ଚଳରେ ଥିବା ଏକ ଛାତ୍ରୀ ବୋର୍ଡିଂ ସ୍କୁଲରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୬ ଛାତ୍ରୀଙ୍କର ଅକାଳ ମୃତ୍ୟୁ ହେବା ଭଳି ଅତ୍ୟନ୍ତ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଏହି ଘଟଣାରେ ଅନ୍ୟ ୭୩ ଛାତ୍ରୀ ମଧ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ପୁଲିସ୍ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ଅଗ୍ନିକାଣ୍ଡ ଗୁରୁବାର ସକାଳ ପ୍ରାୟ ୧ଟା ସମୟରେ ଗିଲ୍‌ଗିଲ୍ ଅଞ୍ଚଳର 'ଉତୁମିଶି ଗାର୍ଲ୍ସ ଏକାଡେମୀ ସିନିୟର



ସ୍କୁଲ'ରେ ଘଟିଛି। ତେବେ ଘଟଣାର ପ୍ରାୟ ଦୁଇ ଘଣ୍ଟା ପରେ ଯାଇ ଅଧିକାରୀମାନଙ୍କୁ ଏହି ବିଷୟରେ ସୂଚନା ଦିଆଯାଇଥିଲା। କେନିଆ ରେଡ୍ ▶▶ ୫

### ସତର୍କତା ଜାରି କଲେ ରାଜ୍ୟ ସରକାର

# ଭିଭିଆଇପି ଗସ୍ତ ସୂଚନା ସେୟାର୍ କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:**

ଭିଭିଆଇପି ଓ ଭିଆଇପିଙ୍କ ଗସ୍ତ ସମୟରେ ସୁରକ୍ଷା ସମ୍ବନ୍ଧୀୟ ସମ୍ବେଦନଶୀଳ ସୂଚନା ବିଭିନ୍ନ ସମାଜିକ ଗଣମାଧ୍ୟମ ଜରିଆରେ ଅନଧିକାର ଭାବେ ପ୍ରଚାରପ୍ରସାର ହେଉଛି। ଏଣୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ସୁରକ୍ଷା ବିପଦଗ୍ରସ୍ତ ହେଉଛି। ରାଜ୍ୟ ସରକାର ଏହାକୁ ଦୃଷ୍ଟିରେ ରଖି କଟକଣା ଜାରି କରିଛନ୍ତି। ଭିଭିଆଇପି ଗସ୍ତ ସୂଚନା ଲିକ୍ ନେଇ କଡ଼ା ସତର୍କତା ଜାରି କରିଛନ୍ତି ସରକାର। ଗୃହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ, ଏସ୍‌ପି, ଡିଜି ଓ ଆଇଜି ଅଫ ପୁଲିସ ସହ ଗୁପ୍ତଚର ବିଭାଗକୁ ଏହି ନିର୍ଦ୍ଦେଶ ପଠାଯାଇଛି। ଭିଭିଆଇପିଙ୍କ ମିନିଟ-ଟୁ-ମିନିଟ କାର୍ଯ୍ୟକ୍ରମ, ସୁରକ୍ଷା ବ୍ୟବସ୍ଥା ଓ ଅପରେସନାଲ ତଥ୍ୟ ଅନଧିକୃତ ଭାବେ ସେୟାର ହେଲେ ଗୁରୁତର ସୁରକ୍ଷା ତ୍ରୁଟି ସୃଷ୍ଟି ହେବ ବୋଲି ସରକାର ସଚେତନ କରିଛନ୍ତି। ଗୃହ ବିଭାଗର ଅତିରିକ୍ତ ସଚିବ ଭବେଶ କୁମାର ନାୟକଙ୍କ ଦ୍ୱାରା ଜାରି ହୋଇଛି ଚିଠି। କେନ୍ଦ୍ର ଗୃହ ମନ୍ତ୍ରାଳୟର ୨୪ ନଭେମ୍ବର ୨୦୨୫ର ଚିଠିକୁ ଏଥିରେ ଉଲ୍ଲେଖ କରାଯାଇଛି। ଚିଠିରେ କୁହାଯାଇଛି, ଗତ କିଛି ବର୍ଷ ଧରି ଭିଆଇପି ଗସ୍ତ ସମ୍ବନ୍ଧୀୟ ସୂଚନା ସୋସିଆଲ ମିଡିଆ ଓ ବ୍ୟକ୍ତିଗତ ମେସେଜିଂ ଆପ ମାଧ୍ୟମରେ ଲିକ ହେବାର ଅନେକ ଘଟଣା ସାମ୍ନାକୁ ଆସିଛି। ଏହା ଫଳରେ ସେହି ସୂଚନା ମିଡିଆ ଓ ଅନଧିକୃତ ବ୍ୟକ୍ତିଙ୍କ



ହାତକୁ ପହଞ୍ଚୁଥିବାରୁ ସୁରକ୍ଷା ବିପଦ ବଢୁଛି।

ନୂତନ ନିର୍ଦ୍ଦେଶାବଳୀ ଅନୁସାରେ ଭିଭିଆଇପିଙ୍କ ଗସ୍ତ ସମ୍ବନ୍ଧୀୟ ସୂଚନା କେବଳ ଅଧିକୃତ ଅଧିକାରୀଙ୍କ ସହ 'ନିଡ-ଟୁ-ନୋ' ଆଧାରରେ ମାତ୍ର ସେୟାର କରାଯିବ। ମିନିଟ-ଟୁ-ମିନିଟ ପ୍ରୋଗ୍ରାମ, ସୁରକ୍ଷା ବ୍ୟବସ୍ଥା, ରୁଟ ଚାର୍ଟ ଓ ଅନ୍ୟାନ୍ୟ ଅପରେସନାଲ ତଥ୍ୟ ସାଧାରଣ ମେସେଜିଂ ପ୍ଲାଟଫର୍ମ କିମ୍ବା ସୋସିଆଲ ମିଡିଆରେ ସେୟାର କରିବାକୁ ସଂପୂର୍ଣ୍ଣ ମନା କରାଯାଇଛି। ରାଜ୍ୟ ପୋଲିସକୁ ସୁରକ୍ଷିତ ଓ ନିର୍ଭରଯୋଗ୍ୟ କମ୍ୟୁନିକେସନ ନେଟୱାର୍କ ବ୍ୟବହାର କରିବାକୁ ମଧ୍ୟ କୁହାଯାଇଛି। ବେସରକାରୀ ମେସେଜିଂ ସର୍ଭିସ ମାଧ୍ୟମରେ ତଥ୍ୟ ପଠାଇବାରେ ତଥ୍ୟ ଚୋରି କିମ୍ବା ଲିକ ହେବାର ସମ୍ଭାବନା ଅଧିକ। ତେଣୁ ସମସ୍ତ ବିଭାଗ ଓ ସୁରକ୍ଷା ସଂସ୍ଥାକୁ ଏନେଇ ସଚେତନ ରହିବାକୁ କୁହାଯାଇଛି। ଏହା ସହ ଭିଭିଆଇପି ଗସ୍ତ ସମ୍ବନ୍ଧୀୟ ସୂଚନା ପରିଚାଳନା ପାଇଁ ସ୍ପଷ୍ଟ

### 'ନିଡ୍-ଟୁ-ନୋ' ଆଧାରରେ ସୂଚନା ବାଣ୍ଟିବାକୁ ନିର୍ଦ୍ଦେଶ

### ଅଧିକାରୀ ଓ କର୍ମଚାରୀଙ୍କୁ ସଚେତନ କରିବାକୁ ଗୁରୁତ୍ୱ

### ଲିକ୍ ହେଲେ କଡ଼ା ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ

ଏସଓପି ପ୍ରସ୍ତୁତ କରି କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

କେନ୍ଦ୍ର ଗୃହ ମନ୍ତ୍ରାଳୟ ପତ୍ରରେ ବରିଷ୍ଠ ଅଧିକାରୀମାନଙ୍କୁ ନିମ୍ନସ୍ତରୀୟ କର୍ମଚାରୀଙ୍କୁ ସୁରକ୍ଷା ସଚେତନତା ନେଇ ସେନ୍ସିଟାଇଜ କରିବାକୁ କୁହାଯାଇଛି। ପ୍ରତ୍ୟେକ ▶▶ ୫

### ତ୍ୱିଶା ଶର୍ମା ମୃତ୍ୟୁ ମାମଲା

## ଶାଶୂ ଗିରିବାଳାଙ୍କୁ ବାନ୍ଧିଲା ସିବିଆଇ



**ନୂଆଦିଲ୍ଲୀ,୨୮।୫/ଏଜେନ୍ସି:**

ମଡେଲ ଓ ଅଭିନେତ୍ରୀ ତ୍ୱିଶା ଶର୍ମାଙ୍କ ମୃତ୍ୟୁ ମାମଲାରେ ସିବିଆଇ ଶେଷରେ ତାଙ୍କ ଶାଶୂ ଗିରିବାଳା ସିଂହଙ୍କୁ ଗିରଫ କରିଛି। ମାରାଥନ ଜେରା ପରେ ଗିରିବାଳାଙ୍କୁ ତାଙ୍କ ମଧ୍ୟପ୍ରଦେଶର ଭୋପାଳ ସ୍ଥିତ ବାସଭବନରୁ ଗିରଫ କରାଯାଇଛି। ଗିରିବାଳା ହେଉଛନ୍ତି ଜଣେ ଅବସରପ୍ରାପ୍ତ ଜିଲ୍ଲା ଜଜ୍। ତାଙ୍କୁ ଗିରଫ କରିବା ପୂର୍ବରୁ ସିବିଆଇ ୮ରୁ ଅଧିକ ଘଣ୍ଟା ଧରି ଜେରା କରିଥିଲା। ତ୍ୱିଶାଙ୍କ ମୃତ୍ୟୁ ପରେ ପରିବାର ଲୋକ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥିଲେ। ଶାଶୂ ଗିରିବାଳା ଓ ସ୍ୱାମୀ ସମର୍ଥଙ୍କ ବିରୋଧରେ ଏପରି ଅଭିଯୋଗ ଆସିଥିଲା। ଗିରଫଦାରୀ ଆଶଙ୍କାରେ ଗିରିବାଳା ମଧ୍ୟପ୍ରଦେଶ ହାଇକୋର୍ଟରେ ଜାମିନ ଆବେଦନ କରି ସଫଳତା ପାଇଥିଲେ। କିନ୍ତୁ ସିବିଆଇ ଘଟଣାର ତଦନ୍ତ ଆରମ୍ଭ କରିବା ପରେ ହାଇକୋର୍ଟ ଦେଇଥିବା ଜାମିନ ଖାରଜ ହୋଇଯାଇଥିଲା। ଜାମିନ ଖାରଜ ହୋଇଥିବାରୁ ଗିରିବାଳାଙ୍କ ଗିରଫଦାରୀ ନିଶ୍ଚିତ ହୋଇଥିଲା। ବୁଧବାର ଗିରିବାଳାଙ୍କ ଜାମିନ ଆବେଦନ ଖାରଜ ହେବା କ୍ଷଣି ଗୁରୁବାର ସକାଳୁ ଜେରା ପାଇଁ ସିବିଆଇ ତାଙ୍କ ଘରେ ପହଞ୍ଚି ▶▶ ୫

## ମହାନଗର ସେବକ ସମାଜ ପକ୍ଷରୁ ଜଳସେବା



**କଟକ,୨୮।୫/ଏନ୍ଏନ୍ଏସ୍:** ମହାନଗର ସେବକ ସମାଜ ପକ୍ଷରୁ ପୁରୀଘାଟ ଫାଣ୍ଡି ନିକଟସ୍ଥ କୁମ୍ଭାରସାହି ମୁଖ୍ୟ ରାସ୍ତାରେ ପଥିକ ମାନଙ୍କ ପାଇଁ ଜନସେବା ଖୋଲାଯାଇ ଥଣ୍ଡା ଜଳ ଓ ମୃଦୁପାନୀୟ ବଂଟନ କରାଯାଇଛି । ବରିଷ୍ଠ ଡାକ୍ତର ତଥା ରୋଟାରିଆନ ପ୍ରଭାତ ମିଶ୍ର ଏହାକୁ ଉଦଘାଟନ କରିଥିବା ବେଳେ କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା ଓ ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ,ନିର୍ମଳ ସ୍ୱାଇଁ ଅତିଥିଭାବରେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପଦେଷ୍ଟା ରାଜ ବଲ୍ଲଭ ମହାନ୍ତି, ସଭାପତି ବିଭୁତି ଭୂଷଣ ରାଉତ୍,ସମ୍ପାଦକ ପ୍ରାକ୍ତନ କର୍ପୋରେଟର ହିମାଂଶୁ ରାଉତ୍,ପ୍ରିୟଙ୍କା ବାନାର୍ଜୀ, ଦିବ୍ୟ ରଞ୍ଜନ ପ୍ରଧାନ,ମହମ୍ମଦ କମରୁଦ୍ଦିନ,ରହେମାନ୍ ଖାନ୍,ଜାକବ ମହାରଣା,ପ୍ରବୀର୍ କୁମାର ଆସ,ବାପୁନ୍ କୁମାର ଦାସ,ରବିନ୍ ଛନ୍ଦ୍ର ଲିଲାକ,ଚନ୍ଦନ କୁମାର ପଣ୍ଡା,ମନୋଜ ସାହୁ, ଶେଖ୍ ଆକ୍ରମ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପେଟ୍ରୋଲ୍, ଡିଜେଲ୍ର ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**କଟକ,୨୮।୫/ଏନ୍ଏନ୍ଏସ୍:** ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦର କମି ଚାଲିଥିଲା ବେଳେ କେନ୍ଦ୍ର ବିଜେପି ସରକାର ଗତ ୧୦ ଦିନ ମଧ୍ୟରେ ଚାରି ଥର ପେଟ୍ରୋଲ, ଡିଜେଲ ଓ ସିଏନଜିର ଦର ବୃଦ୍ଧି କରିଛନ୍ତି । ରୁଷ ଓ ଇରାନ ଭାରତୀୟ ଟଙ୍କା ବିନିମୟରେ କମ୍ ଦରରେ ଆବଶ୍ୟକ ପରିମାଣର ଅଶୋଧିତ ତେଲ ଭାରତକୁ ଯୋଗାଇବ ବୋଲି ଘୋଷଣା କରିବା ସତ୍ତ୍ୱେ କେନ୍ଦ୍ର ବିଜେପି ସରକାର ଚଢ଼ା ଦରରେ ଅମେରିକା ଠାରୁ ଅଶୋଧିତ ତେଲ କିଣୁଛନ୍ତି । ରାଜ୍ୟ ସରକାର ମଧ୍ୟ ଭାଟ ହ୍ରାସକରି ସାଧାରଣ ଗ୍ରାହକଙ୍କୁ ମୂଲ୍ୟ ବୃଦ୍ଧିରୁ ରିହାତି ଦେଉନାହାନ୍ତି । ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ଫଳରେ ଖାଦ୍ୟ ସାମଗ୍ରୀ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ହେଉଛି । ଅନ୍ୟ ଦିଗରେ ଉକ୍ଟ ବେକାରୀ, ଛଟେଇ, ବର୍ଷ ବର୍ଷ ଧରି ଦରମା




ବୃଦ୍ଧି ନହେବା, ଫସଲର ଅଭାବୀ ବିକ୍ରି ଇତ୍ୟାଦି ଫଳରେ ସାଧାରଣ ଲୋକଙ୍କ କ୍ରୟ କ୍ଷମତା ହ୍ରାସ ପାଉଛି । ଏହିଭଳି ପରିସ୍ଥିତିରେ ଦରବୃଦ୍ଧି ସାଧାରଣ ଲୋକଙ୍କୁ ଅକଥନୀୟ ଦୁର୍ଦ୍ଦଶା ମଧ୍ୟରେ ନିକ୍ଷେପ କରିଚି । ପେଟ୍ରୋଲ ଡିଜେଲର ବର୍ଦ୍ଧିତ ଦର ହ୍ରାସ କରିବା ଓ ଆମେରିକା ପରିବର୍ତ୍ତେ ଅନ୍ୟ ଦେଶରୁ ଅଶୋଧିତ ତେଲ ଖରିଦ କରିବା ଦାବିରେ ଆଜି ଏସ ୟୁ ସି ଆଇ( କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ ବସନ୍ତ ନାୟକ, ଦୀପକ ଦାସ, ସୌଭାଗ୍ୟ ସାମଲ, ଇଶା ଧର, ଶିବାନୀ ସାହୁ, ପ୍ୟାଭେଲ ପ୍ରିୟଦର୍ଶନ, ଭାଗ୍ୟଶ୍ରୀ ପ୍ରଧାନ, ଜ୍ୟୋତ୍ସ୍ନା ଦାସ, ସ୍ୱାଧିନୀ ବେହେରା, ଅକ୍ଷୟ ରାଉଳ, ପ୍ରତାପ ମିଶ୍ର , ଝରଣା ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ଶାନ୍ତି ଶୃଙ୍ଖଳାର ସହ ଇଦ୍-ଉଜ୍-ଜୁହା ପାଳିତ



**କଟକ,୨୮।୫/ଏନ୍ଏନ୍ଏସ୍:** ଭାଇଚାରା ସହର କଟକରେ ତ୍ୟାଗ ଓ ଉତ୍ସର୍ଗର ପର୍ବ ଇଦ୍ -ଉଜ୍-ଜୁହା ଶାନ୍ତି ଶୃଙ୍ଖଳାର ପାଳିତ ହୋଇଯାଇଛି । ଆଜି ପୂର୍ବାହ୍ଣରେ ସହରର ସମସ୍ତ ମସଜିଦ ଚଳଚଞ୍ଚଳ ହୋଇଉଠିଥିଲା । ମସ୍‌ଜିଦ୍ ଗୁଡିକରେ ସକାଳ ୬ରୁ ସ୍ୱତନ୍ତ୍ର ନମାଜ ପାଠ ଆରମ୍ଭ ହୋଇଥିଲା ବେଳେ ଶେଷ ନମାଜ ପୂର୍ବାହ୍ଣ ୧୦ଟାରେ ଇଦ୍‌ଗାହା ଠାରେ କରାଯାଇଥିଲା । ସହରର ମୁସଲିମ୍‌ମାନେ ନିଜ ଅଂଚଳର ଥିବା ମସଜିଦ ଗୁଡ଼ିକରେ ସ୍ୱତନ୍ତ୍ର ନମାଜ ପାଠ ପରେ କଦମ ରସୁଲ ସମେତ ବିଭିନ୍ନ କବରସ୍ଥାନ ଯାଇ ନିଜର ପୂର୍ବ ପୁରୁଷଙ୍କର କବର ଠାରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । କଦମ୍-ଏ-ରସୁଲ ଠାରେ ବାରବାଟୀ-କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ୱାକଫବୋର୍ଡର ପୂର୍ବତନ ଚେୟାରମ୍ୟାନ ସୈୟଦ୍ ଏକ୍ରାମ ହୁସେନ,ଅଞ୍ଜୁମନ ଇସଲାମିଆ ଅହେଲ୍ଲେ ସୁନ୍ନତ୍ ଓ ଜମାତ ଓଡ଼ିଶାର ସଭାପତି ହାଜି ଅବ୍ଦୁଲ୍ ଆହାଦ୍ ସମେତ ବହୁ ବ୍ୟକ୍ତିମାନେ ସେଠାରେ ପହଁଚି ପରସ୍ପରକୁ ମୁବାରକ୍ ଜଣାଇଥିଲେ । ସେହିପରି ଇଦ୍ ଗାହା ଠାରେ ପୂର୍ବତନ କର୍ପୋରେଟର ରମାଜାନ ଖାନ, ଇଦଗାହା ପରିଚାଳନା କମିଟିର ସମ୍ପାଦକ ମୋକିମ୍ ଖାନ୍, ରିୟାଜ ଖାନ୍ ପ୍ରମୁଖ ନମାଜି ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । କଟକ କମିଶନରେଟ ପୋଲିସ୍ ପକ୍ଷରୁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇ ଥିଲା । ଡି ସି ପି ଋଷିକେଶ ଖିଲାରିଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ସହରର ବିଭିନ୍ନ ଅଂଚଳକୁ ଗସ୍ତକରି ପରିସ୍ଥିତି ଉପରେ ନଜର ରଖିଥିଲେ ।

## ଉରାଳୀ ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳା ମହୋତ୍ସବ

**କଟକ,୨୮।୫/ଏନ୍ଏନ୍ଏସ୍:** କଟକ ସଦର ଅନ୍ତର୍ଗତ ଉରାଳୀ ଗ୍ରାମରେ ରାମଲୀଳା ମହୋତ୍ସବ ଉଦଘାଟନ ଉତ୍ସବ ଆରମ୍ଭ ହୋଇଛି । ଏହି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ ମନୋଜ କୁମାର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ରାମଲୀଳା ମଣ୍ଡପ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଓ ପୁଷ୍ପଗୁଚ୍ଛ ଦେଇ ନିମନ୍ତ୍ରଣ କରାଯାଇଥିଲା । ଏହି କାର୍ଯ୍ୟକମ୍ରରେ ଏକ ଶୋକ ସଭା ପାଳନ କରାଯାଇଥିଲା । ଉରାଳୀ ରାମଲୀଳା ପ୍ରଚାର



ସମିତିର ସଭାପତି ବିଭୂତି ଭୂଷଣ ମହାନ୍ତିଙ୍କ ଦ୍ୱାରା ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସଂପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଅତିଥି ଶିକ୍ଷାବିତ ମନୋଜ କୁମାର ନାୟକ, ଶୁକଦେବ ମଲ୍ଲିକ, ରମେଶ ଚନ୍ଦ୍ର ପ୍ରଧାନ, ଲିଂଗରାଜ ସାହୁ, ଲଛମନ ସାହୁ, ନିଲୁ ମହାନ୍ତି ଓ ଶ୍ରୀ ଶ୍ରୀ ଦଧିବାମନଜୀଉ ଟ୍ରଷ୍ଟବୋର୍ଡ଼ର ସମସ୍ତ ସଭ୍ୟମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଉରାଳୀ ରାମଲୀଳା ପ୍ରଚାର ସମିତି ପକ୍ଷରୁ ପବିତ୍ର ଲୀଳା – ଲକ୍ଷ୍ମଣ ଶକ୍ତି ଭେଦ ନାଟକ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ଅଂଚଳରୁ ଦର୍ଶକମାନେ ଯାତ୍ରା ଦେଖିବା ପାଇଁ ଭିଡ଼ ଜମାଇଥିଲେ ।

## ବାରବାଟୀ ବରିଷ୍ଠ ନାଗରିକ ସଂଘର ସଚେତନତା ସଭା

**କଟକ,୨୮।୫/ଏନ୍ଏନ୍ଏସ୍:** କଟକ ବାରବାଟୀ ବରିଷ୍ଠ ନାଗରିକ ସଂଘର ସଭାପତି ତୁଷାରକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଅଛି । ପ୍ରଫେସର ନିରନ ତ୍ରିପାଠୀ ମୁଖ୍ୟ ଅତିଥି, କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଂଜନ ସାହୁ ସମ୍ମାନୀତ ଅତିଥି, ପୁରୀଘାଟ ଥାନାର କାର୍ଯ୍ୟକାରୀ ଭାରପ୍ରାପ୍ତ ଅଧିକାରୀ ସୌମ୍ୟାଶ୍ରୀ ନାୟକ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏକ ଶହ ବର୍ଷ ବଂଚିବାର ରହସ୍ୟ, ବରିଷ ନାଗରିକଙ୍କ କର୍ତ୍ତବ୍ୟ, ଶୃଙ୍ଖଳା ଓ ଅଧିକାର ସଂପର୍କରେ ବକ୍ତାମାନେ ନିଜ ନିଜ ଦୃଷ୍ଟିକୋଣରୁ



ଆଲୋକପାତ କରିଥିଲେ । ବିଜୟ କୁମାର ପଢ଼ିହାରୀଙ୍କ 'ମୁଁ କିଏ'ର ଏକ ପତ୍ରିକା ପ୍ରକାଶନ ନିମନ୍ତେ ସଭାରେ ଗୃହୀତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଫଟୋ ସାମ୍ବାଦିକ ପଦ୍ମଲୋଚନ ମିଶ୍ର, ବିଜୟ କୁମାର ମହାପାତ୍ର, ହରେକୃଷ୍ଣ ସାହୁ, ଅଜୟ ପାତ୍ର, ଲୋକନାଥ ରାଉତ, ଅଶୋକ କୁମାର ସେନାପତି, କୃଷ୍ଣଚନ୍ଦ୍ର ବେହେରା, ସୁବାଷ ଚନ୍ଦ୍ର ବିଶି, ଶିବ ପ୍ରସାଦ ନାୟକ, ବିଜୟ କୁମାର ବେହେରା, କେଦାରନାଥ ବେହେରା, ସନ୍ତୋଷ କୁମାର ସାହୁ, ବିଷ୍ଣୁମୋହନ ଦାସ ସାମନ୍ତ, ରୂପକ ମିଶ୍ର, ପ୍ରଶାନ୍ତ କୁମାର ଲେଙ୍କା, କୁଂଜ ବିହାରୀ ସାହୁ, ଉଦୟନାଥ ମହାପାତ୍ର, କାଳନ୍ଦି ଦାସ, ବିଭୁତି ଭୂଷଣ ରାଉତ, କୃଷ୍ଣ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗ୍ରାମର ଅଧିକାରୀ ଫଗୁମଣି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

### ମୌଳିକ ସୁବିଧାରୁ ବଞ୍ଚିତ ଦଳିତ ଓ ଆଦିବାସୀ

## ଜୁନ୍‌ରେ ୨ରେ ଜିଲ୍ଲାପାଳଙ୍କ ଅଫିସ୍ ଘେରାଉ ଚେତାବନୀ

**ବ୍ରହ୍ମପୁର,୨୮।୫/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାରେ ଦଳିତ ଓ ଆଦିବାସୀଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ୨୩ ପ୍ରତିଶତ ରହିଥିବାବେଳେ ସେମାନେ ସବୁ କ୍ଷେତ୍ରରେ ଅବହେଳିତ ହୋଇ ଆସୁଛନ୍ତି ବୋଲି ଏଆଇକେଏମ୍ଏସ୍‌ର ରାଜ୍ୟ ସମ୍ପାଦକ ସିମାଞ୍ଚଳ ନାୟକ ଅଭିଯୋଗ କରିଛନ୍ତି । ବ୍ରହ୍ମପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନାୟକ ଅଭିଯୋଗ କରିଛନ୍ତି ଯେ, ଦଳିତ ଓ ଆଦିବାସୀଙ୍କ ଅଧିକାର ପ୍ରତି ସରକାରଙ୍କ ଅବହେଳା କାରଣରୁ ଆଜି ବି ଜିଲ୍ଲାର ଅଧିକାଂଶ ଦଳିତ ଓ ଆଦିବାସୀ ପରିବାର ଭୂମିହୀନ ଓ ଗୃହହୀନ ରହିଛନ୍ତି । ବର୍ଷ ବର୍ଷ ଧରି ସରକାରୀ ଜମିରେ ଚାଷ ଓ ବାସ କରି ରହୁଥିଲେ ମଧ୍ୟ ସରକାର ପ୍ରଶାସନ ପଟ୍ଟା ଦେଉନାହାଁନ୍ତି । ତେଣୁ ସେମାନଙ୍କ ଅଧିକାରର ସୁରକ୍ଷା ଓ ମୌଳିକ ସମସ୍ୟାର ସମାଧାନ ଦାବିରେ ଜୁନ୍ ୨ରେ ଜିଲ୍ଲାପାଳଙ୍କ




ଅଫିସ୍ ଘେରାଉ କରାଯିବ ବୋଲି ଶ୍ରୀ ନାୟକ କହିଛନ୍ତି । ବର୍ତ୍ତମାନର ବିଜେପି ଡ଼ବଲ ଇଂଜିନ୍ ସରକାର ରାଜ୍ୟର ସବୁ ଭୂମିହୀନଙ୍କୁ ୪ ଡ଼େସିମିଲ୍ ଜମି ଦେବାକୁ ଘୋଷଣା କରିଥିଲେ ମଧ୍ୟ ତାକୁ ଜିଲ୍ଲା ପ୍ରଶାସନ ଲାଗୁ କରୁନାହିଁ । ଗାଁରେ ଅଧିକାଂଶ ଦଳିତ ଭୂମିହୀନ ଓ ଗୃହହୀନ ଥିବା ବେଳେ ଗାଁରେ ଥିବା ସରକାରୀ ଜମିକୁ ପ୍ରାୟତଃ ସବର୍ଣ୍ଣ ସମ୍ପ୍ରଦାୟର ଧନୀ ଲୋକମାନେ କବ୍ଜାରେ ରହିଛି । ପ୍ରଶାସନ ସେସବୁ ଜମିରୁ ଜବରଦଖଲ ହଟାଇ ଗରିବ ଦଳିତଙ୍କୁ ବାଂଟିବା ବଦଳରେ ଓଲଟି ଦଳିତମାନେ ଚାଷ କରୁଥିବା ସରକାରୀ ଜମିରୁ ସେମାନଙ୍କୁ ଉଚ୍ଛେଦ କରିବାକୁ ଉଦ୍ୟମ କରୁଥିବା ନେଇ ଏଆଇକେଏମ୍ଏସ୍ ପକ୍ଷରୁ ଅଭିଯୋଗ କରାଯାଇଛି । ଜିଲ୍ଲାର ଦଳିତ ଓ ଆଦିବାସୀ ଲୋକଙ୍କ ଉପରେ ଚାଲିଥିବା ଅବହେଳା, ନିର୍ଯାତନା ବିରୁଦ୍ଧରେ ତଥା ସେମାନଙ୍କୁ ଜମି ତଥା ଜଙ୍ଗଲ ଉପରେ ଅଧିକାର ଏବଂ ରାସ୍ତା, ପିଇବା ପାଣି ଓ ବିଦ୍ୟୁତ୍ ପରି ମୌଳିକ ସୁବିଧା ଦାବିରେ ଏଆଇକେଏମ୍ଏସ୍, ଓଡିଶା ଦଳିତ ମହାସଭା ଓ ଅଲ୍ ଇଣ୍ଡିଆ ଟ୍ରାଇବଲ ଫୋରମ୍ ପକ୍ଷରୁ ମିଳିତ ଭାବେ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରାଯିବ ବୋଲି ଏଠାରେ ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଲଡୁକିଶୋର ଡାକୁଆ, ଓଡିଶା ଦଳିତ ମହାସଭାର ଜିଲ୍ଲା ସମ୍ପାଦକ ସଂଗ୍ରାମ ନାୟକ, ମଧୁବନ ନାୟକ, ବସନ୍ତ ନାଇକଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ବହୁ ଆଦିବାସୀ ଓ ଦଳିତମାନେ ଉପସ୍ଥିତ ଥିଲେ । ବହୁ ସଂଖ୍ୟାରେ ଯୋଗ ଦେବାକୁ ଯାଉଛନ୍ତି ।

### ଏଆଇ ପାଠ୍ୟକ୍ରମର ପୁନର୍ଗଠନ ଉପରେ ଶିଳ୍ପଜଗତ ସହ ଅଶ୍ୱିନୀ ବୈଷ୍ଣବଙ୍କ ବୈଠକ

## ଶିଳ୍ପ ସମନ୍ୱିତ ପ୍ରଶିକ୍ଷଣ ଓ ମିଳିତ ଭିତ୍ତିଭୂମି ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ନୂଆ ବୈଷୟିକ ଟ୍ରେଣ୍ଡ୍ ସହ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷିତ କରିବା ନିମନ୍ତେ ଏଆଇ ପାଠ୍ୟକ୍ରମର ଏକ ବ୍ୟାପକ ପୁନର୍ଗଠନ ଲାଗି ଭାରତ ସରକାର ଶିଳ୍ପଜଗତ ସହ ସହଭାଗିତା କରୁଛନ୍ତି । ଏ ବାବଦରେ କେନ୍ଦ୍ର ଆଇଟି ଓ ଇଲେକ୍ଟ୍ରୋନିକ୍ସ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏଆଇ ପାଠ୍ୟକ୍ରମ ଟାସ୍କଫୋର୍ସ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି । ଏହି ଟାସ୍କଫୋର୍ସ ଇତିମଧ୍ୟରେ ଭାରତୀୟ ଶିକ୍ଷାନୁଷ୍ଠାନରେ ପ୍ରଚଳିତ ବ୍ୟାଚେଲର୍ ଅଫ ଟେକ୍ନୋଲୋଜି (ବି.ଟେକ୍) କମ୍ପ୍ୟୁଟର ସାଇନ୍ସ ଓ ତତ୍ସମ୍ପର୍କିତ ପାଠ୍ୟକ୍ରମଗୁଡ଼ିକର ଏକ ମୌଳିକ ଅଧ୍ୟୟନ କରିସାରିଛି । ଏହି ଅଧ୍ୟୟନ ଶିଳ୍ପ ବିଶେଷଜ୍ଞ ଓ ଜାତୀୟ ସଫ୍ଟୱାର ଓ ସର୍ଭିସ୍ କମ୍ପାନି ସଂଘ (ନାସ୍କମ୍) ସହଯୋଗିତାରେ କରାଯାଇଛି । ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ଭାରତୀୟ ପାଠ୍ୟକ୍ରମରେ ଏଆଇ ସମ୍ପର୍କିତ ଶିକ୍ଷା ବୃଦ୍ଧି ପାଇଥିଲେ ବି କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ରହିଛି । ଏସବୁ ବ୍ୟବଧାନ ଶିକ୍ଷଣ କୌଶଳ, ଭିତ୍ତିଭୂମି ଏବଂ ଜେନେରେଟିଭ୍ ଏଆଇ, ମେସିନ ଲର୍ଣ୍ଣିଂ ଅପରେସନ୍ସ (ଏମ୍ଏଲଓପି) ଓ ମୌଳିକ ମଡେଲ ବିକାଶ ଆଦିରେ ରହିଛି । ଟାସ୍କ ଫୋର୍ସ ବିଭିନ୍ନ କ୍ଷେତ୍ର ଉପରେ ଗୁରୁତ୍ୱଆରୋପ କରିଥିଲେ । ସେସବୁ ମଧ୍ୟରେ ରହିଛି, ପ୍ରୟୋଗ-ଭିତ୍ତିକ ଶିକ୍ଷାଦାନ, କ୍ରେଡିଟ୍-ଲିଙ୍କଡ୍ ପାଠ୍ୟକ୍ରମ ସମନ୍ୱୟ, ଉନ୍ନତ ବ୍ୟବହାରିକ ଏକ୍ସପୋଜର, ଶିଳ୍ପ-ସମ୍ମିଳିତ ଶିକ୍ଷାଦାନ, ବହୁବିଧ ପ୍ରବେଶ-ପ୍ରସ୍ଥାନ ବିକଳ୍ପ ଓ ଦାୟିତ୍ୱବାନ ଏଆଇ ଅର୍ଥାତ୍



ସମସ୍ତ ସେମିଷ୍ଟରରେ ଦାୟିତ୍ୱବାନ ଏଆଇ ଏବଂ ଏଆଇ ପ୍ରଶାସନକୁ ସାମିଲ କରିବା । ପାଠ୍ୟକ୍ରମରେ ଉନ୍ନତି ଆଣିବାକୁ ହେଲେ ଅଧ୍ୟାପକମାନେ ବି ଉପଯୁକ୍ତଭାବେ ପ୍ରସ୍ତୁତ ରହିବା ଉଚିତ୍ । ଏହାକୁ ସ୍ୱୀକାର କରି ଏହି ଆଲୋଚନା ବେଳେ ପ୍ରସ୍ତାବିତ ରୋଡମ୍ୟାପର କେନ୍ଦ୍ରରେ ଅଧ୍ୟାପକମାନଙ୍କ କ୍ଷମତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ରାଯାଇଥିବା ସୁପାରିଶଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ବ୍ୟବସ୍ଥିତ ପ୍ରଶିକ୍ଷକ ତାଲିମ କାର୍ଯ୍ୟକ୍ରମ, କ୍ୟୁରେଟେଡ୍ ପାଠ୍ୟକ୍ରମ ବିଷୟବସ୍ତୁ, ମାନକୀକରଣ ମୂଲ୍ୟାଙ୍କନ ଡାଞ୍ଚା, ଏବଂ ବର୍ତ୍ତମାନର ଶିଳ୍ପ ଉପକରଣ ଏବଂ ପ୍ଲାଟଫର୍ମ ସହିତ ସମନ୍ୱିତ ଆଧୁନିକ ପ୍ରୟୋଗଶାଳା । ଦେଶର ପ୍ରମୁଖ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନରେ ପ୍ରଚଳିତ ପଦ୍ଧତି ଅନୁସରଣରେ ଅତିରିକ୍ତ ଅଧ୍ୟାପକ ଭାବରେ ଅଭିଜ୍ଞ ଶିଳ୍ପ ପେସାଦାରମାନଙ୍କୁ ନିୟୋଜିତ କରିବା ପାଇଁ ମଧ୍ୟ ସୁପାରିଶ କରାଯାଇଥିଲା । ଅଂଶଗ୍ରହଣକାରୀ ମାନେ ଏକ ଜାତୀୟ ସ୍ତରୀୟ ମିଳିତ ଏଆଇ ଭିତ୍ତିଭୂମି ସୃଷ୍ଟି କରିବାକୁ ପ୍ରସ୍ତାବ ଦେଇଥିଲେ । ଏହି ଟ୍ରିପଲ୍ ହେଲିକ୍ସ ମଡେଲ୍ ଶିଳ୍ପ, ସରକାର ଏବଂ ଶିକ୍ଷାଗତ ପ୍ରତିଷ୍ଠାନ ଦ୍ୱାରା ମିଳିତ ଭାବରେ ଗଠନ ହେବ । ଏହା କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ୍ (ଜିପିୟୁ) କମ୍ପ୍ୟୁଟ୍, ଏଜ୍ ଡିଭାଇସ୍, ସଫ୍ଟୱେର୍ ଷ୍ଟାକ୍ ଏବଂ ସବସ୍କ୍ରିପସନ୍-ଆଧାରିତ ପ୍ଲାଟଫର୍ମରେ ସମାନ ଉପଯୋଗକୁ ସୁନିଶ୍ଚିତ କରିବ । ପରବର୍ତ୍ତୀ କାର୍ଯ୍ୟପନ୍ଥା ବାବଦରେ ଚାରୋଟି ସହମତି ସହ ବୈଠକ ଶେଷ ହୋଇଥିଲା । ସେଗୁଡ଼ିକ ହେଉଛି ଜାତୀୟ ସ୍ତରରେ କମ୍ପ୍ୟୁଟ୍, ଭିତ୍ତିଭୂମି, ଅଧ୍ୟାପକ ଏବଂ ଶିକ୍ଷାର୍ଥୀ ସଂଖ୍ୟା ପାଇଁ ଆବଶ୍ୟକତାର ଆକଳନ । ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ସହିତ ସଂପର୍କ ସ୍ଥାପନ, ଯାହା ଦ୍ୱାରା ଚଳିତ ବ୍ୟାଚର ପଞ୍ଚମରୁ ଅଷ୍ଟମ ସେମିଷ୍ଟରରେ ସଂଶୋଧିତ ପାଠ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଗ୍ରହଣ କରାଯାଇପାରିବ, ଏବଂ ଆଗାମୀ ବ୍ୟାଚ ପାଇଁ ଏହାର ସମ୍ପୂର୍ଣ୍ଣ ସମନ୍ୱୟ ମଧ୍ୟ କରାଯିବ । ଅଧ୍ୟାପକ ବିକାଶ ରୋଡମ୍ୟାପ୍, ଯେଉଁଥିରେ ଶିଳ୍ପ-ନେତୃତ୍ୱାଧୀନ ତାଲିମ, ଅଭିଜ୍ଞତାର ଆଦାନପ୍ରଦାନ ଏବଂ କର୍ପୋରେଟ୍ ବୃତ୍ତିଗତମାନଙ୍କୁ ଶିକ୍ଷକ ଭାବରେ ସେବା କରିବା ପାଇଁ ଏକ ପଦ୍ଧତିଗତ ପଥ ଅନ୍ତର୍ଭୁକ୍ତ ରହିଛି । ଅଣ-ଷ୍ଟେମ୍ ବିଷୟଗୁଡ଼ିକ ପାଇଁ ଏକ ସମାନ୍ତରାଳ ପଥ ଲାଗି ବି ସହମତି ହୋଇଥିଲା । ଏହା ମାଧ୍ୟମରେ ଏକ ପୃଥକ କାର୍ଯ୍ୟଧାରାରେ ହାତକୁ ନିଆଯିବ ଯାହା ଏଆଇ ସଚେତନତା, ମୌଳିକ ଏଆଇ ସାକ୍ଷରତା ଏବଂ ଅଣ-ଯାନ୍ତ୍ରିକ ଭୂମିକାରେ ଏଆଇର ବ୍ୟବହାରିକ ବ୍ୟବହାରକୁ ଅନ୍ତର୍ଭୁକ୍ତ କରିବ ।

# ଜିଲ୍ଲାପାଳଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ

**କନ୍ଧମାଳ,୨୮।୫/ଏନ୍ଏନ୍ଏସ୍:** କନ୍ଧମାଳ ଜିଲାପାଳ ବେଦ ଭୂଷଣ କନ୍ଧମାଳ ଜିଲାର ଫୁଲବାଣୀ ବ୍ଲକ ସମେତ ଦାରିଙ୍ଗବାଡ଼ି, ଚକାପାଦ, ବାଲିଗୁଡ଼ା ଭଳି ବିନ୍ନ ଗ୍ରାମ ପଂଚାୟତରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବୁଲି ଦେଖିବା ସହିତ ବହୁ ହିତାଧିକାରୀ ମାନଙ୍କ ସହିତ ସିଧା ସଳଖ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସେହିଭଳି ଗ୍ରାମାଚଂଳ ଲୋକମାନଙ୍କ କଣ ସମସ୍ୟା ରହିଛି, ସେମାନେ କିଭଳି ଭାବେ ଜୀବନ ଯାପନ କରୁଛନ୍ତି ଆଦି ଦେଖିବା ସହିତ ସମସ୍ୟାର ସମାଧାନ ଉପରେ



ମଧ୍ୟ ଆଲୋଚନା କରିଥିଲେ । ଫୁଲବାଣୀ ବ୍ଲକର ବିଭିନ୍ନ ଅଂଚଳ ଗସ୍ତ ଅବସରରେ ଜିଲାପାଳଙ୍କ ସମେତ ବିଡ଼ିଓ ସୌମ୍ୟ ରଂଜନ ପାତ୍ର, ସହକାରୀ ଯନ୍ତ୍ରୀ କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀ ମାନେ ସାମିଲ୍‌ଥିଲେ । ସେହିଭଳି ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ପରମପାଙ୍ଗା, ବାଟାଗୁଡ଼ା ଆଦି ବିଭିନ୍ନ ଦୁର୍ଗମ ଅଂଚଳ ଗସ୍ତକରି ସେହି ସବୁ ଅଂଚଳରେ ବ୍ଲକ ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିବା ସହିତ ବହୁ ହିତାଧିକାରୀ ମାନଙ୍କ ସହିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଜିଲାପାଳଙ୍କ ସହିତ ବାଲିଗୁଡ଼ା ଉପଜିଲାପାଳ ପ୍ରଣିତା ଦାସ ଓ ବିଡ଼ିଓ ଅକ୍ଷୟ କୁମାର ମଲିକଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ସାମିଲ୍ ହୋଇଥିଲେ । ସାଧାରଣ ଜନତା କିଭଳି ଭାବେ ସରକାରଙ୍କ ଯୋଜନାର ସଫଳତା ପାଇ ପାରିବେ ଓ ତାହାର ଫାଇଦା ପାଇବେ ସେ ଉପରେ ଅଧିକ ଗୁରୁତ୍ୱ ଦେଇ ଜିଲାପାଳ ପ୍ରତ୍ୟେକ ସପ୍ତାହରେ ଜିଲାର ବିଭିନ୍ନ ଅଂଚଳ ଗସ୍ତକରୁଥିବା ବେଳେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମାପ୍ତ ପାଇଁ ଗୁରୁତ୍ୱ ଦିଆଯାଇଛି । ଲୋକେ ଠିକ୍ ସମୟରେ ଯୋଜନାର ଯେଭଳି ଭାବେ ସୁଫଳ ପାଇ ପାରିବେ ସେ ଉପରେ ମଧ୍ୟ ପ୍ରଶାସନ ପକ୍ଷରୁ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦିଆଯାଇଛି ।

## କଟକ ଆସିବେ ମେଧା ପାଟକର

**କଟକ,୨୮।୫/ଏନ୍ଏନ୍ଏସ୍:** ଗାନ୍ଧୀ, ବିନୋବା, ଜୟପ୍ରକାଶନାରାୟଣଙ୍କ ସର୍ବୋଦୟ-ସମ୍ପୂର୍ଣ୍ଣକ୍ରାନ୍ତି ବିଚାରଧାରାକୁ ଆଧାର କରି କାର୍ଯ୍ୟରତ ଯୁବ ସଂଗଠନ ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ଏହାର ୩୦ତମ ରାଷ୍ଟ୍ରୀୟ ଯୁବ ଶିବିର ଆସନ୍ତା ୧ ଜୁନରୁ ୭ ଜୁନ ୨୦୨୬ ପର୍ଯ୍ୟନ୍ତ କଟକମିଶନରୋଡ଼ ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ପରିସରରେ ଅନୁଷ୍ଠିତ ହେବ । ଏହି ଜାତୀୟ ଯୁବ ଶିବିରକୁ ବିଶିଷ୍ଟ ଜନଆନ୍ଦୋଳନର ନେତ୍ରୀ ମେଧା ପାଟକର ଉଦଘାଟନ କରିବେ । ସେହିପରି ବିଶିଷ୍ଟ ଗାନ୍ଧୀବାଦୀ ଚିନ୍ତକ ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ଅଧକ୍ଷ କୁମାର ପ୍ରଶାନ୍ତ ଏହି ଶିବିରରେ ଯୋଗଦେଇ ଯୁବ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣପ୍ରଦାନ କରିବେ । ଏହା ସହ ଦେଶର ବିଭିନ୍ନ ରାଜ୍ୟରୁ ଶତାଧିକ ଯୁବ ସାଥୀ ଏହି ଶିବିରରେ ଅଂଶଗ୍ରହଣ କରିବେ ବୋଲି ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ କୁହାଯାଇଛି ।

# ଓସିଏସ୍ ଟପ୍ପର ବୁବୁନ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନରେ ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍) ପରୀକ୍ଷା-୨୦୨୪ରେ ପ୍ରଥମ ସ୍ଥାନ ଅଧିକାର କରିଥିବା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ତୋଲଙ୍କପଡ଼ା ଗ୍ରାମର ବୁବୁନ ସାହୁଙ୍କୁ ସମ୍ବର୍ଦ୍ଧିତ କରି ଏହି ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନସେବା ହେଉଛି ପ୍ରଶାସନର ମୂଳ ଲକ୍ଷ୍ୟ। ଲୋକଙ୍କ ମଙ୍ଗଳ, ସୁଶାସନ ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ସରକାରୀ ସେବା ପହଞ୍ଚାଇବାକୁ ଅଧିକ ଗୁରୁତ୍ୱ ଦେବା ସହିତ ସମାଜର ଶିଶୁ, ମହିଳା ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ସମର୍ପିତ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଜଣେ ଭଲ ପ୍ରଶାସକ ସହ ଜଣେ ଭଲ ମଣିଷ ଭାବେ ନିଜକୁ ଗଢ଼ି ତୋଳିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ।

ଶ୍ରୀ ବୁବୁନ ସାହୁ ଗତ ବର୍ଷ ଓଡ଼ିଶା ପୁଲିସ୍ ସେବାରେ ଚୟନ ହୋଇଥିଲେ। ବର୍ତ୍ତମାନ ସେ ଓଡ଼ିଶା ପୁଲିସରେ ଡିଏସପି ଭାବେ ୨୦୨୬ ମାର୍ଚ୍ଚ ମାସରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଶ୍ରୀ ସାହୁଙ୍କ ପିତା ଭଗବାନ ସାହୁ ଜଣେ କୃଷକ ଏବଂ ମାତା କୁଞ୍ଜଲତା ସାହୁ ଗୃହିଣୀ। ପୁଅର ଏହି ଅନନ୍ୟ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଉଭୟଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ।

# 'ଏବିଭିପି ଯୁବକଙ୍କୁ ରାଷ୍ଟ୍ରସେବା ଓ ନେତୃତ୍ୱର ପଥ ମଧ୍ୟ ଦେଖାଉଛି'



**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଯୁବମାନଙ୍କୁ କେବଳ କ୍ୟାରିୟର ନୁହେଁ, ରାଷ୍ଟ୍ରସେବା ଓ ନେତୃତ୍ୱର ପଥ ମଧ୍ୟ ଦେଖାଉଛି। ଏବିଭିପି ଆଜି ମୋ ଛାତ୍ରଜୀବନର ସଂଘର୍ଷ ଓ ବୈଚାରିକ ସ୍ମୃତିକୁ ପୁନର୍ଜୀବିତ କରିଦେଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦର ପୂର୍ବ ସନ୍ଧ୍ୟାରେ ଭୁବନେଶ୍ୱର ସ୍ଥିତ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଭବ୍ୟ 'ନାଗରିକ ଅଭିନନ୍ଦନ ସମାରୋହ'ରେ ମୁଖ୍ୟଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ଏହାଛଡ଼ା ଜ୍ଞାନ, ଚରିତ୍ର ଏକତା'ର ମାର୍ଗଦର୍ଶକ ମନ୍ତ୍ରକୁ ପାଥେୟ କରି ବିଦ୍ୟାର୍ଥୀ ପରିଷଦ ସଦା ଛାତ୍ର କଲ୍ୟାଣ, ରାଷ୍ଟ୍ରହିତ ଓ ସାମାଜିକ ଚେତନାକୁ ନୂଆ ଦିଶା ଦେଇଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସମାରୋହ ସ୍ଥଳ ପରିସରରେ 'ମହାରାଜା ଖାରବେଳ'ଙ୍କ ନାମରେ ଏକ ଭବ୍ୟ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଥିରେ ଓଡ଼ିଶାର ଗୌରବମୟ ଇତିହାସ, ଲୋକପରମ୍ପରା ଏବଂ ଏବିଭିପି ଦ୍ୱାରା ସାରାବର୍ଷ ଚାଲିଥିବା ବିଭିନ୍ନ କାର୍ଯ୍ୟକଳାପକୁ ପ୍ରଦର୍ଶିତ କରାଯାଇଥିଲା। ୩୦ ଜଣ ଛାତ୍ରଛାତ୍ରୀଙ୍କ ୧୨୦ ଘଣ୍ଟାର ନିଷ୍ଠାପୂର୍ଣ୍ଣ ପରିଶ୍ରମରେ ଏହି ପ୍ରଦର୍ଶନୀ ପ୍ରସ୍ତୁତ ହୋଇଥିଲା। ସମାରୋହ ସମୟରେ ମୁଖ୍ୟମନ୍ତ୍ରୀ ପ୍ରଦର୍ଶନୀ ନିର୍ମାଣରେ ଅବଦାନ ରଖିଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଓ ସେମାନଙ୍କର ମାର୍ଗଦର୍ଶକମାନଙ୍କୁ ସମ୍ମାନିତ କରିଥିଲେ।

କାର୍ଯ୍ୟକ୍ରମରେ ଏବିଭିପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଧ୍ୟାପକ୍ ରଘୁରାଜ କିଶୋର ତିୱାରୀ, ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ଼ଃ ବୀରେନ୍ଦ୍ର ସିଂହ ସୋଲାଙ୍କି, ଓଡ଼ିଶା ପୂର୍ବ ପ୍ରାନ୍ତ ଅଧ୍ୟକ୍ଷ ଡ଼ଃ ଦେବେଶ ଶଙ୍କର ହୋତା, ଓଡ଼ିଶା ପୂର୍ବ ପ୍ରାନ୍ତ ସମ୍ପାଦକ ଦୀପ୍ତିମୟୀ ପ୍ରତିହାରୀ, ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ପ୍ରବୋଧ ମହାନ୍ତି, ଅଭ୍ୟର୍ଥନା ସମିତି ସାଧାରଣ ସମ୍ପାଦକ ଅଜୟ ଅଗ୍ରୱାଲ, ଏବିଭିପିର ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଆଶୀଷ ଚୌହାନ, ରାଷ୍ଟ୍ରୀୟ ସହ ସଂଗଠନ ମନ୍ତ୍ରୀ ଏସ୍. ବାଲକୃଷ୍ଣ, ଗୋବିନ୍ଦ ନାୟକ ଓ ଦେବଦତ୍ତ ଯୋଶୀ ମଧ୍ୟ ଉପସ୍ଥିତ ଥିଲେ।

# ବିଜେଡିରୁ ୨ ନେତା ନିଲମ୍ବିତ

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ବିଜେଡିରୁ ୨ ଜଣ ନେତାଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଉଛନ୍ତି କିଶୋର ଜେନା ଓ ପ୍ରଦୀପ୍ତ ଜେନାମଣି। କିଶୋର ଭୁବନେଶ୍ୱରର ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଅନ୍ତା ବ୍ଲକ ବିଜେଡି ସଭାପତି ଥିଲେ। ସେହିପରି ପ୍ରଦୀପ୍ତ ଏହି ନିର୍ବାଚନ ମଣ୍ଡଳୀରେ ଆସୁଥିବା ବାଲିପାଟଣା ବ୍ଲକରେ ଦଳର ସଭାପତି ଥିଲେ। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବାରୁ ସେମାନଙ୍କୁ ନିଲମ୍ବନ କରାଯାଇଥିବା କୁହାଯାଉଛି। ଏହା ସହିତ ଦଳ ପକ୍ଷରୁ ଜୟଦେବ ନିର୍ବାଚନ ମଣ୍ଡଳୀ ପାଇଁ ଏକ ନିର୍ବାଚନ ମଣ୍ଡଳୀ ସମନ୍ୱୟ କମିଟି ଗଠନ କରାଯାଇଛି। ଏହି କମିଟି ଏହି ବିଧାନସଭା ଆସନ ଅଞ୍ଚଳରେ ସାଂଗଠନିକ କାର୍ଯ୍ୟକୁ ତଦାରଖ କରିବ। ଏହି କମିଟିରେ ୭ ଜଣ ସଦସ୍ୟ ଅଛନ୍ତି। ସେମାନେ ହେଉଛନ୍ତି ବାଲିପାଟଣାର ତ୍ରିବିକ୍ରମ ଦାଶ, ବାବୁରାମ ମଲ୍ଲିକ, ସଦାଶିବ ଦାଶ, ବାଲିଅନ୍ତାର ବିରଞ୍ଚି ନାରାୟଣ କର, ମଙ୍ଗରାଜ ବେହେରା,ବିଜୟ ନାୟକ ଓ ନିଗମାନନ୍ଦ ଦାସ।

**ସୌମ୍ୟରଞ୍ଜନ ହତ୍ୟା ଘଟଣା**

# ଆଉ ଜଣେ ଗିରଫ, ମୋଟ୍ ୧୭

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ବାଲିଅନ୍ତା ଥାନା ଅଞ୍ଚଳରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟି ପିଟି ହତ୍ୟା କରାଯିବା ଘଟଣାରେ କ୍ରାଇମବ୍ରାଞ୍ଚ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କ ନାଁ ଅଶୋକ ଜେନା ଓରଫ ଗେଡା (୪୫)। ତାଙ୍କ ଘର କଟକ ସଦର ଥାନା ଗଙ୍ଗେଶ୍ୱରଗଡ଼ରେ। ଗୁରୁବାର ସକାଳେ ଭୁବନେଶ୍ୱରର ପଟିଆ ସ୍ଥିତ ଏକ ହୋଟେଲରୁ ଅଶୋକଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ତଦନ୍ତ ବେଳେ ଏହି ଘଟଣାରେ ଅଶୋକଙ୍କ ସଂପୃକ୍ତି ନେଇ କ୍ରାଇମବ୍ରାଞ୍ଚ ପ୍ରମାଣ ପାଇବା ପରେ ତାଙ୍କୁ ଗିରଫ କରିଛି। ତାଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଛି। ସେ ସୌମ୍ୟଙ୍କ ମୁଣ୍ଡକୁ ପିଟିଥିଲେ। ଏଯାବତ୍ ଏହି ଘଟଣାରେ ୧୭ ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ କମିଶନରେଟ ପୁଲିସ ଗିରଫ କରିଥିବା ବେଳେ ୬ ଜଣଙ୍କୁ ଗିରଫ କରିଛି

**ଆହୁରି ୧୦ ଫେରାର, କାହାରିକୁ ଛାଡ଼ିବୁନି: କ୍ରାଇମବ୍ରାଞ୍ଚ ଡିଆଇଜି**

କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ଘଟଣାର ତଦନ୍ତ ଜାରି ରହିଛି। କ୍ରାଇମବ୍ରାଞ୍ଚ ଡିଆଇଜି ବି ଗଙ୍ଗାଧର କହିଛନ୍ତି, ଆଜି ଧରାପଡ଼ିଥିବା ବ୍ୟକ୍ତି ସୌମ୍ୟଙ୍କ ମୁଣ୍ଡକୁ ପିଟିଥିବା ପ୍ରମାଣ ମିଳିଛି। ଏହି ଘଟଣାରେ ଆହୁରି ୧୦ ଜଣ ଫେରାର ରହିଛନ୍ତି। କାହାରିକୁ ଛାଡ଼ିବୁ ନାହିଁ। ସମସ୍ତଙ୍କୁ ଗିରଫ କରାଯିବ। ପୋଷ୍ଟମର୍ଟମ ରିପୋର୍ଟରୁ ବ୍ରେନ୍‌ରେ ଆଘାତ ଯୋଗୁଁ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ଏଥିସହ ସୌମ୍ୟଙ୍କର ଶରୀରର ଅନ୍ୟ ଭାଗରେ ମଧ୍ୟ ଆଘାତ ଲାଗିଛି। ଏହା ଏକ ସମ୍ବେଦନଶୀଳ ହତ୍ୟାକାଣ୍ଡ। ସେଥିପାଇଁ ଅଭିଯୁକ୍ତ ଲୁଚି ଯାଉଛନ୍ତି। ସୌମ୍ୟଙ୍କ ସାଙ୍ଗ ଭୂମିକା ମଧ୍ୟ ଏବେ ତଦନ୍ତ ପରିସରଭୁକ୍ତ ରହିଛି। ଯେଉଁ ଯୁବତୀଙ୍କ କଥା ପଦାକୁ ଆସିଛି, ସୌମ୍ୟଙ୍କ ସହ ତାଙ୍କର ପରିଚୟ ନ ଥିଲା। ଭିଡ଼ ହିଂସାର ସ୍ୱତନ୍ତ୍ର ଧାରା ରହିଛି। ପରେ ବି ଲଗାଯାଇ ପାରିବ ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି ବି ଗଙ୍ଗାଧର କହିଛନ୍ତି।

**ଏପିକେ ଫାଇଲ ପଠାଇ ଠକେଇ**

# ୩ ଆନ୍ତଃରାଜ୍ୟ ସାଇବର୍ ଠକ ଗିରଫ

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ଏପିକେ ଫାଇଲର ଲିଙ୍କ୍ ପଠାଇ ଠକୁଥିବା ୩ ଆନ୍ତଃରାଜ୍ୟ ସାଇବର ଠକଙ୍କୁ କମିଶନରେଟ୍ ପୁଲିସ ଗିରଫ କରିଛି। ୩୯.୨୧ ଲକ୍ଷ ଠକେଇ ମାମଲା (ନଂ.୭/୨୦୨୬) ରେ ଦୁଇ ଜଣ ଏବଂ ୭ ଲକ୍ଷ ଠକେଇ ମାମଲା (ନଂ.୧୭୧/୨୦୨୫) ରେ ଜଣେ ଅଭିଯୁକ୍ତ ଭୁବନେଶ୍ୱର ସାଇବର ଥାନା ହାତରେ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଦେଓଘର ଜିଲ୍ଲାର ଅଭିଷେକ କୁମାର ଦାସ (୨୧) ଓ ବୀରେନ୍ଦ୍ର ଦାସ (୨୧)। ଅନ୍ୟ ଅଭିଯୁକ୍ତ ଜଣକ ହେଲା ଆଲ୍ଲାଉଦିନ ଅନସାରି (୩୬)। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଟିମ୍ ଦ୍ୱାରା ଗିରଫ ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଥିଲା। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ପୁଲିସ ପକ୍ଷରୁ ପ୍ରେସ ରିଲିଜ ଜରିଆରେ ସୂଚନା ଦିଆଯାଇଛି।

୨୦୨୫ ସେପ୍ଟେମ୍ବର ୧୫ରେ ସାଇବର ଠକଙ୍କ ଦ୍ୱାରା ଠକେଇର ଶିକାର ରସୁଲଗଡ଼ର ଯଶୋବନ୍ତ ଜେନା ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଏତଲାକୁ ଆଧାର କରି ସାଇବର ଥାନା ଏକ ମାମଲା (ନଂ.୧୭୧/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଯଶୋବନ୍ତଙ୍କ ହ୍ୱାଟ୍ସଆପକୁ ଠକ ଗ୍ୟାଙ୍ଗ ହ୍ୱାଟ୍ସଆପରେ ମେସେଜ୍ ପଠାଇଥିଲା। ଆରଟିଓ ଚାଲାଣ ନାଁରେ ଏକ ଏପିକେ ଫାଇଲକୁ ସେ କ୍ଲିକ୍ କରି ଦେଇଥିଲେ। ଏହାପରେ ତାଙ୍କ ଏଚଡିଏଫସି ବ୍ୟାଙ୍କରୁ ୭ ଲକ୍ଷ ଟଙ୍କା କଟିଯାଇଥିଲା ବୋଲି ଅଭିଯୋଗ କରିଥିଲେ। ଏହି ମାମଲାରେ ସମ୍ପୃକ୍ତ ଥିବା ଝାଡ଼ଖଣ୍ଡ ଜାମତାରାର ମାଷ୍ଟରମାଇଣ୍ଡ ମୁକେଶ ତୁରି ସମେତ ୪ ଜଣ ସାଇବର ଅପରାଧୀଙ୍କୁ ମାସେ ତଳେ ତେଲେଙ୍ଗାନାରୁ କମିଶନରେଟ୍ ପୋଲିସ ଗିରଫ କରିଥିଲା। ସହଯୋଗୀ ଆଲ୍ଲାଉଦିନ ଅନସାରି ଫେରାର ଥିଲା।

ସେହିପରି ୨୦୨୬ ଜାନୁଆରୀ ୧୭ରେ ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କୁ ହ୍ୱାଟ୍ସଆପରେ ଏପିକେ ଫାଇଲ ଆସିଥିଲା। ସେ କ୍ଲିକ କରିବାରୁ ୩୯.୨୧ଲକ୍ଷ କଟିଯାଇଥିଲା। ଏନେଇ ଏତଲକ୍ରମେ ସାଇବର ଥାନା ପୋଲିସ ଏକ ମାମଲା (ନଂ.୭/୨୦୨୬) ରୁଜୁ କରି ତଦନ୍ତ କରିଥିଲା। ଅଭିଷେକ ଓ ତା ସାଙ୍ଗ ବିରେନ୍ଦ୍ର ଏହି ଏପିକେ ଫାଇଲ ପ୍ରସ୍ତୁତ କରି ପଠାଇଥିବା ପୁଲିସ ଜାଣିବାକୁ ପାଇଥିଲା।

# ଏଥର ବିଳମ୍ବରେ ଆସିପାରେ ମୌସୁମୀ ବର୍ଷା !

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:**



ରାଜ୍ୟରେ ପ୍ରବଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସାମାନ୍ୟ ଆଶ୍ୱସ୍ତି ଆଣିଛି କାଳବୈଶାଖୀ ବର୍ଷା। ଆସନ୍ତା ୭ ଦିନ ଯାଏଁ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ଥିବା ବେଳେ ପୁଣି ଜୁନ୍ ୩ ପରେ ଖରା ବଢ଼ିବା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେପଟେ ଏଥର ବିଳମ୍ବରେ ଆସିପାରେ ମୌସୁମୀ ବର୍ଷା ! ୧୦ ପରେ ଓଡ଼ିଶା ଛୁଇଁପାର ମୌସୁମୀ। ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା କ୍ଷୀଣ ହେଉଥିବା ବେଳେ ମାର୍ଚ୍ଚ, ଏପ୍ରିଲ ଓ ମେ'ରେ ବର୍ଷାର ପରିମାଣ ମଧ୍ୟ କମ୍ ରହିଛି। ଏହାସହ ଏଲନିନୋ ପ୍ରଭାବ ମଧ୍ୟ ଦେଖାଦେଇପାରେ। ଯେଉଁଥି ପାଇଁ ମୌସୁମୀ ବର୍ଷା ଆସିବାରେ ବିଳମ୍ବ ହୋଇପାରେ ବୋଲି ଆକଳନ କରାଯାଉଛି। ବିଶେଷ କରି ଯଦିଓ ମୌସୁମୀ ଅଗ୍ରସର ହେବ, ତେବେ କମ୍ ବର୍ଷା ହେବ ବୋଲି ପାଣିପାଗ ବିଜ୍ଞାନୀ ଆକଳନ କରିଛନ୍ତି। ବଙ୍ଗୋପସାଗରରେ ମୌସୁମୀ କରେଣ୍ଟ ନିଷ୍କ୍ରିୟ ରହିଛି। ଦକ୍ଷିଣ ଗୋଲାର୍ଦ୍ଧରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆସିଲେ ବି ଆଗକୁ ବଢ଼ି ପାରୁନାହିଁ। ମୌସୁମୀ ବାୟୁକୁ କ୍ରିୟାଶୀଳ କରିବା ପାଇଁ ଆବଶ୍ୟକୀୟ କାରକ ମଧ୍ୟ ମହଜୁଦ୍ ନାହିଁ। ଏଣୁ ମୌସୁମୀ କେରଳ ଆସିବା ପାଇଁ ମଧ୍ୟ ସକ୍ରିୟ ହୋଇପାରୁନାହିଁ। କେରଳ ଛୁଇଁଲା ପରେ ହିଁ, ଓଡ଼ିଶା କେବେ ଆସିବ ସେନେଇ ଆକଳନ କରିହେବ ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି।

**ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଯୋଡ଼ି ହେବାକୁ ଯାଉଛି ନୂଆ ଅଧ୍ୟାୟ**

# ଏଣିକି ଡିଜେଲ୍ ବଦଳରେ ଚାଲିବ ଇଭି ବୋଟ୍

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଯୋଡ଼ି ହେବାକୁ ଯାଉଛି ଏକ ନୂଆ ଅଧ୍ୟାୟ । ଏଣିକି ରାଜ୍ୟର ପ୍ରମୁଖ ଜଳଭିତ୍ତିକ ପର୍ଯ୍ୟଟନ ସ୍ଥଳୀରେ ଚାଲିବ ପରିବେଶ ଅନୁକୂଳ ଇଭି ବୋଟ୍ ବା ବୈଦ୍ୟୁତିକ ଡଙ୍ଗା । ଡିଜେଲ୍ ବୋଟ୍ ଯୋଗୁଁ ହେଉଥିବା ପ୍ରଦୂଷଣ ଓ ବଢୁଥିବା ଇନ୍ଧନ ସଙ୍କଟକୁ ଦୃଷ୍ଟିରେ ରଖି ସରକାର ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଏନେଇ ଟେଣ୍ଡର ଆହ୍ୱାନ କରାଯାଇଛି।

ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ସ୍ଥାନରେ ଥିବା ପାରମ୍ପରିକ କିମ୍ବା ଡିଜେଲ୍ ବୋଟ୍‌କୁ ବଦଳାଇ ଇଭି ବୋଟ୍‌ରେ ପରିଣତ କରାଯିବ। ଏଥିପାଇଁ ଓଟିଡିସି ପକ୍ଷରୁ ଟେଣ୍ଡର ମଧ୍ୟ ଆହ୍ୱାନ କରାଯାଇଛି। କୋରାପୁଟର କୋଲାବ ପାଇଁ ୩୦ ଆସନ ବିଶିଷ୍ଟ ବୋଟ୍ ଆସିବ। ସମ୍ବଲପୁରର ହୀରାକୁଦ ପାଇଁ ୨ଟି ସ୍ଥାନରେ ଯଥାକ୍ରମେ ୨୦ ଓ ୧୦ ଆସନ ବିଶିଷ୍ଟ ବୋଟ୍ ଚାଲିବ। କେନ୍ଦ୍ରାପଡ଼ାର ଭିତରକନିକା ପାଇଁ ୨୦ ଆସନ ଏବଂ ଖୋର୍ଦ୍ଧା ଚିଲିକାର ବରକୁଳ ପାଇଁ ୮ ଆସନ ବିଶିଷ୍ଟ ବିଳାସପୂର୍ଣ୍ଣ ବୋଟ୍‌ର ବ୍ୟବସ୍ଥା କରାଯାଉଛି। ସବୁଠାରୁ ବଡ଼ କଥା ହେଲା, ପର୍ଯ୍ୟଟକଙ୍କ ସୁବିଧା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ବୋଟ୍ ଗୁଡ଼ିକରେ ଇଭି

**ଓଟିଡିସି ପକ୍ଷରୁ ଟେଣ୍ଡର ଆହ୍ୱାନ**

ସହିତ ସୋଲାର ତଥା ସୌରଶକ୍ତି ଏବଂ ସିଏନଜି ବ୍ୟବହାରର ମଧ୍ୟ ସୁବିଧା ରହିବ ।

ରାଜ୍ୟରେ ପ୍ରାୟ ୧୦୦ଟି ପର୍ଯ୍ୟଟନସ୍ଥଳୀରେ ବୋଟିଂ ସୁବିଧା ରହିଛି। ବିଶେଷକରି ଚିଲିକା, ତାମ୍ପରା, ଅଂଶୁପା, ସିଲ୍‌ଭର ସିଟି ବୋଟ୍ କ୍ଲବ୍, ସାତକୋଶିଆ, ଡେବ୍ରିଗଡ଼, ହୀରାକୁଦ, ଭିତରକନିକା ଆଦି ସ୍ଥାନରେ ଇଭିର ସୁବିଧା ମିଳିପାରିବ। ସେହିପରି ପର୍ଯ୍ୟାୟକ୍ରମେ ଅନ୍ୟ ସ୍ଥାନ ଗୁଡ଼ିକରେ ଇଭି ବୋଟ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ତେବେ ପ୍ରଥମ ପର୍ଯ୍ୟାୟରେ ୫ଟି ସ୍ଥାନକୁ ପରୀକ୍ଷାମୂଳକ ଭାବରେ ଗ୍ରହଣ କରାଯାଇଛି। ଏଥିରେ ଯେଉଁ ଏଜେନ୍ସି ଟେଣ୍ଡର ପାଇବ ସେହି ଏଜେନ୍ସି ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପାଇଁ ୫ଟି ବିଳାସପୂର୍ଣ୍ଣ କାଟାମାରାନ୍, ସୋଲାର ତଥାଇଭି ବୋଟ୍ ଚଲାଇବ ବୋଲି ଚିଠିରେ ଦର୍ଶାଯାଇଛି ।

ଏନେଇ ପର୍ଯ୍ୟଟନ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ଓଡ଼ିଶାର ପର୍ଯ୍ୟଟନ ଶିଳ୍ପକୁ ଆହୁରି ଆଧୁନିକ ଓ ପରିବେଶ ଅନୁକୂଳ କରିବା ଦିଗରେ ସରକାର ଗୁରୁତ୍ୱ ଦେଉଛନ୍ତି । ଡିଜେଲ୍ ବୋଟ୍ ପରିବର୍ତ୍ତେ ଇଭି ବୋଟ୍ ଚାଲୁ ହେଲେ ଇନ୍ଧନ ଖର୍ଚ୍ଚ କମିବା ସହିତ ଜଳାଶୟ ଅଞ୍ଚଳରେ ପ୍ରଦୂଷଣ ମଧ୍ୟ ହ୍ରାସ ପାଇବ। ଆଗାମୀ ଦିନରେ ରାଜ୍ୟର ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀରେ ମଧ୍ୟ ପର୍ଯ୍ୟାୟକ୍ରମେ ଇଭି ବୋଟ୍ ସେବା ବିସ୍ତାର କରାଯିବ।

# 'ବିଜେଡିରେ ଅଣନିଃଶ୍ୱାସୀ ହୋଇ ରହିଥିଲି'



**ଏବେ ମୁଁ ନିଜ ଘରକୁ ଫେରିଲି**

**ବିଜେଡିର ବାପା ମାଆ କେହି ନାହାନ୍ତି**

**ବିଜୁ ବାବୁଙ୍କୁ ସମ୍ମାନ ଦେବାରେ ଦଳ ଅସମର୍ଥ**

**କଟକ,୨୮।୫/ଏନ୍ଏନ୍ଏସ୍:** ପୁଣି ବର୍ଷିଲେ ପୂର୍ବତନ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ। କହିଲେ ବିଜେଡିର ବାପା ମାଆ କେହି ନାହିଁ। ବିଜେପିରେ ଯୋଗ ଦେବା ପରେ ଗୁରୁବାର ସାମ୍ବାଦିକ ସମ୍ମିଳନୀ କରି କିଛି ଏଭଳି ଢଙ୍ଗରେ ବର୍ଷିଛନ୍ତି ଦେବାଶିଷ। ସେ କହିଛନ୍ତି, ବିଜେଡିରେ ଥିବା ବେଳେ ମୁଁ ଅଣନିଶ୍ୱାସୀ ହୋଇ ରହିଥିଲି। ଏବେ ନିଜ ଘରକୁ ଫେରିବା ଭଳି ମନେ ହେଉଛି। ମୁଁ ମୂଳରୁ ଏନଡିଏରେ ଥିଲି, ଏବେ ପୁଣି ନିଜ ଘରକୁ ଫେରିଲି। ସେ ଆହୁରି ମଧ୍ୟ କହିଛନ୍ତି, ନବୀନ ନିବାସକୁ ହଠାତ୍ ମୋତେ ଯିବାକୁ ମନା କରାଗଲା। ନବୀନ ବାବୁ କହିଥିଲେ ପାଣ୍ଡିଆନ୍ ମୋ ଉତ୍ତରାଧିକାରୀ ନୁହଁ, କିନ୍ତୁ ପାଣ୍ଡିଆନ୍, ଭୈରବ ହୋଇ ନବୀନଙ୍କ ପାଖକୁ କାହାକୁ ଛାଡୁନାହାନ୍ତି। ନବୀନ ନିବାସରେ ପାଣ୍ଡିଆନ୍ କିଏ ବୋଲି ଦେବାଶିଷ ପ୍ରଶ୍ନ ବି କରିଛନ୍ତି। ସେହିପରି ବିଜୁ ବାବୁଙ୍କୁ ଜାଣିନଥିବା ଲୋକେ କରିଛନ୍ତି ବିଜୁ ଫାଉଣ୍ଡେସନ୍। ବିଜୁ ବାବୁଙ୍କୁ ସମ୍ମାନ ଦେବାରେ ବିଜେଡି ଅସମର୍ଥ ବୋଲି କହି କଡ଼ା ସମାଲୋଚନା କରିଛନ୍ତି।

ଗତକାଲି ନୂଆଦିଲୀରୁ ଫେରି ଆଜି ରାଜାବଗିଚାସ୍ଥିତ ନିଜ ବାସଗୃହରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମନ୍ତରାୟ କହିଛନ୍ତି ଯେ ନବୀନ ବାବୁଙ୍କୁ ମୁଁ ବହୁତ ଭଲ ପାଏ, ମାତ୍ର ତାଙ୍କ ସହିତ ଦୀର୍ଘଦିନ ଧରି ମୋତେ ଭେଟ କରାଇ ଦିଆଗଲା ନାହିଁ। ଏନେଇ ସ୍ୱତନ୍ତ୍ର ଭାବେ ଷଡ଼ଯନ୍ତ୍ର ରଚନା କରାଯାଇଥିଲା ଯାହା ମୁଁ ପ୍ରଥମେ ବୁଝିପାରିନଥିଲି। ତେବେ ପାର୍ଲାମେଣ୍ଟରେ ଯେତେବେଳେ ୱାକଫ ବିଲ୍ ସଂସଦକୁ ଆସିଥିଲା, ବିଜେଡି ସଂସଦୀୟ ଦଳ ବୈଠକରେ ନିଜେ ନବୀନ ପଟ୍ଟନାୟକ ଦୁଇ ଥର ଆମକୁ ଏହାକୁ ବିରୋଧ କରିବାକୁ କହିଥିଲେ। ଆମେ ଏହି ନିର୍ଦ୍ଦେଶ ଅନୁଯାୟୀ ନିଜକୁ ପ୍ରସ୍ତୁତ କରିଥିଲୁ। ଏହି ବିଲ୍‌କୁ ବିରୋଧ କରିବାକୁ ଆମେ ସାଂସଦମାନେ ଏକାଠି ହେଲୁ। ବିଜେଡି ପକ୍ଷରୁ ମୁନା ଖାନ ଏହି ବିରୋଧରେ ମଧ୍ୟ ଗୃହରେ ତାଙ୍କ ଅଭିଭାଷଣ ରଖିଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଘଣ୍ଟାଏ ଭିତରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ଟ୍ୱିଟ୍ ମାଧ୍ୟମରେ ଜଣାଇଲେ ଯେ ବିଜୁ ଜନତା ଦଳର ସାଂସଦମାନେ ବିବେକ ଅନୁସାରେ ଭୋଟ୍ ଦେବେ। ହଠାତ୍ ଏଭଳି ହେବାର କାରଣ ଆମେ ବୁଝି ପାରିଥିଲୁ । ଏଣୁ ମୁଁ ପାଣ୍ଡିଆନଙ୍କ ଉପରେ ରାଗି ନିଆଁ ହୋଇଯାଇଥିଲି। ସେତେବେଳେ ମୁଁ ନବୀନ ବାବୁଙ୍କୁ ବୁଝାଇବା ପାଇଁ ଚାହିଁଥିଲି ଯେ ଏ ଲୋକଟାକୁ ଛାଡ଼ନ୍ତୁ। ସେ ସନ୍ୟାସ ନେଇଛନ୍ତି। ସେ ଆଉ ଦଳୀୟ ବ୍ୟାପାରରେ ନ ପଶନ୍ତୁ। ଏଭଳି ହେଲେ ଦଳ ପାଇଁ ଏହା କାଳ ହୋଇଯିବ। ପରବର୍ତ୍ତୀ ସମୟରେ ପାଣ୍ଡିଆନ ଫେରିଲେ ଓ ଏବେ ଦଳର ପରିଚାଳନା କରୁଛନ୍ତି। ନବୀନ ପଟ୍ଟନାୟକ ସଂସଦୀୟ ଦଳ ବୈଠକ ବନ୍ଦ କରିଦେଲେ। ନବୀନ ନିବାସକୁ ମୋତେ ଛାଡ଼ିଲେନି। ନିର୍ବାଚନ ବେଳେ ନବୀନ ବାବୁ କହିଥିଲେ ଯେ ପାଣ୍ଡିଆନ ତାଙ୍କର ଉତ୍ତରାଧିକାରୀ ନୁହନ୍ତି। ଏହାକୁ ବିଶ୍ୱାସ କରି ସମସ୍ତେ ଆଗକୁ ଚାଲିଲୁ। ଏହାପରେ ନବୀନ ଓ ବିଜୁଙ୍କ ନାମରେ ଗୋଟିଏ ଟ୍ରଷ୍ଟ ଗଠନ କରାଗଲା। ସେହି ଟ୍ରଷ୍ଟରେ ଶହ ଶହ କୋଟି ଟଙ୍କା ରଖାଗଲା। ନବୀନ ବାବୁଙ୍କ ଦିଲ୍ଲୀ ନିବାସ, ଯାହା ବିଜୁ ବାବୁ ଘର ଥିଲା, ତାହା ଟ୍ରଷ୍ଟକୁ ପଳାଇଲା। ଭୈରବ ପାଣ୍ଡିଆନ ଏହାର ସଭାପତି ରହିଲେ। ତାଙ୍କ ସହିତ ରହିଲେ ସନ୍ତୃପ୍ତ ମିଶ୍ର ଓ ଅଶୋକ ପରିଡ଼ା। ସେମାନେ କେଉଁ ଦିନ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ସେମାନେ ବିଜୁ ବାବୁଙ୍କୁ ଜାଣିଛନ୍ତି ନା ବିଜୁ ବାବୁଙ୍କ ପାଇଁ କେବେ ଲଢ଼େଇ କରିଛନ୍ତି। ଯଦି ବିଜୁ ବାବୁଙ୍କ ସ୍ମୃତିକୁ ତିନି ଜଣ ବ୍ୟକ୍ତିଙ୍କୁ ଟେକି ଦିଆଗଲା। ଏଣୁ ଏ ଦଳ ବିଜୁ ବାବୁଙ୍କୁ ସମ୍ମାନ ଦେଇ ପାରିଲାନି, ଭୈରବ ପାଣ୍ଡିଆନ ନବୀନ ନିବାସ ସହିତ ଦଳଟାକୁ ବି ନିଜ କବଜାକୁ ନେଇ ଗଲେଣି। ଟ୍ରଷ୍ଟର ସଭାପତି ହେବା ପରେ ସେ ଦଳର ଉତ୍ତରାଧିକାରୀ ହୋଇଯାଇଛନ୍ତି। ଏହାର ଅର୍ଥ ନବୀନ ବାବୁ ଆମକୁ ମିଛ କହିଥିଲେ। ଏଣୁ ମୁଁ ଦଳ ଛାଡ଼ିଲି ବୋଲି ଦେବାଶିଷ କହିଛନ୍ତି। ସତ କହିବାକୁ ଗଲେ ବିଜୁ ଜନତା ଦଳର କେହି ବାପାମା' ନାହାନ୍ତି। ଦଳର କୌଣସି ନେତାଙ୍କର କିଛି ଅଭିଯୋଗ ଥିଲେ ନବୀନଙ୍କୁ ଭେଟି ପାରୁ ନାହାନ୍ତି। ତାହାଲେ କାହାକୁ ନେତା ଗୁହାର କରିବେ ବୋଲି ଦେବାଶିଷ କହିବା ସହିତ ଦଳରେ ପ୍ରତିଷ୍ଠାତା ସଦସ୍ୟ ମାନେବି ଆଉ ଦଳରେ ନାହାନ୍ତି ବୋଲି କହିଥିଲେ।

# 'ନବୀନଙ୍କ ଦୟାରୁ ଦେବାଶିଷଙ୍କ ପରିଚୟ ସୃଷ୍ଟି ହୋଇଛି'



**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** 'ବିଜେପିରେ ସାମିଲ ହୋଇ ନିଜକୁ ଗର୍ବିତ ମନେକରୁଥିବା ଦେବାଶିଷ ସାମନ୍ତରାୟ ଥରେ ମନେ ରଖିବା ଉଚିତ୍ ଯେ, ତାଙ୍କର ଆଜି ଯେଉଁ ପରିଚୟ ସୃଷ୍ଟି ହୋଇଛି ତାହା ବିଜୁ ଜନତା ଦଳ ଓ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦୟାରୁ ହିଁ ମିଳିଛି। ବିଜେଡି ଦଳରୁ ୫ ଥର ବିଧାୟକ ଟିକେଟ ପାଇ ତିନି ତିନି ଥର ବିଧାୟକ ହୋଇଥିଲେ ଦେବାଶିଷ। ଦଳର ବିଭିନ୍ନ ପଦପଦବୀରେ ରହିଥିବା ଦେବାଶିଷଙ୍କୁ ରାଜ୍ୟସଭାକୁ ପଠାଇଥିଲେ ଦଳର ସଭାପତି ନବୀନ ପଟ୍ଟନାୟକ। ଏତେ ସବୁ ସୁବିଧା ପାଇ ମଧ୍ୟ ବିଜୁ ଜନତା ଦଳକୁ ନିନ୍ଦା କରିବା ଦୁର୍ଭାଗ୍ୟଜନକ।' ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଏହା କହିଛନ୍ତି। ଦେବାଶିଷ ସାମନ୍ତରାୟଙ୍କ ଅଭିଯୋଗର କାଉଣ୍ଟର କରି ଡ଼ ମହାନ୍ତି ଏହା କହିଛନ୍ତି।

ଡ଼ ଲେନିନ ମହାନ୍ତି କହିଛନ୍ତି ଯେ, ବିଗତ କିଛି ବର୍ଷ ହେଲାଣି ଦେଶରେ ପ୍ରଲୋଭନ କରିବା ଓ ପ୍ରଲୋଭିତ ହେବାର ଟ୍ରେଣ୍ଡ୍ ଚାଲିଛି। ସେହି କ୍ରମରେ ଦେବାଶିଷ ସମାନ୍ତରାୟ ଗତ ୨ ଦିନ ତଳେ ବିଜେପି ଦଳର ପ୍ରଲୋଭନରେ ପ୍ରଭାବିତ ହୋଇ ନିଜ ସ୍ୱାର୍ଥ ହାସଲ ପାଇଁ ବିଜେପିରେ ଯୋଗଦେଇଛନ୍ତି। ବିଜେଡି ସରକାରର ଶାସନ କାଳରେ ସେ ସମସ୍ତ ପ୍ରକାର ଫାଇଦା ନେଇ ନିଜର ପାରିବାରିକ

**ନିଜ ସ୍ୱାର୍ଥ ହାସଲ ପାଇଁ ବିଜେପିରେ ସାମିଲ ହୋଇଛନ୍ତି**

**ଦେବାଶିଷଙ୍କ ମନ୍ତବ୍ୟ ଅପରିପକ୍ୱତାର ପରିଚୟ**

ବ୍ୟବସାୟିକ ସାମ୍ରାଜ୍ୟକୁ ଆଗକୁ ବଢ଼ାଇଥିଲେ। ସେତେବେଳେ ଦଳର ଗୁଣଗାନ କରିବାକୁ ପଛାଉ ନଥିବା ଦେବାଶିଷ, ଏବେ ବିରୋଧୀ ଦଳ ଆସନରେ ବସିଥିବା ବିଜେଡିକୁ ନିନ୍ଦା କରିବାକୁ ପଛାଉ ନାହାନ୍ତି ।ଦେବାଶିଷ ସାମନ୍ତରାୟ ବିଜେପିକୁ ଫେରି ନିଜ ଘରକୁ ଫେରିଥିବା କଥା କହୁଛନ୍ତି, କିନ୍ତୁ ବର୍ତ୍ତମାନ ବିଜେପିରେ ସମରକକ୍ଷା ଚାଲିଛି। ବିଜେପିର ଟ୍ରାପରେ ଫସି ବିଜେଡି ଦଳରୁ ନିଜ ବ୍ୟବସାୟିକ ସ୍ୱାର୍ଥ ପାଇଁ ଦୂରେଇ ଯାଇଥିବା ଦେବାଶିଷ ସାମନ୍ତରାୟଙ୍କୁ ଆଗାମୀ ଦିନରେ ଲୋକେ ଜବାବ ଦେବେ।

ଡ଼ ମହାନ୍ତି ଆହୁରି କହିଛନ୍ତି ଯେ, ବିଜୁ ଜନତା ଦଳରୁ ୫ ଥର ବିଧାୟକ ଟିକେଟ ପାଇ ନିର୍ବାଚନ ଲଢ଼ି ତିନି ତିନି ଥର ବିଧାୟକ ହୋଇଥିଲେ ଦେବାଶିଷ ସାମନ୍ତରାୟ । ଯେତେବେଳେ ନିର୍ବାଚନରେ ଲୋକମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କରୁଥିଲେ, ସେତେବେଳେ ଶ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଓଟିଡିସି ଅଧ୍ୟକ୍ଷ କରିବା ସହ ଦଳର ବିଭିନ୍ନ ଉଚ୍ଚ ପଦପଦବୀରେ ବସାଇ ତାଙ୍କ ରାଜନୈତିକ ସମ୍ମାନକୁ ଅକ୍ଷୁଣ୍ଣ ରଖିଥିଲେ । ପରବର୍ତ୍ତୀ ସମୟରେ ନବୀନ ପଟ୍ଟନାୟକ ତାଙ୍କୁ ରାଜ୍ୟସଭାକୁ ପଠାଇଥିଲେ। ଦଳରୁ ଏତେ ସୁବିଧା ପାଇଲା ପରେ ମଧ୍ୟ ତାଙ୍କର ଭୋକ ମେଣ୍ଟିଲା ନାହିଁ। ନିଜର ସ୍ୱାର୍ଥ ହାସଲ ପାଇଁ ବିଜେପି ଦଳରେ ସାମିଲ ହେଲେ। ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବା କଥା କହୁଥିବା ଦେବାଶିଷ ସାମନ୍ତରାୟ, ଅନ୍ୟପଟେ ବିଜୁ ଜନତା ଦଳର ମାଆ ବାପା ନାହିଁ କହି ହୀନମନ୍ୟତାର ପରିଚୟ ଦେଉଛନ୍ତି। ଦେବାଶିଷଙ୍କ ମନ୍ତବ୍ୟ ଅପରିପକ୍ୱତାର ପରିଚୟ। ବିଜୁ ଲିଗାସୀର ଦ୍ୱାହି ଦେଉଥିବା ଦେବାଶିଷ ଦିନେ ବିଜୁ ବାବୁଙ୍କୁ ଆକ୍ରମଣ କରିବାକୁ ପଛାଇ ନଥିଲେ। ବିଜୁ ଜନତା ଦଳରୁ ସବୁ ଫାଇଦା ହାସଲ କରି ବିଜେପିରେ ସାମିଲ ହୋଇଥିବା ଦେବାଶିଷ ଯେଉଁ ଟୀକାଟିପ୍ପଣୀ କରୁଛନ୍ତି ସେଥିରୁ କ୍ଷାନ୍ତ ରୁହନ୍ତୁ, ନ ହେଲେ ଓଡ଼ିଶାବାସୀ କେବେ କ୍ଷମା ଦେବେନାହିଁ ବୋଲି ଡ଼ ମହାନ୍ତି କହିଛନ୍ତି।

# ଏସ୍‌ପିଙ୍କ ନେତୃତ୍ୱରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

**ପୁରୀ,୨୮।୫/ଏନ୍‌ଏନ୍‌ଏସ୍:** ଆଜି ପୁରୀ ପୋଲିସ କାର୍ଯ୍ୟାଳୟରେ ଏସ୍ପି ପୁରୀ ପ୍ରତୀକ ସିଂଙ୍କ ନେତୃତ୍ୱରେ ଜିଲ୍ଲାସ୍ତରୀୟ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାର ସମସ୍ତ ସବ୍‌ଡିଭିଜନର ଡିଏସ୍‌ପିମାନେ, ବିଭିନ୍ନ ଥାନାର ଥାନା ଅଧିକାରୀମାନେ, ଫାଣ୍ଡି ଅଧିକାରୀମାନେ ଓ ହେଡକ୍ୱାର୍ଟରର ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ ଓ ମିସ ଅନଖା କେ ବିଜୟ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା, ବିଭିନ୍ନ ଅପରାଧିକ ମାମଲାର ତ୍ୱରିତ ତଦନ୍ତ ଓ ସମାଧାନ, ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ପୋଲିସର କାର୍ଯ୍ୟକଳାପକୁ ଆହୁରି ଦୃଶ୍ୟମାନ ଓ ବିଶ୍ୱାସଯୋଗ୍ୟ କରିବା। ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ କେସ୍‌ଗୁଡିକର ନିୟମିତ ଓ ପ୍ରଭାବଶାଳୀ ମନିଟରିଂ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ବିଶେଷକରି ଯେଉଁ କେସ୍‌ଗୁଡିକ ଦୀର୍ଘଦିନ ଧରି ରହିଛି, ସେଗୁଡିକର ଶୀଘ୍ର ସମାଧାନ ପାଇଁ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ତଦନ୍ତରେ ପ୍ରଯୁକ୍ତିର ବ୍ୟବହାର, ସାଇବର ସମ୍ବନ୍ଧୀୟ ଅପରାଧ ଉପରେ ସଚେତନତା ଓ ମହିଳା ଏବଂ ବୃଦ୍ଧଙ୍କ ସୁରକ୍ଷା ଉପରେ ମଧ ଆଲୋଚନା କରାଯାଇଥିଲା। ଏହା ସହିତ ଆଗାମୀ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଓ ଭକ୍ତମାନଙ୍କ ସୁବିଧାକୁ ନଜରରେ ରଖି ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ରଥଯାତ୍ରା ସମୟରେ ପୁରୀ ଜିଲ୍ଲାକୁ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ହେଉଥିବାରୁ ସମସ୍ତ ପୋଲିସ ଅଧିକାରୀଙ୍କୁ ଉଚ୍ଚ ସତର୍କତାରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସମୁଦ୍ର ବେଳାଭୂମି, ଶ୍ରୀମନ୍ଦିର ପରିସର, ବଡ଼ଦାଣ୍ଡ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ଅତିରିକ୍ତ ପାଟ୍ରୋଲିଂ, ନଜରଦାରୀ, କ୍ୱିକ୍ ରେସ୍ପନ୍ସ ଟିମ୍ ଓ ସହାୟତା କେନ୍ଦ୍ର ମାଧ୍ୟମରେ ସୁରକ୍ଷାକୁ



ଆହୁରି ସୁଦୃଢ଼ କରିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ସମସ୍ତ ଅଧିକାରୀଙ୍କୁ ସାଧାରଣ ଲୋକଙ୍କ ସହିତ ଭଲ ସମ୍ପର୍କ ରଖିବା, ସମସ୍ୟାଗୁଡିକୁ ସମ୍ବେଦନଶୀଳତାର ସହିତ ଶୁଣିବା ଓ ଲୋକମାନଙ୍କ ମଧ୍ୟରେ ପୋଲିସ ପ୍ରତି ବିଶ୍ୱାସ ବୃଦ୍ଧି କରିବାକୁ ଆହ୍ୱାନ ଜଣାଇଥିଲେ। ଶେଷରେ ସମସ୍ତ ଅଧିକାରୀ ଆଗାମୀ ଦିନଗୁଡିକରେ ଜିଲ୍ଲାରେ ଶାନ୍ତି, ସୁରକ୍ଷା ଓ ଆଇନଶୃଙ୍ଖଳା ରକ୍ଷା ପାଇଁ ସମନ୍ୱୟ ରଖି କାମ କରିବାକୁ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ।

# ସାଲେପୁର କଲେଜର ଯୁକ୍ତତିନି, ପିଜି ପରୀକ୍ଷା ଫଳ ପ୍ରକାଶ

**ସାଲେପୁର,୨୮।୫/ଏନ୍‌ଏନ୍‌ଏସ୍:** ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଏବଂ ପିଜି ପରୀକ୍ଷା ଫଳ ବୁଧବାର ପ୍ରକାଶପାଇଛି। ମହାବିଦ୍ୟାଳୟ ପରିସରରେ ଡ. ସଙ୍ଗୀତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପରୀକ୍ଷାଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଚଳିତ ବର୍ଷ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟର ଛାତ୍ରୀ ଛାତ୍ର ଆଶାନୁରୂପ ସଫଳତା ହାସଲ କରିଛନ୍ତି। କଳାରେ ବର୍ଷା ପ୍ରିୟଦର୍ଶିନୀ ପଣ୍ଡା, ବିଜ୍ଞାନରେ ମିଳନ କୁମାର ସାହୁ ଓ ବାଣିଜ୍ୟରେ ସୂର୍ଯ୍ୟକାନ୍ତ ଗାନ କଲେଜ ଟପ୍ପର ହୋଇଛନ୍ତି। ବେଷ୍ଟ ଗ୍ରାଜୁଏଟ ଭାବେ ମିଳନ କୁମାର ସାହୁ ମହାବିଦ୍ୟାଳୟର ଗୌରବ ବଢାଇଛନ୍ତି। ଚଳିତବର୍ଷ ଯୁକ୍ତ ୩ କଳାରେ ୨୨୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୧୮ଜଣ ଛାତ୍ରୀ ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ୯୧ଜଣ ୬୦ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବିଜ୍ଞାନରେ ୨୧୯ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିରୁ ୨୦୭ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୧୪୦ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୩୫ ଜଣ ଛାତ୍ରୀ ଛାତ୍ର ପାସ ହୋଇଛନ୍ତି। ସ୍ନାତକରେ ୫୮୩ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେଇଥିଲା ବେଳେ ୫୬୦ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ପିଜି ପରୀକ୍ଷାରେ ୧୩୯ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେଥି

**ଯୁକ୍ତତିନିରେ ୯୬.୦୫% ଏବଂ ପିଜିରେ ୯୬.୪୦% କୃତକାର୍ଯ୍ୟ**

ମଧ୍ୟରୁ ୧୩୪ଜଣ କୃତକାର୍ଯ୍ୟ ହୋଇଛନ୍ତି ଯାହାକି ୯୬.୪୦ ଶତକଡା।

ସମ୍ମିଳନୀରେ କଲେଜର ପୂର୍ବତନ ପରିଚାଳନା ସଭ୍ୟ ନବକିଶୋର କର, ପରୀକ୍ଷା ନିୟନ୍ତ୍ରକ ଲକ୍ଷ୍ମୀପ୍ରିୟା ଦାସ, ଉପ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ପ୍ରଫୁଲ୍ଲ କୁମାର ସାହୁ, କରୁଣାକର ମୁଦୁଲି, ମୋନାଲିସା ମିଶ୍ର, ପ୍ରଶାସନିକ ଅଧିକାରୀ ରୀନା ସ୍ୱାଇଁ, ଅଧାପକ ଜୟବନ୍ଧନ ଜେନା ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ପାଢ଼ୀ, ସଞ୍ଜୟ ନାୟକ, ସତ୍ୟନାରାୟଣ ପଟ୍ଟନାୟକ, ହରପ୍ରିୟା ସିଂ, ଆଶୋଷକାନ୍ତ ଷଡ଼ଙ୍ଗୀ, ଅନିଲ ଦାସ, ତାପସ ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ବେଳେ ଉପ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ପ୍ରଫୁଲ୍ଲ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀ ପୁରୁଷୋତ୍ତମ ଏକାଦଶୀରେ ଶ୍ରୀ ଗୀତଗୋବିନ୍ଦ ଆସର

**ଚାରିଛକ,୨୮।୫/ଏନ୍‌ଏନ୍‌ଏସ୍:** ଚଳିତ ଶ୍ରୀ ପୁରୁଷୋତ୍ତମ ମାସର ଶୁକ୍ଲପକ୍ଷ ଶ୍ରୀ ପୁରୁଷୋତ୍ତମ ଏକାଦଶୀ ପାବନ ଅବସରରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ଦ୍ୱାରା ପବିତ୍ର ପ୍ରାଚୀନଦୀ ତଟ ପଦ୍ମସମ୍ଭବ ପୀଠରେ ଶ୍ରୀ ଗୀତଗୋବିନ୍ଦ ଆସର ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ମାର୍ଗ ଦର୍ଶନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀ ଆରତୀ ପରେ ଦେବସ୍ଥଳୀରେ ସାମୁହିକ ଶ୍ରୀ ଶ୍ରୀ ଗୀତଗୋବିନ୍ଦ ଗାୟନ ସହ ରାଷ୍ଟ୍ର ଗୀତ ବନ୍ଦେ ମାତରଂ ଓ ବିଷ୍ଣୁଙ୍କ ସହସ୍ରନାମ ଗାୟନ କରାଯାଇଛି। ପରେ ପଣ୍ଡିତଙ୍କ ଠାରୁ ସମସ୍ତେ ପ୍ରାଚୀ ମହାତ୍ମ୍ୟ ଶ୍ରୀ ପୁରୁଷୋତ୍ତମ ମହାତ୍ମ୍ୟ ଓ ଶ୍ରୀ ପୁରୁଷୋତ୍ତମ ଏକାଦଶୀ ମହାତ୍ମ୍ୟ ଶ୍ରବଣ କହିଛନ୍ତି। ବୈଠକରେ ବରିଷ୍ଠ ଶିକ୍ଷାବିତ୍ ଡ. ସନ୍ତୋଷ କୁମାର ମିତ୍ର, ପ୍ରାଚୀ ମଣ୍ଡଳ ନାବାର୍ଡ କୃଷକ କ୍ଲବ୍ ମହାସଂଘର ସପଭାପତି ରାଧାଶ୍ୟାମ ପ୍ରଧାନ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ପ୍ରାଧାପକ ପଣ୍ଡିତ ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ନିଜେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଅଧିମାସକୁ ଶ୍ରୀ ପୁରୁଷୋତ୍ତମ ମାସ ନାମ ପ୍ରଦାନ କରିଥିବା କହିଥିଲେ।

# ୧୬ ବର୍ଷରୁ କମ୍ କ୍ରିକେଟ କପ୍

**ଖୋର୍ଦ୍ଧା,୨୮।୫/ଏନ୍‌ଏନ୍‌ଏସ୍:** ଜଟଣୀ କ୍ରିକେଟ ଏକାଡେମୀ ଦ୍ୱାରା ଆନୁକୂଲ୍ୟରେ ୧୬ ବର୍ଷରୁ କମ ବୟସର କ୍ରିକେଟ ଖେଳାଳିମାନଙ୍କୁ ନେଇ ଜଟଣୀ କ୍ରିକେଟ କପ୍ ୨୦୨୬ ସ୍ଥାନୀୟ ଜଟଣୀ ମହାବିଦ୍ୟାଳୟ ଖେଳପଡିଆଠାରେ ଆସନ୍ତା ମଇ ୩୧ ତାରିଖରୁ ଜୁନ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୮ଟି ଦଳ ଭାଗ ନେବେ। ଦଳଗୁଡିକ ୨ଟି ଗ୍ରୁପରେ ବାଣ୍ଟି ହୋଇ ଜଣକେ ୩ ଟି ଲେଖାଏ ଲିଗ ମ୍ୟାଚ ଖେଳିବେ। 'ଏ' ଗ୍ରୁପରେ ଜଟଣୀ କ୍ରିକେଟ ଏକାଡେମୀ, ଓସ୍କାର ଭୁବନେଶ୍ୱର, ସୋଲାର କଟକ, ସନ୍‌ସାଇନ ପିପିଲି ଦଳ ଥିବାବେଳେ 'ବି' ଗ୍ରୁପ୍‌ରେ ରାଇଜିଙ୍ଗ ଷ୍ଟାର କଟକ, ଖୋର୍ଦ୍ଧା, ଆର୍‌ଆର୍‌କେ, ଜେସିଏ ଦଳ ଅଛନ୍ତି ବୋଲି ଆୟୋଜନ କମିଟି ଜଟଣୀ କ୍ରିକେଟ ଏକାଡେମୀର ସଚିବ ମନୋହର ମେଣ୍ଡାଲି, ସଭାପତି ବେଣୁଧର ଦାସ, ଦୁଇ କୋଷାଧକ୍ଷ ସନ୍ତୋଷ ପଟ୍ଟନାୟକ ଓ ସନ୍ଦୀପ ପାଇକରାୟ ଏକ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି।

# ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଶୁଭଲକ୍ଷ୍ମୀଙ୍କ ସଫଳତା



**ଚାରିଛକ,୨୮।୫/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ କଳାପାଞ୍ଚଣ ପଞ୍ଚାୟତ ଗଡ଼ଇଟାପୋଖରୀ ଗ୍ରାମର ସର୍ବେଶ୍ୱର ପାତ୍ର ଓ ସସ୍ମିତା ପାତ୍ରଙ୍କ ଝିଅ ଶୁଭଲକ୍ଷ୍ମୀ ପାତ୍ର ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ) ପରୀକ୍ଷାରେ ୩୪ ର୍ୟାଙ୍କ ପାଇ ସଫଳତା ଅର୍ଜନ କରିଛନ୍ତି। ଶୁଭଲକ୍ଷ୍ମୀଙ୍କ ଏହି ସଫଳତା ଖବର ଶୁଣି ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।

# କୃଷକ ଉତ୍ପାଦକ କମ୍ପାନୀର ମୁଗମଣ୍ଡି ଉଦ୍‌ଘାଟିତ

**ଓଡ଼ଗାଁ,୨୮।୫/ଏନ୍‌ଏନ୍‌ଏସ୍:** ବିଶ୍ୱବ୍ୟାଙ୍କ ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକାର ମିଳିତ ସହଯୋଗରେ କାର୍ଯ୍ୟକାରି ହେଉଥିବା ରିୱାର୍ଡ ପ୍ରକଳ୍ପ ଅଧୀନରେ ଖଣ୍ଡପଡ଼ା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡର ଓଡ଼ଗାଁସ୍ଥିତ କାର୍ଯ୍ୟାଳୟଠାରେ ମଙ୍ଗଳବାର ମୁଗମଣ୍ଡି ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ପରିଡା,



ମଧୁସ୍ମିତା ବେହେରା, ସନ୍ତୋଷ ରାଉତରାୟ, ମାର୍କଫେଡ୍, ଗ୍ରାଣ୍ଟ ଥର୍ଣ୍ଟନ ଭାରତରୁ ଘନଶ୍ୟାମ ଜେନା, ଦେବାଶିଷ୍ ସାହାଣୀ, ଖଣ୍ଡପଡ଼ା କୃଷକ ଉତ୍ପାଦକ କମ୍ପାନୀର କର୍ମକର୍ତ୍ତା ଅନିଲ ସାହୁ, ରଙ୍କନିଧି ବେହେରା, ବଳରାମ ସ୍ୱାଇଁ ଉପସ୍ଥିତ ଥିଲେ। କମ୍ପାନୀର ଅଧକ୍ଷ ଅବଧୂତ ମହାରଣା ସଭାପତିତ୍ୱ କରିଥିଲେ। ଓଡ଼ଗାଁ ରିୱାର୍ଡ ଅଞ୍ଚଳଗୁଡ଼ିକରୁ ମୁଗ କ୍ରୟକୁ ସୁଦୃଢ଼ ଏବଂ ବଜାର ସଂଯୋଗକୁ ଉନ୍ନତ କରିବା ପାଇଁ ମୁଗମଣ୍ଡି ପ୍ରତିଷ୍ଠାର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ଖଣ୍ଡପଡ଼ା କୃଷକ ଉତ୍ପାଦକ କମ୍ପାନୀ ୫୦ଟନ୍ ମୁଗ କିଣିବା ପାଇଁ ଯୋଜନା ରଖିଥିବାବେଳେ ଉଦ୍‌ଘାଟନ ଉତ୍ସବରେ ୬ଜଣ ଚାଷୀଙ୍କ ଠାରୁ ୯କୁଇଣ୍ଟାଲ ମୁଗ କ୍ରୟ କରାଯାଇଥିଲା। ପ୍ରଥମକରି ଅଞ୍ଚଳରେ ଏଭଳି ସୁବିଧା ଉପଲବ୍ଧ ହୋଇଥିବାବେଳେ ମୁଗ କିଲୋପିଛା ୮୭ଟଙ୍କା ୬୭ପଇସା ରହିଛି। ଅପରପକ୍ଷେ ଅଞ୍ଚଳରେ ମୁଗର ଅଭାବୀ ବିକ୍ରି ବ୍ୟାପକ ଭାବେ ବଢ଼ି ଚାଲିଥିବାବେଳେ ଦଲାଲମାନେ ଚାଷୀଙ୍କଠାରୁ ୫୦ରୁ ୬୦ ଟଙ୍କାରେ କିଣି ବେଶ୍ ମାଲେମାଲ୍ ହେଉଥିଲେ। ମୁଗମଣ୍ଡି ଖୋଲିବା ପରେ ଦଲାଲଙ୍କ ବେପାରରେ ରୋକ୍ ଲାଗିଥିବା ବେଳେ ବହୁ ଚାଷୀ ଉଚିତ୍ ମୂଲ୍ୟରେ ବିକ୍ରୟ କରିବାକୁ ସୁଯୋଗ ପାଇବେ। ଉକ୍ତ ଉତ୍ସବକୁ ପ୍ରକଳ୍ପ ସଂଯୋଜକ ପଞ୍ଚାନନ ବୈଠାରୁ ପରିଚାଳନା କରିଥିଲେ।

# ମିଶନ ଓଡ଼ିଶା ସେଣ୍ଟ୍ ଜନ୍ ଆମ୍ବୁଲାନ୍ସର ପ୍ରାକ୍ ତାଲିମ୍

**ପୁରୀ,୨୮।୫/ଏନ୍‌ଏନ୍‌ଏସ୍:** ରଥଯାତ୍ରା କିମ୍ବା ହବିଷ୍ୟାଳି ସମୟର ସେବା ନୁହେଁ ବରଂ ଠାକୁରଙ୍କ ପ୍ରତିଟି ଯାନିଯାତ୍ରା ସମୟରେ ମିଶନ ଓଡ଼ିଶା ସେଣ୍ଟ ଜନ୍ ଆମ୍ବୁଲାନ୍ସ, ପୁରୀ ଯେପରି ଭକ୍ତ ପର୍ଯ୍ୟଟକଙ୍କୁ ସେବା ଦିଏ ତାହା ଅତୀବ ପ୍ରଶଂସନୀୟ ବୋଲି କହିଛନ୍ତି ପୁରୀର ଜରୁରୀକାଳୀନ ଅଧିକାରୀ ଅନୁଭବ ଗନ୍ତାୟତ। ଆଗାମୀ ରଥଯାତ୍ରା ଉପଲକ୍ଷେ ଡିଭିଜନ ତରଫରୁ ଓଡ଼ିଶା ସଙ୍ଗୀତ ପରିଷଦ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ତାଲିମ ଶିବିରକୁ ଉଦଘାଟନ କରି ସେଣ୍ଟ ଜନ୍ ଓଡ଼ିଶା ଶାଖାର ଅବୈତନିକ ସମ୍ପାଦକ ନିଧି କୁମାର ରାଉତରାୟ କହିଥିଲେ ଯେ ପ୍ରାଥମିକ ଚିକିତ୍ସା ମାଧ୍ୟମରେ ବ୍ରିଗେଡ୍‌ମାନେ ଯେପରି ଅସହାୟ ନିସହାୟଙ୍କୁ ସେବା ଦେଇଆସୁଛନ୍ତି ସେ ଦିଗରେ ପୁରୀ ଡିଭିଜନର ସେବାରେ ସମର୍ପଣ ଭାବକୁ ଏହି ଜାତି ସ୍ମରଣ ରଖିବ। ଡିଭିଜନର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ



ଅନ୍ୟତମ ଅତିଥି ଭାବେ ସମାଜସେବୀ ପ୍ରସନ୍ନ ମିଶ୍ର, ଆମ୍ବୁଲାନ୍ସର ୫୦ ବର୍ଷ ତଳର ପୁରାତନ ବ୍ରିଗେଡ୍ ବଦ୍ରି ମିଶ୍ର, ରେଡକ୍ରସର ବରିଷ୍ଠ କର୍ମକର୍ତ୍ତା ଜୟନ୍ତୀ ମହାପାତ୍ର ଓ ମଧୁମିତା ମହାପାତ୍ର, ଅନୁଷ୍ଠାନର ସ୍ୱାସ୍ଥ୍ୟ କର୍ମକର୍ତ୍ତା ପବିତ୍ର କୁମାର ପ୍ରଧାନ ଯୋଗ ଦେଇଥିଲେ। ଡିଭିଜନ କମାଣ୍ଡର ଅଜୟ ପ୍ରଧାନ, ବ୍ରିଗେଡ୍ ସବ୍ୟସାଚୀ ସେନାପତି ଓ ଅଜୟ ଦାସ ପ୍ରମୁଖଙ୍କ ପରିଚାଳନାରେ କାର୍ଯ୍ୟକ୍ରମରେ ସେଣ୍ଟ ଜନ୍ ଆମ୍ବୁଲାନ୍ସର ତାଲିମପ୍ରାପ୍ତ ବ୍ରିଗେଡ୍ ମାନଙ୍କୁ କେନ୍ଦ୍ର ଡିଭିଜନ୍‌ର ପ୍ରଶଂସାପତ୍ର ପ୍ରଦାନ କରାଯିବା ସହ ୨୦୨୫ ରଥଯାତ୍ରାର ସଫଳ ସେବା ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ୭୦ରୁ ଉର୍ଦ୍ଧ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

# ଓଡ଼ିଆ ଅନୁବାଦିତ ପୁସ୍ତକ 'ଭାମିନୀ ବିଳାସ' ଲୋକାର୍ପିତ

**ଓଡ଼ଗାଁ,୨୮।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ବାଣୀବୈଖରୀ ସାହିତ୍ୟ ପରିବାର ପକ୍ଷରୁ ଶାନ୍ତନୁ ବିଶୋଇଙ୍କ ଦ୍ୱାରା ଓଡ଼ିଆ ଅନୁବାଦିତ ଏବଂ କୋଠଘର ପ୍ରକାଶନ ଦ୍ୱାରା ପ୍ରକାଶିତ ଭାମିନୀ ବିଳାସ ପୁସ୍ତକର ଲୋକାର୍ପଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ମୂଳ ରଚନା ପଣ୍ଡିତରାଜ ଜଗନ୍ନାଥ ପଣ୍ଡିତ ଏବଂ ଶାନ୍ତନୁ ବିଶୋଇଙ୍କ ଦ୍ୱାରା ଓଡ଼ିଆ ଅନୁବାଦିତ ଭାମିନୀ ବିଳାସ ପୁସ୍ତକଟିକୁ ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଚନ୍ଦ୍ର ବିଜୟୀ ମିଶ୍ର ଏବଂ ଉପସ୍ଥିତ ଅତିଥି ମାନଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଇଥିଲା। ମୁଖ୍ୟବକ୍ତା ଶ୍ରୀ ମିଶ୍ର ଅନୁବାଦିତ କାବ୍ୟ ଭାମିନୀ ବିଳାସର ବ୍ୟାଖ୍ୟା କରିବାକୁ ଯାଇ କାବ୍ୟଟିକୁ ୪ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମଟି ପ୍ରାସ୍ତାବିକ ବିଳାସଃ, ଦ୍ୱିତୀୟଟି ଶୃଙ୍ଗାର ବିଳାସଃ, ତୃତୀୟ କରୁଣା ବିଳାସଃ



ଏବଂ ଚତୁର୍ଥଟି ଶାନ୍ତୋ ବିଳାସଃ ବୋଲି ଉପସ୍ଥାପନା କରିଥିଲେ। ସାମ୍ପ୍ରତିକ ସମୟରେ ଯୁବବର୍ଗଙ୍କ ଠାରୁ ଆରମ୍ଭକରି ବରିଷ୍ଠମାନଙ୍କ ନିମନ୍ତେ ରହିଥିବା ମାନବୀୟ ଉପଦେଶାବଳୀ ଏହାର ସାର ମର୍ମବୋଲି ଆଲୋକପାତ କରିଥିଲେ। ପୁସ୍ତକଟି ସମସ୍ତ ବର୍ଗର ପାଠକମାନଙ୍କ ପାଇଁ ଶିକ୍ଷଣୀୟ ହୋଇପାରିବ ବୋଲି ଆଲୋଚନା କରିଥିଲେ। ଅନ୍ୟଅତିଥି ମାନଙ୍କ ମଧ୍ୟରେ ଓଡ଼ଗାଁର ଖେଳମଣିଷ ତଥା ସାହିତ୍ୟିକ ଦିବାକର ନାୟକ, ସୁସାହିତ୍ୟିକା ଗୀତାଞ୍ଜଳୀ ମହାପାତ୍ର, ପ୍ରିୟମ୍ବଦା ଦାଶ, କବି ପ୍ରଫୁଲ ମାଝୀ, ଲେଖକ ପରିଷଦ ସମ୍ପାଦକ ଶେଖ୍ ଅବଦୁଲ୍ ଖାଲିକ୍, ମା' ଫାଉଣ୍ଡେସନର ସମ୍ପାଦକ ରଞ୍ଜନରଶ୍ମୀ ଜେନା, ବରିଷ୍ଠ ସମାଜସେବୀ ସୁସାହିତ୍ୟିକ ଶ୍ରୀଧର ପ୍ରଧାନ, କବି ଗୋପୀନାଥ ସେଠୀ, ଯଶୋବନ୍ତ ପଟ୍ଟନାୟକ, ନିରାକାର ସ୍ୱାଇଁ, ପରମ୍ପରାର ସମ୍ପାଦକ ନିର୍ମଳ ଚନ୍ଦ୍ର ଶୁରଦେଓ, ଜୟ ନୟାଗଡ଼ ଫାଉଣ୍ଡେସନର ପ୍ରତିଷ୍ଠାତା ଶେଖ୍ ଅବଦୁଲ୍ ଆହାଦ, ବରିଷ୍ଠ ସାମ୍ବାଦିକ ଆଦର୍ଶ ପଟ୍ଟନାୟକ, ରେଣୁବାଳା ସୁବୁଦ୍ଧି ପ୍ରମୁଖ ଯୋଗଦେଇ କବି, ଲେଖକ ତଥା ସ୍ତମ୍ଭକାର ଶାନ୍ତନୁ ବିଶୋଇଙ୍କୁ ଉତ୍ସାହିତ କରିବା ସହିତ ଲେଖନୀ ଅଧିକରୁ ଅଧିକ ସଶକ୍ତ ହେଉ ବୋଲି ସୁଭାଶିଷ ପ୍ରଦାନ କରିଥିଲେ। 'ଭାମିନୀ ବିଳାସ' ପୁସ୍ତକଟି ପାଠକୀୟ ଆଦୃତ୍ତି ଲାଭକରିବ ବୋଲି ସମସ୍ତେ ଆଶାପ୍ରକଟ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ଅଶୋକ ମହାପାତ୍ର ସଂଯୋଜନା କରିଥିବା ବେଳେ ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ଚାଲିଛି ବେଆଇନ୍ ଇଟାଭାଟି: ଅଚିନ୍ତାରେ ପ୍ରଶାସନ

**କୁଆଁପାଳ,୨୮।୫/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକରେ ମାଟିଇଟା ପକାଯାଇ ଶହ ଶହ ଭାଟି ପୋଡାଯାଉଥିବା ଅଭିଯୋଗ ହେଉଛି। ଏହା ଏକ କୁଟୀର ଶିଳ୍ପରେ ପରିଣତ ହୋଇଛି। ହେଲେ ବେଧଡକ ଇଟା ବ୍ୟବସାୟ ଚାଲିଥିଲା ବେଳେ ପ୍ରଶାସନ ହାତବାନ୍ଧି ବସିଛି। ପୂର୍ବରୁ ବାଲିଘାଟ, ମାଟିଉଠା, ଇଟା ପକାଇବାର ଦାୟିତ୍ୱ ତହସିଲ ପ୍ରଶାସନ



ବୁଝିଥିଲା। ବିଗତ ସରକାର ଅମଳରେ ତହସିଲ ପ୍ରଶାସନ ଠାରୁ ଏହି ଦାୟିତ୍ୱ ସରକାର କାଢ଼ିନେଲା ପରେ ଏବେ ବାଲିମାଫିଆ, ଇଟାମାଫିଆ ଓ ମାଟି ମାଫିଆ ମାନେ ସକ୍ରିୟ ହୋଇଛନ୍ତି। ଫଳରେ ରାଜ୍ୟସରକାର ପ୍ରତିବର୍ଷ ଲକ୍ଷ ଲକ୍ଷ ରାଜସ୍ୱ ହରାଉଛନ୍ତି। ଅପର ପକ୍ଷରେ ପ୍ରବଳ ଗ୍ରୀଷ୍ମ ସମୟରେ ଇଟାଭାଟି ପୋଡାଯାଉଥିବାରୁ ସାଧାରଣ ଲୋକ ନାହିଁ ନଥିବା ସମସ୍ୟା ଭୋଗୁଥିଲା ବେଳେ ଗ୍ରୀଷ୍ମର ପ୍ରଭାବ ବୃଦ୍ଧି ପାଉଛି। ଯାହାକି ମୂଳବସନ୍ତ ପଂଚାୟତରେ ଦେଖିବାକୁ ମିଳିଛି। ଏପରିକି ମାହାଙ୍ଗାର ବିଭିନ୍ନ ଅଞ୍ଚଳରେ ଇଟା ବ୍ୟବସାୟୀ ମାନେ ଇଟାଭାଟି ପୋଡୁଛନ୍ତି। ଏଣୁ କଟକ ଜିଲ୍ଲାପାଳ ତୁରନ୍ତ ଇଟାଭାଟି ଲିଭାଇବା ପାଇଁ ପଦକ୍ଷେପ ଗ୍ରହଣ କରିବା ସହିତ ଇଟା ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଯୁକ୍ତଦୁଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଖଣ୍ଡପଡ଼ା,୨୮।୫/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ୬ଟି ମହାବିଦ୍ୟାଳୟର ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ଶ୍ରେଣୀର ୧୧ଜଣ ଟପ୍ପର ଛାତ୍ରଛାତ୍ରୀଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଖଣ୍ଡପଡା ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ ଜିଲ୍ଲା ସଂସଦ ପ୍ରତିନିଧି ଗୟାଧର ପରିଡା, ବ୍ଲକ ସଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ଯୁବ ସମାଜସେବୀ ଚିତ୍ତରଞ୍ଜନ ମିଶ୍ର, ବରିଷ୍ଠ ସାମ୍ବାଦିକ ଭବାନୀ ଶଙ୍କର ସିଂହସାମନ୍ତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଲକ୍ଷ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ଯୁକ୍ତ ୨ କଳା ପରୀକ୍ଷାରେ ସମଗ୍ର ନୟାଗଡ ଜିଲ୍ଲାସ୍ତରରେ ସର୍ବାଧିକ ୫୬୪ ନଂ ରଖିଥିବା ପଠାଣି ସାମନ୍ତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟା ଶେଫାଳିକା ମହାପାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବିଜ୍ଞାନ ପରୀକ୍ଷାରେ ଟପ୍ପର ହୋଇଥିବା ପଠାଣି ସାମନ୍ତ ମହାବିଦ୍ୟାଳୟର ଛାତ୍ରୀ ତୁଳସୀ ନାୟକ, କଳା ପରୀକ୍ଷାରେ ଟପ୍ପର ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀ ଶ୍ରାବଣୀ ପ୍ରଧାନ, କଳା ଓ ବିଜ୍ଞାନରେ ଟପ୍ପର ହୋଇଥିବା ନୀଳମାଧବ ମହାବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ବେହେରା, ଦିପ୍ତିକ୍ରିଷ୍ଣା ପୃଷ୍ଟି, କଳାରେ କୁମ୍ଭାରପଡା ମହାବିଦ୍ୟାଳୟର ଛାତ୍ର ଅଭିଷେକ ନାୟକ, କଳାରେ ଭାପୁର ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ର ଚିଣ୍ଟୁ ଖୁଣ୍ଟିଆ,ବାଣିଜ୍ୟ ଓ ବିଜ୍ଞାନରେ ଟପ୍ପର ହୋଇଥିବା ପ୍ରହଲ୍ଲାଦ ମହାବିଦ୍ୟାଳୟ ପଦ୍ମାବତୀର ଛାତ୍ରୀ ସାଇସ୍ମିତା ସାହୁ ଓ ଫିଜଲି ମଲ୍ଲିକଙ୍କ ସମେତ ବିଜ୍ଞାନରେ ଟପ୍ପର ହୋଇଥିବା ନୟାଗଡ ସହରସ୍ଥିତ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଛାତ୍ରୀ ଶ୍ରୁତିକିରଣ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଛାତ୍ର ରାଜେଶ ବିଶୋଇ ଓ ଗାଇଡ୍ ଶିକ୍ଷକ ଧନେଶ୍ୱର ମଲ୍ଲଙ୍କୁ ମଧ୍ୟ ଏ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ହରିଶ୍ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଅଧାପକ ଅଜିତ ବସନ୍ତରାୟଙ୍କ ସମେତ ବରିଷ୍ଠ ସାମ୍ବାଦିକମାନେ ସହଯୋଗ କରିଥିଲେ।

# ଦର୍ଶନ ପରିବାରର ବନ୍ଧୁମିଳନ



**ଅସ୍ତରଙ୍ଗ,୨୮।୫/ଏନ୍‌ଏନ୍‌ଏସ୍:** ଏକ ବିଶେଷ ଅବସରରେ ଖବରକାଗଜ ଦର୍ଶନ ପରିବାର ତରଫରୁ ରାଜ୍ୟସ୍ତରୀୟ ବନ୍ଧୁମିଳନ ପୁରୀ ଜିଲ୍ଲା କାକଟପୁର ସ୍ଥିତ ମୋତିକଲ୍ୟାଣୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଦର୍ଶନର ପରିଚାଳିକା ପ୍ରସ୍ମିତା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ସନ୍ଥ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍ ପ୍ରଶାନ୍ତ ଭଦ୍ରା ଓ ଦର୍ଶନର ସମ୍ପାଦକ ବିଭୁତି ଭୂଷଣ ନାୟକଙ୍କ ସହ ବିଭିନ୍ନ ଅଞ୍ଚଳରୁ ଆସିଥିବା ସାମ୍ବାଦିକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଉପସ୍ଥିତ ଅତିଥି ମାନେ ପ୍ରଥମେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କୁ ଦର୍ଶନ କରିଥିଲେ। ସାମ୍ବାଦିକମାନେ ସତ୍ୟକୁ ଉଜାଗର କରିବା ପାଇଁ ଦିନରାତି ଅହରହ ପରିଶ୍ରମ କରିଥାନ୍ତି, ସେଥିପାଇଁ ସାମ୍ବାଦିକମାନେ କୌଣସି ସାଧୁସନ୍ଥଠୁ କମ୍ ନୁହନ୍ତି ବୋଲି ସମ୍ପାଦକ ଶ୍ରୀ ନାୟକ କହିଥିଲେ। ପରେ ସମସ୍ତ ପ୍ରତିନିଧିମାନଙ୍କୁ ଏବଂ କାକଟପୁର ପ୍ରେସ୍ କ୍ଲବ୍‌ର ସଭାପତି କମଳ ଲୋଚନ ଦୀକ୍ଷିତ ଓ ସମସ୍ତ ସଭ୍ୟମାନଙ୍କୁ ଉପସ୍ଥିତ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ କାକଟପୁର ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ଅସ୍ତରଙ୍ଗ ପ୍ରତିନିଧି ସୁଧୀର ରଞ୍ଜନ କର ପରିଚାଳନା କରିଥିଲେ।

# ରାୟଗଡ଼ାର ନୂତନ ଏସ୍‌ପିଙ୍କ ଦାୟିତ୍ୱଗ୍ରହଣ



**ରାୟଗଡ଼ା,୨୮।୫/ଏନ୍‌ଏନ୍‌ଏସ୍:** ୨୦୧୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ରାଜ ପ୍ରସାଦ ରାୟଗଡ଼ା ଜିଲ୍ଲାର ନୂତନ ଏସ୍‌ପି ଭାବେ ଦାୟିତ୍ୱଗ୍ରହଣ କରିଛନ୍ତି। ସେ ପୂର୍ବରୁ ଓଡ଼ିଶା ପୁଲିସ୍‌ର ସ୍ୱତନ୍ତ୍ର ଶାଖାରେ ପୁଲିସ ଅଧୀକ୍ଷକ ଭାବେ କାର୍ଯ୍ୟ କରିଥିଲେ। ରାଜ ପ୍ରସାଦ ମୂଳତଃ ବିହାର ବାସିନ୍ଦା। ସେ ଜଣେ ବିକମ୍ ସ୍ନାତକ। ସେ ଡିସେମ୍ବର ୨୦୧୮ରେ ଆଇପିଏସ୍ ସେବାରେ ଯୋଗ ଦେଇଥିଲେ। ବିବାହ ଆଧାରରେ ତାଙ୍କୁ ଅଗଷ୍ଟ ୨୦୨୨ରେ କେରଳରୁ ଓଡ଼ିଶା କ୍ୟାଡର୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ସେ ପୂର୍ବରୁ ରାୟଗଡ଼ାରେ ଅତିରିକ୍ତ ପୁଲିସ୍ ଅଧୀକ୍ଷକ ଭାବେ କିଛିଦିନ କାର୍ଯ୍ୟରତ ଥିଲେ। ରାୟଗଡ଼ାରେ ତାଙ୍କର ପୂର୍ବ ଅଭିଜ୍ଞତା, ଭୌଗୋଳିକ ପରିସ୍ଥିତି ଓ ଆଇନ ଶୃଙ୍ଖଳା ଚ୍ୟାଲେଞ୍ଜ ବିଷୟରେ ସେ ଭଲ ଭାବେ ଅବଗତ ଅଛନ୍ତି। ସେ ବୌଦ୍ଧ ଏବଂ ବାଲେଶ୍ୱରର ପୁଲିସ୍ ଅଧୀକ୍ଷକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କର ନୂତନ ଦାୟିତ୍ୱ ପରେ ସେ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ସହ ପୁଲିସ୍ ଓ ପବ୍ଲିକ୍ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା, ଜିଲ୍ଲାର ନାରୀ ସୁରକ୍ଷା ଏବଂ ତାଙ୍କ ସମ୍ମାନ ପ୍ରତି ପ୍ରାଥମିକତା ଦିଆଯିବ ବୋଲି କହିଥିଲେ। ଅପରାଧ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ୍ ହୁଅନ୍ତୁ ବୋଲି ଅପରାଧୀଙ୍କୁ ଏସ୍‌ପି କହିଛନ୍ତି। ଅନ୍ୟପଟେ ବିଦାୟୀ ରାୟଗଡ଼ା ଏସ୍‌ପି ସ୍ୱାତୀ ଏସ୍ କୁମାରଙ୍କୁ ଭୁବନେଶ୍ୱର ସ୍ପେଶାଲ୍ ଟାସ୍କଫୋର୍ସ (ଏସ୍‌ଟିଏଫ୍)କୁ ବଦଳି କରାଯାଇଛି।

# କର୍ମୀ ସମ୍ମିଳନୀରେ ସରକାରଙ୍କୁ ଭକ୍ତଙ୍କ ଟାର୍ଗେଟ୍



**ରାୟଗଡ଼ା,୨୮।୫/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା କଂଗ୍ରେସ୍ କମିଟି ପକ୍ଷରୁ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିସିସି ସଭାପତି ଭକ୍ତ ଦାସ ଯୋଗଦେଇ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ଶ୍ରୀ ଦାସ କହିଥିଲେ ଯେ ଅବିଭକ୍ତ କୋରାପୁଟ ଜିଲ୍ଲା ହେଉଛି କଂଗ୍ରେସର ଗଡ଼। ଏଠାରେ କଂଗ୍ରେସ ସାଂସଦ ଭାବେ ଦୁଇ ଦୁଇଥର ଏବଂ ଗତ ସାଧାରଣ ନିର୍ବାଚନରେ ବିଧାୟକମାନେ ବହୁମାତ୍ରା ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହି ଗଡ଼କୁ ହାତେଇବା ପାଇଁ ବିଜେପି ସରକାର ବାରମ୍ବାର ଏଠାକୁ ଆସି ବିଭିନ୍ନ ପ୍ରତିଶ୍ରୁତି ଦେଇ ଏଠାକାର ଲୋକଙ୍କୁ ଭୁଆଁ ବୁଲାଇ ନିଜ ଆଡ଼କୁ ନେବାପାଇଁ ଚେଷ୍ଟା କରୁଛି ଯାହା ହେବାକୁ ଦିଆଯିବ ନାହିଁ। ଲୋକଙ୍କୁ ଆଗରୁ ଯେଉଁ ସରକାରୀ ସୁବିଧା ମିଳୁଥିଲା ତାହା ବିଜେପି ସରକାର ବନ୍ଦ କରିଦେଇଛି । ମାତ୍ର ୨ ବର୍ଷରେ ସରକାର ଗରିବ ଆଦିବାସୀଙ୍କ ପାଣି, ପବନ, ଜମି ଓ ଜଙ୍ଗଲ ବିଭିନ୍ନ କମ୍ପାନୀଙ୍କୁ ଟେକିଦେବା ପାଇଁ ପ୍ରୟାସ ଆରମ୍ଭ କରିଛି। ତେଣୁ କଂଗ୍ରେସ୍ କର୍ମୀ ଗାଁ ମୁହାଁ ହୋଇ ଘର ଘର ବୁଲି ସରକାର ବିରୋଧରେ ଲୋକଙ୍କୁ ବୁଝାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଏକ ମାସ ମଧ୍ୟରେ ଜିଲ୍ଲାର ବିଭିନ୍ନ ବ୍ଲକ୍ କମିଟି, ପଞ୍ଚାୟତ କମିଟି ଓ ବୁଥ୍ କମିଟି ଗଠନ କାମ ସାରି ଦେବାକୁ କର୍ମୀଙ୍କୁ କହିଥିଲେ।

ଶ୍ରୀ ଦାସ ଆହୁରି କହିଥିଲେ ଯେ ଏହି ସବୁ କମିଟି ଗଠନ ପରେ ପ୍ରତିଦିନ ପ୍ରତ୍ୟେକ ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯିବ ଏବଂ ବିଭିନ୍ନ ବ୍ଲକ୍‌ରେ ମଧ୍ୟ ପ୍ରତିଦିନ ପଦଯାତ୍ରା ଅନୁଷ୍ଠିତ ହେବ। ଏହିସବୁରେ ମୁଁ ନିଜେ ଉପସ୍ଥିତ ରହି କର୍ମୀଙ୍କୁ ଉତ୍ସାହିତ କରିବି। ଜିଲ୍ଲାର କଂଗ୍ରେସ କର୍ମୀଙ୍କ ଉପରେ ମୋର ବିଶ୍ୱାସ ରହିଛି । ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ, ପୌରପରିଷଦ ନିର୍ବାଚନ ଓ ୨୦୨୯ର ସାଧାରଣ ନିର୍ବାଚନରେ କଂଗ୍ରେସ ବହୁ ମାତ୍ରାରେ ଭୋଟ୍ ପାଇ ଜୟଯୁକ୍ତ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ସମ୍ମାନିତ ଅତିଥିଭାବେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲକା ଯୋଗଦେଇ ଦିନକୁଦିନ ଅବିଭକ୍ତ କୋରାପୁଟ କଂଗ୍ରେସ ସୁଦୃଢ଼ ହେବାରେ ଲାଗିଛି ବୋଲି କହିଥିଲେ। ଯେଉଁ ଦଳ ଯେତେ ଜୋର୍ ଲଗାଇଲେ ବି ଜିଲ୍ଲା କଂଗ୍ରେସ୍ ହାତରୁ ଜମାରୁ ଯିବନି। ଏଠାକୁ ଆସୁଥିବା ସମସ୍ତ କାମକୁ ବିଜେପି ଆମର କହି ନିଜ କର୍ମୀଙ୍କୁ କାମ ଦେବାକୁ କହୁଥିବା ମୋ ପାଖରେ ଅଭିଯୋଗ ଆସିଛି। ତେଣୁ ମୁଁ ଜିଲ୍ଲାପାଳ, ବିଡିଓ ଓ ସମସ୍ତ ଅଧିକାରୀଙ୍କୁ ଚେତାବନୀ ଦେଉଛି ଯଦି କୌଣସି ପ୍ରଶାସନିକ ଅଧିକାରୀ ଏଭଳି କାମରେ ଜଡ଼ିତ ରୁହନ୍ତି ତା'ହେଲେ ଏହାର ଉଚିତ୍ ଜବାବ ଦିଆଯିବ। ଏଥିରେ ହସ୍ତକ୍ଷେପ କରି ମୋ କଂଗ୍ରେସ କର୍ମୀ ଯଦି ଜେଲ୍ ଯାଆନ୍ତି ତା'ହେଲେ ଆମେ କ'ଣ କରିବା ଉଚିତ୍ ତାହା କରିବୁ ବୋଲି ଶ୍ରୀ ଉଲ୍ଲକା କହିଥିଲେ। ସମସ୍ତ କଂଗ୍ରେସ କର୍ମୀ ଏକ ହୋଇ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ତ ସୁଖଦୁଃଖରେ ସାମିଲ୍ ହେବାକୁ ଜିଲ୍ଲାର କଂଗ୍ରେସ କର୍ମୀଙ୍କୁ ଶ୍ରୀ ଉଲ୍ଲକା ଗୁରୁମନ୍ତ୍ର ଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ ସମସ୍ତ ଜିଲ୍ଲା ସଭାପତିଙ୍କ ସହିତ ପୂର୍ବତନ ବିଧାୟକ ବଳଭଦ୍ର ମାଝୀ, ପୂର୍ବତନ ଜିଲ୍ଲା କଂଗ୍ରେସ ଅଧ୍ୟକ୍ଷ ତଥା ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ରାୟଗଡ଼ା ବିଧାୟକ କାଡ୍ରାକା ଆପଲସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା ଓ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସହିତ ଅନ୍ୟମାନେ ମଞ୍ଚାସୀନ ଥିଲେ।

# ଦର ବୃଦ୍ଧି ବିରୋଧରେ ବିଜେଡିର ବିକ୍ଷୋଭ




**ମାଲକାନଗିରି,୨୮।୫/ଏନ୍‌ଏନ୍‌ଏସ୍:** ବିଜେପି ସରକାରରେ ପେଟ୍ରୋଲ୍, ଡିଜେଲ୍ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ହୋଇଛି। ଏହି ପ୍ରତିବାଦରେ ମାଲକାନଗିରି ସହରର ସମସ୍ତ ପେଟ୍ରୋଲ୍ ପମ୍ପ୍‌ରେ ମାଲକାନଗିରି ଜିଲ୍ଲା ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ଜୋରଦାର୍ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧର ଆଳ ଦେଖାଇ ପେଟ୍ରୋଲ୍ ଓ ଡିଜେଲ୍‌ର ଦରବୃଦ୍ଧି କରି ସରକାର ସାଧାରଣ ଜନତାଙ୍କୁ ଶୋଷଣ କରୁଥିବାରୁ ଜିଲ୍ଲା ବିଜେଡି ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ଅଶୋଧିତ ତୈଳ ବ୍ୟାରେଲ୍ ପିଛା ୬୦ ଡଲାର୍ ଥିବାବେଳେ ଲୋକଙ୍କଠାରୁ ତୈଳ କମ୍ପାନୀମାନେ ଲାଭ କମାଇଥିଲେ। ଏବେ ଯୁଦ୍ଧର ଆଳ ଦେଖାଇ ଗତ ୧୫ ଦିନ ଭିତରେ ଭାରତ ସରକାର ଲଗାତାର ଭାବେ ୪ଥର ତୈଳ ଦର ବୃଦ୍ଧି କରି ସାଧାରଣ ଖାଉଟିଙ୍କ ଉପରେ ଦରଦାମ୍‌ର ବୋଝ ଲଦି ଦେଇଛନ୍ତି। ଲଗାତାର ଭାବେ ତୈଳ ଦର ବୃଦ୍ଧି ଓ ସଙ୍କଟ ଯୋଗୁ ପରିବହନ ସେବା ବାଧାପ୍ରାପ୍ତ ହୋଇଛି। ଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଗୁଡ଼ିକର ୮୦ ପ୍ରତିଶତ ମାଲିକାନା ଘରୋଇକରଣ ହୋଇଥିବାରୁ ଆଜି ସେମାନଙ୍କ ସ୍ୱାର୍ଥ ପାଇଁ ସରକାର ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଉଛନ୍ତି। ଦରବୃଦ୍ଧି ଯୋଗୁ ସାଧାରଣ ଖାଉଟିଙ୍କ ହାଣ୍ଡିଶାଳ ଉପରେ ଚଡ଼କ ପଡ଼ିଛି। ବିଜେପି ବିରୋଧୀ ଦଳରେ ଥିବାବେଳେ ପେଟ୍ରୋଲ୍ ଓ ଡିଜେଲ୍‌କୁ ଡି ଭ୍ୟାଟ୍ ମୁକ୍ତ କରି ଜିଏସ୍‌ଟି ଅନ୍ତର୍ଭୁକ୍ତ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଉଥିଲା। ଆଜି ସେମାନେ ସରକାର ଥିବାବେଳେ ତାହାକୁ ଲାଗୁ ନକରି ତୈଳଦର ବାରମ୍ବାର ବୃଦ୍ଧି କରି ସାଧାରଣଜନତାଙ୍କ ସହିତ ବେଇମାନି କରୁଛନ୍ତି। ଭାରତର ବନ୍ଧୁ ରାଷ୍ଟ୍ର ଋଷିଆ ଓ ଇରାନ୍ ଅଶୋଧିତ ତୈଳ କମ୍ ମୂଲ୍ୟରେ ଯୋଗାଇବା ପାଇଁ ପ୍ରସ୍ତୁତ ଥିବାବେଳେ ଭାରତ ସରକାର କ'ଣ ପାଇଁ ସେମାନଙ୍କଠାରୁ ଅଶୋଧିତ ତୈଳ କିଣୁନାହିଁ ବୋଲି ପ୍ରଶ୍ନ ଉଠିଛି। କେଉଁ ଅଦୃଶ୍ୟ ଶକ୍ତି ଚାପରେ ଭାରତ ସରକାର ଭେନେଜୁଆଲ୍ ଓ ଆମେରିକାଠାରୁ ଚଢ଼ା ଦରରେ ଅଶୋଧିତ ତୈଳ କିଣୁଛନ୍ତି ତାହା ଦେଶବାସୀଙ୍କୁ ଜଣାନ୍ତୁ ବୋଲି ଜିଲ୍ଲା ବିଜେଡି ପ୍ରତିବାଦ କରିଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମୀ ମୁଖ୍ୟ ଭାବେ ଯୋଗ ଦେଇଥିବାବେଳେ ବିଜେଡିର ଅନ୍ୟତମ ପ୍ରମୁଖ ନେତୃତ୍ୱ ମଧ୍ୟରେ ମାଲକାନଗିରି ଜିଲ୍ଲା ବିଜେଡି ବରିଷ୍ଠ ନେତା ତଥା ରାଜ୍ୟ ବିଜେଡି ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ, ରାଜ୍ୟ ବିଜୁ ମହିଳା ସମ୍ପାଦିକା ଲକ୍ଷ୍ମୀପ୍ରିୟା ନାୟକ, ବିଜେଡି ଜିଲ୍ଲା ଉପସଭାପତି ପ୍ରଫୁଲ୍ଲ ପଣ୍ଡା, ବିଜେଡି ଉପସଭାପତି ଉଦୟନାଥ ମାଦ୍ରୀ, ବରିଷ୍ଠ ଆଇନଜୀବୀ ତଥା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ତୁରୁକ, ବିଜେଡି ସମ୍ପାଦକ ବିକାଶ ମଣ୍ଡଳ, ବିଜେଡି ସମ୍ପାଦକ କେ ରାହୁଲ, ବିଜେଡି ସମ୍ପାଦକ କଣ୍ଟେଶ ପୋଟଲା, ବିଜେଡି ନେତା ନିରୋଦ ରାୟ, ବିଜେଡି ଜିଲ୍ଲା ଯୁବ ସଭାପତି ଶ୍ରୀନିବାସ ମୁଦୁଲି, ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ, ଜିଲ୍ଲା ଛାତ୍ର ସଭାପତି ସୁବ୍ରତ କୁମାର ଦାସ, ପୌର ଉପାଧ୍ୟକ୍ଷା କବିତା ମହନ୍ତ ଓ ରାକେଶ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

### ଭାରରେ ଗର୍ଭବତୀଙ୍କୁ ବୁହା ଘଟଣା

# ନବଜାତ ଯାଆଁଳା ଶିଶୁ ମୃତ, ପହଞ୍ଚିଲା ବ୍ଲକ୍ ପ୍ରଶାସନ





**ପାଟଣାଗଡ଼,୨୮।୫/ଏନ୍‌ଏନ୍‌ଏସ୍:** ଖପ୍ରାଖୋଲ ବ୍ଲକ୍ ଘୁନସର ପଞ୍ଚାୟତ ଚଚରାଭଟା ଗାଁର କୋଶଲପଡ଼ାରେ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ପହଞ୍ଚି ନପାରିବାରୁ ଏକ ଖଟିଆରେ ଗର୍ଭବତୀଙ୍କୁ ବୋହି ପରିବାର ଲୋକେ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ଆମ୍ବୁଲାନ୍ସ ପ୍ରଥମେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା ପରେ ମହିଳା ଜଣକ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ହେଲେ ଆଉ ଏକ ଶିଶୁ ପେଟର ଥିବା ଜାଣି ତାଙ୍କୁ ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ମଧ୍ୟ ଏକ ଶିଶୁ ଜନ୍ମ ହୋଇଥିବାବେଳେ ଶିଶୁମାନେ ଦୁର୍ବଳ ଥିବା ଦେଖି ଡାକ୍ତର ବଲାଙ୍ଗୀର ଭୀମଭୋଇ ମେଡିକାଲ୍ କଲେଜ ହସ୍ପିଟାଲ୍‌କୁ ପଠାଇଥିଲେ। ହେଲେ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ଦୁଇ ଯାଆଁଳା ଶିଶୁଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ସୂଚନାନୁସାରେ ଚଚରାଭଟା ଗ୍ରାମର କୋଶଲପଡ଼ାର ରୋହିତ ଧରୁଆଙ୍କ ସ୍ତ୍ରୀ ସୀମା ଧରୁଆ ଗର୍ଭ ଯନ୍ତ୍ରଣା ଅନୁଭବ କରିବାରୁ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ମୂଳଗ୍ରାମଠାରୁ କୋଶଲପଡ଼ା ଦେଢ଼ କିଲୋମିଟରରୁ ଅଧିକ ଦୂର ଥିବାବେଳେ ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନଥିବାରୁ ଭାରରେ ବୋହି ଆମ୍ବୁଲାନ୍ସ ପାଖକୁ ଅଣାଯାଇଥିଲା। ପଡ଼ାବାସୀ ଅନେକ ଦିନରୁ ରାସ୍ତା ପାଇଁ ଦାବି କରିଆସୁଥିଲେ ବି କେହି ଶୁଣୁନଥିବାରୁ ଆଜି ତାଙ୍କର ଦୁଇ ସନ୍ତାନ ନଷ୍ଟ ହୋଇଯାଇଛି ବୋଲି ଅତି ଦୁଃଖର ସହିତ ରୋହିତ ଧରୁଆ କହିଛନ୍ତି। ଏନେଇ ସୂଚନାପାଇ ଖପ୍ରାଖୋଲ ପ୍ରଶାସନ ଏହି ପଡ଼ାରେ ବୁଧବାର ସକାଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକଙ୍କ ସହିତ ଅନ୍ୟମାନେ ଘଟଣା ବିଷୟରେ ପଚାରି ବୁଝିଥିବା ଜଣାଯାଇଛି। ଏନେଇ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପଚାରିବାରୁ ପଡ଼ାକୁ ରାସ୍ତା ନାହିଁ। ତହସିଲଦାର୍‌ଙ୍କୁ ସରକାରୀ ସ୍ଥାନ ଚିହ୍ନଟ ପାଇଁ ଲେଖିଛି। ସରକାରୀ ସ୍ଥାନ ମିଳିଲେ ଆଗାମୀ ଦିନରେ ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ମୃତକଙ୍କ ପରିବାରକୁ ଭେଟିଲା ବିଜେପି ପ୍ରତିନିଧି ଦଳ

**ମ.ରାମପୁର,୨୮।୫/ଏନ୍‌ଏନ୍‌ଏସ୍:** ଶୌଚାଳୟ ଛାତ ସେଣ୍ଟ୍ରିଙ୍ଗ କାମ ସମୟରେ ଘଟିଥିବା ଦୁର୍ଘଟଣାରେ ମୃତ ୬ ଜଣଙ୍କ ପରିବାରବର୍ଗଙ୍କୁ କଳାହାଣ୍ଡି ଜିଲ୍ଲା ବିଜେପି ପକ୍ଷରୁ ସମବେଦନା ଜଣାଯାଇଛି। ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୃତକଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କୁ ଭେଟି ଶୋକପ୍ରକାଶ କରିଥିଲେ। ଏହି ଦୁଃଖଦ ଘଟଣାରେ ଦଳ ପରିବାରବର୍ଗଙ୍କ ସହ ରହିଛି ଏବଂ ଆଗାମୀ ଦିନରେ ଆବଶ୍ୟକ ସହଯୋଗ ଯୋଗାଇବା ପାଇଁ ସମସ୍ତ ପ୍ରୟାସ କରାଯିବ ବୋଲି କୁହାଯାଇଥିଲା। ଏହି ପ୍ରତିନିଧି ଦଳରେ ଜିଲ୍ଲା ଉପସଭାପତି ପଦ୍ମଲୋଚନ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ (ଓବିସି ମୋର୍ଚ୍ଚା) ପ୍ରତାପ ଚନ୍ଦ୍ର ବାଗ, ମ.ରାମପୁର ମଣ୍ଡଳ ସଭାପତି ଯଜ୍ଞସେନ ପଣ୍ଡା, ମୋହନଗିରି ମଣ୍ଡଳ ସଭାପତି ଖ୍ରୀଷ୍ଟଦତ୍ତ ରାଉତ, ମ.ରାମପୁର ମଣ୍ଡଳ ସମ୍ପାଦକ ଦେବଦତ୍ତ ପ୍ରହରାଜ, ନିର୍ମଳ ମହାଖୁଡ଼ ଓ ଯଜନ ବିଭାର ପ୍ରମୁଖ ଉପସ୍ଥିତ ଥିଲେ।



# ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



**ବଲାଙ୍ଗୀର,୨୮।୫/ଏନ୍‌ଏନ୍‌ଏସ୍:** ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବଲାଙ୍ଗୀର ଜିଲ୍ଲା ଗସ୍ତ କରି କୃଷି ଓ ଗ୍ରାମ୍ୟ ବିକାଶ ସମ୍ପର୍କିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଦେଓଗାଁସ୍ଥିତ ଚିନି କଳ ପରିଦର୍ଶନ କରି ଏହାର ପୁନରୁଦ୍ଧାର ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଚିନିକଳ ପୁନରୁଦ୍ଧାର ହେଲେ ବଲାଙ୍ଗିର ଚାଷୀ ଅଧିକ ସଶକ୍ତ ହେବେ ଏବଂ ଜିଲ୍ଲାର ଅର୍ଥନୀତିରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ। ଚିନି କଳ ପୁନଃ ଚାଲିଲେ ଚାଷୀମାନେ ଚାଷ କ୍ଷେତ୍ରରେ ଉନ୍ନତି କରିପାରିବେ। ଏହାର ଶୀଘ୍ର ପୁନରୁଦ୍ଧାର ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ପରେ ସେ କୃଷକଙ୍କ ପାଇଁ ସୁସଂଗଠିତ ଓ ସୁଦୃଢ଼ ବଜାର ବ୍ୟବସ୍ଥା ନିମନ୍ତେ ପାଟଣାଗଡ଼ ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ କୁସୁମକାନିରେ ନିର୍ମାଣାଧୀନ ମଡେଲ୍ ମଣ୍ଡିର କାର୍ଯ୍ୟ ନିରୀକ୍ଷଣ କରିଥିଲେ। ଶେଷରେ ଜିଲ୍ଲାରେ ପ୍ରସ୍ତାବିତ ନୂତନ କୃଷି ମହାବିଦ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ସ୍ଥାନକୁ ପରିଦର୍ଶନ କରି କାର୍ଯ୍ୟର ଦ୍ରୁତ ଅଗ୍ରଗତି ଓ ଭବିଷ୍ୟତ ଉନ୍ନୟନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କୃଷି କ୍ଷେତ୍ର ବିକାଶ ଏବଂ ଚାଷୀଙ୍କୁ ଆଧୁନିକ ଜ୍ଞାନକୌଶଳରେ ସଶକ୍ତ କରିବାରେ ଏହି ମହାବିଦ୍ୟାଳୟ ସହାୟକ ହେବ ବୋଲି ଶ୍ରୀ ସିଂହଦେଓ କହିଥିଲେ। ଏହି ଗସ୍ତ ସମୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର୍ ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ସମବାୟ ବିଭାଗର କମିଶନର୍ ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ୍, ବଲାଙ୍ଗୀର ଜିଲ୍ଲାପାଳ ଗୌରବ୍ ଶିଓ୍ୱାଜୀ ଇସଲୱାର୍, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ଉପନିବନ୍ଧକ ସମବାୟ ସମିତି ସମୂହ ପ୍ରମୋଦ କୁମାର ବରିହା, ଜେନେରାଲ୍ ମ୍ୟାନେଜର୍ ଓ ବିଜୟାନନ୍ଦ ସମବାୟ ଚିନିକଳ ସତଦଳ ମିଶ୍ରଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ଯୁକ୍ତ୨ ସିବିଏସ୍‌ଇ ପରୀକ୍ଷାରେ ସୌରେନ୍‌ଙ୍କ ସଫଳତା



**ରାୟଗଡ଼ା,୨୮।୫/ଏନ୍‌ଏନ୍‌ଏସ୍:** ରାୟଗଡ଼ା ସହର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ମେଧାବୀ ଛାତ୍ର ସୌରେନ୍ ପଣ୍ଡା ଯୁକ୍ତ୨ ସିବିଏସ୍‌ଇ ପରୀକ୍ଷାର ଶତକଡ଼ା ୯୪.୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ ସୌରେନ୍ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ମାଟ୍ରିକ୍ ପରୀକ୍ଷାରେ ମଧ୍ୟ ଶତକଡ଼ା ୯୮.୬ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରାୟଗଡ଼ା ବ୍ରାହ୍ମଣ ସାହିର ବୁଦ୍ଧିଜୀବୀ ସୁନୀଲ କୁମାର ପଣ୍ଡା ଓ ସୌଦାମିନୀ ପଣ୍ଡାଙ୍କ ସାନପୁଅ ହେଉଛନ୍ତି ସୌରେନ୍। ଏହି ସଫଳତା ତାଙ୍କ ଅଧ୍ୟବସାୟ ଓ କଠିନ ପରିଶ୍ରମର ଫଳ ବୋଲି ସୌରେନ୍ କହିବା ସହ ଏହାର ଶ୍ରେୟ ତାଙ୍କ ବାପାମାଆ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି। ପିଲାଦିନୁ ସୌରେନ୍ ଭବିଷ୍ୟତରେ ଜଣେ ଭଲ ଇଞ୍ଜିନିୟର୍ ହେବା ଲକ୍ଷ୍ୟ ରଖିଥିବାବେଳେ ଦେଶର ସର୍ବୋଚ୍ଚ ଶିକ୍ଷା ସଂସ୍ଥାନ ଆଇଆଇଟି ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା କହିଛନ୍ତି। ପୁଅର ସଫଳତାକୁ ନେଇ ଆମେ ଗର୍ବିତ ବୋଲି ସୌରେନ୍‌ଙ୍କ ବାପା ମାଆ କହିଛନ୍ତି।

### କେସିଙ୍ଗା ଓଁ ନଗର ରାସ୍ତା ବ୍ୟାରିକେଡ୍ ପ୍ରସଙ୍ଗ

# ଭାରୀଯାନ ଚଳାଚଳରୁ ତେଲନଦୀ ବ୍ରିଜ୍ ଓ ରାସ୍ତା ଶୋଚନୀୟ



**ଭବାନୀପାଟଣା,୨୮।୫/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲା ପାଇଁ ଜୀବନରେଖା ସାଜିଥିବା ତେଲ ନଦୀ ବ୍ରିଜ୍ ଓ କେସିଙ୍ଗା ଟିଟିଲାଗଡ଼ ତେଲ ନଦୀ ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି। ତେଲ ନଦୀ ବ୍ରିଜ୍‌ର ଅନେକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାବେଳେ ରାସ୍ତା ଖାଲଖମାରେ ପରିଣତ ହୋଇଛି। ବଲାଙ୍ଗୀର-କଳାହାଣ୍ଡି ସୀମାନ୍ତ ମହଦା ବାଲିଘାଟରୁ ଦୈନିକ ଶହ ଶହ ସଂଖ୍ୟାରେ ହାଇୱା ବାଲିବୋଝଇ ଭାରୀଯାନ କେସିଙ୍ଗା ସହର ମଧ୍ୟରେ ଯାତାୟାତ କରୁଛି। ଫଳସ୍ୱରୂପ ତେଲ ନଦୀ ରାସ୍ତା ଶୋଚନୀୟ ହୋଇଥିବାବେଳେ ଜଟିଳ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ଗୋଟିଏପଟେ ମହଦା ବାଲିଘାଟ ପାଇଁ ରାସ୍ତାର ଅବସ୍ଥା ଦୟନୀୟ ହୋଇଥିବାବେଳେ ବୋଝ ଉପରେ ନଳିତା ବିଡ଼ା ଭଳି ଅନ୍ୟ ଏକ ଲିଜ୍‌ଧାରୀଙ୍କୁ ବାଲି ଉଠେଇବା ପାଇଁ ଜିଲ୍ଲା ଖଣି ବିଭାଗ ଆଦେଶ ଦେଇଛନ୍ତି। ସୂଚନାନୁଯାୟୀ ମହଦା ବାଲିଘାଟକୁ ରଜତ କୁମାର ପାତ୍ର ନାମକ ଲିଜ୍‌ଧାରୀଙ୍କୁ ୩୯୮ ଟଙ୍କା ପ୍ରତି କ୍ୟୁବିକ୍ ମିଟର୍ ଅନୁସାରେ ୫ ହଜାର କ୍ୟୁବିକ୍ ମିଟର୍ ବାଲି ଉଠାଣ ପାଇଁ ୫ ବର୍ଷ ପାଇଁ ଲିଜ୍‌ରେ ଦିଆଯାଇଛି। ହେଲେ ବଲାଙ୍ଗୀର ଜିଲ୍ଲା ଖଣି ଅଧିକାରୀଙ୍କୁ ହାତବାରିସୀ କରି ୪ ବର୍ଷ ମଧ୍ୟରେ ପାଖାପାଖି ୫ ଲକ୍ଷ କ୍ୟୁବିକ୍ ମିଟର୍ ବାଲି ଉଠେଇ ନେଇଥିବା ଅଭିଯୋଗ ହେଉଛି। ଅନ୍ୟପଟେ କେସିଙ୍ଗା ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପାଣି ପମ୍ପ୍ ସମ୍ମୁଖରେ ମାତ୍ରାଧିକ ବାଲି ଜମା ହୋଇଯିବା ଦ୍ୱାରା ଖରାଦିନେ ସହରକୁ ପାଣି ଯୋଗାଇବାରେ ଅସୁବିଧା ହେଉଥିବା ନେଇ ଉକ୍ତ ପମ୍ପ୍ ସମ୍ମୁଖରୁ ବାଲି ଉଠେଇବା ପାଇଁ ଖଣି ବିଭାଗକୁ ଲିଖିତ ଭାବେ ଅବଗତ କରାଇଥିଲେ। ଜିଲ୍ଲା ଖଣି ବିଭାଗ ଅଶୋକ କୁମାର ଅଗ୍ରୱାଲ ନାମକ ଲିଜ୍‌ଧାରୀଙ୍କୁ ୨,୨୦୦ କ୍ୟୁବିକ୍ ମିଟର୍ ବାଲି ୩ ଲକ୍ଷ ଟଙ୍କାରେ ଲିଜ୍ ଦେଇଛନ୍ତି। ତେବେ ଉଭୟ ଲିଜ୍‌ଧାରୀ ରାତିତମାମ ବଡ଼ ବଡ଼ ହାଇୱାରେ ବାଲି ଚାଲାଣ କରିବା ଦ୍ୱାରା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହାକୁ କେସିଙ୍ଗା ୱାର୍ଡର ୬ ଯୁବଗୋଷ୍ଠୀ ବିରୋଧ କରିଛନ୍ତି। ପମ୍ପ୍ ହାଉସ୍ ପାଇଁ ନିର୍ମାଣ ହୋଇଥିବା ରାସ୍ତା ଓ କେସିଙ୍ଗା ଟିଟିଲାଗଡ଼ ରାସ୍ତାରେ ଭାରୀଯାନ ଚଳାଚଳ ଦ୍ୱାରା ରାସ୍ତା ଭାଙ୍ଗି ଖାଲଖମାରେ ପରିଣତ ହେଉଛି। ତେଣୁ ଉକ୍ତ ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ କରାଯାଉ। ଓଁ ନଗର ରାସ୍ତାରେ ବ୍ୟାରିକେଡ୍ ସ୍ଥାପନ କରିବା ପାଇଁ ସେମାନେ କେସିଙ୍ଗା ତହସିଲଦାର୍ ଓ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ବିରାଡ଼ି ଆଗରେ ଶିକା ଛିଣ୍ଡିଲା ଭଳି ହାଇକୋର୍ଟଙ୍କ ନିର୍ଦ୍ଦେଶମତେ ରାତି ୯ରୁ ସକାଳ ୭ଟା ପର୍ଯ୍ୟନ୍ତ ବାଲି ଉଠାଣ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଏହା ବାଲି ମାଫିଆଙ୍କ ପାଇଁ ବରଦାନ ସଦୃଶ ହୋଇଛି। ତେଣୁ ବିନା ଦ୍ୱିଧାରେ ରାତିତମାମ ବଡ଼ ବଡ଼ ହାଇୱା ଦ୍ୱାରା ବେଧଡ଼କ୍ ବାଲି ଚୋରାଚାଲାଣ କରାଯାଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ବଡ଼ ବଡ଼ ପ୍ରୋକଲିନ୍ ମେସିନ୍ ସାହାଯ୍ୟରେ ଗଭୀର ନଦୀପଠାରୁ ବାଲି ଉତ୍ତୋଳନ ଦ୍ୱାରା ରାସ୍ତା ବାଲି ଓ କର୍ଦ୍ଦମା ହୋଇପଡୁଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ପରଦ ପରଦ ବାଲି ଜମା ହୋଇ ପ୍ରତିଦିନ ଦୁର୍ଘଟଣା ଘଟି ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ତେଲ ନଦୀ ରାସ୍ତାରେ ଲୋକଙ୍କ ଆମୋଦପ୍ରମୋଦ ପାଇଁ କେସିଙ୍ଗା ଏନ୍‌ଏସି ଦ୍ୱାରା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ହେଁ ବାଲିଘାଟ ଯୋଗୁ ତାହା ବାଲିରେ ପୋତି ହୋଇଯାଇଥିବା ନଜରକୁ ଆସୁଛି। ତୁରକେଲ ବ୍ରିଜ୍ ବନ୍ଦ ହେବା ଫଳରେ ସେହି ରାସ୍ତାଦେଇ ଯାଉଥିବା ଭାରୀଯାନ ଏବେ କେସିଙ୍ଗା ଟିଟିଲାଗଡ଼ ତେଲ ନଦୀ ରାସ୍ତାଦେଇ ଯାଉଛନ୍ତି। ଫଳରେ ତେଲନଦୀ ବ୍ରିଜ୍ ଓ ରାସ୍ତା ପାଇଁ ସଙ୍କଟ ଦେଖାଦେଇଛି। ଗୋଟିଏପଟେ ରାତି ତମାମ ବାଲି ବୋଝଇ ହାଇୱା ଅନ୍ୟପଟେ ରାୟପୁର ଯାଉଥିବା ଭାରୀଯାନ ଚଳାଚଳ ଯୋଗୁ ତେଲନଦୀ ବ୍ରିଜ୍ ପ୍ରତି ବିପଦ ଦେଖାଦେଇଛି। ବ୍ରିଜ୍‌ର ଅନେକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଦୁର୍ବଳ ହେବାରେ ଲାଗିଛି। ଏନେଇ ସିଟିଜେନ୍ ଫୋରମ ଓ ଯୁବ ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ କେସିଙ୍ଗା ଏନ୍‌ଏସି ରାସ୍ତାର ସୁରକ୍ଷା ପାଇଁ କେସିଙ୍ଗା ଓଁ ନଗରରେ ବ୍ୟାରିକେଡ୍ ଲଗେଇବା ପାଇଁ ଧାର୍ଯ୍ୟ କରାଯାଇଥିଲା। ଇତିମଧ୍ୟରେ ଏକ ମାସ ବିତିଯାଇଥିଲେ ସୁଦ୍ଧା ତେଲ ନଦୀ ରାସ୍ତାର ସୁରକ୍ଷା ପାଇଁ ବ୍ୟାରିକେଡ୍ ଲଗାଯାଇ ନାହିଁ ଯାହା ପ୍ରହସନରେ ପରିଣତ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବଙ୍କୁ ପଚାରିବାରୁ ଆମେ ତେଲନଦୀ ରାସ୍ତାର ସୁରକ୍ଷା ନିଶ୍ଚିତ କରିଛୁ। ଓଁ ନଗର ପାଖରେ ଏକ ବ୍ୟାରିକେଡ୍ ନିର୍ମାଣ କରିବା ନେଇ ମୁଁ ନିର୍ବାହୀ ଅଧିକାରୀଙ୍କୁ ଜଣେଇ ସାରିଛି। ଆଗାମୀ କିଛିଦିନ ମଧ୍ୟରେ କାମ ଆରମ୍ଭ ହେବ ବୋଲି ଶ୍ରୀ ଯାଦବ ପ୍ରକାଶ କରିଥିଲେ।

### ବାହାଲଭଟଲି ଗାଁରେ ଉପମୁଖ୍ୟମନ୍ତ୍ରୀ

# ବୁଲି ଦେଖିଲେ ବାଇଗଣ ଚାଷ, ଚାଷୀଙ୍କ ସହ କଲେ ଆଲୋଚନା



**ପାଟଣାଗଡ଼,୨୮।୫/ଏନ୍‌ଏନ୍‌ଏସ୍:** ଖପ୍ରାଖୋଲ ବ୍ଲକ୍ ଲୁହାସିଂହା ପଞ୍ଚାୟତ ବାହାଲଭଟଲିକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ପ୍ରଥମେ ଯୁବଚାଷୀ ସୁଶାନ୍ତ କୁମାର ମେହେରଙ୍କ ବାଇଗଣ ଚାଷ ଫାର୍ମ ବୁଲି ଦେଖିଥିଲେ। ସୁଶାନ୍ତ ୨୫ ଏକର ଜମିରେ ବାଇଗଣ, କୋବି ଓ ଟମାଟୋ ଆଦି ବର୍ଷତମାମ ଚାଷ କରି ପ୍ରାୟ ୧୫ଟି ପରିବାରକୁ କାମ ଯୋଗାଇବାରେ ସକ୍ଷମ ହୋଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଚାଷୀଙ୍କ ସହିତ ଆଲୋଚନା କରି ଡାଲି, ତୈଳବୀଜ ଜାତୀୟ ଫସଲ, ପନିପରିବା ଓ ଫଳ ଚାଷ କରିବାକୁ କହିଥିଲେ। ଜୈବିକ କିମ୍ବା ପ୍ରାକୃତିକ ପଦ୍ଧତିରେ ଚାଷ କଲେ ତା'ର ଚାହିଦା ବାହାରେ ଅଧିକ ଥିବା ଓ ରପ୍ତାନୀ ପାଇଁ କୃଷି ବିଭାଗ ସହଯୋଗ କରିବ ବୋଲି କହିଥିଲେ। ଏହି ସମୟରେ ଉପମୁଖ୍ୟମନ୍ତ୍ରୀଙ୍କ ସହ କୃଷି ବିଭାଗ ସଚିବ ସଚିନ ରାମଚନ୍ଦ୍ର ଯାଦବ, ବଲାଙ୍ଗୀର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର କୁମାର ସିଂ ବରିହା, ପାଟଣାଗଡ଼ ଉପଖଣ୍ଡ ଉଦ୍ୟାନ କୃଷି ଅଧିକାରୀ ପ୍ରମୋଦ କୁମାର ସେଠୀ, ଖପ୍ରଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ, ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଦୀନବନ୍ଧୁ ବେହେରାଙ୍କ ସମେତ ଆଗୁଆ ଚାଷୀ, ଏଫ୍‌ପି ଓ ସଦସ୍ୟ ଉପସ୍ଥିତ ଥିଲେ।

**ନିତି ଭାରତୀ**

ତୁମକୁ ଆଘାତ ଦେବ ଜାଣିଥିଲେ ସୁଦ୍ଧା ପ୍ରକୃତ ବନ୍ଧୁମାନେ ତୁମ ସାମ୍ନାରେ ଅପ୍ରିୟ ସତ୍ୟ କହିଥାନ୍ତି, ପଛରେ ନୁହେଁ। - **ପ୍ରବାଦ**

NITIDIN
ନିତିଦିନ
ଶୁକ୍ରବାର, ୨୯ ମେ' ୨୦୨୬

# ଗୋଇଠା ମାରି ବିଷ୍ଟୁ



ଜୟନ୍ତ ପଟ୍ଟନାୟକ

ଧରନ୍ତୁ ଜଣେ ଲୋକ ଆପଣଙ୍କ ସହିତ ଶତ୍ରୁତା କରୁଛି ବା ବିରୁଦ୍ଧାଚରଣ କରୁଛି। ହଠାତ୍ କୋଉଠି ଆପଣଙ୍କ ସାଙ୍ଗେ ଦେଖା ହୋଇଗଲା। ସେ ଲୋକ ଜାଣିଶୁଣି ଆପଣଙ୍କ ପାଦକୁ ଝୁଣ୍ଟି ଦେଲା ବା କୁଦି ଦେଲା, ଯାହା ଆପଣଙ୍କୁ କଷ୍ଟ ଦେଲା। ମାତ୍ର ପର ମୁହୂର୍ତ୍ତରେ ସେ ବିଷ୍ଟୁ ବା ସରି (ଦୁଃଖିତ)- ପୃଥିବୀର ସର୍ବାଧିକ ବ୍ୟବହୃତ ଶବ୍ଦ- କହିଦେଲା। ତା'ହେଲେ ସେ ପ୍ରସଙ୍ଗର ଅନ୍ତ ସେଇଠି ହୋଇଗଲା ବୋଲି ଜାଣ। ମାତ୍ର ଯଦି ଆପଣ ଭାବୁଛନ୍ତି ଯେ ସେ ବ୍ୟକ୍ତି ଜାଣି ଜାଣି ଏପରି କରିଛି, ତେବେ ସେ ବ୍ୟକ୍ତି ପ୍ରତି ସତର୍କ ରହିବା ସର୍ବାଦୌ ଆବଶ୍ୟକ। କାହିଁକି ନା ସେ ଯଦି ଜାଣିଗଲେ ଯେ ଆପଣ ସେକଥା ପ୍ରତି ଧ୍ୟାନ ଦେଇ ନାହାନ୍ତି, ତେବେ ସିଏ ସେକଥାର ପୁନରାବୃତ୍ତି କରି ପାରନ୍ତି। ଏଇ କଥା ଏବେ କରୁଛନ୍ତି ଆମେରିକାର ମହାନ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନେକ ଦେଶ କ୍ଷେତ୍ରରେ, ବିଶେଷକରି ଭାରତ କ୍ଷେତ୍ରରେ। ଅବଶ୍ୟ ସିଏ ଭାରତୀୟମାନଙ୍କର ଋଣ ଶୁଝୁଛନ୍ତି, କାରଣ ଭାରତୀୟମାନଙ୍କର ତାଙ୍କର ଦ୍ୱିତୀୟ ବାର ରାଷ୍ଟ୍ରପତି ପଦ ଜିଣିବାରେ ବହୁତ ଅବଦାନ। ପ୍ରଥମ ଥର ଆମେରିକାରେ 'ହାଓ ଡୁ ୟୁ ମୋଦୀ' ଓ ଅହମଦାବାଦରେ 'ଅବ୍‌କି ବାର୍ ଟ୍ରମ୍ପ୍ ସରକାର' ଭଳି କାର୍ଯ୍ୟକ୍ରମ ହେତୁ ଟ୍ରମ୍ପ୍ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ ଏବଂ ଦ୍ୱିତୀୟ ବାର ଏଇ ପ୍ରବାସୀ ଭାରତୀୟମାନଙ୍କର ପ୍ରବଳ ସମର୍ଥନ ଟ୍ରମ୍ପ୍‌ଙ୍କୁ ଜିତିବାରେ ସହାୟତା କରିଥିଲା। ତା'ର ପ୍ରତିଫଳ ସିଏ ଦେବେ ନା ନାହିଁ; ଯାହା ସିଏ ଏବେ କଡ଼ାଗଣ୍ଡା କରି ଶୁଝୁଛନ୍ତି- ବିପରୀତ ଦିଗରେ ହେଉ ବରଂ! ଦ୍ୱିତୀୟ ଥର ଟ୍ରମ୍ପ୍ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରତ୍ୟହ ଭାରତ ଓ ଭାରତୀୟଙ୍କୁ କେମିତି ଅକଳରେ ପକାଇବେ, ସେଇ ଚିନ୍ତା ଓ କାର୍ଯ୍ୟ ଜାରି ରଖିଛନ୍ତି। ଭାରତ/ ଭାରତୀୟମାନଙ୍କ ପ୍ରତି ତାଙ୍କର କାହିଁକି ଏ ପ୍ରକାର ଅସୂୟା ଭାବ, ତା' କେବଳ ସେଇ ସର୍ବନିୟନ୍ତାଙ୍କୁ ଜଣା!

ମାତ୍ର ସିଏ ଗୋଟିଏ ବଢ଼ିଆ କଥା କରିଛନ୍ତି/ କରୁଛନ୍ତି, ସେମିତି କୌଣସି କଥା/ କାର୍ଯ୍ୟ ଭାରତ ବିରୋଧରେ ଆରମ୍ଭ କରିଦେଇ ପର ମୁହୂର୍ତ୍ତରେ, 'ଭାରତ ଏକ ମହାନ ଦେଶ, ମୋଦୀ ମୋର ଅନ୍ତରଙ୍ଗ ବନ୍ଧୁ।' ଏତିକି ବୟାନ ଦେଉଛନ୍ତି। ଅର୍ଥାତ୍ ସେତିକିରେ ସବୁ ମାଫ୍ ହୋଇଗଲା, ଯେମିତି ଗୋଇଠା ମାରି ବିଷ୍ଟୁ। ବାରମ୍ବାର ଏମିତି କିଛି କରି/ କହି ସିଏ ସେଇ 'ଭାରତ ଏକ ମହାନ୍ ଦେଶ...' ଭଳି କଥାର ପୁନରାବୃତ୍ତି କରୁଛନ୍ତି। ଏଇଟା ତାଙ୍କର ଅଭ୍ୟାସଗତ ହୋଇ ଗଲାଣି। ସିଏ ଜାଣି ଗଲେଣି ଏତିକି କହିଦେଲେ ସବୁ ଚଳି ଯାଉଛି, ସାତ ଖୁଣ୍ ମାଫ୍। ଯାହା ଜଣାଯାଉଛି, ଟ୍ରମ୍ପ୍ ଓ ତାଙ୍କର ଗୋଡ଼ାଣିଆ (କୋଟେରୀ) ପ୍ରତିଦିନ ଭାରତ ବିରୁଦ୍ଧରେ କି ପ୍ରକାର ଓ କ'ଣ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ, ସେ ସମ୍ବନ୍ଧରେ ରୀତିମତ ଗବେଷଣା କରୁଛନ୍ତି। ୨୦ ଜାନୁଆରୀ, ୨୦୨୫ରେ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଟ୍ରମ୍ପ୍ ଯେତିକି ଭାରତ ବିରୋଧୀ ପଦକ୍ଷେପ ନେଲେଣି, ସେସବୁ ଏକ ଲମ୍ବା ତାଲିକା ହେବ। ଏକରେ, ଆମେରିକାକୁ ତା'ର ଜିନିଷ ରପ୍ତାନି କରି ଅତ୍ୟଧିକ ମୁନାଫା ମାରି ନେଉଛି ଅଭିଯୋଗ କରି ଟ୍ରମ୍ପ୍ ଭାରତ ଉପରେ ୨୬% ଟାରିଫ୍ ଲଗାଇ ଦେଲେ ଓ ତା' ପରେ ରୁଷଠାରୁ ଭାରତ ଅଶୋଧିତ ତେଲ କିଣି ୟୁକ୍ରେନ୍ ଯୁଦ୍ଧରେ ରୁଷିଆକୁ ସାହାଯ୍ୟ କରୁଛି ଅଭିଯୋଗ କରି ଅତିରିକ୍ତ ୨୫% ଟାରିଫ୍ ଲଦି ଦେଲେ ଜବରଦସ୍ତ। ଆମେରିକୀୟ ସୁପ୍ରିମ୍‌କୋର୍ଟ ଏହି ଟାରିଫ୍ ଉପରେ ରୋକ୍ ଲଗାଇବା ପରେ ଟ୍ରମ୍ପ୍ ତାକୁ ୧୮% ଓ ପରେ ୧୦% ଓ ପୁନର୍ବାର ୧୫% ଟାରିଫ୍ ଲଦିଦେଲେ। ଆମେରିକା ଫାଷ୍ଟ ଓ ମାଗା (ମେକ୍ ଆମେରିକା ଗ୍ରେଟ୍ ଏଗେନ୍)ର ପ୍ରବକ୍ତା ଭାବେ ଟ୍ରମ୍ପ୍ ଅଭିଯୋଗ କରିଛନ୍ତି, ଏସୀୟମାନେ, ବିଶେଷକରି ଭାରତୀୟମାନେ ଆମେରିକୀୟମାନଙ୍କର ଚାକିରି ଛଡ଼ାଇ ନେଉଛନ୍ତି, ତେଣୁ ଭାରତୀୟମାନଙ୍କୁ ଆମେରିକାରୁ ବିଦା କରିବା ହେବ ତାଙ୍କର ପ୍ରାଥମିକତା ଓ ତଦନୁଯାୟୀ ସେ କାର୍ଯ୍ୟାରମ୍ଭ କରି ଦେଇଛନ୍ତି। ପ୍ରଥମେ ଆମେରିକାରେ ପ୍ରଚଳିତ ଏଚ୍‌୧ବି ଭିସା, ଯାହା ଫଳରେ ଏହି ଭିସାଧାରୀ ବ୍ୟକ୍ତିଗଣ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ରହି ପାରୁଥିଲେ ଆମେରିକାରେ ଏବଂ ଅତିରିକ୍ତ ସୁବିଧା ସୁଯୋଗର ଅଧିକାରୀ ହୋଇ ପାରୁଥିଲେ। ଟ୍ରମ୍ପ୍ ଏହି ସୁବିଧା ଉପରେ ପ୍ରହାର ଆରମ୍ଭ କରି ଦେଲେ। ଏହି ଭିସା ପାଇଁ ଫି/ଦେୟକୁ ୮୦,୦୦୦ ଟଙ୍କାରୁ ଏକା ଥରେ ୧ ଲକ୍ଷ ଡଲାରକୁ ବଢ଼ାଇ ଦେଲେ, ଯାହା ସାଧାରଣ ଲୋକ ପକ୍ଷେ ଅସମ୍ଭବ ହୋଇ ପଡ଼ିଲା। ପୁଣି ଏହି ଭିସାର ଅବଧିକୁ ୧୫ରୁ ୩ ବର୍ଷକୁ କମାଇ ଦେଲେ। ସେତିକି ନୁହେଁ, ବାର୍ଷିକ ୬୫ ହଜାର ଏଇ ଭିସା ହାସଲ କରୁଥିବା ସ୍ଥଳେ ଏବେ ଏହା ୨୫ ହଜାରକୁ ଖସି ଆସିଛି। ଯେତେ ପାରେ ସେତେ ଏହି ଭିସାକୁ କାଟଛାଣ୍ଟ କରି ଦେଇଛନ୍ତି ଟ୍ରମ୍ପ୍। ଉଲ୍ଲେଖନୀୟ କଥା ହେଲା, ଏହି ଭିସାପ୍ରାପ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ୭୨% ଭାରତୀୟ। ଆଉ ଟ୍ରମ୍ପ୍‌ଙ୍କର ରାଗ ହେଲା ସେଇଠି, ମାତ୍ର ଟ୍ରମ୍ପ୍ ଭୁଲି ଯାଉଛନ୍ତି ଓ ସେଇ ପରିପ୍ରେକ୍ଷୀରେ କୃତଘ୍ନ ମଧ୍ୟ ହୋଇ ଯାଉଛନ୍ତି, କାରଣ ଭାରତୀୟମାନେ ଏଇ ଯୋଉ ଭିସା ସୁବିଧା ପାଉଥିଲେ ତା' କିଛି ମାଗଣା ବା କାହା ଦୟାରୁ ପାଉ ନଥିଲେ। ସେମାନେ ସେସବୁ ହାସଲ କରୁଥିଲେ ନିଜର ପ୍ରତିଭା ଓ କୃତିତ୍ୱ ବଳରେ, କଠିନ ପରୀକ୍ଷା ବିନିମୟରେ। ସୂଚନାଯୋଗ୍ୟ ଭାରତୀୟମାନେ ହେଲେ ବିଶ୍ୱର ଅନ୍ୟତମ ଯୋଗ୍ୟତମ ପ୍ରତିଭାଧାରୀ।

ପରୋକ୍ଷରେ ଏଇ ଯୋଉ ତଣ୍ଟିଚିପା ବ୍ୟବସ୍ଥା କଲେ ଟ୍ରମ୍ପ୍, ସେଇ ପରିପ୍ରେକ୍ଷୀରେ ଅନେକ ଭାରତୀୟଙ୍କର ଚାକିରି ଚାଲିଗଲା ବା ଛାଡ଼ିବାକୁ ବାଧ୍ୟ ହେଲେ। ଏହାର କାରଣ ହେଲା ପ୍ରାୟ ସରକାରୀ ପ୍ରୋତ୍ସାହନରେ ଭାରତୀୟମାନଙ୍କ ଉପରେ ଶାରୀରିକ ଓ ମାନସିକ ସ୍ତରରେ ହଇରାଣ ହରକତ ଓ ଅପମାନିତ କରାଗଲା ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକରେ। ଏଣେ ଟ୍ରମ୍ପ୍ ମହାଶୟ କହି ବୁଲିଲେ, ତାଙ୍କ କାର୍ଯ୍ୟକାଳରେ ଆମେରିକୀୟଙ୍କ ନିଯୁକ୍ତି ହାର ବଢ଼ିଛି। ପ୍ରକୃତରେ ଏହା ଏକ ପ୍ରକାର ଅଇଁଠାଖିଆ ବୃଦ୍ଧି, ଭାରତୀୟମାନଙ୍କର ଚାକିରି ବିନିମୟରେ ନିଯୁକ୍ତିକୁ ପ୍ରତିଶତ ବୃଦ୍ଧି କୁହା ଯାଏନି। ପୁଣି ମହାଭାଗ ଟ୍ରମ୍ପ୍ କହିଛନ୍ତି, ତାଙ୍କ ଶାସନ କାଳରେ ଆମେରିକାର ରାଜସ୍ୱ ବୃଦ୍ଧି ଘଟିଛି। ଏହା ମଧ୍ୟ ଠିକ୍ ନୁହେଁ, କାରଣ ଜବରଦସ୍ତ ଟାରିଫ୍ ବୃଦ୍ଧି କରି ଆୟ ବୃଦ୍ଧିକୁ ରାଜସ୍ୱ ବୃଦ୍ଧି କୁହା ଯାଏନା, ବରଂ ଏହାକୁ 'ଲୁଟି' କହିଲେ ଉପଯୁକ୍ତ ହେବ। ପ୍ରଣିଧାନର ବିଷୟ, ଟାରିଫ୍ ବୃଦ୍ଧି କରି କେବଳ ଭାରତଠାରୁ ଆମେରିକା ଆଦାୟ କରିଛି ୩୮୭ ନିୟୁତ ଡଲାର (ଫେବୃଆରୀ ୨୦୨୬ ସୁଦ୍ଧା)।

ଅବଶ୍ୟ ଆମେରିକୀୟ ସୁପ୍ରିମ୍‌କୋର୍ଟ ଏଇସବୁ ଟାରିଫ୍‌ଜନିତ ରାଜସ୍ୱ ଅନିୟମିତ ଓ ଅନୈତିକ, ତାକୁ ସବୁ ଫେରାଇବାକୁ ପଡ଼ିବ ବୋଲି ରାୟ ଦେଇଛନ୍ତି। କିନ୍ତୁ ଟ୍ରମ୍ପ୍ ନିଜ ଜିଦ୍ ଛାଡ଼ି ସେସବୁକୁ ଫେରାଇବେ କି ନାହିଁ, ତାହା ଅଲଗା କଥା। ଟ୍ରମ୍ପ୍ ବର୍ତ୍ତମାନ ବିଶ୍ୱର ମୁଖ୍ୟ ଭାବେ କାମ କରୁ ନାହାନ୍ତି ତ ବିଶ୍ୱରେ ଦାଦାଗିରି କରୁଛନ୍ତି। ଆଜି ଭେନେଜୁଏଲା, କାଲି ଇରାନ୍, ତା' ପରେ ଗ୍ରୀନଲ୍ୟାଣ୍ଡ, କ୍ୟୁବା, କଲମ୍ବିଆ ଏମିତି ଲମ୍ବା ତାଲିକା। ସଦ୍ୟତମ ଭାବେ ଇରାନ୍ ସହ ଯୁଦ୍ଧ ଅବସରରେ ଟ୍ରମ୍ପ୍ ତାଙ୍କ 'ଟ୍ରୁଥ୍ ସୋସିଆଲ (?)ରେ ପୋଷ୍ଟ କରିଛନ୍ତି (ତା ୨୨.୦୪.୨୦୨୬ ରିଖ)



ଭାରତ ଓ ଚୀନ୍ ଦେଶଦ୍ୱୟ ନରକର ଦ୍ୱାର (ହେଲ୍ ହୋଲ୍) ସଦୃଶ। ଦଶ ହଜାର ବର୍ଷ (ରାମାୟଣ ୭ ହଜାର ବର୍ଷ ପୂର୍ବର, ସତ୍ୟ ଯୁଗର ଅନୁମାନ ଲଗାଯାଇ ପାରେ)ର ଏକ ସଭ୍ୟତାକୁ ୨୫୦ (୧୭୭୬ରେ ଆମେରିକାର ସ୍ଥାପନା) ବର୍ଷର ସଭ୍ୟତା ନର୍କ କହିବ; ସୂର୍ଯ୍ୟଙ୍କୁ ଟର୍ଚ୍ଚ ଦେଖାଇବା ଆଉ କ'ଣ କି? ଟ୍ରମ୍ପ୍ ଆହୁରି କହିଛନ୍ତି, ଏଇସବୁ ଦେଶର ନାଗରିକ (ବିଶେଷକରି ଆଇଟି ଚାକିରି ଆଶାୟୀ)ମାନେ ଆତତାୟୀ ବା ଗ୍ୟାଙ୍ଗଷ୍ଟରସ୍ ୱିଥ୍ ଲ୍ୟାପ୍‌ଟପ୍, ଯୋଉମାନେ ଆମେରିକୀୟମାନଙ୍କର ନିଯୁକ୍ତି ହଡ଼ପ କରି ନେଉଛନ୍ତି। ଅଧିକନ୍ତୁ, ଏଇମାନେ ଜନ୍ମଗତ ଅଧିକାରାନୁଯାୟୀ ଆମେରିକାର ନାଗରିକତ୍ୱ ପ୍ରାପ୍ତ ହେଉଛନ୍ତି ଓ ସେଇ ମାଧ୍ୟମରେ ଆମେରିକୀୟମାନଙ୍କର ଅଧିକାର ଛଡ଼ାଇ ନେଉଛନ୍ତି। ଟ୍ରମ୍ପ୍ କହିଛନ୍ତି, ଏଇ ଦେଶମାନଙ୍କର ଅଧିବାସୀଗଣ ନିଜ ସନ୍ତାନମାନଙ୍କୁ ଆମେରିକୀୟ ନାଗରିକ କରିବା ଲକ୍ଷ୍ୟରେ ସନ୍ତାନ ଜନ୍ମ ନେବାର ଆସନ୍ନ ସମୟରେ, ଏପରିକି ନବମ ମାସରେ ଆମେରିକା ନେଇ ଆସୁଛନ୍ତି ଉଡ଼ାଜାହାଜରେ। ପରେ ଯାହା ହେବା କଥା ହେଉଛି। ଉଲ୍ଲେଖଯୋଗ୍ୟ ଯେ ଆମେରିକୀୟ ସମ୍ବିଧାନର ୧୮୬୮ ସଂଶୋଧନ ଅନୁସାରେ ନାଗରିକ ଧାରା, ଉପଧାରା-୧, ୧୪ଶ ସମ୍ବିଧାନ ସଂଶୋଧନାନୁଯାୟୀ ଆମେରିକାରେ ଜନ୍ମଗ୍ରହଣ କରିଥିବା ସମସ୍ତ ଶିଶୁ ଆମେରିକାର ନାଗରିକ। ଏବେ ଟ୍ରମ୍ପ୍ ଏଇ ପ୍ରସଙ୍ଗଟିକୁ ବଦଳାଇବାକୁ ଦିନ ରାତି ଏକ କରି ଦେଇଛନ୍ତି। ଜଣେ ରାଷ୍ଟ୍ରପତିଙ୍କର ଚିନ୍ତାଧାରା କେତେ ନିମ୍ନଗାମୀ!

ଏଇ ପୋଷ୍ଟ ଭାଇରାଲ ହେବା ପରେ ଅନେକ ଆଡୁ ତା' ବିରୋଧରେ ପ୍ରତିକ୍ରିୟା ଆସିଛି। ତାଙ୍କ ଦେଶ ମଧ୍ୟରୁ ଓ ଦଳ ଭିତରୁ ମଧ୍ୟ ଏ ପରିପ୍ରେକ୍ଷୀରେ ପ୍ରତିବାଦ ଉଠିଛି। ତା' ପରେ ଟ୍ରମ୍ପ୍ ସେଇ ଘୋଷା (ଆମର ଭଜନଗୁଡ଼ିକରେ ଯେମିତି ଥାଏ) 'ଭାରତ ଏକ ମହାନ ଦେଶ, ମୋଦୀ ମୋର ଅନ୍ତରଙ୍ଗ ବନ୍ଧୁ' ପୋଷ୍ଟ କରିଛନ୍ତି। ସିଏ ଜାଣିଛନ୍ତି, ସେତିକି କହିଦେଲେ ସବୁ ହୋଇଗଲା। ସାତ ଖୁଣ୍ ମାଫ୍। ଭାରତୀୟ ବୈଦେଶିକ ବିଭାଗର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହାର ପ୍ରତିବାଦ କରିଥିଲେ ଆମେରିକାର ବୈଦେଶିକ ବିଭାଗ ନିକଟରେ। ପରିସ୍ଥିତି ଖରାପ ହେଉଛି ଜାଣି ଆମେରିକାର ବୈଦେଶିକ ବିଭାଗ ତୁରନ୍ତ ଅବସ୍ଥା ସଜାଡ଼ିବାରେ ଲାଗି ପଡ଼ିଲେ। ମାତ୍ର ଧନୁରୁ ଖସିଥିବା ତୀର ଓ ତୁଣ୍ଡରୁ ବାହାରିଥିବା ଶବ୍ଦ ଅଫେରା। ଅବଶ୍ୟ ଟ୍ରମ୍ପ୍‌ଙ୍କର ସେଥିକୁ ପରବାୟ ନାହିଁ। ମାତ୍ର ଗୋଟିଏ ଦେଶ (ଏକ ପ୍ରାଚୀନ ସଭ୍ୟତା ମଧ୍ୟ) ଇରାନ୍ ଏହାର ତୀବ୍ର ପ୍ରତିବାଦ କରିଥିଲା ତୁରନ୍ତ। କହିଥିଲା- ଚୀନ୍, ଭାରତ, ଗ୍ରୀକ୍- ଏସବୁ ପୃଥିବୀର ପୁରାତନ ସଭ୍ୟତା। ସେମାନେ କେମିତି ହେଲେ ନର୍କର ଦ୍ୱାର?

ତା ୨୫.୦୪.୨୦୨୬ ରିଖ, ଶନିବାର ୱାଶିଂଟନ୍ ଡିସି ସହରର ହିଲ୍‌ଟନ୍ ହୋଟେଲରେ ଆୟୋଜିତ ଏକ ଭୋଜିସଭା/ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଉପରକୁ ଏକ ଆତତାୟୀ, କାଲିଫର୍ଣ୍ଣିଆର ଟୋମାସ ଆଲେନ୍ କୋଲ ଗୁଳି ଚାଳନା କରିଥିଲେ। ଟ୍ରମ୍ପ୍ ଅବଶ୍ୟ ଏଥିରୁ ବର୍ତ୍ତି ଯାଇଥିଲେ। ସମଗ୍ର ବିଶ୍ୱର ନେତାମାନେ ଟ୍ରମ୍ପ୍‌ଙ୍କ ଉପରକୁ ଗୁଳି ମାଡ଼ର ନିନ୍ଦା କରିବାକୁ ପ୍ରତିଯୋଗିତାରେ ବାହାରି ପଡ଼ିଲେ। ସେଥିରେ ଆମ ଭାରତୀୟ ନେତୃବୃନ୍ଦ ବା କାହିଁକି ପଛରେ ପଡ଼ନ୍ତେ! ଏହା ମଧ୍ୟ କୂଟନୀତି, ରାଜନୀତି ଓ ଶିଷ୍ଟାଚାର ଦୃଷ୍ଟିରୁ ଏକାନ୍ତ ଅପରିହାର୍ଯ୍ୟ। ମାତ୍ର ତିନି ଦିନ ତଳେ ଟ୍ରମ୍ପ୍ ଭାରତକୁ ନୀଚା ଦେଖାଇବାକୁ ଯାଇ ତାଙ୍କ ଟ୍ରୁଥ୍ ସୋସିଆଲ୍‌ରେ ଯୋଉ ହେଲ୍ ହୋଲ୍ ବା ନର୍କର ଦ୍ୱାର ଓ ଅନ୍ୟାନ୍ୟ ପ୍ରସଙ୍ଗ ପୋଷ୍ଟ କରିଥିଲେ, ଆବଶ୍ୟକୀୟ ପ୍ରତିବାଦ/ ପ୍ରତିକ୍ରିୟାର ଦେଖା ନଥିଲା। ଏହା ନିଶ୍ଚିତ ବିସ୍ମୟକର। ଆମ ମହାନ୍ ଭାରତୀୟ ଅନ୍ତରାତ୍ମା କ'ଣ ମରି ଗଲାଣି? କେତେ ଦିନ ଟ୍ରମ୍ପ୍‌ଙ୍କର ଅହେତୁକ, ଅପରିଣାମଦର୍ଶୀ, ଅବାନ୍ତର ଉକ୍ତି, ମନ୍ତବ୍ୟ, ଧମକ, ଦାବି ଶୁଣୁଥିବା ଆମେ ନିରବରେ, ବିନା ପ୍ରତିବାଦରେ? ଆମର କ'ଣ ମାନ, ଇଜ୍ଜତ, ସ୍ୱାଭିମାନ କିଛି ଆଉ ନାହିଁ! ମନେ ରଖିବାକୁ ହେବ ସାଧାରଣ ଲୋକଟିଏ କୂଟନୀତି/ ରାଜନୀତି/ଆନ୍ତର୍ଜାତିକ ସମ୍ପର୍କ କିଛି ବୁଝେ ନାହିଁ। ତା'ର ସ୍ୱାଭିମାନ ତା' ପାଇଁ ସବୁଠୁ ବଡ଼। ଆମେରିକା କ'ଣ ଆମକୁ ଖାଇବାକୁ ଦେଉଛି ନା ତା' ଦୟାରେ ଆମେ ଚଳୁଛେ! ଯୋଉ ଭାରତୀୟମାନଙ୍କର ବର୍ଷ ବର୍ଷର ତ୍ୟାଗ, ନିଷ୍ଠା ଓ ଅଧ୍ୟବସାୟ ବିନିମୟରେ ଆମେରିକା ଏତେ ସମୃଦ୍ଧ ହୋଇ ପାରିଛି, ସେମାନଙ୍କୁ ଏତେ ଘୃଣା କ'ଣ ପାଇଁ?

ମୋ: ୯୦୯୦୧୯୦୦୬୯

# ଆଧୁନିକୀକରଣର ଉପଯୋଗିତା



ପ୍ରତିଭା ଦାଶ

ଯୁଗ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଆମ ଦୁନିଆର ମଧ୍ୟ ଆଧୁନିକୀକରଣ ହୋଇଛି। ବିଜ୍ଞାନର ଯେତେ ପ୍ରଗତି ହେଉଛି, ଜଗତରେ ଲୋକଙ୍କର ପ୍ରଗତି ସହ କୁକର୍ମ ସେତେ ବଢ଼ି ବଢ଼ି ଯାଉଛି। ଆଜିର ମଣିଷ ପୁରାତନ ଚଳଣିର ଉପକାରିତା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ। ମଣିଷ ନିଜ ସୁବିଧା ଅନୁଯାୟୀ ନିଜ କର୍ମକୁ ସହଜ ଓ ସରଳ କରିବା ପାଇଁ ଆଧୁନିକ ବୈଷୟିକ ଯନ୍ତ୍ରପାତି ତଥା ବିଜ୍ଞାନର କୌଶଳକୁ ବ୍ୟବହାର କରୁଛି। ବିଜ୍ଞାନର ପ୍ରଗତି ଏତେ ପରିମାଣରେ ବୃଦ୍ଧି ପାଉଛି ଯେ ତା'କୁ ମଣିଷ ଅନୁକରଣ ନ କଲେ ଏଇ ଦୁନିଆରେ ପଛରେ ରହିଯିବ। ପୂର୍ବରୁ ପରିବାରରେ ଶିଶୁଟିଏ ଜନ୍ମଗ୍ରହଣ କଲେ କିମ୍ବା କାହାର ମୃତ୍ୟୁ ହେଲେ ଚିଠି ମାଧ୍ୟମରେ ତାଙ୍କ ସମ୍ପର୍କୀୟଙ୍କ ନିକଟକୁ ପଠାଉଥିଲେ, ଯାହାକି ପାଞ୍ଚ ଛଅ ଦିନରେ ପହଞ୍ଚୁଥିଲା। ମାତ୍ର ଏବେ ମୋବାଇଲ, ଫୋନ୍ ମାଧ୍ୟମରେ ଏକ ସେକେଣ୍ଡରେ ମାଇଲ ମାଇଲ ଦୂରକୁ ଖବର ପହଞ୍ଚା ଯାଇ ପାରୁଛି। ଆଜିର ମଣିଷ ଚିଠିର ବ୍ୟବହାର କ'ଣ ଜାଣି ପାରୁନି। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାକୁ ଲୋକମାନେ ଶଗଡ଼ ଗାଡ଼ିରେ ବା ଚାଲି ଚାଲି ଯାଉଥିଲେ। ଧୀରେ ଧୀରେ ସାଇକେଲର ବ୍ୟବହାର କଲେ। ଗମନାଗମନର ଏତେ ସୁବିଧା ମଧ୍ୟ ନଥିଲା। ସେଥିପାଇଁ ବେଶୀ ଦୂରକୁ ଯାଇ ପାରୁ ନଥିଲେ। ବିଜ୍ଞାନର ପ୍ରଗତି ସହ ଯାନବାହାନର ସଂଖ୍ୟା ବୃଦ୍ଧି ଏବଂ ସମୁଦ୍ର ଭିତରେ, ଆକାଶ ମାର୍ଗରେ, ରାସ୍ତାଘାଟରେ ଯିବା ପାଇଁ ବିଭିନ୍ନ ଯାନର ଆବିଷ୍କାର ହୋଇଛି। ଲୋକେ ଅତି କମ୍ ସମୟରେ ଦୂର ଦୂରାନ୍ତ ସ୍ଥାନକୁ ଯାଇ ପାରୁଛନ୍ତି।

ମଣିଷ ଗୋଟିଏ ଗ୍ରହରୁ ଯାଇ ଅନ୍ୟ ଗ୍ରହରେ ପହଞ୍ଚି ସାରିଲାଣି। ଡେଣା ନଥାଇ ମଧ୍ୟ ଆକାଶ ମାର୍ଗରେ ଯାଇ ଅନ୍ୟ ଗ୍ରହ, ଉପଗ୍ରହରେ ପଦାର୍ପଣ କଲାଣି। ଘଞ୍ଚ ଅରଣ୍ୟ, ଯେଉଁଠି ହିଂସ୍ର ଜନ୍ତୁଙ୍କର ବାସସ୍ଥଳୀ ଥିଲା, ମଣିଷ ସେଠାକୁ ଯିବାକୁ ଡରୁଥିଲା। ଆଜି ତାହା ସଫା କରି ଚାଷ ଜମି, କଳକାରଖାନା ନିର୍ମାଣ, ରାସ୍ତାଘାଟ ତିଆରି କଲାଣି।

ଜନସଂଖ୍ୟା ବୃଦ୍ଧି ଯୋଗୁଁ ଚାଷ ଜମି ଓ ଜଙ୍ଗଲର ପରିମାଣ ହ୍ରାସ ପାଇଛି, ମାତ୍ର ରାସ୍ତାଘାଟ, କଳ କାରଖାନା, ଯାନବାହାନ, ଗୃହ ଆଦି ବଢ଼ିବାରେ ଲାଗିଛି, ଯାହାକି ଆମ ପରିବେଶକୁ ଦୂଷିତ କରୁଛି। ଆମ ଦେହ ରୋଗର ଗନ୍ତାଘର ପାଲଟି ସାରିଲାଣି। ସମାଜରେ ଅପମୃତ୍ୟୁର ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଅକାଳରେ ମୃତ୍ୟୁ ଯୋଗୁଁ ପରିବାରର ସଦସ୍ୟ ନିଃସହାୟ ହୋଇ ବଞ୍ଚୁଛନ୍ତି। ଜଙ୍ଗଲ ହ୍ରାସ ଯୋଗୁଁ ପୃଥିବୀ ନିଆଁରେ ଜଳୁଛି। ଅଂଶୁଘାତ ପାଇଁ ମୃତକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ପଶୁପକ୍ଷୀଙ୍କ ଉପଯୁକ୍ତ ବାସସ୍ଥଳୀ ଓ ଖାଦ୍ୟପେୟ ଅଭାବରୁ ତାଙ୍କର ବଂଶ ଲୋପ ପାଉଛି। ବଣ୍ୟଜନ୍ତୁ ଗାଁ ଓ ସହରମୁହାଁ ହେଉଛନ୍ତି। ଠିକ୍ ସମୟରେ ଆମକୁ ବର୍ଷା ଜଳ ମିଳି ପାରୁନି, ଯଦ୍ୱାରା ଚାଷ କର୍ମରେ ବ୍ୟାଘାତ ସୃଷ୍ଟି ହେଉଛି। ମରୁଡ଼ି, ଦୁର୍ଭିକ୍ଷ ଆଦି ସମସ୍ୟା ବହୁ ସମୟରେ ଉପୁଜୁଛି। ଏହାର ପ୍ରଭାବ ଆମ ଅର୍ଥନୀତି ଉପରେ ସିଧାସଳଖ ପଡୁଛି। ଜଙ୍ଗଲଜାତ ଦ୍ରବ୍ୟ ଉତ୍ପାଦନ ହୋଇ ପାରୁନି। ତେଣୁ ବୈଦେଶିକ ମୁଦ୍ରା ଆମଦାନୀରେ ଆମେ ପଛେଇ ଯାଉଛୁ। ଦାରିଦ୍ର୍ୟ ସମସ୍ୟା ମଧ୍ୟ ବଢ଼ି ବଢ଼ି ଯାଉଛି, ଯାହା ଫଳରେ ବେକାରୀ ସମସ୍ୟା ଯୋଗୁଁ ଚୋରି, ଡକାୟତି, ହିଂସା, ହତ୍ୟା, ନିଶା ସେବନ ସହ ନିଶା କାରବାର ବୃଦ୍ଧି ହେଉଛି।

ଜନସଂଖ୍ୟା ବୃଦ୍ଧି ଏବଂ ଚାଷ ଜମି ହ୍ରାସ ଯୋଗୁଁ ଉତ୍ପାଦିତ ଦ୍ରବ୍ୟ ଚାହିଦା ଅନୁଯାୟୀ ଯୋଗାଣ ହୋଇ ପାରୁନି। ସେଥିରେ ପୁଣି ବର୍ଷାର ଅନିୟମିତତା! ସେଥିପାଇଁ ଚାଷୀ ଅଧିକ ଅମଳ କରିବାକୁ ବିଭିନ୍ନ ପ୍ରକାରର ଔଷଧ, ସାର ବ୍ୟବହାର କରୁଛି। ଫଳକୁ ପଚେଇବା ପାଇଁ କ୍ୟାଲ୍‌ସିୟମ୍ କାର୍ବାଇଡ୍ ନାମକ ବିଷାକ୍ତ ଔଷଧ ବ୍ୟବହାର କରାଯାଉଛି, ମଣିଷ ଯାହାକୁ ଖାଇ ବିଭିନ୍ନ ରୋଗର ଶିକାର ହେଉଛି। କହିବାକୁ ଗଲେ, ମଣିଷର ଲୋଭ ରୂପକ କୁକର୍ମ ଯୋଗୁଁ ମଣିଷ ହିଁ ଦୁଃଖର କାରଣ ପାଲଟୁଛି। ମଣିଷର ଶତ୍ରୁ ମଣିଷ ସାଜିଛି। ଠିକ୍ ସେହିପରି ଶିଳ୍ପ କାରଖାନାଗୁଡ଼ିକରୁ ନିର୍ଗତ



ବିଷାକ୍ତ ଗ୍ୟାସ୍ ବାୟୁମଣ୍ଡଳକୁ ଦୂଷିତ କରୁଛି। ତାକୁ ମଣିଷ ପ୍ରଶ୍ୱାସରେ ନେଇ ଫୁସ୍‌ଫୁସ୍ ଜନିତ ରୋଗରେ ଆକ୍ରାନ୍ତ ହେଉଛି। ସେଥିରୁ ନିର୍ଗତ ପାଉଁଶ ଓ ଦୂଷିତ ଜଳ ମୃତ୍ତିକାକୁ ପ୍ରଦୂଷିତ କରୁଛି। ଯାନବାହନ ବୃଦ୍ଧି ଯୋଗୁଁ ବାୟୁ ପ୍ରଦୂଷଣ ସହ ଲୋକଙ୍କ ଅସତର୍କତା ଏବଂ ଅଜ୍ଞାନତା ଯୋଗୁଁ ବହୁ ଦୁର୍ଘଟଣା ମଧ୍ୟ ଘଟୁଛି।

ମୋବାଇଲ, ଟ୍ୟାବଲେଟ୍ ମଧ୍ୟ କିଛି କମ୍ ମାରାତ୍ମକ ନୁହେଁ। ଶିକ୍ଷାର୍ଥୀମାନେ ପାଠପଢ଼ା ଛାଡ଼ି ସେଥିରେ ବ୍ୟସ୍ତ ରହୁଛନ୍ତି। ହଁ, ସବୁ ଜିନିଷର ସୁଗୁଣ ଓ ଦୁର୍ଗୁଣ ରହିଛି। ହେଲେ ମଣିଷର ମନ ଏମିତି ଯେ ଯାହା ମନା କରିବେ, ସେଇଟା ସେ କରିବ। ସେଥିରେ ଶିକ୍ଷଣୀୟ ଜିନିଷ ମଧ୍ୟ ରହିଛି। ଘରେ ବସି ଜଣେ ଲୋକ ୟୁଟ୍ୟୁବ୍‌ରେ ପ୍ରସାରିତ ବିଭିନ୍ନ ଶିକ୍ଷଣୀୟ ଚ୍ୟାନେଲ ମାଧ୍ୟମରେ ପଢ଼ି ଡାକ୍ତର, ଇଞ୍ଜିନିୟର, ଶିକ୍ଷକ ଆଦି ବିଭିନ୍ନ ଚାକିରିର ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାରିବ। ହେଲେ ସେ ରିଲସ୍, ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍, ହ୍ୱାଟସ୍‌ଆପ୍, ବିଭିନ୍ନ ପ୍ରକାର ଅନ୍‌ଲାଇନ୍ ଗେମ୍‌ରେ ବ୍ୟସ୍ତ ରହୁଛି। ଛୋଟ ସମୟରୁ ସେ ବହୁତ କିଛି ଶିଖି ଯାଉଛି, ଯାହା ତା' ପାଇଁ ନୁହେଁ। ପରିବାରର ଲୋକେ ମୋବାଇଲ ବ୍ୟବହାର କରିବାକୁ ମନା କଲେ ଆତ୍ମହତ୍ୟା କରିବାର ଧମକ ଦେଉଛି। ଆଉ କୌଣସି କୌଣସି ଜାଗାରେ କେହି କେହି ଆତ୍ମହତ୍ୟା ମଧ୍ୟ କରୁଛନ୍ତି। ଅନ୍‌ଲାଇନ୍ ଗେମ୍ ଯୋଗୁଁ ବହୁ ଶିକ୍ଷାର୍ଥୀ ମରିବା ପାଇଁ ମଧ୍ୟ ପଛାଉ ନାହାନ୍ତି ଓ ପଢ଼ିବା ଆଢୁଆଳରେ ଅଶ୍ଲୀଳ ଫିଲ୍ମ ଦେଖୁଛନ୍ତି। ସମୟ ସମୟରେ ସେମାନଙ୍କ ଭୁଲ୍ ଯୋଗୁଁ ବାପାମା'ଙ୍କୁ ପଇସା ମଧ୍ୟ ହରାଇବାକୁ ପଡୁଛି।

ଆଧୁନିକ ଉପକରଣମାନ ତିଆରି ହେବାର ଲକ୍ଷ୍ୟ ଅଲଗା। ମାତ୍ର ଆଜିର ମଣିଷ ତାକୁ କୁକର୍ମରେ ବ୍ୟବହାର କରୁଛି। ଅନ୍ୟକୁ ଧ୍ୱଂସ କରିବା, ଅନ୍ୟର ଅମଙ୍ଗଳ ଚିନ୍ତାରେ ତାହା ବ୍ୟବହୃତ ହେଉଛି, ଯେମିତି ପରମାଣୁ ବୋମା। ସବୁ ଆଧୁନିକ ହେଉଛି, ହେଲେ ତା'ର କୁପ୍ରଭାବ ଏଇ ପୃଥିବୀବାସୀଙ୍କ ଉପରେ ଏକ ଅଭିଶାପ ମଧ୍ୟ ହେଉଛି। ଯେ ପର୍ଯ୍ୟନ୍ତ ମଣିଷ ଜାଗ୍ରତ ହେବ ନାହିଁ, ଏଇ ପରିସ୍ଥିତି ସହ ମୁକାବିଲା କରି ପାରିବ ନାହିଁ। ପରିବେଶର ସନ୍ତୁଳନ ବଜାୟ ରଖିବା ପାଇଁ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଆଜିର ଶିଶୁଙ୍କୁ ଠିକ୍ ରାସ୍ତାକୁ ଆଣିବା ପାଇଁ ଉପଯୁକ୍ତ ଗାଇଡ୍ ଦରକାର ଏବଂ ଆମ ପରିବେଶକୁ ନିଶାମୁକ୍ତ କରି ଏହାକୁ ସ୍ୱଚ୍ଛ, ନିର୍ମଳ କରିବାକୁ ପଡ଼ିବ। ତା'ପରେ ଯାଇଁ ଏଇ ପୃଥିବୀ ପୁଣି ହସି ଉଠିବ।

ନୂଆପଡ଼ା
ମୋ: ୭୮୯୪୫୨୮୪୯୩

## ସମ୍ପାଦକଙ୍କୁ ପତ୍ର

### କର୍ମ ନିଯୋଜନ ମାଧ୍ୟମରେ ଦେଶର ପ୍ରଗତି ସମ୍ଭବ

କଲ୍ୟାଣକାରୀ ରାଷ୍ଟ୍ରର ଶାସନ ବ୍ୟବସ୍ଥାରେ ପ୍ରତ୍ୟେକ ଲୋକଙ୍କୁ ନିଶ୍ଚିତ କର୍ମ ନିଯୋଜନ ମାଧ୍ୟମରେ ସହଜରେ ଦେଶର ପ୍ରଗତି ଅଣାଯାଇ ପାରିବ। କାରଣ, ଆମ ଦେଶରେ ମାନବ ସମ୍ବଳର ଅଭାବ ନାହିଁ। ଉଚ୍ଚଶିକ୍ଷିତ, ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଏବଂ ଅଶିକ୍ଷିତ- ସବୁ ବର୍ଗର ମାନବ ସମ୍ବଳକୁ ସୁବିନିଯୋଗ କରି ପାରିଲେ ବିକାଶ ପାଇଁ ବାଧକ ରହିବ ନାହିଁ। କୃଷି ହେଉ କି ଶିଳ୍ପ, ଦପ୍ତର ହେଉ କି ନିର୍ମାଣ ପ୍ରକଳ୍ପ, ଶିକ୍ଷା ହେଉ କି ସ୍ୱାସ୍ଥ୍ୟ ସେବା, ବିଜ୍ଞାନ ହେଉ କି ବୈଷୟିକ କାରିଗରୀ, ବାଣିଜ୍ୟ ହେଉ କି ପରିବହନ, ଏପରିକି କଳା, ସାହିତ୍ୟ, ସଂସ୍କୃତି, ସ୍ଥାପତ୍ୟ ଓ ପର୍ଯ୍ୟଟନ ସବୁ କ୍ଷେତ୍ରରେ ପର୍ଯ୍ୟାପ୍ତ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟିକରି ବେକାରୀ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବା ଜରୁରୀ। କେବଳ ଗରିବୀ ହଟାଇବା ଯୋଜନା ଜରିଆରେ କୌଣସି କର୍ମ ସଂସ୍ଥାନ ପରିବର୍ତ୍ତେ ଦେଶବାସୀଙ୍କୁ ଆର୍ଥିକ ଭତ୍ତା, ଶସ୍ୟ ଦାନା ଅବା ପଢ଼ି ସାମଗ୍ରୀ ପ୍ରଦାନ କରାଗଲେ ଗୁଡ଼ାଏ ଅଳସୁଆ ତଥା ଅକର୍ମଣ୍ୟ ସୃଷ୍ଟି ହେବା ସହିତ ଦେଶର ଆର୍ଥିକ ମେରୁଦଣ୍ଡ ଦୋହଲି ଯିବା ବିଚିତ୍ର ନୁହେଁ। ତା' ଛଡ଼ା କେଉଁ ବିଦେଶୀ ପ୍ରରୋଚନାରେ ଭଳିଯାଇ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା, ବାଧ୍ୟତାମୂଳକ ଅବା ସ୍ୱେଚ୍ଛାକୃତ ଅବସର ଦେଇ ଲୋକଙ୍କୁ କର୍ମଚ୍ୟୁତ କରିଦେବା ଏବଂ ଦକ୍ଷ ତଥା କୁଶଳୀ ମାନବ ସମ୍ବଳକୁ ଠିକା ଭିତ୍ତିରେ ଦୁରୁପଯୋଗ କରୁଥିବା ବ୍ୟବସ୍ଥା କଦାପି ପ୍ରଗତିର ଲକ୍ଷଣ ହୋଇ ନପାରେ। ଏଣୁ, ସରକାର ସମଗ୍ର ଦେଶର ପ୍ରତିଟି ନାଗରିକଙ୍କୁ ଉପଯୁକ୍ତ କର୍ମ ସଂସ୍ଥାନ ଯୋଗାଇ ଦେବା ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ଅଥବା ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରି ପାରିଲେ ପ୍ରଗତି ଅବଶ୍ୟମ୍ଭାବୀ ହୋଇ ପାରିବ।

**ଅବନୀ ଚନ୍ଦ୍ର ଦାସ, ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

# କ୍ୱାଡ୍‌ର ସ୍ଥିତିଗତ ସଂକଟ

ଭାରତ, ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆକୁ ନେଇ ଗଠିତ କ୍ୱାଡ୍ ଗୋଷ୍ଠୀର ଭବିଷ୍ୟତକୁ ନେଇ ବେଶ୍ କେତେ ମାସ ହେବ କଳ୍ପନା ଜଳ୍ପନା ପ୍ରକାଶ ପାଇ ଆସୁଛି ଯେ ସାମ୍ପ୍ରତିକ ପରିବର୍ତ୍ତିତ ପରିସ୍ଥିତିରେ ଏହା ତିଷ୍ଠି ରହିବ କି ନାହିଁ। ଗତ ମଙ୍ଗଳବାର ଦିନ ଉପରୋକ୍ତ ଚାରିଗୋଟିଯାକ ଗଣତନ୍ତ୍ରର ବିଦେଶ ମନ୍ତ୍ରୀମାନଙ୍କ ବୈଠକ ଏହି ଗୋଷ୍ଠୀର ସ୍ଥିତିରେ ଏକ ନୂତନ ଜୀବନ ସଞ୍ଚାର କରିବାକୁ ଯାଇ ଗୁରୁତ୍ୱାରୋପ କରିଛି ଯେ ଏହାର ଲୋପ ପାଇବା ସମ୍ପର୍କରେ ଭବିଷ୍ୟବାଣୀ କରିବା ଅପରିପକ୍ୱତାର ପରିଚାୟକ। ଟାରିଫ୍ ଧମକ ପରେ ଆମେରିକା-ଭାରତର ସମ୍ପର୍କରେ ଫାଟ ସୃଷ୍ଟି ହେବା ପରିପ୍ରେକ୍ଷୀରେ ଏହି ଗୋଷ୍ଠୀ ଭାଙ୍ଗିଯିବାକୁ ନେଇ ଯେଉଁ ଆଶଙ୍କା ଦେଖା ଦେଇଥିଲା, ସେଥିରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଉପରୋକ୍ତ ବୈଠକ ନୂତନ ଶକ୍ତି ଭରିଦେବା ସହିତ ଏହାର ଉଦ୍ଦେଶ୍ୟର ପୁନରୁଦ୍ଧାର କରିବାରେ ଅନେକାଂଶରେ ସମର୍ଥ ହୋଇଛି। ଏହି ବୈଠକ ପୂର୍ବରୁ ଆମେରିକାର ସେକ୍ରେଟାରୀ ଅଫ୍ ଷ୍ଟେଟ୍ ମାର୍କୋ ରୁବିଓଙ୍କ ଭାରତ ଆଗମନ ହୁଏତ ଏଇ ଆଶ୍ୱାସନା ନେଇ ଆସିଥିଲା ଯେ ଭାରତ ଏବେ ସୁଦ୍ଧା ଅଭିଜାତ ରାଷ୍ଟ୍ରଙ୍କ ଗୋଷ୍ଠୀରୁ ସମ୍ପୂର୍ଣ୍ଣ ବାହାରି ଯାଇନାହିଁ। ବାଣିଜ୍ୟ ଏବଂ ରିହାତି ଦରରେ ଭାରତ କିଣୁଥିବା ରୁଷୀୟ ତୈଳକୁ ନେଇ ସୃଷ୍ଟି ହୋଇଥିବା ଭୁଲ୍ ବୁଝାମଣା ପରିସ୍ଥିତିକୁ ସୁଧାରି ଉଭୟ ଦେଶଙ୍କ ସମ୍ପର୍କରେ ପୁନରୁଦ୍ଧାର କରିବା ପାଇଁ ଯେତେସବୁ ସକାରାତ୍ମକ ପଦକ୍ଷେପ ନିଆଯାଇପାରେ, ସେସବୁ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସଂଯୋଗବଶତଃ ଶ୍ରୀଯୁକ୍ତ ରୁବିଓଙ୍କ ଗସ୍ତ ସମୟରେ ଚଳିତ ବର୍ଷ ଭାରତ କ୍ୱାଡ୍ ବିଦେଶ ମନ୍ତ୍ରୀମାନଙ୍କ ବୈଠକ ଅନୁଷ୍ଠିତ କରୁଥିଲା ଏବଂ ଏହି ସ୍ଥାନ ସେହି ସମ୍ମିଳନୀ ପାଇଁ ସ୍ଥିର କରାଯିବା ଧରି ନିଆଯାଇଥିଲା। ଭୂରାଜନୀତିକ ଅବସ୍ଥା ଘନ ଘନ ପରିବର୍ତ୍ତନ ଦେଇ ଗତି କରୁଥିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଚୀନ୍ ଉପାଦାନକୁ ନେଇ ଏହି ଗୋଷ୍ଠୀ ନୂତନ ପଦକ୍ଷେପମାନ ନେବା ଉପରେ ସକାରାତ୍ମକ ଢଙ୍ଗରେ ଜୋର୍ ଦେବାର ଯଥେଷ୍ଟ ମହତ୍ତ୍ୱ ରହିଛି, କାରଣ ଏହି ଗୋଷ୍ଠୀର ରଣନୀତିକ ଗୁରୁତ୍ୱ ବର୍ତ୍ତମାନ ଢେର୍ ବୃଦ୍ଧି ପାଇଛି।

କ୍ୱାଡ୍ ବିଦେଶ ମନ୍ତ୍ରୀମାନଙ୍କ ସମ୍ମିଳନୀ ତୃଣମୂଳ ସ୍ତରରେ ବହୁବିଧ ଫଳାଫଳଗୁଡ଼ିକୁ ସାମ୍ନାକୁ ଆଣିଛି। ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡ଼ିକର ଯୋଗାଣ ଶୃଙ୍ଖଳକୁ ବିକଶିତ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ବୈଷୟିକ ଜ୍ଞାନକୌଶଳର ଆବଣ୍ଟନ ଉପରେ ଏହି ମନ୍ତ୍ରୀମାନେ ଯେଉଁ କାରବାର ସମ୍ପାଦନ କରିଛନ୍ତି, ତାହା ଚୀନ୍ ଉପରେ ସେମାନଙ୍କର ନିର୍ଭରଶୀଳତାକୁ ହ୍ରାସ କରିବାରେ ସହାୟକ ହେବ। ପୂର୍ବ ଚୀନ୍ ସାଗର ଏବଂ ଦକ୍ଷିଣ ଚୀନ୍ ସାଗରକୁ ଖୋଲା ରଖିବା ଉପରେ ସେମାନଙ୍କର ଦୃଢ଼ ଆଶ୍ୱାସନା, ଏକ ବନ୍ଦର ନିର୍ମାଣ କରିବା ପାଇଁ ସେମାନଙ୍କର ପରସ୍ପର ସହିତ ସହଯୋଗ କରିବାର ଯୋଜନା, ଏବଂ ଏହି ଅଞ୍ଚଳରେ ବିପଦପ୍ରବଣ ଅବସ୍ଥାରେ ରହିଥିବା ଦେଶମାନଙ୍କୁ ମାନବୀୟ ସହାୟତାମାନ ପ୍ରଦାନ କରିବାର ନିରନ୍ତର ଉଦ୍ୟମ ଅବଶ୍ୟ ସ୍ୱାଗତଯୋଗ୍ୟ। ଆତଙ୍କବାଦକୁ ଘୋର ନିନ୍ଦା କରିବା ତ ଏକ ସାଧାରଣ କଥା; ତେଣୁ ଏଥିରେ ବିଶେଷ ଆଶ୍ଚର୍ଯ୍ୟ ହେବାର ସେମିତି କିଛି ନାହିଁ। କିନ୍ତୁ ଉଗ୍ରବାଦର ବିଲୋପ ହେଉ କି ସାମୁଦ୍ରିକ ଯାତାୟାତ କ୍ଷେତ୍ରରେ ଆନ୍ତର୍ଜାତିକ ଆଇନ ଓ ସ୍ୱାଧୀନତାକୁ ବଜାୟ ରଖିବା ଉପରେ କ୍ୱାଡ୍ ବିଦେଶ ମନ୍ତ୍ରୀମାନଙ୍କର ଉଦ୍ଦେଶ୍ୟମୂଳକ ବିବୃତି ଫମ୍ପା ଆବାଜ ଭଳି ମନେହୁଏ, କାରଣ ଆମେରିକାର ଏ ବାବଦରେ କାର୍ଯ୍ୟ ଉପରେ ଅନେକ କିଛି ନିର୍ଭର କରେ। ବିଦେଶ ମନ୍ତ୍ରୀମାନଙ୍କ ଦ୍ୱାରା ଜାରି କରାଯାଇଥିବା ମିଳିତ ବିବୃତି ଗୁରୁତ୍ୱପୂର୍ଣ୍ଣ ଜଳପଥଗୁଡ଼ିକୁ ବନ୍ଦ କରିଦେବାର ବିରୋଧ କରେ। କିନ୍ତୁ ହର୍ମୁଜ୍ ପ୍ରଣାଳୀରେ ଆମେରିକୀୟ ନୌବାହିନୀ ଦ୍ୱାରା ଇରାନ୍‌ର ଅବରୋଧ କରିବା ସମ୍ପର୍କରେ କ'ଣ କୁହାଯାଇ ପାରିବ?

ମିଳିତ ବିବୃତି ସ୍ଥିତାବସ୍ଥାରେ ପରିବର୍ତ୍ତନ ଆଣିବାର ଲକ୍ଷ୍ୟ ନେଇ କରା ଯାଇଥିବା ଏକପାଖିଆ ଆକ୍ରମଣକୁ ନିନ୍ଦା କରିଛି। ତେବେ ଇରାନ୍ ବିରୁଦ୍ଧରେ ଅପ୍ରତ୍ୟାଶିତ ଭାବରେ ଆମେରିକା ଓ ଇସ୍ରାଏଲ ଦ୍ୱାରା ମିଳିତ ଭାବରେ କରାଯାଉଥିବା ଯୁଦ୍ଧ ସମ୍ପର୍କରେ ତା'ହେଲେ କ'ଣ କୁହାଯାଇ ପାରିବ, ଯାହା ଏବେ ସମଗ୍ର ବିଶ୍ୱକୁ ଅର୍ଥନୀତିକ ସଂକଟ ଭିତରକୁ ଠେଲି ଦେଇଛି? ମନ୍ତ୍ରୀମାନେ ଆନ୍ତର୍ଜାତିକ ଆଇନକୁ ମାନି ଚଳିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ତା'ହେଲେ ଜାତିସଂଘ ସନନ୍ଦର ଖୋଲାଖୋଲି ଉଲ୍ଲଙ୍ଘନ କରି ଆମେରିକା ବେଶ୍ କେତେକ ସାର୍ବଭୌମ ରାଷ୍ଟ୍ରର ନେତାଙ୍କୁ ଗାଦିଚ୍ୟୁତ କରିବା ଏବଂ ଆଉ କେତେକଙ୍କର ହତ୍ୟା କରିବା ସମ୍ପର୍କରେ କ'ଣ କୁହାଯାଇ ପାରିବ? ସେମାନଙ୍କର ମିଳିତ ବିବୃତି ବିଭିନ୍ନ ପ୍ରକାରର ସାମଗ୍ରୀଗୁଡ଼ିକର ଅବାଧ ପ୍ରବାହକୁ ସୁନିଶ୍ଚିତ କରିବା ବାବଦରେ ଉଲ୍ଲେଖ କରିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯେତେବେଳେ ଟାରିଫ୍‌କୁ ବ୍ୟବହାର କରି ଏକ ବିଶ୍ୱସ୍ତରୀୟ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିବାକୁ ଚାହୁଁଛନ୍ତି, ସେତେବେଳେ ଏଇ ବିବୃତିର ଅର୍ଥ କ'ଣ? ବିଦେଶ ମନ୍ତ୍ରୀମାନେ ପହଲଗାମ୍ ଆତଙ୍କୀ ଆକ୍ରମଣର ଘୋର ନିନ୍ଦା କରିଛନ୍ତି। ଶ୍ରୀଯୁକ୍ତ ଟ୍ରମ୍ପ୍ ଯେତେବେଳେ ପାକିସ୍ତାନର ସେନାମୁଖ୍ୟଙ୍କୁ ତାଙ୍କର ପ୍ରିୟ ଫିଲ୍ଡ ମାର୍ଶାଲ କହୁଛନ୍ତି, ସେତେବେଳେ ସେମାନଙ୍କର ଏପରି ବିବୃତି ତା' ସହିତ କେମିତି ମେଳ ଖାଉଛି? ଏହାଠୁ ଅଧିକ ମୌଳିକ ଭାବରେ ଏକ ପ୍ରଶ୍ନ ଜାଗ୍ରତ ହୁଏ ଯେ ଦ୍ୱିପାକ୍ଷିକ କାରବାରକୁ ଛିନ୍ନ କରିବାକୁ ଚାହୁଁଥିବା ଶ୍ରୀଯୁକ୍ତ ଟ୍ରମ୍ପ୍ ଯେତେବେଳେ ଚୀନ୍‌କୁ ନିଜ ଆଡ଼କୁ ଆକୃଷ୍ଟ କରିବାର ଉଦ୍ୟମ କରୁଛନ୍ତି, ସେତେବେଳେ ଭାରତ-ପ୍ରଶାନ୍ତ ମହାସାଗରରେ ଚୀନ୍‌ର ଆକ୍ରମଣାତ୍ମକ ଅଭିମୁଖ୍ୟକୁ ପ୍ରତିରୋଧ କରିବାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ, ଯାହା ସମ୍ପର୍କରେ କିଛି କୁହାଯାଇ ନାହିଁ, ସେ ବାବଦରେ କି ପଦକ୍ଷେପ ନିଆଯାଉଛି? କ୍ୱାଡ୍ ତଥା ଭାରତ-ପ୍ରଶାନ୍ତ ମହାସାଗରରେ ପ୍ରଭୁତ୍ୱବାଦ ବିରୁଦ୍ଧରେ ଏକ ଗଣତାନ୍ତ୍ରିକ ସାମ୍ମୁଖ୍ୟର ଅବଧାରଣାକୁ ନେଇ ଏସବୁ ସ୍ଥିତିଗତ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହି ପରିପ୍ରେକ୍ଷୀରେ ତେଣୁ ଅନ୍ୟ ଏକ ପ୍ରଶ୍ନ ସାମ୍ନାକୁ ଆସିଥାଏ ଯେ କ୍ୱାଡ୍‌ର ସଦସ୍ୟ ରାଷ୍ଟ୍ରବୃନ୍ଦ, ବିଶେଷକରି ଆମେରିକା ନିକଟରେ ଏ ବାବଦରେ କିଛି ବୋଧଗମ୍ୟ ପ୍ରତିକ୍ରିୟା ରହିଛି କି?

# ରାଗ, ବୈରାଗ୍ୟ ଓ ବୀତରାଗ

ମଣିଷର କୌଣସି ନା କୌଣସି ବସ୍ତୁ ବା ବ୍ୟକ୍ତି ପ୍ରତି ଅଧିକ ଆସକ୍ତି ଥାଏ। ମଣିଷର ଏହି ଆସକ୍ତିକୁ କୁହାଯାଏ 'ରାଗ'। ଠିକ୍ ସେମିତି କୌଣସି ବସ୍ତୁ ପ୍ରତି ଥିବା ଅନାଗ୍ରହକୁ ବିରାଗ ବା 'ବୈରାଗ୍ୟ' କୁହାଯାଏ। କିନ୍ତୁ 'ବୀତରାଗ' ଚିତ୍ତର ଅନ୍ୟ ଏକ ସ୍ଥିତି। ରାଗ ଓ ବୈରାଗ୍ୟ ଏ ଉଭୟ କ୍ଷେତ୍ରରେ ଧନର ମୂଲ୍ୟକୁ କଳନା କରାଯାଏ। ବୀତରାଗ ଚିତ୍ତର ଏମିତି ଏକ ସ୍ଥିତି, ଯେଉଁଠି ଆସକ୍ତି ବା ଅନାସକ୍ତି ନଥାଏ। ବୀତରାଗ ସ୍ଥିତିର ଏକ ଉଦାହରଣ।

କେହି କେହି କବୀର ଦାସଙ୍କୁ ଶ୍ରଦ୍ଧା ଓ ଭକ୍ତିରେ କିଛି ଭେଟି ଦେଉଥିଲେ। କବୀର ଦାସ ବୈରାଗୀ ଥିଲେ। ତେଣୁ ସେ ଭେଟି ଗ୍ରହଣ କରୁ ନଥିଲେ। କିନ୍ତୁ ତାଙ୍କ ପୁଅ କମାଲ୍ ସେହି ଭେଟିକୁ ରଖୁଥିଲେ। ଏହା କବୀରଙ୍କୁ ଭଲ ଲାଗୁ ନଥିଲା। ସେ କମାଲ୍‌ଙ୍କୁ ଅନ୍ୟତ୍ର ରହିବା ପାଇଁ ଆଦେଶ ଦେଲେ। କମାଲ୍ ମଧ୍ୟ କିଛି ଦୂରରେ କୁଡ଼ିଆଟିଏ ନିର୍ମାଣ କରି ରହିଲେ। ଦିନେ କାଶୀର ରାଜା କବୀରଙ୍କୁ ଭେଟିବା ପାଇଁ ଗଲେ। କମାଲ୍‌ଙ୍କ କଥା ବି ପଚାରିଲେ। କବୀର କହିଲେ- 'ତା'ର ଧନ ଉପରେ ଲୋଭ ବଢ଼ି ଯାଇଛି। ତେଣୁ ଅନ୍ୟ ସ୍ଥାନରେ ରହିବାକୁ କହିଛି।' କାଶୀରାଜା ଦିନେ କମାଲ୍‌ଙ୍କ ଆଶ୍ରମକୁ ଗଲେ। ସାଥୀରେ ନେଇଥିଲେ ହୀରା ପଥରଟିଏ। ତାହା କମାଲ୍‌ଙ୍କ ପାଦ ତଳେ ରଖି ପ୍ରଣାମ କଲେ। କମାଲ୍ କହିଲେ- 'ତୁମେ ଯଦି ଏହାକୁ ସାଧାରଣ ପଥର ଭାବୁଛ, ତା'ହେଲେ ରଖିଦେଇ ଯାଅ। ନହେଲେ ଅଯଥାରେ ପଥର କାହିଁକି ବୋହି ବୋହି ନେବ!' ରାଜା ଭାବିଲେ, ଏ ତ ବଡ଼ ଚାଲାକ୍ କଥା କହୁଛନ୍ତି! ହୀରାକୁ କେହି କ'ଣ ପଥର ଭାବେ?

କମାଲ୍ କହିଲେ- 'ଯଦି ତୁମେ ଏହାକୁ ପଥର ଭାବି ଥାଆନ୍ତ, ତା'ହେଲେ କେଉଁଠି ବି ରଖି ଥାଆନ୍ତ। ତୁମେ ଏଯାଏଁ ସାଧାରଣ ପଥର ଭାବିପାରି ନାହଁ। ଏବେ ବି ତୁମ ଇଚ୍ଛା ତାକୁ ଯେଉଁଠି ରଖିବା କଥା ରଖିଦିଅ।'

କାଶୀ ରାଜା କମାଲ୍‌ଙ୍କୁ ଜଣାଇ କୁଡ଼ିଆର ଚାଳରେ ସେହି ହୀରା ପଥରକୁ ଖୋସିଦେଇ ଫେରିଗଲେ। ଅନେକ ଦିନ ବିତିଗଲା। ରାଜା ପୁଣି ଥରେ କମାଲ୍‌ଙ୍କୁ ଭେଟିଲେ। କହିଲେ- 'ଆପଣଙ୍କୁ ମୁଁ ଥରେ ଭେଟିଥିଲି। ତା' ସହିତ ଏକ ମୂଲ୍ୟବାନ ହୀରା ସେହି କୁଡ଼ିଆ ଚାଳରେ ଖୋସିଦେଇ ଆସିଥିଲି।'

କମାଲ୍ କହିଲେ- 'ସେ ବିଷୟ ମୁଁ ଜାଣେନାହିଁ। ତଥାପି ଦେଖିଆସ।'

ରାଜା ଯଥା ସ୍ଥାନରେ ଦେଖନ୍ତି ତ ସେମିତି ହୀରା ପଥରଟି ଚାଳରେ ଥିଲା। କମାଲ୍ ସେ ଆଡ଼କୁ ଦୃଷ୍ଟି ଦେଇ ନଥିଲେ।

ଏହାର ନାମ ହେଲା 'ବୀତରାଗ'। 'ରାଗ' ହେଉଛି ଦ୍ରବ୍ୟ ପ୍ରତି ଆସକ୍ତି। 'ବୈରାଗ୍ୟ' ହେଉଛି, ଦ୍ରବ୍ୟକୁ ଚିହ୍ନି ତାକୁ ତ୍ୟାଗ କରିବା ଆଉ 'ବୀତରାଗ' ହେଉଛି କମାଲଙ୍କ ଦୃଷ୍ଟିଭଙ୍ଗୀ ଭଳି। ପାଖରେ ଥାଇ ମଧ୍ୟ ନଥିଲା ପରି ରହିବା।

# ଦେଶୀମଦ କବଳରେ ଆଦିବାସୀ ଗାଁ

## ଦିନକୁଦିନ ହେଉଛି ପୁରୁଷଶୂନ୍ୟ
## ନିଘୋଡ଼ ନିଦ୍ରାରେ ଅବକାରୀ ବିଭାଗ

**ଓଡ଼ଗାଁ,୨୮।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଆଦର୍ଶ ଥାନାର ବିଭିନ୍ନ ଆଦିବାସୀ ଇଲାକାରେ ଦେଶୀମଦର ଚାହିଦା ଧୀରେ ଧୀରେ ବଢ଼ିବାରେ ଲାଗିଛି। ସକାଳ ହେଲେ ଆଦିବାସୀମାନେ ଗୋଟିଏ ଜାଗାରେ ବସି ମଦ୍ୟପାନ କରୁଥିବାର ଜଣାପଡ଼ିଛି। ଏହା ଏବେ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଥିବାବେଳେ ପୁଲିସ କିମ୍ବା ଅବକାରୀ ବିଭାଗ ଧରପଗଡ଼ କରି ଦେଶୀଭାଟି ଭାଙ୍ଗିବା ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଉଠିଛି। ସୂଚନା ଅନୁଯାୟୀ ବାଣ୍ଡପୁର ପଞ୍ଚାୟତର ଚେମେଡ଼ି, ତୁଲୁବୀ, ଧନୁର୍ଜୟପୁର, ଟିଙ୍କପଡ଼ିଆ, ଧବଳେଇ, ଭୋବସର, ନିହଲପ୍ରସାଦ, ନାଣ୍ଡିଗିରି ଆଦି ଗ୍ରାମରେ ବହୁଳ ମାତ୍ରାରେ ଦେଶୀମଦ କାରବାର ଚାଲୁଛି। ଟିଙ୍କପଡ଼ିଆ ଠାରେ ମଦ୍ୟପମାନେ ସକାଳୁ ସକାଳୁ ମେଳି ହୋଇ ବସି ମଦ୍ୟପାନ କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। କିଛି ମଦମାଫିଆ ଗୁଡ଼, ପିଡ଼ିଆ ଦେଇ ଜଙ୍ଗଲ ମଧ୍ୟରେ ମଦ ରାନ୍ଧିବା ପରେ ତାକୁ ଆଣି ଲୋକଙ୍କୁ ବିକ୍ରି କରୁଛନ୍ତି। ଏହି ଦେଶୀମଦ ଖାଇବା ଦ୍ୱାରା ଅନେକ ଲୋକ ପେଟରୋଗରେ ଆକ୍ରାନ୍ତ ହୋଇ ଛଟପଟ ହେଉଛନ୍ତି ଓ ଅକାଳରେ ଜୀବନ ହରାଉଛନ୍ତି। ଏହି ଆଦିବାସୀ ଗାଁ ଗୁଡ଼ିକରେ ଅଧିକାଂଶ ସ୍ତ୍ରୀ କମ୍ ବୟସରେ ବିଧବା ସାଜୁଛନ୍ତି। ପ୍ରଶାସନର ପ୍ରଚାର, ପ୍ରସାର ଓ ସଚେତନତା ଅଭାବରୁ ଲୋକମାନେ ଦେଶୀମଦକୁ ଆପଣାଉଛନ୍ତି। ଏହା ସହିତ ଦେଶୀମଦ ପ୍ରସ୍ତୁତ କରୁଥିବା ବ୍ୟକ୍ତିମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଉଠିଛି। ଯଦି ପୁଲିସ କିମ୍ବା ଅବକାରୀ ବିଭାଗ ଧରପଗଡ଼ ନକରେ ତେବେ ଗାଁ ଗୁଡ଼ିକ ପୁରୁଷଶୂନ୍ୟ ହୋଇପଡ଼ିବ ବୋଲି କୁହାଯାଉଛି। ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



# ଗୋଦାମଗୃହ ନିର୍ମାଣରେ ଅନିୟମିତତା ଅଭିଯୋଗ

**ନିଶ୍ଚିନ୍ତକୋଇଲି,୨୮।୫/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ୬ ଗୋଟି ସମବାୟ ସମିତିର ଉନ୍ନତିକରଣ କାର୍ଯ୍ୟ ପାଇଁ ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଯୋଗାଇ ଦିଆଯାଇଛି। ଏହି ୩୦ଲକ୍ଷ ଟଙ୍କା ମଧ୍ୟରୁ ୧୦ଲକ୍ଷ ଟଙ୍କାରେ ସମିତିର କାର୍ଯ୍ୟାଳୟ ନିର୍ମାଣ ଏବଂ ୨୦ଲକ୍ଷ ଟଙ୍କାରେ ସମିତିର ଗୋଦାମଗୃହ ନିର୍ମାଣ ପାଇଁ କେନ୍ଦ୍ର ସମବାୟ ସଂସ୍ଥା ପକ୍ଷରୁ ଆର୍ଥିକ ଅନୁଦାନ ଆସିଛି। ଏହି ୩୦ଲକ୍ଷ ଟଙ୍କା ଅନୁଦାନରେ ବର୍ତ୍ତମାନ ଏହି ବ୍ଲକ ଅଧିନସ୍ଥ ଜିଗ୍ନିପୁର କୃଷିଋଣ ସମବାୟ ସମିତିର କାର୍ଯ୍ୟାଳୟ ଓ ଗୋଦାମ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। କେନ୍ଦ୍ର ସରକାରଙ୍କ ଅନୁଦାନରେ ଓସ୍‌ଡମା ଦାୟିତ୍ୱରେ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ତଦାରଖରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲା ବେଳେ ଉପଯୁକ୍ତ ତଦାରଖ ନହେବାରୁ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହୋଇଛି। ସମବାୟ ସମିତିର ଗୋଦାମ ଗୃହ ନିର୍ମାଣରେ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଅନୁପସ୍ଥିତ ରହୁଥିବାରୁ ଏଭଳିକି ସମବାୟ ସମିତି ଗୋଦାମ ଗୃହର ଛାତ କାର୍ଯ୍ୟରେ କୌଣସି ଯନ୍ତ୍ରୀଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। କେତେକ ଚତୁର୍ଥଶ୍ରେଣୀ କର୍ମଚାରୀ ଏହି କାର୍ଯ୍ୟକୁ ତଦାରଖ କରୁଥିବା ଦେଖିବାକୁ ମିଳିଥିଲା। ଗୃହ କାର୍ଯ୍ୟରେ ଏପରିକ ବର୍ତ୍ତମାନ ଗ୍ରୀଷ୍ମର ପ୍ରକୋପ ଚାଲୁ ରହିଥିଲା ବେଳେ ଛାତର କାନ୍ଥରେ ପାଣି ଦିଆଯାଉ ନଥିବା ଦେଖିବାକୁ ମିଳିଥିଲା ଏହି ଗୋଦାମ ଗୃହ ନିର୍ମାଣ କାର୍ଯ୍ୟର କୌଣସି ସୁଚନା ଫଳକ ଲଗାଯାଇ ନଥିବା ଦେଖିବାକୁ ମିଳିଥିଲା। ସୁଚନା ଫଳକ ନଲଗାଇ କାର୍ଯ୍ୟ କରୁଥିବାରୁ ସାଧାରଣରେ ଘୋର ଅସନ୍ତୋଷ ଦେଖା ଦେଇଥିଲା। ଏପରିକି ଏହି କାର୍ଯ୍ୟର ସ୍ଥାୟିତ୍ୱ ନେଇ ସ୍ଥାନୀୟ ଅଞ୍ଚଳର ଲୋକମାନେ କ୍ଷୋଭପ୍ରକାଶ କରିଛନ୍ତି। ସରକାରଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ଘୋର ନିନ୍ଦା କରାଯାଇଛି। ଏପରିକି ଠିକାଦାର ନିରୀହ ଶ୍ରମିକମାନଙ୍କୁ ସରକାରଙ୍କ ଦିଆଯାଇଥିବା ନିର୍ଦ୍ଦେଶନାମା ପରେ କାର୍ଯ୍ୟ କରାଉଥିବା ଦେଖିବାକୁ ମିଳିଥିଲା।

# ସ୍ୱାସ୍ଥ୍ୟକର୍ମୀଙ୍କ ଇଚ୍ଛାରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର

**କଣାସ,୨୮।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାର କୌଣସି ସରକାରୀ କର୍ମଚାରୀ ୩ବର୍ଷରୁ ଊର୍ଦ୍ଧ ଗୋଟିଏ ସ୍ଥାନରେ ରହି ପାରିବେ ନାହିଁ ବୋଲି ନିୟମ ପ୍ରଣୟନ କରିଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକ୍‌ର କଣାସ ଠାରେ ଅବସ୍ଥାପିତ ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବି.ପି.ଓ ଧନେଶ୍ୱର ସ୍ୱାଇଁ ଦୀର୍ଘ ୮ବର୍ଷ ହେଲା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଛନ୍ତି। ଦୁଇଥର ବଦଳି ଆଦେଶ ହୋଇଥିଲେ ମଧ୍ୟ ଉପରେ କେଉଁ ବଡ଼ବାବୁଙ୍କୁ ହାତେଇଛନ୍ତି ଦୁଇଥର ଯାକ ବଦଳି ଆଦେଶ ବାତିଲ୍ ହୋଇଯାଇଛି। ଦୀର୍ଘଦିନ ହେଲା ରହି ଆସିଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଆସୁଥିବା ବିଭିନ୍ନ ଯୋଜନାର ଅର୍ଥ ସଠିକ୍ ଭାବେ ଖର୍ଚ୍ଚ କରାନଯାଇ ମିଥ୍ୟା ବିଲ୍‌ରେ ଖର୍ଚ୍ଚ ଦର୍ଶାଯାଉଥିବା ଅଭିଯୋଗ ବାରମ୍ବାର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ରାଜ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପ୍ରାଇଭେଟ୍ ବୋଲେରୋକୁ ଟ୍ୟାକ୍ସି ଭାବେ ଦର୍ଶାଯାଇ ମାସିକ ଭଡ଼ାରେ ଚଳାଇଥିବା ଅଭିଯୋଗରୁ ଜଣାଯାଏ। ସ୍ୱାସ୍ଥ୍ୟବିଭାଗ ଉଚ୍ଚାଧିକାରୀ ନିରପକ୍ଷ ଭାବେ ତଦନ୍ତକଲେ ବହୁ ଘଟଣା ଲୋକଲୋଚନକୁ ଆସିପାରିବ ବୋଲି ବଜାରଘାଟରେ ମୁଖ୍ୟ ଆଲୋଚନାର ବିଷୟବସ୍ତୁ ହୋଇଛି।

# ଓଡ଼ିଶା ପ୍ରାଶାସନିକ ସେବାରେ ଅର୍ଜିତ ହରିଚନ୍ଦନଙ୍କ କୃତିତ୍ୱ



**ଖୋର୍ଦ୍ଧା,୨୮।୫/ଏନ୍‌ଏନ୍‌ଏସ୍:** ଭାଲିଆବାଡ଼ି ଗ୍ରାମର ଅର୍ଜିତ ହରିଚନ୍ଦନ ୨୦୨୫ ମସିହାରେ ଅନୁଷ୍ଠିତ ଓଡ଼ିଶା ପ୍ରାଶାସନିକ ସେବାରେ କୃତିତ୍ୱର ସହିତ ୨୫ତମ ସ୍ଥାନରେ ରହି ସଫଳତା ପାଇଛନ୍ତି। ସେ କୌଣସି କୋଚିଂ ନ ନେଇ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷାଦାନ କରି ତୃତୀୟ ପ୍ରଚେଷ୍ଟାରେ ଏହି ସଫଳତା ପାଇଛନ୍ତି। ଅର୍ଜିତ ତାଙ୍କର ପ୍ରାଥମିକ ଶିକ୍ଷା ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷାଦାନ ଆରମ୍ଭ କରି ପରବର୍ତ୍ତୀ ମୁହୂର୍ତ୍ତରେ ଖୋର୍ଦ୍ଧା ଡି.ଏ.ଭି ସ୍କୁଲରେ ମାଧ୍ୟମିକ ଶିକ୍ଷା ସମାପ୍ତ ପରେ ଭୁବନେଶ୍ୱର ପୋଖରୀପୁଟ ଡି.ଏ.ଭି ସ୍କୁଲରୁ ଉଚ୍ଚ ମାଧ୍ୟମିକ ଏବଂ ଗୁଣୁପୁର ଜି.ଆ.ଇ.ଟିରୁ କମ୍ପ୍ୟୁଟର ସାଇନ୍ସରେ ବିଟେକ ଡିଗ୍ରୀ ହାସଲ କରିବା ପରେ ଭୁବନେଶ୍ୱର ସ୍ଥିତ ଟି.ସି.ଏସ କମ୍ପାନୀରେ କାର୍ଯ୍ୟରତ ଥିଲେ ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ଚାକିରି ଛାଡ଼ି ଓଡ଼ିଶା ପ୍ରାଶାସନିକ ସେବା ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳାଇଥିଲେ। ଅର୍ଜିତ ୨୦୨୩ ମସିହାରେ ପ୍ରଥମ ଥର ଓଡ଼ିଶା ପ୍ରାଶାସନିକ ସେବା ପରୀକ୍ଷା ସଫଳତା ପାଇ ନଥିବା ବେଳେ ୨୦୨୪ ମସିହାରେ ଅଳ୍ପ ମାର୍କ ପାଇଁ ମୌଖିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ। ୨୦୨୫ ମସିହାରେ ତୃତୀୟଥର ପ୍ରଚେଷ୍ଟାରେ ୨୫ତମ ସ୍ଥାନରେ ରହି ଓଡ଼ିଶା ପ୍ରାଶାସନିକ ସେବା ପରୀକ୍ଷାରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କ ପିତା ପ୍ରମୋଦ କୁମାର ହରିଚନ୍ଦନ ଅନୁସୂଚିତ ଜାତି ଓ ଜନଜାତି ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ଚାକିରିରୁ ଅବସର ନେଇଛନ୍ତି। ମାଆ ସଂଗୀତା ହରିଚନ୍ଦନ ଜଣେ ଗୃହିଣୀ। ଅର୍ଜିତ ତାଙ୍କର ଏହି ସଫଳତା ପାଇଁ ପ୍ରଭୁ ଜଗନ୍ନାଥଙ୍କ ଆଶିର୍ବାଦ ଏବଂ ତାଙ୍କ ପିତାମାତାଙ୍କ ପ୍ରେରଣା ଯୋଗୁଁ ସମ୍ଭବ ହୋଇପାରିଛି ବୋଲି କହିଛନ୍ତି। ବର୍ତ୍ତମାନ ଡିଜିଟାଲ ଯୁଗରେ ଏଆଇ କୌଶଳକୁ ବ୍ୟବହାରକରି ଜଣେ ସାଧାରଣ ଲୋକ ଯେପରି ତ୍ୱରିତ ନ୍ୟାୟ ପାଇପାରିବ ସେଥିପ୍ରତି ସେ ଯତ୍ନବାନ ହେବା ସହିତ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳାଇବେ ବୋଲି କହିଥିଲେ। ତାଙ୍କର ଏହି ସଫଳତା ଯୋଗୁଁ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ନୀଳମାଧବ ମନ୍ଦିରର ବରିଷ୍ଠ ପୂଜକଙ୍କ ବିୟୋଗରେ ଶୋକ



**କଣ୍ଟିଲୋ,୨୮।୫/ଏନ୍‌ଏନ୍‌ଏସ୍:** ପ୍ରଭୁ ଶ୍ରୀ ନୀଳମାଧବଙ୍କ ବରିଷ୍ଠ ପୂଜକ ବାସୁଦେବ ମିଶ୍ରଙ୍କ ୮୨ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ସେ ବହୁଦିନ ହେଲା ସ୍ୱାସ୍ଥ୍ୟହାନୀଜନିତ କାରଣରୁ ଚିକିତ୍ସିତ ହେଉଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୌଣସି ଡେଭଲପ୍ ନ ହେବାରୁ ନିଜ ଗ୍ରାମ କଣ୍ଟିଲୋକୁ ଫେରିଆସିଥିଲେ। ଗତକାଲି ରାତ୍ରରେ ଅତ୍ୟଧିକ ଯନ୍ତ୍ରଣା ହେବା ଯୋଗୁ ତାଙ୍କୁ ସ୍ଥାନୀୟ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବାବେଳେ ତାଙ୍କର ବିୟୋଗ ଘଟିଥିଲା। ସେ ବ୍ରାହ୍ମଣ ସମାଜର ବରିଷ୍ଠ ସେବାୟତ, ଜଣେ ବିଶିଷ୍ଟ ପାଲାକାର, ନୀଳମାଧବଙ୍କ ମନ୍ଦିର ପରୀକ୍ଷା ଦାୟିତ୍ୱ ତୁଲାଇବା, ମନ୍ଦିରରେ ହାତଗଣତି ଭାବେ ଥିବା ପୂଜାରୀମାନଙ୍କ ଲୋପ ପାଉଥିବା ବେଳେ ଗୁରୁ ଭାବେ ଯୁବକମାନଙ୍କୁ ଶିକ୍ଷାଦାନ କରି ନୂତନ ପୂଜାରୀ ସୃଷ୍ଟି କରିବା ସହିତ ଜଣେ ଶାନ୍ତଶିଷ୍ଟ, ମିଷ୍ଟଭାଷୀ, ମେଳାପି ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ଦେହାନ୍ତରେ ବ୍ରାହ୍ମଣ ସମାଜ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକପ୍ରକାଶ କରିବା ସହିତ ଶେଷ ଦର୍ଶନ କରିଥିଲେ। ତାଙ୍କର ମୃତ୍ୟୁରେ ବ୍ରାହ୍ମଣ ସମାଜ ଓ କଣ୍ଟିଲୋ ଦେବୋତ୍ତର ବିଭାଗ ତଥା ଶ୍ରୀଜିଉଙ୍କର ଅପୂରଣୀୟ କ୍ଷତି ହୋଇଥିବା ବରିଷ୍ଠ ସେବାୟତ ରାସେଶ୍ୱର ମିଶ୍ର, ପିଙ୍କନ ମିଶ୍ର, ମନୋଜ ମିଶ୍ର, ମନୋରଞ୍ଜନ ମିଶ୍ର, ହୃଷିକେଶ ମିଶ୍ର, ଶ୍ରୀନିବାସ ମିଶ୍ର, ବାବୁଲି ମିଶ୍ର, ପ୍ରସନ୍ନ ମିଶ୍ର କହିଛନ୍ତି।

# ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ରଥଯାତ୍ରା ପ୍ରସ୍ତୁତି ବୈଠକ




**କୋଣାର୍କ,୨୮।୫/ଏନ୍‌ଏନ୍‌ଏସ୍:** ବୁଧବାର ପୂର୍ବାହ୍ନରେ କୋଣାର୍କ ସ୍ଥିତ ମା ଭଗବତୀ ପୀଠରେ ପୁରୀ ଜିଲ୍ଲାର ଅଗ୍ରଣୀ ସେଚ୍ଛାସେବୀ ସଂଗଠନ ମଲ୍‌ଟି ପ୍ରପୋଜ୍ ଯୁବ ସମ୍ମାନୀତ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ପୁରୀ ରଥଯାତ୍ରାରେ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସେବା କାର୍ଯ୍ୟ କରାଯିବା ପାଇଁ ସବିଶେଷ ଆଲୋଚନା କରାଯାଇଥିଲା। ମାନବ ସେବା ହିଁ ମାଧବ ସେବାର ଆଭିମୁଖ୍ୟ ନେଇ ଟ୍ରଷ୍ଟ ତା'ର ସାମର୍ଥ୍ୟ ଅନୁସାରେ ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟରେ ନିଜକୁ ସାମିଲ୍ କରିଥିବା ଓ ଆଗାମୀ ଦିନରେ ଏହି ସାମାଜିକ କଲ୍ୟାଣ କାର୍ଯ୍ୟରେ ସାମିଲ ହେବା ପାଇଁ ଟ୍ରଷ୍ଟର ସାଧାରଣ ସମ୍ପାଦକ ବିଶ୍ୱଜିତ୍ ବିଶ୍ୱାଳ ମତବ୍ୟକ୍ତି କରିଥିଲେ। ସେହିପରି ଟ୍ରଷ୍ଟର ସଭାପତି ସୁଶାନ୍ତ କୁମାର ପରିଡ଼ା ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଟ୍ରଷ୍ଟରର ସ୍ଥିତି ଓ ଏହାର ଆଭିମୁଖ୍ୟ ଓ କାର୍ଯ୍ୟବଳୀ ସମ୍ବନ୍ଧରେ ସମସ୍ତ ବିବରଣୀ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏକ ୱେବ୍‌ସାଇଟ୍ ଉନ୍ମୋଚନ କରାଯାଇଥିଲା। ବୈଠକରେ ଟ୍ରଷ୍ଟର ସୁବାଷ ଚନ୍ଦ୍ର ବେଉରା, ସହସମ୍ପାଦକ ବିଚିତ୍ର ଓଝା, ଅତୁଲ ଜେନା, ସୁଭାଶିଷ ମିଶ୍ର, ଓମ୍‌ପ୍ରକାଶ ବସ୍ତିଆ, ଚନ୍ଦ୍ରଶେଖର ନାୟକ, ହୃଷିକେଶ୍ ସ୍ୱାଇଁ, ପ୍ରଦୀପ୍ତ ଖଟୋଇ, ବବୁଲ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସହଯୋଗ କରିଥିଲେ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟସ୍ତ



**କୁଆଁପାଳ,୨୮।୫/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକର ଏରକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାପ୍ ନର୍ସ ପଦବୀ ଖାଲିପଡିଥିଲା ବେଳେ ସିକ୍ୟୁରିଟି ରାତ୍ରକାଳୀନ ଦାୟିତ୍ୱରେ ଅଛନ୍ତି। ଜଣେ ସାନିଟାଇଜର୍ ୱାର୍କର ଉପରେ କାର୍ଯ୍ୟଭାର ଲଦି ହୋଇପଡୁଛି। ଡାକ୍ତର ନଥିବାରୁ ରୋଗୀଙ୍କ ଭରସା ଦିନକୁ ଦିନ ତୁଟିବାକୁ ବସିଲାଣି। ଡବଲ ଇଞ୍ଜିନ୍ ସରକାର ସମୟରେ ମାହାଙ୍ଗାରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଭଦ୍ରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଭଳି ଏରକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ପାଲଟିଛି। ଖୋଦ୍ ସ୍ୱାଧୀନ ବିଧାୟକଙ୍କ ପଞ୍ଚାୟତରେ ଯଦି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ତେବେ ଅନ୍ୟ ଅଞ୍ଚଳ କଥା ପଚାରେ କିଏ। ରାସ୍ତାଘାଟ କରିଦେଲେ, ଏପରିକି କେନାଲ ଭିତର ଢ଼ଳେଇ କରିଦେଲେ ସାଧାରଣ ଲୋକଙ୍କ ସମସ୍ୟା ଦୂର ହେବ ନାହିଁ। ମାହାଙ୍ଗାରେ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି। ମାହାଙ୍ଗା ଅଞ୍ଚଳର ଅଧିକାଂଶ ସରକାରୀ ଡାକ୍ତରଖାନାରେ ଆୟୁଷ ଆର୍ୟୁବେଦିକ୍ ଡାକ୍ତରାଣୀ ଏଲୋପାଥିକ ଔଷଧ ଲେଖୁଛନ୍ତି। ରୋଗୀଙ୍କ ପାଇଁ ଆସୁଥିବା ଆର୍ୟୁବେଦିକ୍ ଔଷଧ କୁଆଡ଼େ ଯାଏ ତାହାର ହିସାବ ମିଳେନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଯେଉଁ ଡାକ୍ତରଖାନାରେ ଦିନେ ରୋଗୀଙ୍କର ଲମ୍ବାଧାଡି ଲାଗୁଥିଲା, ସେହି ଡାକ୍ତରଖାନାକୁ ଏବେ ଆଉ ରୋଗୀ ଆସୁନାହାନ୍ତି। ସ୍ୱାସ୍ଥ୍ୟବିଭାଗ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଅଗ୍ନିକାଣ୍ଡରେ ୧୦ ବଖରା ପୋଡ଼ି ପାଉଁଶ

**ବାଣପୁର,୨୮।୫/ଏନ୍‌ଏନ୍‌ଏସ୍:** ବାଣପୁର ବ୍ଲକ ନନ୍ଦପୁର ପଞ୍ଚାୟତର ମାଣ୍ଡେତ୍ରୀ ସରନଈ ଗାଁ ରେ ନିଆଁ ଲାଗି ୭ଟି ପରିବାରର ୧୦ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଘରେ ଥିବା ଗୁରୁତ୍ୱପୂର୍ଣ୍ଣ ଜିନିଷ ସହ ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ଜଳି ପୋଡି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ପୂର୍ବାହ୍ନରେ ନିଆଁ ଲାଗିଥିବା ଦେଖି ଗ୍ରାମବାସୀ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିବା ସହ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ତେବେ ନିଆଁର ପ୍ରକୋପ ଅଧିକ ଥିବାରୁ ଅଳ୍ପ ସମୟ ମଧ୍ୟରେ ୧୦ବଖରା ଘର ସମେତ ସମସ୍ତ ଆସବାବପତ୍ର ପୋଡି ଯାଇଥିଲା। ଗ୍ରାମର ଉମାଚରଣ ମହାରଣା, ଗୁଣ୍ଡିଚା ସାହୁ, ମହେଶ୍ୱର ସାହୁ, ଉଦୟନାଥ ସାହୁ, ଗୋପ ପଣ୍ଡା, ଦିଲ୍ଲୀପ ସାହୁ ଓ ଦ୍ରୌପଦୀ ମହାରଣାଙ୍କର ୧୦ବଖରା ଘର ପୋଡି ଯାଇଥିବା ବେଳେ ଉଦୟନାଥ ଝିଅ ବାହାଘର ପାଇଁ ରଖିଥିବା ସମସ୍ତ ଆସବାବପତ୍ର ଜଳିପୋଡି ଛାରଖାର ହୋଇଯାଇଛି। ଖବର ପାଇ ବାଲୁଗାଁ ଓ ବାଣପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ପ୍ରାଥମିକ ସ୍ତରରେ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ବଣ୍ଟାଯାଇଥିବା ବେଳେ ରାଜସ୍ୱ ନିରୀକ୍ଷକ ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ନନ୍ଦପୁର ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ ଗ୍ରାମବାସୀଙ୍କୁ ଚାଉଳ, ଡାଲି ପ୍ରଭୃତି ଖାଦ୍ୟ ସାମଗ୍ରୀ ସହ ରନ୍ଧନ ସାମଗ୍ରୀ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପୋଡି ଯାଇଥିବା ସମ୍ପତ୍ତିର ମୂଲ୍ୟ ୯ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବାଲୁଗାଁ ଅଗ୍ନିଶମ କେନ୍ଦ୍ରର ଅଧିକାରୀ ମୋହନ ଦଳାଇ ସୂଚନା ଦେଇଥିବାବେଳେ ରୋଷେଇ ସମୟରେ ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# +୨ ବାଣିଜ୍ୟ ପରୀକ୍ଷାରେ ଅଫ୍‌ସିନ୍ ଅଲ୍ଲୀଙ୍କ କୃତିତ୍ୱ




**ବୟାଳିଶମୌଜା,୨୮।୫/ଏନ୍‌ଏନ୍‌ଏସ୍:** କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦେଓପୁର ଗ୍ରାମର ନିବାସୀ, ପିତା ଅବ୍‌ଦୁଲ୍ ସଲାମ ଖାନ ଓ ମାତା ଆଞ୍ଜୁମ ଆରାଙ୍କ କୋଳମଣ୍ଡନ କରି ଜନ୍ମିତ କନ୍ୟା ଅଫ୍‌ସିନ୍ ଅଲ୍ଲୀ ଖାନ, ଚଳିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ବାଣିଜ୍ୟ ପରୀକ୍ଷାରେ ୯୫% ରୁ ଊର୍ଦ୍ଧ୍ୱ ନମ୍ବର ରଖି କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେବା ସହିତ ଜଗତସିଂହପୁର ଏସ୍‌ଭିଏମ୍ କଲେଜ ଦ୍ୱିତୀୟ ଟପ୍ପର ହେବାର ଗୌରବ ହାସଲ କରିପାରିଛନ୍ତି। ଏ ଖବର ପ୍ରଚାରିତ ହେବାପରେ, ଅଗ୍ରଣୀ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି, ସଭାପତି ସରୋଜ ନଳିନୀ ପରିଜା, ବୟାଳିଶମୌଜା ସାମ୍ବାଦିକ ସଂଗଠନର ସଭାପତି ଅନୀଲ ଦାସ ଓ ଅନ୍ୟ ବରିଷ୍ଠ ସଦସ୍ୟମାନେ ଅଫ୍‌ସିନ୍‌ଙ୍କ ଦେଓପୁରସ୍ଥିତ ବାସଭବନରେ ପହଞ୍ଚି, ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମୁକୁଟ ପରିଧାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପ୍ରତିକ୍ରିୟା ପ୍ରକାଶକରି ଛାତ୍ରୀ ଅଫସିନ କହିଥିଲେ କି, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ତରଫରୁ ତାଙ୍କୁ ସମ୍ମାନିତ କରାଯାଇଥିବାରୁ ସେ ନିଜକୁ ଧନ୍ୟ ମନେକରିବା ସହିତ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ। ତାଙ୍କର ଏହି କୃତିତ୍ୱ ପାଇଁ ସମସ୍ତ ଶ୍ରେୟ ତାଙ୍କ ପିତା ମାତା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରିଥିଲେ। ଏଥିସହିତ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ଏତାଦୃଶ ସମାଜସେବା କାର୍ଯ୍ୟ ପାଇଁ ଉଚ୍ଚପ୍ରଶଂସା କରିଥିଲେ। ଶେଷରେ ବରିଷ୍ଠ ସମାଜସେବୀ ଚନ୍ଦନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ନୟାହାଟ ବଜାରରେ ନାହିଁ ଡ୍ରେନ୍, ରାସ୍ତାରେ ବର୍ଷାଜଳ



**ନୟାହାଟ,୨୮।୫/ଏନ୍‌ଏନ୍‌ଏସ୍:** ନୟାହାଟ ବଜାରରେ ଡ୍ରେନ ସୁବିଧା ନଥିବାରୁ ସାମାନ୍ୟ ବର୍ଷାରେ ମୁଖ୍ୟ ପିଚୁରାସ୍ତା ଉପରେ ବର୍ଷାଜଳ ଜମି ରହିବା ଫଳରେ ଯାନବାହାନ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀବାହୀ ବସ୍ ଯିବା ସମୟରେ ପାଣି ଛିଟିକା ମାରି ବାଟରେ ଯାଉଥିବା ଲୋକଙ୍କ ଦେହରେ ପଡ଼ିବା ଫଳରେ ଗଣ୍ଡଗୋଳର ସୂତ୍ରପାତ ହେଉଛି। ଏହି ରାସ୍ତାଦେଇ ଦୈନିକ ଶହ ଶହ ଯାତ୍ରୀବାହୀ ବସ୍, ଟ୍ରକ୍ ଓ ଅନ୍ୟାନ୍ୟ ଗାଡିମଟର ଯାତାୟାତ କରିଥାନ୍ତି। ନୟାହାଟ ରାସ୍ତାଟି କାକଟପୁର ପୂର୍ତ୍ତବିଭାଗ ଅଧୀନରେ ଥିବାବେଳେ ପ୍ରତିଦିନ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଏହି ରାସ୍ତା ଦେଇ ଯାତାୟାତ କରୁଥିଲେ ମଧ୍ୟ କିପରି ତାଙ୍କର ଦୃଷ୍ଟିଗୋଚର ହେଉନାହିଁ ସେ ନେଇ ନୟାହାଟ ବ୍ୟବସାୟୀ ସଂଘର ସଭାପତି ଫକିର ଚରଣ ପରିକ ପ୍ରଶ୍ନ ଉଠାଇଛନ୍ତି। ପାଣି ଜମି ରହିବା ଫଳରେ ସାଧାରଣ ଲୋକ ଯାତାୟାତ କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ତୁରନ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରାନଯାଏ ଆଗାମୀ ଦିନରେ ରାସ୍ତାରୋକ କରାଯିବ ବୋଲି ନୟାହାଟ ବ୍ୟବସାୟୀ ସଂଘର ସଂପାଦକ ସୁବାସ ପାତ୍ର ପ୍ରକାଶ କରିଛନ୍ତି।

# ୨ ମାସ ହେଲା ଭତ୍ତା ବନ୍ଦ, ବୃଦ୍ଧବୃଦ୍ଧା ହନ୍ତସନ୍ତ

**ଓଡ଼ଗାଁ,୨୮।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକର ୩୬ଟି ପଞ୍ଚାୟତର ଭତ୍ତା ହିତାଧିକାରୀଙ୍କୁ ୨ମାସର ଭତ୍ତା ମିଳିନଥିବା ଅଭିଯୋଗ ହୋଇଛି। ଫଳରେ ବୃଦ୍ଧବୃଦ୍ଧାଙ୍କ ପେଟପାଟଣା ଚିନ୍ତା ବିଗିଡ଼ିବାରେ ଲାଗିଛି। ସୂଚନା ଅନୁଯାୟୀ ରାଜ୍ୟ ସରକାର ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମମାନଙ୍କୁ ଭତ୍ତା ଯୋଜନାରେ ସାମିଲ କରିଛନ୍ତି। ଏମିତିକି ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କୁ ୩ହଜାର ଟଙ୍କା ଭତ୍ତା ଦେବାକୁ ନିୟମ କରିଛନ୍ତି। ଆଜି ବି ଅନେକ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ଏହି ଭତ୍ତା ଟଙ୍କା ଉପରେ ନିର୍ଭର କରୁଥିଲେ ମଧ୍ୟ ସେମାନଙ୍କୁ ଦୁଇମାସର ଟଙ୍କା ଦିଆଯାଇନାହିଁ। ଫଳରେ ଏହି ବ୍ୟକ୍ତିମାନଙ୍କ ପକ୍ଷେ ଚଳିବା କଷ୍ଟକର ହୋଇପଡ଼ିଛି। ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଔଷଧ କିଣିବାକୁ କାହାପାଖରେ ପଇସା ନାହିଁ ତ ଦୋକାନରୁ ତେଲ, ଲୁଣ ଆଣିବାକୁ ଆଉ କାହାପାଖରେ ଟଙ୍କା ନାହିଁ। ଏମିତି ଅନେକ ସମସ୍ୟା ଭିତରେ ଜର୍ଜରିତ ହେଉଛନ୍ତି ଏହି ବର୍ଗର ବ୍ୟକ୍ତିମାନେ। ପ୍ରଥମମାସ ଧାର ଉଦ୍ଧାର କରି ନିଜ ଗୁଜୁରାଣ ମେଣ୍ଟାଇ ଦେଇଥିବା ବେଳେ ଦ୍ୱିତୀୟ ମାସରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟିହୋଇଛି। ଭତ୍ତା ଟଙ୍କା ନ ମିଳିବାରୁ ପୁଣି ପରଦୁଆରେ ହାତ ପାତିବାକୁ ପଡ଼ିଛି। କିଏ ଧାର୍ ଦେଉଛି ତ ଆଉ କିଏ ଏମାନଙ୍କୁ ମୁହଁ ମୋଡ଼ି ଚାଲିଯାଉଛି। ଅନ୍ୟ କିଛି ଉପାୟ ନଥିବାରୁ ଅନେକ ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତି ଭୋକ ଉପବାସରେ ପଡ଼ିଛନ୍ତି। କେତେକ ପରିବାରରେ ବୃଦ୍ଧବୃଦ୍ଧା ସେମାନଙ୍କ ପାଇଁ ବୋଝ ହୋଇଥିବାରୁ ଅଲଗାକରି ରଖିଥିବାରୁ ଏଭଳି ସମସ୍ୟାମାନ ସୃଷ୍ଟି ହୋଇଛି। ୨ମାସର ଭତ୍ତା ଟଙ୍କା ଆସିନଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଚଳିତ ଶିକ୍ଷାବର୍ଷର ପ୍ରଥମ ଶୈକ୍ଷିକ ସମୀକ୍ଷା ବୈଠକ



**ପୁରୀ,୨୮।୫/ଏନ୍‌ଏନ୍‌ଏସ୍:** ଜିଲ୍ଲା ସମଗ୍ର ଶିକ୍ଷା ସଭାଗୃହରେ ଚଳିତ ୨୦୨୬-୨୭ ଶିକ୍ଷା ବର୍ଷର ପ୍ରଥମ ଶୈକ୍ଷିକ ସମୀକ୍ଷା ବୈଠକ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶୈକ୍ଷିକ ସଂଯୋଜକ ସୁଶୀଲ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଗତ ତିନି ବର୍ଷର ମାଟ୍ରିକ ଫଳର ବିଶ୍ଳେଷଣ କରାଯାଇଥିଲା। ଚଳିତ ବର୍ଷର ମାଟ୍ରିକ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଦଶମ ୩.୦ କାର୍ଯ୍ୟକ୍ରମ ମାଧ୍ୟମରେ ଇ ୧ ଗ୍ରେଡ୍ ସଂଖ୍ୟା ବୃଦ୍ଧି, ଶତ ପ୍ରତିଶତ କୃତକାର୍ଯ୍ୟ ଓ ସମସ୍ତ ପଞ୍ଜିକୃତ ଛାତ୍ର ଛାତ୍ରୀ ପରୀକ୍ଷାଦେବା ସୁନିଶ୍ଚିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ଶୈକ୍ଷିକ ମାନବୃଦ୍ଧି ନିମନ୍ତେ ଏକ ବିସ୍ତୃତ ବିବରଣୀ ସୁଶୀଲ ମହାପାତ୍ର ଉପସ୍ଥାପନ କରିଥିଲେ। ଏହା ଉପରେ ଦିନସାରା ପର୍ଯ୍ୟାପ୍ତ ଆଲୋଚନା କରାଯିବା ସହ ସୁଚିନ୍ତିତ ମତାମତ ଗ୍ରହଣ କରାଯାଇଥିଲା ଯେଉଁଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ଶିକ୍ଷକ-ପ୍ରଶିକ୍ଷକ ସ୍ୱାଧୀନ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ସତ୍ୟବାଦୀ ଦାଶ ଏବଂ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାରେ ଖାନ ଏକାଡେମୀର କାର୍ଯ୍ୟକାରିତା ଉପରେ ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପରିଶେଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଢୀ, ଜିଲ୍ଲାପାଳଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ଦଶମ ୩.୦ର ସଫଳତାର ସହିତ କାର୍ଯକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହ ନୂତନ ଭାବେ ଜିଲ୍ଲା ଶୈକ୍ଷିକ କମିଟି ଗଠନ, ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମତକୁ ଆଧାର କରି ଏକ ନୂତନ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ଗୃହକୁ ପରାମର୍ଶ ଦେଇଥିଲେ। ବିଷୟଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଆଭାସୀ ବୈଠକ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ, ପ୍ରତି ମାସରେ ଗୋଷ୍ଠୀ ଶିକ୍ଷାଧିକାରୀମାନଙ୍କ ଦ୍ୱାରା ବ୍ଲକ୍‌ସ୍ତରୀୟ ଶୈକ୍ଷିକ ସମୀକ୍ଷା ବୈଠକ ଆୟୋଜନ ତଥା ପ୍ରତି ଶନିବାର ଇ୧ ଗ୍ରେଡ୍ ଆଶାୟୀ ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରତି ବ୍ଲକରେ ବିଷୟଭିତ୍ତିକ ସଂଶୟ ମୋଚନ କ୍ଲାସ ଆୟୋଜନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଜ୍ଞାନ ନିରୀକ୍ଷକ ଉମାକାନ୍ତ ମିଶ୍ର ଏବଂ ଶିକ୍ଷାବିଜ୍ଞାନ ସଂଯୋଜକ ରମେସ ବଲ୍ଲଭ ସାହୁ ପରିଚାଳନା କରିଥିଲେ। ପରିଶେଷରେ ଅତିରିକ୍ତ ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କାଳବୈଶାଖୀରେ ଭାଙ୍ଗିଲା ଗଛ

**ନୟାହାଟ,୨୮।୫/ଏନ୍‌ଏନ୍‌ଏସ୍:** ବୁଧବାର ରାତିରେ କାଳବୈଶାଖୀ ଯୋଗୁ ନୟାହାଟ ଅଞ୍ଚଳରେ ବର୍ଷା ସାଙ୍ଗକୁ ଜୋର୍‌ରେ ପବନ ବହିବା ଫଳରେ କେତେକ ସ୍ଥାନରେ ଗଛ ଭାଙ୍ଗିବା ସହିତ ବିଦ୍ୟୁତ୍ ତାର ଛିଣ୍ଡିପଡ଼ିଥିବା ଖବର ମିଳିଛି । କଦମ୍ବପାଟଣା ଗ୍ରାମଠାରେ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବା ବେଳେ କେତେକ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ଚବିଶି ଘଣ୍ଟା ବିତିଯାଇଥିଲେ ମଧ୍ୟ ରଙ୍ଗତୋଟା ଗ୍ରାମରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ପବନର ଗତି ପ୍ରଖର ଥିବାରୁ କେତେକ ପାନବରଜ ମଧ୍ୟ ଭାଙ୍ଗିପଡ଼ିଥିବା ବେଳେ କେତେକ ଲୋକଙ୍କ ଚାଳଛପର ଘର କ୍ଷତିଗ୍ରସ୍ତ ହୋଇଛି ।

ନିତିଦିନ NITIDIN

## ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା

**ସାଲେପୁର,୨୮।୫/ଏନ୍‌ଏନ୍‌ଏସ୍:** ସାଲେପୁର ହାଇସ୍କୁଲ ଅଡିଟରିୟମରେ ରାଜ୍ୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସମର ଡ୍ୟାନ୍ସ ଷ୍ଟାରର ଆବାହକ କ୍ଷୀରୋଦ ଚନ୍ଦ୍ର ନନ୍ଦଙ୍କ ସଂଯୋଜନା ରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୯୦ ପ୍ରତିଯୋଗୀ ଅଂଶ ଗ୍ରହଣ କରି ତାଙ୍କର ନୃତ୍ୟ ପରିବେଷଣ କରିଥିଲେ । ଏହି ନୃତ୍ୟ ପ୍ରତିଯୋଗିତାରେ ଆଧୁନିକ ନୃତ୍ୟ, ଓଡିଶୀ ନୃତ୍ୟ ଓ ଭଜନ ନୃତ୍ୟ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗୀ ମାନଙ୍କ ମୂଲ୍ୟାଙ୍କନ କରିବା ପାଇଁ ରାଜ୍ୟର ସୁନାମଧନ୍ୟ ନୃତ୍ୟଗୁରୁ ଡ. ଶ୍ରୀନିବାସ ଘଟୁଆରୀ, ବିଜୟ ସାମଲ, ଜଗଦୀଶ ଦାସ ଯୋଗଦେଇଥିଲେ । ଓଡ଼ିଶୀ ନୃତ୍ୟ ବରିଷ୍ଠ ବିଭାଗରେ ସତ୍ୟପ୍ରକାଶ ମଲ୍ଲିକ, କନିଷ୍ଠ ବିଭାଗରେ ପ୍ରଜ୍ଞାପ୍ରିୟଦର୍ଶିନୀ, ଭଜନ ନୃତ୍ୟ ବରିଷ୍ଠ ବିଭାଗରେ ସ୍ୱୀକୃତି ମହାପାତ୍ର, କନିଷ୍ଠ ବିଭାଗରେ ଦେବଯାନ ବିଶ୍ୱାଳ ଓ ସର୍ବ କନିଷ୍ଠ ବିଭାଗରେ ମାନସୀ ପାତ୍ର ୱିଇନର ହୋଇଥିବା ବେଳେ ଆଧୁନିକ ନୃତ୍ୟ ବରିଷ୍ଠ ବିଭାଗରେ ରୁଦ୍ରାଣୀ ହୋତା, କନିଷ୍ଠ ବିଭାଗରେ ସୁଭଦର୍ଶିନୀ ଆଚାର୍ଯ୍ୟ ୱିଇନର ହୋଇ ନଗଦ ରାଶି, ଟ୍ରଫି ଓ ମାନପତ୍ର ପାଇଥିଲେ । କାର୍ଯ୍ୟକ୍ରମରେ ଉପସ୍ଥାପିକା ଭାବେ ଅନୁଷ୍ଠାନର ଶର୍ମିଷ୍ଠା ନନ୍ଦ ଦାୟିତ୍ୱ ନିର୍ବାହ କରିଥିଲେ । କାର୍ଯ୍ୟକ୍ରମକୁ ସମାଜସେବୀ ମିହିର ଜେନା, ପୋଲିସ ଅଧିକାରୀ ଅମୀୟ ରଞ୍ଜନ ଧଳ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଚଳଚ୍ଚିତ୍ର ପ୍ରଯୋଜକ ଦିଲ୍ଲୀପ କୁମାର ଦାଶ, ସଂମ୍ମାନିତ ଅତିଥିଭାବେ ରବୀନ୍ଦ୍ର ନାଥ କର, ସୌମ୍ୟ ରଞ୍ଜନ ମଲ୍ଲ ଓ ଦେବଦାସୀ ୱିଇନର ସିଲିକ ସାଇନି ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ସକାଳ ୮ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମର ଡ୍ୟାନ୍ସସ୍ ଷ୍ଟାର ଅନୁଷ୍ଠାନର ସଦସ୍ୟ ବିରଞ୍ଚି ନାରାୟଣ କର, ବ୍ରହ୍ମାନନ୍ଦ ନନ୍ଦ, ଦେବାଶିଷ ଦାସ, ଆଶିଷ ଦାସ, ପ୍ରିୟଙ୍କା ଦାସ, ଅରୁଷି ନନ୍ଦ, ତେଜସ୍ୱିନୀ ଦାସପ୍ରମୁଖ ପରିଚାଳନା କରିଥିଲେ ।

## ବିପ୍ଳବୀ ନାଟ୍ୟକାର ପରଶୁରାମ ହରିଚନ୍ଦନଙ୍କ ୪୯ତମ ଶ୍ରାଦ୍ଧୋତ୍ସବ



**ଚିଲିକା,୨୮।୫/ଏନ୍‌ଏନ୍‌ଏସ୍:** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବିପ୍ଳବୀ ନାଟ୍ୟକାର, ସମାଜ ସୁଧାରକ ତଥା ବାଣପୁର ବ୍ଲକର ପ୍ରଥମ ଚେୟାରମ୍ୟାନ ସ୍ୱର୍ଗତ ପରଶୁରାମ ହରିଚ୍ନଦନଙ୍କ ୪୯ତମ ଶ୍ରାଦ୍ଧୋତ୍ସବ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ପରଶୁରାମ ହରିଚନ୍ଦନ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ନିଜ ଜନ୍ମସ୍ଥାନ ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରିମୁଣ୍ଡା ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଗମ୍ଭାରୀ ମୁଣ୍ଡାସ୍ଥିତ ପତିତପାବନ କଲ୍ୟାଣ ମଣ୍ଡପଠାରେ ସ୍ମୃତି କମିଟିର ସଭାପତି ଗୋଲକ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଶ୍ରାଦ୍ଧ ଉତ୍ସବ ସଭା ଅନୁଷ୍ଠିତ ହୋଇଥିଲା । ସଭାର ପ୍ରାରମ୍ଭରେ ଅତିଥିମାନେ ପରଶୁରାମ ହରିଚନ୍ଦନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡକ୍ଟର ବିଜୟ କୁମାର ଶତପଥୀ, ବିଶିଷ୍ଟ ଅତିଥିଭାବେ 'ବିଶ୍ୱମୁକ୍ତି'ର ସଂପାଦକ ପ୍ରଫେସର ଡକ୍ଟର ଶଶାଙ୍କ ଶେଖର ଚୂଡ଼ାମଣି, ସମ୍ମାନିତ ଅତିଥିଭାବେ ପରଶୁରାମ ମହାବିଦ୍ୟାଳୟର ଅଧକ୍ଷ ପ୍ରେମରାଜ ପ୍ରଧାନ, ମୁଖ୍ୟବକ୍ତା ସୁସାହିତ୍ୟିକ ଡକ୍ଟର ସତ୍ୟ ଷଡ଼ଙ୍ଗୀ, ଅନ୍ୟତମ ଅତିଥି ଚିଲିକା ବ୍ଲକର ପୂର୍ବତନ ଅଧକ୍ଷ ଲଳିତ ମୋହନ ପଟ୍ଟନାୟକ ଓ ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ ପ୍ରମୁଖ ଯୋଗଦେଇ ନାଟ୍ୟକାରଙ୍କ ବହୁମୁଖୀ ପ୍ରତିଭାର ଆଲୋକପାତ କରିଥିଲେ । ତତ୍‌ସହିତ ତାଙ୍କ ରଚିତ ନାଟକ 'ବିପ୍ଳବୀ କୃତ୍ତିବାସ', 'ଅଭିଶପ୍ତ ଦୁର୍ଗ', 'କପିଳେନ୍ଦ୍ର ଦେବ' ଓ 'ଛିନ୍ନାଙ୍ଗୀ' ପ୍ରଭୃତି ନାଟକ ଅତି ଉଚ୍ଚକୋଟୀର ଥିଲା 'ଛିନ୍ନାଙ୍ଗୀ' ନାଟକ ତାଙ୍କର ସର୍ବଶ୍ରେଷ୍ଠ ନାଟକ ଥିଲା । ଭାଷା ଆନ୍ଦୋଳନ ସମୟରେ ତାଙ୍କ ଦ୍ୱାରା ରଚିତ ଛିନ୍ନାଙ୍ଗୀ ନାଟକ ତତ୍‌କାଳୀନ ସମୟରେ ଓଡ଼ିଶାର ପୁରପଲ୍ଲୀରେ ମଞ୍ଚସ୍ଥ ହେବା ସହିତ ଏହା ଜନମାନସରେ ଆଦୃତି ଲାଭ କରିଥିଲା ଓ ଭାଷା ଆନ୍ଦୋଳନକୁ ଆଗେଇ ନେବାରେ ସାହାଯ୍ୟ କରିଥିଲା ବୋଲି ମତବ୍ୟକ୍ତ କରିଥିଲେ । ସ୍ମୃତି କମିଟିର ସମ୍ପାଦକ ଡାକ୍ତର ସୁରେନ୍ଦ୍ର ନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତାଙ୍କ ସୁପୁତ୍ର ତଥା ଚିଲିକାର ପୂର୍ବତନ ବିଧାୟକ ଡାକ୍ତର ବିଭୁତି ଭୂଷଣ ହରିଚନ୍ଦନ ଓ ପୌତ୍ର ଖୋର୍ଦ୍ଧା ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ ଉପସ୍ଥିତ ଥିଲେ ।

## କଣ୍ଟିଲୋ ରାମଲୀଳାର ଅନ୍ତିମ ଦିବସରେ ମହିରାବଣ, ରାବଣ ବଧ ଓ ରାମାଭିଷେକ



**କଣ୍ଟିଲୋ,୨୮।୫/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ମାଧବ ଚୌଧୁରୀ ପାଟଣାସ୍ଥ ପ୍ରଭୁ ଶ୍ରୀରଘୁନାଥଜିଉଙ୍କ ପୀଠରେ ରଘୁନାଥ ରାମଲୀଳା ନାଟ୍ୟ ସମିତି ଅନୁଷ୍ଠାନ ତରଫରୁ ଚାଲିଥିବା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମାନବୀୟ ଲୀଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ପଞ୍ଚମ ତଥା ଅନ୍ତିମ ରଜନୀ ନାଟକରେ ଅନୁଷ୍ଠାନର ଅଭିଜ୍ଞ କଳାକାରମାନଙ୍କ ଦ୍ୱାରା ମହିରାବଣ ବଧ ଓ ରାବଣ ବଧ ସହିତ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାମାଭିଷେକ୍ ନାଟକ ପ୍ରଦର୍ଶିତ ହୋଇଥିଲା । ଉଦ୍‌ଯାପନୀ ରାତ୍ର ନାଟକ ରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଯଥାକ୍ରମେ ଦୀପକ୍, ଶୁଭମ୍, ଓମ୍ ଅଭିନୟ କରିଥିଲାବେଳେ ରାବଣ, ମହିରାବଣ ଓ ଚାର ଭାବେ ଯଥାକ୍ରମେ କଳା କାହ୍ନୁ, ବାସୁଦେବ ଓ ବିଧାନ ଅଭିନୟ କରିଥିଲେ । ହନୁମାନ ଭାବେ ଚିତ୍ତରଞ୍ଜନ, ମକରଧ୍ୱଜ ଭାବେ ରାକା ଦାସ, ନିଦ୍ରାବତୀ ଭାବେ ଜୟ, ବିଭୀଷଣ ଭାବେ ଶିଶିର, ତ୍ରିଜଟା ଭାବେ ଦୀପକ୍, ତାରାତାରିଣୀ ଭାବେ ପକିନ ଓ ମିଥୁନ, ପୂଜାରୀ ଭାବେ ଆଶିଷ, ବାୟା ଓ ମାନସ ଏବଂ ଠାକୁରାଣୀ କାଳୀ ଭାବେ ପୁପୁନ ଅଭିନୟ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କଣ୍ଟିଲୋ ୬ ନମ୍ବର ଜୋନ୍ ଜିଲ୍ଲାପରିଷଦ ସଭ୍ୟା ଉମହାରଣା, ସମାଜସେବୀ ଅଖିଳ କୁମାର ମହାରଣା ଯୋଗଦେଇଥିଲେ ।

## ଦୀର୍ଘଦିନ ହେଲା ସରୁନି ରାସ୍ତା କାମ

# କେବେ ଦୁର୍ଘଟଣାରୁ ମୁକ୍ତି ପାଇବେ ସହରବାସୀ





**ବାଲୁଗାଁ,୨୮।୫/ଏନ୍‌ଏନ୍‌ଏସ୍:** ରାଜ୍ୟର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ସହର ତଥା ମତ୍ସ୍ୟ ବ୍ୟବସାୟର ପେଣ୍ଠସ୍ଥଳି ହେଉଛି ଖୋର୍ଦ୍ଧା ଜିଲାର ବାଲୁଗାଁ ସହର । ନିକଟରେ ରହିଛି ପକ୍ଷୀ ତୀର୍ଥ ଚିଲିକା ଏବଂ ନୌସେନା ପ୍ରଶିକ୍ଷଣ କେନ୍ଦ୍ର 'ଚିଲିକା ନୌପୋତ' । ବର୍ଷ ସାରା ଲାଗିରହିଥାଏ ପର୍ଯ୍ୟଟକ ଏବଂ ମତ୍ସ୍ୟ ବ୍ୟବସାୟୀଙ୍କ ଗହଳି । ତେଣୁ ଯାତାୟାତକୁ ସୁବ୍ୟବସ୍ଥିତ କରିବା ପାଇଁ ବାଲୁଗାଁ ସହର ମଧ ଦେଇ ଯାଇଥିବା ପୁରୁଣା ୫ନମ୍ବର ଜାତୀୟ ରାଜପଥକୁ ଚାରି ଲାଇନ କରିବା ପାଇଁ ଦାବି ହେଉଥିଲା । ତେବେ ୨୦୨୩ରେ ପୂର୍ତ୍ତ ବିଭାଗ ପକ୍ଷରୁ ପୁରୁଣା ରାଜପଥର ଭଗବତୀ ପାଟଣା ଠରୁ ବଡ଼କୁଳ ପର୍ଯ୍ୟନ୍ତ ୮କିଲୋମିଟର ରାସ୍ତାର ସମ୍ପ୍ରସାରଣ ପାଇଁ ୨୫କୋଟି ୬୮ଲକ୍ଷ ଟଙ୍କା ଅଟକଳ କରାଯାଇଥିଲା । ଏନେଇ ଖୋର୍ଦ୍ଧା ରାସ୍ତା ଓ ଗୃହ ବିଭାଜନ ପକ୍ଷରୁ ୨୦୨୪ରେ ନବରଙ୍ଗପୁରର ଜେଏମବିଜି କନଷ୍ଟ୍ରକ୍ସନ କମ୍ପାନୀକୁ ୧୮କୋଟି ୮୭ଲକ୍ଷ ୮୦ହଜାର ଟଙ୍କାରେ ଠିକା ଦିଆଯାଇଥିଲା । କାର୍ଯ୍ୟାଦେଶ ମୁତାବକ ୨୦୨୪ ମାର୍ଚ୍ଚ ମାସ ୧୫ତାରିଖରୁ ନିର୍ମାଣ କାମ ଆରମ୍ଭ ହୋଇ ୨୦୨୫ ଫେବୃଆରୀ ୧୪ରେ ସରିବା କଥା । ବାଲୁଗାଁ ରାସ୍ତା ଓ ଗୃହ ଉପବିଭାଜ କାର୍ଯ୍ୟାଳୟ ଏହାର ତଦାରଖ କରୁଛି । ମାତ୍ର ଅବଧି ସରିବାର ବର୍ଷେରୁ ଅଧିକ ସମୟ ବିତି ଯାଇଥିଲେ ମଧ ସରୁନାହିଁ ନିର୍ମାଣ କାମ । ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବାରୁ ରାଜପଥର ବିଭିନ୍ନ ସ୍ଥାନରେ ଗଭୀର ଭାବେ ଖୋଳାଯାଇ ବଡ ବଡ ଖାଲ ରହିଥିବା ବେଳେ ରାସ୍ତାରେ ଯାଉଥିବା ଗାଡି ଓ ପଥଚାରୀଙ୍କ ସୁରକ୍ଷା ପାଇଁ ଏହାର ସୁରକ୍ଷା କାନ୍ଥଟିଏ ମଧ ନିର୍ମାଣ କରିନାହିଁ ଠିକା ସଂସ୍ଥା । ଯାହାଫଳରେ ବିଭିନ୍ନ ସମୟରେ ଖାଲରେ ଗାଡି ପଡି ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଥିବା କହିଛନ୍ତି ଦୁର୍ଘଟଣାର ଶିକାର ହୋଇଥିବା ରାକେଶ ସାମନ୍ତରାୟ । ଅନ୍ୟପକ୍ଷରେ ଟ୍ରାଫିକ ସମସ୍ୟା ନ କହିବା ଭଲ । ଏମିତି ଖୋଲା ମେଲା ପୁଙ୍ଗୁଲା ବଡ଼ ବଡ଼ ଗାତକୁ ଛାଡି ଅଚିନ୍ତାରେ ଶୋଇଛନ୍ତି ଠିକାଦାର । ଏ ନେଇ ଅନେକ ସମୟରେ ଗୁରୁତର ଦୁର୍ଘଟଣା ମଧ ଘଟୁଥିବାର ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । ଖାଲି ସେତିକି ନୁହେଁ, ପିଏଚ୍‌ଡି ବିଭାଗର ପାଣି ପାଇପ୍‌ଲାଇନ୍ ମଧ ଖୋଲା ମେଲାରେ ଗାତ ଭିତରେ ପଡ଼ିରହିଛି । ଫଳରେ ଅସୁରକ୍ଷିତ ହୋଇପଡିଛନ୍ତି ପଥଚାରୀଙ୍କ ସମେତ ବୁଲା ଗୋରୁଗାଈ । ଖରାଦିନେ ଯଦି ପାଣି ପାଇପ ଫାଟିଯାଏ ତେବେ ପାଣିର ଅଭାବ ଯେ କେତେ କଷ୍ଟଦାୟକ ତାହା ସମସ୍ତଙ୍କୁ ଜଣା । ନିର୍ମାଣ କାର୍ଯ୍ୟ ଯୋଗୁ ଧୂଳିଧୂସରରେ ପୁରା ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି ଜନସାଧାରଣ । ତେବେ ବାଲୁଗାଁ ପ୍ରମୁଖ ପର୍ଯ୍ୟଟନସ୍ଥଳି ସହ ବ୍ୟବସାୟିକ ପେଣ୍ଠସ୍ଥଳି ହୋଇଥିବାରୁ ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡି ମଟର ଯିବା ଆସିବା କରୁଛି । ହେଲେ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀ କିମ୍ବା ଠିକାଦାର ଦୃଷ୍ଟି ଦେଉ ନଥିବାରୁ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି । ତେବେ ବିଭିନ୍ନ ବିଭାଗ ସହ ସମନ୍ୱୟର ଅଭାବ ଯୋଗୁ ନିର୍ମାଣରେ ବିଳମ୍ବ ହେଉଥିବା ଠିକା ସଂସ୍ଥାର ସୁପର ଭାଇଜର କହିଛନ୍ତି । ବିଭାଗୀୟ ଯନ୍ତ୍ରୀ ଏ ନେଇ କୌଣସି ମତାମତ ଦେଇନଥିବା ବେଳେ ସୁରକ୍ଷା ବନ୍ଦୋବସ୍ତ ସହ ତୁରନ୍ତ ନିର୍ମାଣ କାମ ସାରିବା ପାଇଁ ସହରବାସୀ ଦାବି କରିଛନ୍ତି ।

# ୧୩ଶହ ଶତାବ୍ଦୀର ପ୍ରାଚୀନ ଯଜ୍ଞକୁଣ୍ଡ ଓ ଭୋଗମଣ୍ଡପ ଉଚ୍ଛେଦ ପାଇଁ ଷଡ଼ଯନ୍ତ୍ରକୁ ସେବାୟତ ସଂଘର ବିରୋଧ

## ପୁରୀ ଜିଲ୍ଲାପାଳଙ୍କୁ ସେବାୟତ ସଂଘର ଦାବିପତ୍ର ପ୍ରଦାନ



**କୋଣାର୍କ,୨୮।୫/ଏନ୍‌ଏନ୍‌ଏସ୍:** ବିଶ୍ୱପ୍ରସିଦ୍ଧ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର ଉତ୍ତର କୋଣରେ ଥିବା ୧୩ଶହ ଶତାବ୍ଦୀର ପ୍ରାଚୀନ ଐତିହ୍ୟ ହିନ୍ଦୁ ଧର୍ମର ନବଗ୍ରହ ମନ୍ଦିର ପରିସରରେ ଥିବା ହିନ୍ଦୁ ଧାର୍ମିକ ଆସ୍ଥାର ଯଜ୍ଞକୁଣ୍ଡ, ଶ୍ରଦ୍ଧାଳୁଙ୍କ ପାଇଁ ନିର୍ମିତ ପାନୀୟ ଜଳଯୋଗାଣ ପ୍ରକଳ୍ପ ଓ ଭୋଗ ମଣ୍ଡପକୁ ଉଚ୍ଛେଦ ପାଇଁ ଏଏସ୍‌ଆଇ ବିଭାଗ ପକ୍ଷରୁ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ଷଡ଼ଯନ୍ତ୍ର ଓ ହିନ୍ଦୁ ଧର୍ମ ସଂସ୍କୃତି ବିରୋଧୀ କାର୍ଯ୍ୟକଳାପ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ଗଭୀର ଆଘାତ ଦେଇଥିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ନେଇ କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଐତିହ୍ୟ ବିଶାରଦ, ନବଗ୍ରହ ମନ୍ଦିର ସେବାୟତ ସଂଘ ଓ ଜନସାଧାରଣମାନଙ୍କ ପକ୍ଷରୁ ଏଏସ୍‌ଆଇର ଏପରି ହିନ୍ଦୁ ବିରୋଧୀ କାର୍ଯ୍ୟକଳାପକୁ ଜୋରଦାର ବିରୋଧ କରାଯାଇଛି । ଏ ନେଇ ଗୁରୁବାର ମଧାହ୍ନରେ କୋଣାର୍କ ନବଗ୍ରହ ମନ୍ଦିର ପରିସରରେ ସେବାୟତଙ୍କ ଦ୍ୱାରା ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନବଗ୍ରହ ମନ୍ଦିର ସେବାୟତ ସଂଘର ବରିଷ୍ଠ ପୂଜକ ପ୍ରଭାତ କୁମାର ପାଢୀ, ଦୁର୍ଗା ପ୍ରସାଦ ପାଢୀ, କୈଳାସ ପଣ୍ଡା, ରବୀନ୍ଦ୍ର କୁମାର ପାଢୀ, ସୁକାନ୍ତ କୁମାର ପାଢୀ, ପ୍ରଶାନ୍ତ ପାଢୀ, ରମେଶ ଚନ୍ଦ୍ର ପାଢୀଙ୍କ ସମେତ ଶତାଧିକ ସେବାୟତ ଯୋଗଦେଇ ପ୍ରାଚୀନ କାଳର ନବଗ୍ରହଙ୍କ ସେବା ପୂଜା, ଧାର୍ମିକ ରୀତିନୀତି ଓ ପରମ୍ପରା ସହିତ ଜଡିତ ନବଗ୍ରହ ମନ୍ଦିର ଯଜ୍ଞକୁଣ୍ଡ, ପାନୀୟ ଜଳଯୋଗାଣ ପ୍ରକଳ୍ପ ଓ ଭୋଗମଣ୍ଡପର ସୁରକ୍ଷା ପାଇଁ ସବିଶେଷ ଆଲୋଚନା କରାଯାଇ ଏପରି ହିନ୍ଦୁ ବିରୋଧୀ କାର୍ଯ୍ୟକୁ ବିରୋଧ କରାଯାଇଥିଲା । ତୁରନ୍ତ ପଦକ୍ଷେପ ନେଇ ନବଗ୍ରହ ମନ୍ଦିର ପରିସରରେ ଏଏସ୍‌ଆଇ ପକ୍ଷରୁ ହେବାକୁଥିବା ଉଚ୍ଛେଦ ପ୍ରକ୍ରିୟା ଉପରେ ରୋକ ଲଗାଇବା ପାଇଁ ପୁରୀ ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ଆଗାମୀ ଦିନରେ ଏଏସ୍‌ଆଇ ତା'ର ନିଷ୍ପତ୍ତି ପ୍ରତ୍ୟାହାର ନକରେ ତେବେ ଏହାକୁ ଜୋର୍‌ଦାର୍ ବିରୋଧ କରାଯିବ ବୋଲି ନବଗ୍ରହ ସେବାୟତ ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

**AFFIDAVIT**

By virtue of an Affidavit sworn before the Executive Magistrate, Salipur, dtd-16.03.2026, I Kabira Kumar Biswal resident of At-Ganipur, P.o-Gopinathpur, P.s-Jagatpur,Dist-Cuttack, Pin-754200,Odisha, declare that I have changed the name of my minor daughter from SUSHREE SWARNALATA BISWAL to SUSHREE SWARNALAXMI BISWAL. Henceforth she shall be known as SUSHREE SWARNALAXMI BISWAL for all purposes.

Sd/-Kabira Kumar Biswal

**AFFIDAVIT**

By virtue of an affidavit sworn before the Executive Magistrate, Aul on dated 21.05.2026 I, Satyabhama Nath D/o Damodar Nayak permanent resident of AT/PO- Balakati, PS- Aul, Dist-Kendrapara, Pin- 754219 declare that I have changed my name from Satyanath Nath to Satyabhama Nath. Henceforth, I shall be known as SATYABHAMA NATH for all purposes.

Sd/- Satyabhama Nath

## ହୋଲ୍ଡିଂ ଟ୍ୟାକ୍ସ ଦାଖଲକଲେ ମିଳିବ ୧୦ ପ୍ରତିଶତ ରିହାତି

**ଓଡ଼ଗାଁ,୨୮।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଏନଏସିରେ ବସବାସ କରୁଥିବା ସମସ୍ତ ଦୋକାନ, ବ୍ୟବସାୟ ପ୍ରତିଷ୍ଠାନ ଓ ଘରମାଲିକଙ୍କୁ ହୋଲ୍ଡି ଟ୍ୟାକ୍ସ ଦେବାକୁ ସରକାର ନିୟମ କରିଛନ୍ତି । ଏନଏସିକୁ ଟିକସ ପ୍ରଦାନ କରୁଥିବା ଟିକସଦାତାଙ୍କ ପାଇଁ ସରକାର ସମସ୍ତ ସୁବିଧା ଯୋଗାଇ ଆସୁଛନ୍ତି । ରାସ୍ତାଘାଟରୁ ଅଳିଆ ଉଠାଇବା ସହିତ ପ୍ରତି ୱାର୍ଡରେ ଆଲୋକୀକରଣ, ପାନୀୟଜଳ ଯୋଗାଣ, ଡ୍ରେନେଜ୍ ଓ ରାସ୍ତାଘାଟ ନିର୍ମାଣ କରୁଛନ୍ତି । ଚଳିତବର୍ଷ ମେ ମାସ ୩୧ ତାରିଖ ସୁଦ୍ଧା ସମସ୍ତ ଘର ମାଲିକ, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ଟିକସ ବାନ୍ଧି ୧୦ ପ୍ରତିଶତ ରିହାତି ପାଇପାରିବେ । ସମସ୍ତ ବ୍ୟକ୍ତି ସୁଯୋଗ ପୋର୍ଟାଲ୍ କିମ୍ବା ଏନଏସି କାର୍ଯ୍ୟାଳୟକୁ ଆସି ଟିକସ ବାନ୍ଧି ୧୦ ପ୍ରତିଶତ ରିହାତି ପାଇବେ । ଏହି ସୁଯୋଗକୁ ହାତଛଡ଼ା ନକରିବାକୁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ଅନୁରୋଧ କରିଛନ୍ତି ।

## ବିଧାୟକଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ

**ଖଣ୍ଡପଡ଼ା,୨୮।୫/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯାତାୟାତ ନିମନ୍ତେ ୩ଟି ମୁଖ୍ୟମନ୍ତ୍ରୀ ବସ ସେବା ବୁଧବାରଠାରୁ ଆରମ୍ଭ ହୋଇଛି । ଭାପୁର ଠାରେ ପୂଜାର୍ଚ୍ଚନା ପରେ ପତାକା ଦେଖାଇ ପ୍ରଥମେ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟମନ୍ତ୍ରୀ ବସ ସେବାର ଶୁଭାରମ୍ଭ କରିଥିବା ବେଳେ ପରବର୍ତ୍ତୀ ସମୟରେ ଅପରାହ୍ନରେ ଖଣ୍ଡପଡ଼ା ଠାରେ ବସ ସେବାର ଶୁଭାରମ୍ଭ କରାଯାଇଥିବା ଜଣାପଡିଛି । ଏ ଅବସରରେ ରାଜ୍ୟ ସଡ଼କ ପରିବହନ ନିଗମ କର୍ମଚାରୀଙ୍କ ସମେତ ପଞ୍ଚାୟତ ଲୋକପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ବସ ସେବା ଦ୍ୱାରା ଜଗନ୍ନାଥପ୍ରସାଦ, ଗଡିଆସାହି, ସିଂଘାପଡା ପଞ୍ଚାୟତ ସମେତ ଭାପୁର ବ୍ଲକର ବାଘୁଆପଲ୍ଲୀ,ବାଇଗୁଣିଆ ସମେତ ଏକାଧିକ ପଞ୍ଚାୟତର ବାସିନ୍ଦା ବିଶେଷ ଉପକୃତ ହେବେ ବୋଲି ଜଣାପଡିଛି । ଗ୍ରାମାଞ୍ଚଳକୁ ଯାତାୟତ ନିମନ୍ତେ ଏହି ମୁଖ୍ୟମନ୍ତ୍ରୀ ବସ ସେବା ବେଶ ସହାୟକ ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି ।

## ପ୍ରେସ୍ କ୍ଲବ୍‌ର ମେଧା ସମ୍ମାନ ପ୍ରସ୍ତୁତି

**ଫୁଲନଖରା,୨୮।୫/ଏନ୍‌ଏନ୍‌ଏସ୍:** ସଦର ପ୍ରେସ କ୍ଲବର ବାର୍ଷିକ ମେଧା ସମ୍ମାନ ପ୍ରଦାନ ସମାରୋହ ଆସନ୍ତା ଜୁନ ପହିଲାରେ କୁରାଙ୍ଗଶାସନସ୍ଥ ହୋଟେଲ ଆମ୍ରପଲ୍ଲୀ ରିସର୍ଟ୍ସ ସଭାଗୃହରେ ଅନୁଷ୍ଠିତ ହେବ । ଏ ନେଇ ଏକ ପ୍ରସ୍ତୁତି ବୈଠକ ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପଦେଷ୍ଟା ପଣ୍ଡିତ ଅଜୟକୁମାର ପତି ଓ ଶ୍ରୀ ସନ୍ନ୍ୟାସୀଜୀଙ୍କ ସମେତ ଅଜୟକୁମାର ଦାଶ, କାନନବିହାରୀ ନାୟକ, ଅଜୟକୁମାର ପାତ୍ର, ରମେଶଚନ୍ଦ୍ର ପ୍ରଧାନ, ରାଜକିଶୋର ବେହେରା, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ବିଭୁତିଭୂଷଣ ତରାଇ ପ୍ରମୁଖ ଯୋଗଦେଇଥିଲେ । କଟକ ସଦର ଥାନା ଅଞ୍ଚଳରେ ଥିବା ହାଇସ୍କୁଲର ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୩୫ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବାକୁ ସ୍ଥିର ହୋଇଥିଲା । ଆଦିତ୍ୟ ଛୋଟରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ପ୍ରତାପକେଶରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ

## ହସ୍ତତନ୍ତ ଶିଳ୍ପ ଓ ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ଫୁଲନଖରା,୨୮।୫/ଏନ୍‌ଏନ୍‌ଏସ୍:** ସଦର ଥାନା ଅନ୍ତର୍ଗତ ଗଙ୍ଗେଶ୍ୱରଠାରେ 'କୋଲ ହସ୍ତତନ୍ତ ଓ ଫ୍ୟାସନ ଡିଜାଇନ' କେନ୍ଦ୍ର ଆରମ୍ଭ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ପାତ୍ର ମୁଖ୍ୟ ଅତିଥିରୂପେ ଯୋଗଦେଇ ଏହାକୁ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲାବେଳେ ପରିଚାଳନା ନିର୍ଦ୍ଦେଶିକା କାଜଲ ସାହୁ, ସମାଜସେବୀ ସୁନ୍ଦରପ୍ରଭାତ ଦାସ, ଆଇନଜୀବୀ ଅଭିରାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ୨୦ଜଣ କୁଶଳୀ କାରିଗରଙ୍କଦ୍ୱାରା ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ସୂତା, ଟସର ଓ ପାଟ ବସ୍ତ୍ର ଆଦି ତିଆରି ହେଉଛି । ଏତଦ ସହିତ ଅଭିଜ୍ଞ ଶିଳ୍ପୀଙ୍କଦ୍ୱାରା ଯୁବକ ଯୁବତୀ ମାନଙ୍କୁ ହସ୍ତତନ୍ତ ଓ ଫ୍ୟାସନ ଡିଜାଇନ ବିଷୟରେ ତାଲିମ ପ୍ରଦାନ କରାଯାଉଛି । ଏଠାରୁ ଉତ୍ପାଦିତ ବସ୍ତ୍ର ଅନଲାଇନ ଜରିଆରେ ଉଭୟ ରାଜ୍ୟ ଓ ଦେଶର ବିଭିନ୍ନ ଭାଗକୁ ତଥା ସରକାରୀ ସଂସ୍ଥାକୁ ରପ୍ତାନୀ ହେଉଥିବା ବିଷୟ ନିର୍ଦ୍ଦେଶିକା ସୁଶ୍ରୀ ସାହୁ ସୂଚନା ଦେଇଥିଲେ । ଏହି ଅବସରରେ ଗରିବ ପରିବାରକୁ ବସ୍ତ୍ର ବିତରଣ ହୋଇଥିଲା । ଶିଳ୍ପକେନ୍ଦ୍ର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

34001/263/2627

Govt. of Odisha

**Government of Odisha "e" Procurement Notice**
**Bid Identification No. PWDK-07/2026-27**
**No. G2/5020 Dt.25.05.2026**
email : eepwdkeonjhar@yahoo.com

1. No. of the work : 1 No. Building Work and 12 Nos. Electrical Works
2. Estimated cost : From Rs.6.97 Lakh to Rs.25.54 Lakh
3. Period of completion : From 02 (Two) to 12 (Twelve) Calendar Month
4. Date and time of availability of bid document in the portal : From 10.00 Hr 02.06.2026 to 17.00 Hr. of 12.06.2026
5. Last date/Time for receipt of bids in the portal : 17.00 Hr. of 12.06.2026
6. Date of opening of Bid from portal : 10.30 Hr of 16.06.2026
7. Name and address of the officer inviting Bid : Superintending Engineer, Keonjhar (R&B) Division, Keonjhar

Further details can be seen from the e-procurement portal "https://tendersodisha.gov.in"

Sd/- Superintending Engineer
Keonjhar (R&B) Division

OIPR-34001/34004/1/26-27/0003

34001/268/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**GANJAM (R&B) DIVISION NO.II, BERHAMPUR**
Phone/Fax - 0680-2233996, e-mail : sernb2ganjam@gmail.com
**INVITATION FOR BIDS (IFB) {e-Procurement}**

**TENDER CALL NOTICE**

Bid Identification No. SC (R&B)-GM-II-05/2026-27 No. Dated. 25.05.2026

1) The Superintending Engineer, Ganjam (R&B) Division No.II, Berhampur on behalf of Governor of Odisha invites percentage rate bid in single cover system to be received in ONLINE MODE only for the work as detailed below:
2) Nature of work : Electrical work
3) No. of work : 09 Nos.
4) Tender Cost : Rs.6,000/-, Rs. 4,000/- & Rs. 2,000/-
5) Class of contractor : MV/HT of registered with the ELBO
6) Availability of bid documents in the website : From 02.06.2026, 10.00 AM to 11.06.2026, 4.00 PM
7) Date of opening of Bid : 12.06.2026 at 11.30 AM
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
9) The authority reserves the right to cancel/reject any or all bids without assigning any reason thereof.

Sd/-
Superintending Engineer
Ganjam (R&B) Division No.II

OIPR-34001/34080/1/26-27/0006

# ପଞ୍ଚାୟତସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା

**ଚାରିଛକ,୨୮।୫/ଏନ୍‌ଏନ୍‌ଏସ୍:** ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ଦ୍ଦେଶରେ 'ଉତ୍କର୍ଷ ନିମାପଡ଼ା ୨.୦' କାର୍ଯ୍ୟକ୍ରମ ଅଧୀନରେ ବ୍ୟାପକ କ୍ରୀଡ଼ା ପ୍ରତିଯୋଗିତା ଜାରି ରହିଛି । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଚାରିଛକ ନିକଟସ୍ଥ ତୁଳସୀପୁର ଓ ବାହାରଣା ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ତୁଳସୀପୁର ପଞ୍ଚାୟତରେ ଆୟୋଜିତ କ୍ରିକେଟ ପ୍ରତିଯୋଗିତାରେ ସ୍ଥାନୀୟ ସରପଞ୍ଚ ମଞ୍ଜୁଶ୍ରୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ନୋଡାଲ ଅଫିସର ଭାବେ ଏଲିନା ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ମୁରଲୀଧର ପ୍ରଧାନ, ଶିକ୍ଷାବିତ ତ୍ରିଲୋଚନ କର, ସମାଜସେବୀ ଅରକ୍ଷିତ ଭୋଇ,ପ୍ରକାଶ ସାହୁ, ପ୍ରଫୁଲ୍ଲ ସାହୁ, ଏଏନଏମ ଜୟନ୍ତୀ ତ୍ରିପାଠୀଙ୍କ ସମେତ ସ୍ଥାନୀୟ ଆଶା କର୍ମୀମାନେ ଉପସ୍ଥିତ ଥିଲେ । ସେହିଭଳି ବାହାରଣା ପଞ୍ଚାୟତରେ ଆୟୋଜିତ ପ୍ରତିଯୋଗିତାରେ ନିମାପଡ଼ା ବ୍ଲକ ସଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ନୀଳମଣି ସ୍ମୃତି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରମେଶ କୁମାର ରାଉତ, ପ୍ରାକ୍ତନ କ୍ରୀଡା ଶିକ୍ଷକ ମୁରଲୀଧର ପ୍ରଧାନ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ, ନୋଡାଲ ଅଫିସର ଲିପ୍ସା ପ୍ରିୟଦର୍ଶିନୀ ଦଳାଇ, ପଞ୍ଚାୟତ ଅଫିସର ପ୍ରିୟଙ୍କା ପ୍ରିୟଦର୍ଶିନୀ ଏବଂ ପ୍ରମେଶ ଖଟୋଇ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଖେଳର ଶୁଭାରମ୍ଭ କରିଥିଲେ । ଏହି ପଞ୍ଚାୟତ ସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ବଛା ବଛା କ୍ରିକେଟ ଖେଳାଳିଙ୍କୁ ନେଇ ମୋଟ ୪ଟି ଦଳ ଗଠନ କରାଯାଇଛି । ଉପ-ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରୟାସ ଏବଂ 'ଉତ୍କର୍ଷ ନିମାପଡ଼ା ୨.୦' କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ କରାଯାଇଥିବା ଏହି ଆୟୋଜନକୁ ସ୍ଥାନୀୟ କ୍ରୀଡାପ୍ରେମୀ ଓ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ପ୍ରଥମ ପୃଷ୍ଠାରୁ

### ବଢ଼ିଲା ଉତ୍କଟ ଶକ୍ତି ...

ଦେଶଗୁଡ଼ିକ ଭଳି ବ୍ୟବହାର କରିବାକୁ ହେବ, ନଚେତ୍ ଓମାନ୍ ମଧ ଇରାନ୍ ଭଳି ପରିଣାମ ଭୋଗିବ। ଓମାନ୍‌ର ସବୁକିଛି ନଷ୍ଟ କରିଦିଆଯିବ" । ହ୍ୱାଇଟ୍ ହାଉସରେ କ୍ୟାବିନେଟ୍ ବୈଠକ ଅବସରରେ ଟ୍ରମ୍ପ ଏପରି କହିଛନ୍ତି। ଟ୍ରମ୍ପଙ୍କ କହିବାନୁସାରେ 'ଇରାନ ଭାବିଥିଲା ଯେ ସେମାନେ ତାଙ୍କୁ ଅପେକ୍ଷା କରାଇ କରାଇ କ୍ଳାନ୍ତ କରିଦେବେ ଏବଂ ସେ ବାଧ୍ୟହୋଇ ଆଲୋଚନାରୁ ଓହରିଯିବେ ବୋଲି। ସେମାନଙ୍କୁ ଲାଗିଲା ଯେ ତାଙ୍କ ସାମ୍ନାରେ ମଧ୍ୟବର୍ତ୍ତୀକାଳୀନ (ମିଡ୍‌ଟର୍ମ) ନିର୍ବାଚନ ରହିଛି, କିନ୍ତୁ ତାଙ୍କୁ ଏହାର ଆଦୌ ଚିନ୍ତା ନାହିଁ। ଇରାନ ପାଖରେ ଏବେ କେବଳ ଚୁକ୍ତି କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ବାକି ନାହିଁ। ଏହାରି ମଧ୍ୟରେ ଇସ୍ରାଏଲ୍ କିନ୍ତୁ ଆମେରିକାର ବାରଣ ସତ୍ତ୍ୱେ ଲେବାନନ୍‌ରେ ନିଜ ଆକ୍ରମଣକୁ ଏହାରି ମଧ୍ୟରେ ଜୋରଦାର କରିଛି। ଇସ୍ରାଏଲ୍ ପକ୍ଷରୁ ସଦ୍ୟ କରାଯାଇଥିବା ଏୟାରଷ୍ଟ୍ରାଇକ୍‌ରେ ଦକ୍ଷିଣ ଲେବାନନ୍ ଅଞ୍ଚଳରେ ପ୍ରାୟ ୩୧ଜଣ ମୃତ୍ୟୁବରଣ କରିଛନ୍ତି ଏବଂ ୪୦ ଜଣ ଆହତ ହୋଇଛନ୍ତି। ବାରମ୍ବାର ଏପ୍ରକାର ଆକ୍ରମଣ ଯୋଗୁ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇ ପଳାୟନ କରୁଥିବା ଦେଖିବାକୁ ମିଳୁଛି। ତେବେ ଅନ୍ତର୍ଜାତୀୟସ୍ତରରେ ଇସ୍ରାଏଲର ଏପ୍ରକାର ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି।

### ଓଡ଼ିଶା ଆସିବେ ...

କାର୍ଯ୍ୟାଳୟ ପକ୍ଷରୁ ଗ୍ରୀନ୍ ସିଗନାଲ ମିଳିସାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଗୁରୁବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ସୂଚନା ଦେଇଛନ୍ତି। ସେ ଆହୁରି ମଧ କହିଛନ୍ତି, ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଇଁ ଜୁନ୍ ୧୨, ଜୁନ୍ ୨୦ କିମ୍ବା ସେପ୍ଟେମ୍ବର ୧୭ତାରିଖ ମଧ୍ୟରୁ ଯେକୌଣସି ଗୋଟିଏ ଦିନ ଓଡ଼ିଶା ଆସିବା ନିମନ୍ତେ ସମୟ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଓଡ଼ିଶା ଆସିବାକୁ ପ୍ରଧାନମନ୍ତ୍ରୀ ଗ୍ରୀନ୍ ସିଗନାଲ ଦେଇଛନ୍ତି। ତେବେ କେଉଁଦିନ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ ତାହା ଚୂଡ଼ାନ୍ତ ହୋଇନଥିବା ଜଣାପଡ଼ିଛି। ଆଗାମୀ ଜୁନ ମାସରେ ରାଜ୍ୟ ସରକାରଙ୍କୁ ୨ବର୍ଷ ପୂରିବ। ଏ ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଚଳାଇଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ମଇ ୨୫ତାରିଖରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି ଓଡ଼ିଶା ଆସିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆମନ୍ତ୍ରଣ କରିଥିଲେ। ପ୍ରକାଶ ଯେ, ଆସନ୍ତା ଜୁନ୍ ୧୨ତାରିଖରେ ରାଜ୍ୟରେ ବିଜେପି ସରକାର ଦୁଇ ବର୍ଷ ପୂର୍ତ୍ତି ପାଳନ କରିବ। ଏଥିପାଇଁ ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମାତ୍ର ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଥିବାରୁ ଏହି ଉତ୍ସବକୁ ନିରାଡ଼ମ୍ବର ଭାବେ ପାଳନ ହେବ। ତେବେ ସରକାରଙ୍କ ଉପଲବ୍ଧି ଲୋକଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍ସ, ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରସାର ସହିତ ପୁସ୍ତିକା ପ୍ରକାଶନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପ୍ରଶାସନକୁ ପୂର୍ବରୁ ନିର୍ଦ୍ଦେଶ ଦେଇଛନ୍ତି।

### ୧୬ ଜୀବନ୍ତ ଦଗ୍ଧ ...

କ୍ରସ୍ ପକ୍ଷରୁ କୁହାଯାଇଛି ଯେ ଖବର ପାଇବା ମାତ୍ରେ ଉଦ୍ଧାର ଓ ସହାୟତା ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆମ୍ବୁଲାନ୍ସ ଏବଂ ଉଦ୍ଧାରକାରୀ ଦଳ ଆହତ ଛାତ୍ରୀମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତେବେ ବିଲ୍ଡିଂରେ ନିଆଁ ଲାଗିବାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ଅଗ୍ନିକାଣ୍ଡ ପରେ ଭୟଭୀତ ହୋଇ ସ୍କୁଲରୁ ଦୌଡ଼ି ପଳାଇଥିବା ଛାତ୍ରୀମାନଙ୍କୁ ଖୋଜିବା ପାଇଁ ପ୍ରାୟ ୫୦ ପୁଲିସ୍ କର୍ମଚାରୀ ଆଖପାଖ ଅଞ୍ଚଳରେ ନିୟୋଜିତ ଅଛନ୍ତି। କେନିଆର ବିଦ୍ୟାଳୟଗୁଡ଼ିକରେ ଅଗ୍ନିକାଣ୍ଡ ଘଟିବା ଏହା ପ୍ରଥମ ଘଟଣା ନୁହେଁ, ପୂର୍ବରୁ ମଧ ଏଭଳି ଅନେକ ଦୁର୍ଘଟଣା ଘଟିଛି। ଅଧିକାଂଶ ମାମଲାରେ ସର୍ଟ ସର୍କିଟ୍ (ବିଦ୍ୟୁତ ତ୍ରୁଟି) କିମ୍ବା ଜାଣିଶୁଣି ନିଆଁ ଲଗାଇଦେବା ଏହାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ବିଶେଷଜ୍ଞଙ୍କ ମତରେ, କେତେକ ଘଟଣାରେ ସ୍କୁଲର ଖରାପ ବ୍ୟବସ୍ଥା ଏବଂ କଠୋର ଅନୁଶାସନର ପ୍ରତିବାଦ କରି ଛାତ୍ରଛାତ୍ରୀମାନେ ନିଜେ ହିଁ ସ୍କୁଲରେ ନିଆଁ ଲଗାଇଦେଇଥାନ୍ତି। କେନିଆରେ ପୂର୍ବରୁ ଘଟିଥିବା କିଛି ପ୍ରମୁଖ ଅଗ୍ନିକାଣ୍ଡ ମଧ୍ୟରେ ୨୦୦୧ରେ ମଚାକୋସ କାଉଣ୍ଟିର ଏକ ସ୍କୁଲରେ ନିଆଁ ଲାଗିବା ଯୋଗୁ ପ୍ରାୟ ୬୭ ଜଣ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୭ରେ ରାଜଧାନୀ ନୈରୋବିର ଏକ ସ୍କୁଲରେ ଅଗ୍ନିକାଣ୍ଡ ଯୋଗୁଁ ୧୦ ଜଣ ଛାତ୍ର ପ୍ରାଣ ହରାଇଥିଲେ। ୨୦୨୪ରେ ମଧ ଏକ ସ୍କୁଲରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୧ ଜଣ ଛାତ୍ରଛାତ୍ରୀଙ୍କ ଜୀବନ ଯାଇଥିଲା।

### ଶାଶୂ ଗିରିବାଳାଙ୍କୁ ବାନ୍ଧିଲା ...

ଯାଇଥିଲା। ସକାଳୁ ଜେରା ଚାଲିଥିବା ବେଳେ ଅପରାହ୍ଣରେ ତାଙ୍କୁ ଗିରଫ କରାଯାଇଛି।

ସିବିଆଇର କହିବା କଥା ଯେ ୩୩ ବର୍ଷୀୟ ଟ୍ୱିଶାଙ୍କୁ ନିର୍ଯାତନା ଦେବାରେ ଗିରିବାଳା ସିଂହ କୌଣସି ବିକଳ୍ପ ଛାଡ଼ି ନଥିଲେ। ସେ ତାଙ୍କ ଚରିତ୍ରକୁ ବଦନାମ କରିବା ପାଇଁ ସବୁ ପ୍ରକାରର ଉଦ୍ୟମ କରିଥିଲେ। ଯୌତୁକ ନିର୍ଯାତନା ସହ, ପ୍ରମାଣ ନଷ୍ଟ ଓ ବଳପୂର୍ବକ ଗର୍ଭ ନଷ୍ଟ ଆଦି ଦଫା ଗିରିବାଳା ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ସିବିଆଇ ଲଗାଇଛି। ଟ୍ୱିଶାଙ୍କ ରିଷ୍ଟ ଓ କହୁଣୀରେ କ୍ଷତ ଚିହ୍ନ ରହିଥିଲା। ହେଲେ ଶାଶୁ ଘର ଲୋକ ଏହା କାରଣ ନିର୍ଦ୍ଦିଷ୍ଟ ଭାବେ କହି ପାରି ନଥିବା ସିବିଆଇ କୋର୍ଟଙ୍କୁ ଜଣାଇଥିଲା। ସେହିପରି ଗିରିବାଳା ଘଟଣାର ତଦନ୍ତରେ ସହଯୋଗ କରୁ ନଥିବା ମଧ ସିବିଆଇ କୋର୍ଟଙ୍କୁ ଜଣାଇଥିଲା। ଏଥିପାଇଁ ତାଙ୍କୁ ଗିରଫ କରି ଜେରା କରିବାର ଆବଶ୍ୟକତା ରହିଥିବା କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲା। ଏହାପରେ କୋର୍ଟ ଗିରିବାଳାଙ୍କ ଜାମିନ ଆବେଦନ ଖାରଜ କରିଥିଲେ। ଗିରିବାଳାଙ୍କ ପୂର୍ବରୁ ପୁଅ ସମର୍ଥ ମଧ ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ଟ୍ୱିଶାଙ୍କୁ ମେ' ୧୨ରେ ମଧ୍ୟପ୍ରଦେଶର ଭୋପାଲ ଠାରେ ଥିବା ତାଙ୍କ ଶାଶୁ ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ଘଟଣା ପରେ ଟ୍ୱିଶାଙ୍କ ସ୍ୱାମୀ ସମର୍ଥ ସିଂହ ଓ ଶାଶୂ ଗିରିବାଳା ସିଂହଙ୍କ ବିରୋଧରେ ଯୌତୁକ ନିର୍ଯାତନା ଓ ଆତ୍ମହତ୍ୟା ପାଇଁ ଉସକାଇବା ଭଳି ଅଭିଯୋଗ ଆସିଥିଲା।

### ଭିଭିଆଇପି ଗସ୍ତ ସୂଚନା ...

ଭିଭିଆଇପି ଗସ୍ତ ପୂର୍ବରୁ ସୁରକ୍ଷା ସମ୍ବନ୍ଧୀୟ ଗୋପନୀୟତା ରକ୍ଷା ପାଇଁ ପୁନର୍ବାର ବ୍ରିଫିଂ ଦେବାକୁ ନିର୍ଦ୍ଦେଶ ରହିଛି। ବିଶେଷ କରି ପାକିସ୍ତାନୀ ଗୁପ୍ତଚର ସଂସ୍ଥା ସହ ଶତ୍ରୁତାପୂର୍ଣ୍ଣ ତତ୍ତ୍ୱମାନେ ଭୁଲ ପରିଚୟ ଦେଇ ସମ୍ବେଦନଶୀଳ ସୂଚନା ହାସଲ କରିବାର ଚେଷ୍ଟା କରୁଥିବା ଉଲ୍ଲେଖ କରି ସତର୍କ ରହିବାକୁ କୁହାଯାଇଛି। ଆଦେଶରେ ସ୍ପଷ୍ଟ କରାଯାଇଛି ଯେ, କୌଣସି ସୂଚନା ଲିକ ହେଲେ ତାହାର ଉତ୍ସ ଖୋଜିବା ପାଇଁ ତୁରନ୍ତ ତଦନ୍ତ କରାଯିବ ଓ ଦାୟୀ କର୍ମଚାରୀଙ୍କ ବିରୋଧରେ ପ୍ରଚଳିତ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଭବିଷ୍ୟତରେ ଏପରି ଘଟଣା ପୁନରାବୃତ୍ତି ରୋକିବା ପାଇଁ ସଂଶୋଧନାତ୍ମକ ପଦକ୍ଷେପ ନେବାକୁ ମଧ କୁହାଯାଇଛି। ଏହି ନୂତନ ସତର୍କତାକୁ ରାଜ୍ୟରେ ଭିଭିଆଇପି ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ପ୍ରୋଫେସନାଲ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି। ବର୍ତ୍ତମାନ ଡିଜିଟାଲ ଯୁଗରେ ସୂଚନା ଲିକ୍ ଜାତୀୟ ସୁରକ୍ଷା ପାଇଁ ବଡ଼ ଆହ୍ୱାନ ହୋଇଛି। ସରକାରଙ୍କ ଏହି ପଦକ୍ଷେପ ପ୍ରଶାସନିକ ସତର୍କତାକୁ ନୂତନ ମାନଦଣ୍ଡ ଦେବ ବୋଲି ମନେ କରାଯାଉଛି।

### ଉତ୍ତରଦାୟିତ୍ୱ ନେଲେ ...

କରିଥିଲେ। ଏହାକୁ ନେଇ ବିବାଦ ଦେଖା ଯାଇଥିବା ବେଳେ ଶ୍ରୀ ପ୍ରଧାନ ଉପରୋକ୍ତ ବୟାନ ଦେଇଛନ୍ତି। ଦିଲ୍ଲୀରେ ସିବିଏସ୍‌ଇ ଅଧିକାରୀମାନଙ୍କ ସହ ବୈଠକ କରିବା ପରେ ଶ୍ରୀ ପ୍ରଧାନ ବୋର୍ଡର ନୂଆ ଡିଜିଟାଲ ମୂଲ୍ୟାଙ୍କନ ମଡେଲ ସପକ୍ଷରେ କହିଛନ୍ତି। ସମାନ ସମୟରେ ଶିକ୍ଷାର୍ଥୀମାନେ ସାମ୍ନା କରୁଥିବା ସମସ୍ୟାକୁ ମଧ ସ୍ୱୀକାର କରିଛନ୍ତି।

ସେ କହିଛନ୍ତି, "ପରୀକ୍ଷା ଦେଇଥିବା ୧୭ ଲକ୍ଷ ଶିକ୍ଷାର୍ଥୀଙ୍କ ମଧ୍ୟରୁ ଆମେ ୯୮ ଲକ୍ଷ କପିର ଉତ୍ତର ପୁସ୍ତିକା ସୁରକ୍ଷିତ ଭାବେ ସଂଗ୍ରହ କରି ରଖିଛୁ। ପ୍ରତି ଉତ୍ତର ପୁସ୍ତିକାରେ ୪୦ ପୃଷ୍ଠା ରହିଛି। ଏହାର ଅର୍ଥ ମୋଟ ସ୍କାନ ପୃଷ୍ଠାର ସଂଖ୍ୟା ହେଉଛି ୪୦ କୋଟି। ଅନ ସ୍କ୍ରିନ ମାର୍କିଂ ବ୍ୟବସ୍ଥା ବା ଓଏସ୍‌ଏମ ଗୋଟିଏ ପ୍ରଗତିଶୀଳ ମାଧ୍ୟମ। ଏହାକୁ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନଗୁଡ଼ିକ ଗ୍ରହଣ କରିଛନ୍ତି। ଏହା ଶିକ୍ଷାର୍ଥୀ କୈନ୍ଦ୍ରିକ ଓ ଶିକ୍ଷାର୍ଥୀଙ୍କ ପାଇଁ ଏହାକୁ ଡିଜାଇନ କରାଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ଶିକ୍ଷାର୍ଥୀମାନେ ସେମାନଙ୍କ ମାର୍କର ସ୍ୱଚ୍ଛ ସୂଚନା ପାଇ ପାରିବେ।"

ଅନ୍ୟପକ୍ଷରେ ସିବିଏସ୍‌ଇ ରେଜଲ୍ଟ ପରେ ସୃଷ୍ଟି ବିବାଦକୁ ନେଇ ରାଜନୀତିକ ବୟାନବାଜୀ ମଧ ଦେଖିବାକୁ ମିଳିଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏହି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଥିଲେ। ଏହା ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ "ସିବିଏସ୍‌ଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି ସାରିଛି। ଯଦି ଅନିୟମିତତା ଜଣାପଡ଼ିଛି, ତା'ହେଲେ କାହାକୁ ବି ଛଡ଼ା ଯିବ ନାହିଁ। ମୁଁ ସମସ୍ତଙ୍କୁ ଏକଥା ନିଶ୍ଚିତ କରିବାକୁ ଚାହୁଁଛି। ରାଜନୀତି ପଛରେ ହେବ। ଏବେ ଶିକ୍ଷାର୍ଥୀଙ୍କ ମାନସିକ ଚିନ୍ତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।"

# ମହିଳା ୱାସ୍ ରୁମ୍‌ରୁ ସିକ୍ରେଟ୍ କ୍ୟାମେରା ଜବତ

**ଜଗତସିଂହପୁର,୨୮।୫/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ମହିଳା ୱାସ୍ ରୁମ୍‌ରୁ ସିକ୍ରେଟ କ୍ୟାମେରା ଜବତ କରିଛି ପୁଲିସ। ଏହି କ୍ୟାମେରା କିଏ ଓ କେଉଁ ଉଦ୍ଦେଶ୍ୟରେ ଲଗାଇଥିଲା ତାହା ଜଣା ପଡିନଥିବା ବେଳେ ଏ ବାବଦରେ ତିର୍ତ୍ତୋଲ ଥାନାରେ ଏତଲା ଦିଆଯାଇଛି। ଏତଲା ପାଇ ପୁଲିସ କ୍ୟାମେରାଟିକୁ ଜବତ କରି ଯାଞ୍ଚ କରିବା ସହ ତଦନ୍ତ ଚଳାଇଛି। ତେବେ ତାହାର ମନିଟର ଏବଂ ହାର୍ଡ ଡିସ୍କ କାହାପାଖରେ ରହିଛି ପୁଲିସ ତଦନ୍ତ ଜାରି ରଖିଛି। ଅପରପକ୍ଷରେ କଥାଟା ଯେତିକି ସମ୍ବେଦନଶୀଳ ସେମିତି ଘୃଣ୍ୟ ଓ ଅପରାଧ ଜଣକ। ଗତ ୨୫ ତାରିଖ ଦିନ ମହିଳା ୱାସ୍ ରୁମ୍‌କୁ କାର୍ଯ୍ୟାଳୟର ଅର୍ଥ ବିଭାଗର କର୍ମଚାରୀ ମଧୁସ୍ମିତା ସାମନ୍ତରାୟ ଶୌଚ ହେବାକୁ ଯାଇଥିବା ବେଳେ କ୍ୟାମେରାଟି ଖସି ତଳେ ପଡିଥିବାର ଦେଖିବାକୁ ପାଇଥିଲେ। ଏ ବାବଦରେ ସେ ଅତିରିକ୍ତ



କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକଙ୍କୁ ଅବଗତ କରାଇଥିଲେ। ଏହା ଦେଖିବା ପରେ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ତିର୍ତ୍ତୋଲ ପୁଲିସକୁ ଅବଗତ କରାଇବା ସହ ଏକ ଏତାଲା ମଧ ଦେଇଥିଲେ। ଏତାଲାକୁ ଭିତ୍ତିକରି ତିର୍ତ୍ତୋଲ ପୁଲିସ କେଶ ନମ୍ବର ୨୮୬/୨୦୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ କୁମାର ଦାସଙ୍କ ନେତୃତ୍ୱରେ ଏକ ସାଇବର ଟିମ ଗଠନ କରିବା ସହ କ୍ୟାମେରାର ଯାଞ୍ଚ ନିମନ୍ତେ ଡିଜିଟାଲ ଲ୍ୟାବକୁ ପଠାଇ ଥିବାର ପୁଲିସ ପକ୍ଷରୁ ସୂଚନା ମିଳିଛି । ଆଜି ତଦନ୍ତକାରୀ ଅଧିକାରୀ ତଥା ତିର୍ତ୍ତୋଲ ଅତିରିକ୍ତ ଥାନା ଅଧିକାରୀ ରଘୁନାଥ ଟୁଡୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ପହଞ୍ଚି ଅଧିକ ତଦନ୍ତ କରିବା ସହିତ ଆସନ୍ତାକାଲି ସିସିଟିଭି ହାର୍ଡ ଡିସ୍କ ମଧ ଯାଞ୍ଚ କରାଯିବ ବୋଲି କହିଛନ୍ତି । କ୍ୟାମେରା କିଏ ଓ କେଉଁ ଉଦ୍ଦେଶ୍ୟରେ ସେଠାରେ ନେଇ ଲଗାଇଥିଲା। କେତେଦିନ ହେଲା କ୍ୟାମେରା ଲାଗିଥିଲା ଏବଂ ଜବତ କ୍ୟାମେରାରେ କିଛି ରେକର୍ଡିଂ ଅଛିକି ନାହିଁ ସବୁ ଦିଗକୁ ପୁଲିସ ତଦନ୍ତ ପରିସରକୁ ଆଣିଥିବାର କହିବା ସହ ଖୁବଶୀଘ୍ର ଅଭିଯୁକ୍ତକୁ ଧରାଯିବ ବୋଲି ତଦନ୍ତକାରୀ ପୁଲିସ ଅଧିକାରୀ ରଘୁନାଥ ଟୁଡୁ କହିଛନ୍ତି। ଆରପଟେ ଏହି ଘଟଣାକୁ ଜିଲାପରିଷଦ ସଭାପତି ମନୋଜ କୁମାର ଭୋଇ ତୀବ୍ର ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ମହିଳା ୱାସ୍ ରୁମ୍‌ରେ କିଏ ଓ କାହିଁକି କ୍ୟାମେରା ଲଗାଇଛି ତାହା ବୁଝା ପଡୁନଥିବା ବେଳେ ଏଭଳି କାର୍ଯ୍ୟରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ପୁଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ଅଙ୍କିତ ବର୍ମାଙ୍କୁ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ କହିଛନ୍ତି। ପୁଲିସ ଘଟଣାର ଛାନ୍‌ଭିନ୍ ଚଳାଇଥିବା ବେଳେ ଖୁବଶୀଘ୍ର ଅପରାଧି ପାଖରେ ପହଞ୍ଚିବ ବୋଲି ଆଶା କରାଯାଉଛି।

## ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ଯୋଜନାର ସମୀକ୍ଷା ବୈଠକ



**ଯାଜପୁର,୨୮।୫/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତା କ୍ରମେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ ଆନ୍ତଃ ବିଭାଗୀୟ ସମନ୍ୱୟ ତଥା ମିଶନ ବାତ୍ସଲ୍ୟ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା, ଅସହାୟ ଏବଂ ଅବହେଳିତ ଶିଶୁମାନଙ୍କ ପୁନର୍ବାସନ, ଶିଶୁ ଅଧିକାର ସୁନିଶ୍ଚିତ କରଣ, ଶିଶୁ ନିର୍ଯାତନା ଓ ଶିଶୁ ଶ୍ରମ ନିରାକରଣ ଉପରେ ବିଶେଷ ଭାବରେ ଆଲୋଚନା ହୋଇଥିଲା। ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି ଏବଂ ସଦସ୍ୟ ଗୀତାଞ୍ଜଳି ଧଳ, ଲକ୍ଷ୍ମୀନାରାୟଣ ସାହୁ ଓ ସୂର୍ଯ୍ୟ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ବେସରକାରୀ ହଷ୍ଟେଲମାନଙ୍କୁ ଏନସିପିସିଆର ନିର୍ଦ୍ଦେଶନାମା ବଳରେ ପଞ୍ଜିକୃତ କରିବା, ଶ୍ରମ କାର୍ଯ୍ୟରେ ନିୟୋଜିତ ପିଲାଙ୍କ ଉଦ୍ଧାର ପରେ ସମ୍ପୃକ୍ତ ପ୍ରତିଷ୍ଠାନ ବିରୋଧରେ ମାମଲା ଦାୟର କରିବାକୁ ସୁନିଶ୍ଚିତ କରିବା ନିମନ୍ତେ ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।ଶିଶୁ ଅନୁଷ୍ଠାନରେ ପିଲାଙ୍କ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ଯୋଗାଇଦେବା ପାଇଁ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ମହାନ୍ତି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବ୍ଲକ,ପଞ୍ଚାୟତ ଓ ରାଜସ୍ୱ ଗ୍ରାମ ସ୍ତରରେ ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟିର ନିୟମିତ ବୈଠକ ଆୟୋଜନ କରିବାପାଇଁ ବ୍ଲକ ଅଧିକାରୀଙ୍କୁ ଜିଲ୍ଲାପାଳ ଆଦେଶ ଦେଇଛନ୍ତି। ଉକ୍ତ ବୈଠକରେ ମିଶନ ବାତ୍ସଲ୍ୟ ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିବା ବେଳେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଶିଶୁ ମାନଙ୍କ ସୁରକ୍ଷା ଓ ସର୍ବାଙ୍ଗୀନ ବିକାଶ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଜିଲ୍ଲାପାଳ ଶ୍ରୀ କର ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ,ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ,ଆଇଜେଏମ ଇଣ୍ଡିଆ, ଟାଟା ଷ୍ଟିଲ ,ଉତ୍କଳ ସେବକ ସମାଜ ,ଏକକ ରହଣି କେନ୍ଦ୍ର, ରୁଚିକା ସମାଜ ସେବା ସଂଗଠନ ର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିଶୁ ସୁରକ୍ଷା ୟୁନିଟର ତପନ କୁମାର ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

### ପୁଲିସର ଥାର୍ଡ ଡିଗ୍ରୀ ଓ ସିନ୍ଦୂର ପୋଛିବା ଘଟଣା

## ଏସ୍‌ପିଙ୍କ ତଦନ୍ତ ପରେ ତାଳଚୁଆ ଆଇଆଇସି ନିଲମ୍ବିତ

**ରାଜନଗର,୨୮।୫/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ମହିଳା ଓ ତାଙ୍କ ପୁଅଙ୍କ ଠାରୁ ଅଭିଯୋଗ ନରଖି ଥାନା ଭିତରେ ନିର୍ମମ ମାଡ ମରାଯିବା, ପୁଅ ଆଗରେ ମାଆର ବ୍ଲାଉଜ ଘୋଷାଡ଼ି ଅର୍ଦ୍ଧ ଉଲଗ୍ନ କରି ନିର୍ମମ ମାଡ ଦେବା ସହ ମଥାରୁ ସିନ୍ଦୂର ପୋଛିବା ଓ ମାଆ ଆଗରେ ପୁଅକୁ ପାଇଖାନା ଭିତରେ ପୁରାଇ ମାଡ ମରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ତାଳଚୁଆ ସାମୁଦ୍ରିକ ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ଜେନାଙ୍କ ବିରୁଦ୍ଧରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ରଙ୍କ ନିକଟରେ ମଙ୍ଗଳବାର ଦିନ ଅଭିଯୋଗ ହୋଇଥିଲା। ପୁଲିସ ମାଡରେ ଆହତ ମାଆ ପୁଅ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସାରା ଓଡିଶାରେ ଆଲୋଡନ ସୃଷ୍ଟି ହୋଇଛି। ବୁଧବାର ଦିନ କେନ୍ଦ୍ରାପଡା ଏସ୍‌ପି ସିଦ୍ଧାର୍ଥ କଟାରିଆ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ କୁମାର ପାତ୍ର ତାଳଚୁଆ ସାମୁଦ୍ରିକ ଥାନାରେ ପହଞ୍ଚି ତଦନ୍ତ କରିଛନ୍ତି। କେଉଁ ଅଭିଯୋଗ ଉପରେ କେରୁଆପାଳ ପଞ୍ଚାୟତ ଗିରିଆପାହୀ ଗାଁର ପବନ କୁମାର ମଣ୍ଡଳଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ମଣ୍ଡଳ (୪୮ ବର୍ଷ ) ପୁଅ ଅନନ୍ତ କୁମାର ମଣ୍ଡଳ ଥାନାକୁ ଡକାଯାଇଥିଲା। କାହିଁକି ତାଙ୍କ ଉପରେ ଥାର୍ଡ ଡିଗ୍ରୀ ପ୍ରୟୋଗ କରାଗଲା ମା' ମୁଣ୍ଡରୁ ସିନ୍ଦୂର ପୋଛିବା ବିଷୟରେ ତଦନ୍ତ କରିଛନ୍ତି। ଆଇଆଇସି ଓ ଅନ୍ୟ ପୁଲିସ କର୍ମଚାରୀମାନଙ୍କୁ ପଚରାଉଚରା କରି ଏସ୍‌ପି ଓ ଏସ୍‌ଡିପିଓ ଫେରିଛନ୍ତି। ପରବର୍ତ୍ତୀ ଖବରରୁ ଜଣା ପଡ଼ିଛି ଯେ, ପୁଲିସ ମହାନିର୍ଦ୍ଦେଶକ ଅଡର ନଂ-୧୯୩୭ ତା ୨୭-୫-୨୬ ରିଖ ଅନୁଯାୟୀ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କ କର୍ତ୍ତବ୍ୟରେ ଅବହେଳା ଓ ଅଣପେଷାଦାର କାର୍ଯ୍ୟ ଯୋଗୁଁ ନିଲମ୍ବନ କରାଯାଇଛି। ଏହି ସମୟରେ ସେ ପୁଲିସ ମହାନିର୍ଦ୍ଦେଶକଙ୍କ ଅଧୀନରେ ରହିବେ ବୋଲି ଉଲ୍ଲେଖ ଅଛି।

### ୩୦ରେ ଶପଥ ନେବେ ...

କରି ଏହି ନିଷ୍ପତ୍ତି ସମ୍ପର୍କରେ ଜଣାଇଥିଲେ। ବୈଠକ ସମୟରେ ଡି.କେ. ଶିବକୁମାର ସିଦ୍ଧରମୈୟାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ ଏବଂ ଏହାପରେ ଉଭୟ ପରସ୍ପରକୁ ଆଲିଙ୍ଗନ କରିଥିଲେ। ତେବେ ଆଜିର ସାମ୍ବାଦିକ ସମ୍ମିଳନୀରେ ସିଦ୍ଧରମୈୟା ଏହା ମଧ ସୂଚନା ଦେଇଛନ୍ତି ଯେ, ଦଳର ହାଇକମାଣ୍ଡ ତାଙ୍କୁ ରାଜ୍ୟସଭାକୁ ଯିବା ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସେ ସସମ୍ମାନେ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଛନ୍ତି। କାରଣ ଜାତୀୟ ରାଜନୀତିରେ ତାଙ୍କର କୌଣସି ଆଗ୍ରହ ନଥିବା ସେ ଅନୁଭବ କରନ୍ତି। ସେ ଆଜି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ମଧ ରାଜ୍ୟର ସକ୍ରିୟ ରାଜନୀତିରେ ଏକ ଅଂଶ ଭାବେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ଜାରି ରଖିବେ। ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ସିଦ୍ଧରମୈୟା ସିଧାସଳଖ ଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି। ସେଠାରେ ସେ କଂଗ୍ରେସ ହାଇକମାଣ୍ଡଙ୍କୁ ଭେଟିବେ। ପ୍ରକାଶ, ୩ ବର୍ଷ ପୂର୍ବେ ରୋଟେସନାଲ୍ ଫର୍ମୁଲାରେ ମୁଖ୍ୟମନ୍ତ୍ରୀ ହୋଇଥିଲେ ସିଦ୍ଧରମୈୟା। କର୍ଣ୍ଣାଟକ ବିଧାନସଭା ନିର୍ବାଚନର ଫଳାଫଳ ୧୩ ମେ, ୨୦୨୩ରେ ଆସିଥିଲା। ପରେ ସିଦ୍ଧରମୈୟା ଏବଂ ଶିବକୁମାରଙ୍କ ମଧ୍ୟରେ ଏକ ମୌଖିକ ୨.୫ ବର୍ଷିଆ ଚୁକ୍ତି ଆଧାରରେ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିଥିଲେ ସିଦ୍ଧରମୈୟା। କିନ୍ତୁ ଏବେ ଯେତେବେଳେ ୩ ବର୍ଷ ଅତିକ୍ରମ ହୋଇଛି ସେତେବେଳେ ଶିବକୁମାରଙ୍କ ସମର୍ଥକମାନେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ଦାବିକୁ ଜୋରଦାର କରିଥିଲେ। ତେବେ କଂଗ୍ରେସ ହାଇକମାଣ୍ଡ ନିଷ୍ପତ୍ତି ନେବାରେ ବିଳମ୍ବ କରିଥିଲେ ଏବଂ ସିଦ୍ଧରମୈୟା ନିଜ କାର୍ଯ୍ୟଭାର ସମ୍ଭାଳିବା ଜାରି ରଖିଥିଲେ। କିନ୍ତୁ ଏବେ ସ୍ଥିତି ବିଗିଡିବା ଦେଖି ଶେଷରେ ହାଇକମାଣ୍ଡ ସିଦ୍ଧରମୈୟାଙ୍କୁ ଷ୍ଟେପ୍‌ଡାଉନ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସିଦ୍ଧରମୈୟା ମଧ ଏହାକୁ ପାଳନ କରିଛନ୍ତି ଯାହାଫଳରେ ଏବେ ଡିକେ ଶିବକୁମାର କର୍ଣ୍ଣାଟକର ନୂଆ ମୁଖ୍ୟମନ୍ତ୍ରୀ ହେବା ମାର୍ଗ ଉନ୍ମୁକ୍ତ ହୋଇଯାଇଛି। ତେବେ ତାଙ୍କ ପାଖରେ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବା ପାଇଁ ଆଉ ମାତ୍ର ୨ ବର୍ଷର ସମୟ ବାକି ରହିଛି।

### ଓଡ଼ିଶାରେ ହେବ ଖଣିଜ ...

ଆବଶ୍ୟକତା ଯଥେଷ୍ଟ ରହିଛି। ଏସବୁ ସାମଗ୍ରୀର ଯୋଗାଣକୁ ମଜଭୁତ କରିବା ଲାଗି କେନ୍ଦ୍ର ସରକାର ଅନେକ ଦେଶ ସହିତ ମଧ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ମିଶନର ପରବର୍ତ୍ତୀ ପର୍ଯ୍ୟାୟର ଅଂଶଭାବେ କେନ୍ଦ୍ର ସରକାର ଓଡ଼ିଶା, ଗୁଜରାଟ, ତେଲେଙ୍ଗାନା ଓ ମହାରାଷ୍ଟ୍ରରେ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ ଯୋଜନା ଦିଗରେ ଆଗକୁ ବଢୁଛନ୍ତି। ସଂପୃକ୍ତ ରାଜ୍ୟ ସରକାରମାନେ ମଧ ଏଥିପାଇଁ ଜମି ଆବଣ୍ଟନ କରିଛନ୍ତି। ଏହାକୁ ଆଗକୁ ନେବା ପାଇଁ ରାଜ୍ୟ ପ୍ରଶାସନ କାର୍ଯ୍ୟ କରୁଛି। ଏସବୁ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀ କ୍ଷେତ୍ରରେ ଦେଶର ପ୍ରକ୍ରିୟାକରଣ ଓ ବିଶୋଧନ କ୍ଷମତା ବଢ଼ାଇବ। ଏସବୁ ସାମଗ୍ରୀ ପାଇଁ ଭାରତ ଅନ୍ୟ ଦେଶଉପରେ ବହୁମାତ୍ରାରେ ନିର୍ଭରଶୀଳ ରହିଛି। ଆସନ୍ତାବର୍ଷ ସୁଦ୍ଧା ଏ କ୍ଷେତ୍ରରେ ଆଖିଦୃଶିଆ ଅଗ୍ରଗତି ଦେଖିବାକୁ ମିଳିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

### କନ୍ୱରର ବିଶାଲ ସିଂ ...

କୋରାପୁଟର ଡିଆଇଜି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟରୁ ସମ୍ପ୍ରତି ନକ୍ସଲ ମୂଳପୋଛ ହୋଇଛି। କିନ୍ତୁ ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲା ସୀମାନ୍ତରେ ନକ୍ସଲଙ୍କ କାର୍ଯ୍ୟକଳାପ ଦେଖିବାକୁ ମିଳିଛି।

ଅପରପକ୍ଷରେ ରାଜ୍ୟରେ ଭିଆଇପି ଓ ଭିଭିଆଇପିଙ୍କ ସୁରକ୍ଷା ନେଇ ରାଜ୍ୟସରକାର ଗୁଇନ୍ଦା ତଥ୍ୟର ଲିକ୍ ନେଇ ଚିନ୍ତିତ ଥିବା ବେଳ ଏହି ବଦଳି ଗୁରୁତ୍ୱ ବହନ କରୁଛି।

### ସିନେ ସାମ୍ବାଦିକଙ୍କ ପରଲୋକ

**ଭୁବନେଶ୍ୱର,୨୮।୫/ଏନ୍‌ଏନ୍‌ଏସ୍:**



ଜଣାଶୁଣା ଯୁବ ସିନେ ସାମ୍ବାଦିକ, ଗାଳ୍ପିକ ତଥା 'ନିତିଦିନ'ର ପୂର୍ବତନ କର୍ମଚାରୀ ପବିତ୍ର କୁମାର ଗୌଡ଼ଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ଘଟିଛି। ଛାତିରେ ପାଣି ଜମିବା କାରଣରୁ ସେ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। 'ନିତିଦିନ' ମୁଖ୍ୟ କାର୍ଯ୍ୟାଳୟରେ ଏନେଇ ଏକ ନିରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଛି।

## ସାଇକେଲ୍‌ରେ ଅଫିସ୍ ଆସିଲେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା,୨୮।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର.ଆୟର ମଙ୍ଗଳବାର ସାଇକଲ୍ ଯୋଗେ ଗରାପୁର କୋଠିଛକ ସ୍ଥିତ ଆବାସିକ କାର୍ଯ୍ୟାଳୟରୁ ପୁରୁଣା ବସଷ୍ଟାଣ୍ଡସ୍ଥିତ ଜିଲ୍ଲା କାର୍ଯ୍ୟାଳୟକୁ ଆସିଥିଲେ। ଏଥିସହିତ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ସମାପନ ପରେ ଅପରାହ୍ନରେ ସାଇକଲ ଯୋଗେ ଆବାସିକ କାର୍ଯ୍ୟାଳୟକୁ ଫେରିଯାଇଥିଲେ। ଦେଶରେ ତୈଳ ସଙ୍କଟ ଲାଗିରହିଥିବା ବେଳେ ରାଜ୍ୟ ତଥା କେନ୍ଦ୍ରାପଡାରେ ମଧ ତୈଳ ସଙ୍କଟ ଲାଗି ରହିଛି। ତେଣୁ ଜିଲ୍ଲାପାଳ ଶ୍ରୀ ଆୟର ସାଇକଲରେ ନିଜ କାର୍ଯ୍ୟାଳୟକୁ ଆସିବା ସହ ଏହି ଅବସରରେ ଲୋକମାନଙ୍କ ଉଦେଶ୍ୟରେ କହିଛନ୍ତି ଯେ ବିଶେଷ ଆବଶ୍ୟକତା ନଥିଲେ ଗାଡି ବଦଳରେ ସାଇକଲରେ ଯିବା ଆସିବା କରନ୍ତୁ। ପନିପରିବା, ଫଳମୂଳ, ମାଛ, ମାଂସ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କ୍ରୟ କରିବା ପାଇଁ ଲୋକମାନେ ସାଇକଲରେ ଆସିବା



ଉଚିତ ବୋଲି କହିଛନ୍ତି। ସେହିପରି ଅଳ୍ପ ଦୂରତାକୁ ଯିବା ଆସିବାକୁ ଗାଡି ବଦଳରେ ସାଇକଲ ବ୍ୟବହାର କରିବା ଉଚିତ। ଏହାଦ୍ୱାରା ଦେଶରେ ଲାଗି ରହିଥିବା ତୈଳ ସଙ୍କଟକୁ ଟାଳି ହେବ। ଜରୁରୀ ଆବଶ୍ୟକତା ବିନା ଗାଡି ବ୍ୟବହାରକରି ଇନ୍ଧନର ଅପଚୟ ନକରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

## ଅସହାୟ ପରିବାରକୁ ସହାୟତା

**ଚାନ୍ଦୋଳ,୨୮।୫/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ଅଡଙ୍ଗା ଗ୍ରାମର ସ୍ୱର୍ଗତ ଗୌତମ ଜେନାଙ୍କ ପରିବାର ନିକଟରେ ଆଜି ବିଶିଷ୍ଟ ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି । ଗୌତମ ଗତ ଏକ ବର୍ଷ ହେବ ଦୁରାରୋଗ୍ୟରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଆର୍ଥିକ ଅନାଟନ ଯୋଗୁ ଆବଶ୍ୟକୀୟ ଚିକିତ୍ସା ହୋଇନପାରି ଗତ ପାଞ୍ଚଦିନ ହେବ ତାଙ୍କର ମୃତ୍ୟୁ ଘଟିଛି। ଏକମାତ୍ର ରୋଜଗାରକ୍ଷମ ଗୌତମଙ୍କ ମୃତ୍ୟୁପରେ ତାଙ୍କ ବିଧବା ପତ୍ନୀ ଓ ଓ ଦୁଇଟି ନାବାଳିକା ଝିଅ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି । ଏହି ଖବର ପାଇ ଆଜି ପୂର୍ବାହ୍ନରେ ପ୍ରାଧ୍ୟାପକ ଶ୍ରୀ ରାଉତ ଗୌତମ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ତାଣ୍ଡବ ରଚିଲା କାଳବୈଶାଖୀ



**ଆଠମଲ୍ଲିକ,୨୮।୫/ଏନ୍‌ଏନ୍‌ଏସ୍:** ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ବୁଧବାର ସନ୍ଧ୍ୟା ସମୟରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। କନ୍ଧପଦା ପଞ୍ଚାୟତ ନାରାୟଣପୁର୍ ଗ୍ରାମର ସୋଭାଗିନି ପ୍ରଧାନ (୪୭) ଗୁହାଳ ଘରେ କାମ କରୁଥିବା ବେଳେ ଏକ ଚକୁଣ୍ଡା ଗଛ ପଡିଯିବାରୁ ଗୁହାଳଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ସୌଭାଗିନିଙ୍କ ଅକାଳ ବିୟୋଗ ଘଟିଛି। ସେହିପରି ବେଲାଦୁଲା ଗ୍ରାମର ସମସ୍ତ ଆଜବେଷ୍ଟ ଛପର ଉଡ଼େଇନେଇଛି। ଏହି ଗ୍ରାମର ସମସ୍ତ ପରିବାର ତନ୍ତୀ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କ ତନ୍ତଶାଳ ସପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବାତ୍ୟାର ପ୍ରଭାବରେ ବହୁ ପୁରାତନ ଗଛ ସବୁ ଭାଙ୍ଗିଯିବାକରୁ ରାସ୍ତା ଅବରୋଧ ହୋଇଯାଇଥିଲା। ବାତ୍ୟା ଛାଡ଼ିଯିବା ପରେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ନିଜ କର୍ମଚାରୀଙ୍କ ସହ ଗଛ ପଡ଼ି ମୃତ୍ୟୁବରଣ କରିଥିବା ସୌଭାଗିନି ପରିବାର ସହ ଅନ୍ୟ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଥିଲେ। ମୃତ ସୌଭାଗିନି ପରିବାରଙ୍କୁ ରେଡକ୍ରସ ତରଫରୁ ୫ ହଜାର ଟଙ୍କା ସହାୟତା ସହ ଗୁହାଳ ପାଇଁ ଏକ ପଲିଥିନ ପ୍ରଦାନ କରିଥିଲେ। ଏପରି କି ସମସ୍ତ ପ୍ରକାର ସରକାରୀ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଅନ୍ୟ କିଛି କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ମଧ ଆର୍ଥିକ ସହାୟତା ଯୋଗାଇ ଦେଇଥିବାବେଳେ କ୍ଷୟକ୍ଷତି ଆକଳନ କରି ସମସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାଳବୈଶାଖୀର ପ୍ରଭାବ କିଆକଟା ଠାରୁ ଆଠମଲ୍ଲିକ ଏନ୍‌ଏସି ପର୍ଯ୍ୟନ୍ତ ପଡ଼ିଥିବା ଦେଖିବାକୁ ମିଳିଛି।

## ଶ୍ମଶାନ ଗୃହ ନଥିବାରୁ ଶୁଳିଆ ଗ୍ରାମବାସୀ ହନ୍ତସନ୍ତ

**ଧର୍ମଶାଳା,୨୮।୫/ଏନ୍‌ଏନ୍‌ଏସ୍:** ପ୍ରଶାସନ ଜନସାଧାରଣ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଗଭର ହେଉଥିଲା ବେଳେ ଏବେ ମଧ ଅନେକ କିଛି ସମସ୍ୟା ସମାଧାନ ହୋଇପାରିନାହିଁ। ଏଭଳି ଅଭିଯୋଗ ଆସିଛି ରସୁଲପୁର ବ୍ଲକ୍ କଳଣ ପଞ୍ଚାୟତ ଅନ୍ତର୍ଗତ ଶୁଳିଆ ଗ୍ରାମରୁ। ଅଭିଯୋଗ ଅନୁସାରେ ଏହି ଗ୍ରାମଟି ବ୍ରାହ୍ମଣୀ ନଦୀ ଅବବାହିକାରେ ଅବସ୍ଥିତ। ତେଣୁ ଏହି ଗ୍ରାମର ଗ୍ରାମବାସୀ ନଦୀର ଜଳକୁ ନିଜର ଜୀବନ ଜୀବିକା ରୂପେ ବ୍ୟବହାର କରନ୍ତି। ସମୟ କ୍ରମେ ଏହାର ମୁହାଣ ପୋତିହୋଇ ଯିବାରୁ ଗ୍ରୀଷ୍ମ ଦିନରେ ବିସ୍ତି ନଦୀର ଜଳ ସମ୍ପୂର୍ଣ୍ଣ ଶୁଖିଯାଇ ମରୁଭୂମି ପାଲଟିଛି। ଏହି ଗାଁରେ ନଦୀର ବିକଳ୍ପ କୌଣସି ଜଳାଶୟ କିମ୍ବା ପୋଖରୀ ବ୍ୟବସ୍ଥା ନଥିବାରୁ ଏଠାକାର ଜନସାଧାରଣ ସ୍ନାନ ଶୌଚ ନିତ୍ୟକର୍ମ କରିବା ପାଇଁ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେବାକୁ ପଡିଥାଏ। ଏହି ଗ୍ରାମରେ ଶ୍ମଶାନ ଘାଟରେ ଶବଦାହ ଗୃହ ନଥିବାରୁ ବର୍ଷା ଓ ଖରାଦିନେ ଶବସତ୍କାର କରିବା ପାଇଁ ନାନାଦି ଅସୁବିଧା ସମ୍ମୁଖୀନ ହେବାକୁପଡୁଛି। ଏହି ଗ୍ରାମରେ କେହି କେବେ ମୃତ୍ୟୁବରଣ କଲେ ବିପଦପୂର୍ଣ୍ଣ ପଥର ରାସ୍ତାରେ ୪୦ ଫୁଟ ଗଭୀର ନଦୀବାଲିକୁ ଯାଇ ଶବସତ୍କାର କରିବାକୁ ପଡିଥାଏ। ଦାହ କରିବା ପାଇଁ କାଠ ତଥା ଅନ୍ୟ ସାମଗ୍ରୀ ବହୁ କଷ୍ଟରେ କାନ୍ଧରେ ବିପଦ ସଂକୁଳ ପଥର ଗଡ଼ାଣିରେ ନଦୀ ବାଲିକୁ ଯିବାକୁ ପଡିଥାଏ। ତାହାସହିତ ଶୁଦ୍ଧିକ୍ରିୟା କର୍ମ କରିବା ପାଇଁ ଗ୍ରାମରେ କୌଣସି ଜଳାଶୟର ସୁବିଧା ନଥିବାରୁ ଦୀର୍ଘ ୩ କିମି ବାଲିରେ ଯାଇ କୁସ୍ତିରା ଗ୍ରାମ ନଦୀପଠାରେ ଗୁଠ କରିବାକୁ ପଡିଥାଏ। ବୟସ୍କ ଲୋକମାନେ ଖରା, ବର୍ଷରେ ଦୂରକୁ ବାଲିରେ ଯାଇନପାରି ନିଜଘରେ ସ୍ନାନ ସୌଚ ହୋଇ ଶୁଦ୍ଧିକ୍ରିୟା କରିଥାନ୍ତି। ଗ୍ରାମବାସୀ ଦାବି କରିଛନ୍ତି।





ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ଭୁବନେଶ୍ୱରସ୍ଥିତ ଖରପଡ଼ା ଇଦ୍‌ଗା ପଡ଼ିଆରେ ମୁସଲମାନ୍ ଭାଇମାନଙ୍କ ସମବେତ ନମାଜ ପାଠ

## ଆକ୍ସନ ଏଡ୍ ଓ ସିସିଡବ୍ଲ୍ୟୁଡି ପକ୍ଷରୁ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ

**ଭୁବନେଶ୍ୱର,୨୮।୫/ଏନ୍‌ଏନ୍‌ଏସ୍:** ଶିକ୍ଷା ଓ ସଚେତନତାର ଅଭାବ ଫଳରେ ମାସିକ ଧର୍ମକୁ ନେଇ ଖୋଲାଖୋଲି ଆଲୋଚନା କରିବାକୁ ମହିଳା ଓ ଯୁବତୀମାନେ ସଙ୍କୋଚ କରୁଛନ୍ତି। ଋତୁସ୍ରାବ ହେଉଛି ଶରୀରର ଏକ ପ୍ରାକୃତିକ ପ୍ରକ୍ରିୟା। ଏହା ମହିଳା/ ଯୁବତୀମାନଙ୍କର ସମ୍ମାନ ଅଟେ। ମାସିକ ଋତୁସ୍ରାବ ସମୟରେ ପରିଷ୍କାର ଓ ପରିଚ୍ଛନ୍ନତା ଅବଲମ୍ବନ ଜରୁରୀ ବୋଲି ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅବକାଶରେ ଆକ୍ସନ ଏଡ୍ ଓ ସିସିଡବ୍ଲୁଡିର ମିଳିତ ଆନୁକୂଲ୍ୟରେ ୱାର୍ଡ ନଂ ୯ ଅଧୀନସ୍ଥ ମଣ୍ଡପ ବସ୍ତିଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। କୋଣଠେସା ହୋଇ ରହିଯାଉଥିବା ମହିଳା ଓ ଯୁବତୀମାନଙ୍କୁ ଋତୁସ୍ରାବ ସଂକ୍ରାନ୍ତୀୟ ସ୍ୱଚ୍ଛତାକୁ ବ୍ୟାପକ କରିବା ପାଇଁ ଭାସ୍କର ଚନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥି ଭାବରେ ଆଶାଦିଦି ପ୍ରମିଳା ବେହେରା କିଶୋରୀ ବାଳିକାମାନଙ୍କ ବିକାଶ ନିମନ୍ତେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ସାନିଟାରୀ ପ୍ୟାଡ୍ ଓ ଏହାର ସଠିକ୍ ପରିଚାଳନାର ଆବଶ୍ୟକୀୟ ବ୍ୟବସ୍ଥା ଉପରେ ସ୍ନିଗ୍ଧା ଦାସ ଓ ସରସ୍ୱତୀ ପରିଡା ଆଲୋଚନା କରିଥିଲେ। ପ୍ରତ୍ୟେକ ମହିଳା ଓ ଯୁବତୀ ମାସିକ ଋତୁସ୍ରାବ ଉପରେ ଜାଣିବା ଓ ସୁସ୍ଥ ପରିବେଶ ଉପରେ ଅଙ୍ଗନୱାଡି କର୍ମୀ ଶାନ୍ତିଲତା ବେହେରା ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭିକ ସୂଚନା କଲ୍ୟାଣୀ ରାଉତ ପ୍ରଦାନ କରିଥିବା ବେଳେ ସ୍ୱର୍ଣ୍ଣପ୍ରିୟା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏକ ଶପଥପାଠ ଆୟୋଜିତ ହୋଇଥିଲା। ଏଥିରେ ଭୁବନେଶ୍ୱର ୟଙ୍ଗ୍ ଅର୍ବାନ୍ ଫୋରମ୍, ରୋଗୀ ଆରୋଗ୍ୟ ସମିତି ଓ ଅଣସଙ୍ଗଠିତ ଶ୍ରମିକ ମଞ୍ଚର ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଶିବ ସାହୁ, ବିଷ୍ଣୁପ୍ରୀୟା ସାମଲ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ରାଜଧାନୀ ଡିଗ୍ରୀ କଲେଜର ସୋନାଲି ଓ ଆକାଂକ୍ଷା ସହଯୋଗ କରିଥିଲେ।

**ଅବକାରୀ ମାମଲାରେ ଚଢ଼ଉ ଜୋର୍‌ଦାର**

# ଚାରିବର୍ଷରେ ଦଣ୍ଡବିଧାନ ହାର ୧%ରୁ କମ୍

**ଭୁବନେଶ୍ୱର,୨୮।୫/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ ନିଶା ପ୍ରସାର ଉଦ୍‌ବେଗଜନକ ଭାବେ ବଢ଼ି ଚାଲିବା ସହ ତାଳ ଦେଇ ଅବକାରୀ ମାମଲା ସଂଖ୍ୟା ବି ବଢୁଛି। ୨୦୨୦-୨୧ରୁ ୨୦୨୪-୨୫ ବର୍ଷ ଭିତରେ ମୋଟ ଅବକାରୀ ମାମଲାର ମାତ୍ର ୧୮.୧୬ ପ୍ରତିଶତ ଫଇସଲା ହୋଇଥିବା ବେଳେ ଏଥିରେ ଦଣ୍ଡବିଧାନ ହାର ୧ ପ୍ରତିଶତରୁ କମ୍ ରହୁଥିବା ସରକାରୀ ପରିସଂଖ୍ୟାନରୁ ଜଣାପଡିଛି। ଏହି ବର୍ଷଗୁଡ଼ିକରେ ୩,୧୮,୭୭୦ଟି ଅବକାରୀ ମାମଲା ବିଭିନ୍ନ ଅଦାଲତରେ ବିଚାର ପାଇଁ ରହିଥିବାବେଳେ ଏଥିରୁ ୫୭,୬୮୬ଟିରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଛନ୍ତି। ମାତ୍ର ୨୨୧ଟି ଅବକାରୀ ମାମଲାରେ ଦଣ୍ଡବିଧାନ କରାଯାଇଥିବା ଜଣାପଡିଛି। ୧୦ଟି ଅବକାରୀ ଜିଲ୍ଲାରେ ଏହି ୫ବର୍ଷରେ ଗୋଟିଏ ହେଲେ ମାମଲାରେ ଦଣ୍ଡବିଧାନ କରାଯାଇନାହିଁ। ରାଜ୍ୟରେ ଥିବା ୪ଟି ଅବକାରୀ ଗୁଇନ୍ଦା ଓ ଏନ୍‌ଫୋର୍ସମେଣ୍ଟ ବ୍ୟୁରୋର ଗୋଟିଏ ହେଲେ ମାମଲାରେ ବି ୨୦୨୦-୨୧ରୁ ୨୦୨୪-୨୫ ମଧ୍ୟରେ ଦଣ୍ଡବିଧାନ ହୋଇନଥିବା ସରକାରୀ ତଥ୍ୟରୁ ଜଣାପଡିଛି। ସେହିଭଳି ଭୁବନେଶ୍ୱର, ଖୋର୍ଦ୍ଧା, ବାଲେଶ୍ୱର, ବରଗଡ଼, ବ୍ରହ୍ମପୁର, ଭଦ୍ରକ, ବୌଦ୍ଧ, କଟକ, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୟାଗଡ଼, ପୁରୀ, ରାୟଗଡ଼ା, ରାଉରକେଲା, ସମ୍ବଲପୁର, ସୁବର୍ଣ୍ଣପୁର ଆଦି ଅବକାରୀ ଜିଲ୍ଲାଗୁଡ଼ିକରେ ଏହି ବର୍ଷଗୁଡ଼ିକରେ ଦଣ୍ଡବିଧାନ ହାର ଶୂନ୍ୟ ରହିଥିବାବେଳେ ମାଳମାଳ ମାମଲାରେ କିନ୍ତୁ ଅଭିଯୁକ୍ତମାନେ ଖସିଯାଇଛନ୍ତି। ଅତୀତରେ ୨୦୧୫-୧୬ରୁ ୨୦୧୭-୧୮ ବର୍ଷ ମଧ୍ୟରେ ବି ୨୩ଟି ଜିଲ୍ଲାରେ ଗୋଟିଏ ହେଲେ ଅବକାରୀ ମାମଲାରେ ଦଣ୍ଡବିଧାନ ହୋଇନଥିଲା ଏବଂ ଯେତିକି ବି ଦଣ୍ଡବିଧାନ କରାଯାଇଥିଲା ତା'ର ପରିମାଣ ୦.୩୬ ପ୍ରତିଶତରୁ ୩.୬୨ ପ୍ରତିଶତ ମଧ୍ୟରେ ସୀମିତ ଥିଲା। ଭାରତବର୍ଷର ମହାଲେଖାକାର ତାଙ୍କର ଏକ ରିପୋର୍ଟରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର କମ୍ ରହୁଥିବା ଘେନି ଉଦ୍‌ବେଗ ପ୍ରକାଶ କରିବା ସହିତ ଏହା ଅଭିଯୁକ୍ତମାନଙ୍କୁ ଏକ ପ୍ରକାର ଉତ୍ସାହିତ କରୁଛି ବୋଲି ଉଲ୍ଲେଖ କରିଥିଲେ। କିଛି ଆଇନ୍‌ଜୀବୀଙ୍କ କହିବା ଅନୁସାରେ, ଅବକାରୀ ବିଭାଗର ଚଢ଼ଉ ପ୍ରବଳ ଥିବାବେଳେ ମାମଲା କିନ୍ତୁ ଅତି ଦୁର୍ବଳ। ଅଭିଯୋଗ ଫର୍ଦ୍ଦ ଦାଖଲରେ ତ୍ରୁଟି ବିଚ୍ୟୁତି, ଅଭିଯୋଗ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଅଦାଲତରେ ବହୁ କ୍ଷେତ୍ରରେ ସାକ୍ଷ୍ୟ-ପ୍ରମାଣ ଠିକଣା ଭାବେ ଉପସ୍ଥାପନ କରାନଯିବା, ମାମଲା ପରିଚାଳନାରେ ତ୍ରୁଟି, ଜବତ ଅବକାରୀ ସାମଗ୍ରୀକୁ ବହୁ କ୍ଷେତ୍ରରେ ପରୀକ୍ଷା ନିରୀକ୍ଷା କରାଯାଉନଥିବା, ଏମିତିକି ଅଦାଲତରେ ଏହା କେତେକ କ୍ଷେତ୍ରରେ ଉପସ୍ଥାପନ କରିବାରେ ବିଭାଗୀୟ କର୍ତ୍ତୃପକ୍ଷ ବିଫଳ ହେଉଥିବା ଏବଂ ସର୍ବୋପରି ଅବକାରୀ ମାମଲାରେ ସରକାରଙ୍କ ପକ୍ଷରୁ ଯେତେ ସାକ୍ଷୀ ଦିଆଯାଉଛି ସେମାନେ ଅଭିଯୋଗ ସଂପର୍କରେ ଅଜ୍ଞ ଥିବା ଘେନି ଅଦାଲତରେ ବୟାନ ଦେବା ଆଦି ବିଭିନ୍ନ କାରଣରୁ ଅବକାରୀ ମାମଲାଗୁଡ଼ିକରେ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଛି ।

# ଔପନ୍ୟାସିକା ଓ ଗାଳ୍ପିକା ଇନ୍ଦିରା ଦାଶଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର,୨୮।୫/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ହୋଟେଲ୍ ସ୍ୱସ୍ତି ଗ୍ରାଣ୍ଡ୍ କନ୍‌ଫରେନ୍ସ ହଲ୍‌ରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଏକ ଉତ୍ସବରେ ଔପନାସିକା ଓ ଗାଳ୍ପିକା ଇନ୍ଦିରା ଦାଶଙ୍କ ଦୁଇଟି ପୁସ୍ତକ 'ନର୍ତ୍ତକୀ' ଓ 'ଶିଶିର କନ୍ୟା'କୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ ଔପନ୍ୟାସିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ ପାଠକାର୍ପଣ କରିଛନ୍ତି। ଏହି ଅବସରରେ ସେ 'ଜୀବନର ଦ୍ୱନ୍ଦ୍ୱ, ଦୁଃଖ ଓ ଯନ୍ତ୍ରଣାର ସୁନ୍ଦର ସାବଲୀଳ, ସରଳ ପରିପ୍ରକାଶ ହିଁ ଇନ୍ଦିରା ଦାଶଙ୍କ ଉପନ୍ୟାସ ଓ ଗଳ୍ପର ମୂଳ ଉତ୍ସ' ବୋଲି କହିଛନ୍ତି। ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଖ୍ୟାତ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଇନ୍ଦିରା ଦାଶଙ୍କ ଉପନ୍ୟାସ ଓ ଗଳ୍ପର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଥିଲେ 'ଇନ୍ଦିରାଙ୍କ କଥା ସାହିତ୍ୟରେ ସୂକ୍ଷ୍ମ ଅନୁଭବ ଓ କଳାଶକ୍ତିର ଅତ୍ୟନ୍ତ ପ୍ରଭାବ ଲେଖାଗୁଡ଼ିକୁ ଜୀବନ୍ତ କରିଥାଏ। ସମାଜର ବିଭିନ୍ନ ଦିଗକୁ ସେ ବିଶ୍ଳେଷଣ କରିଛନ୍ତି ଓ ନାରୀ ମନସ୍ତତ୍ତ୍ୱକୁ ନିପୁଣ ଭାବେ ତାଙ୍କ ଉପନ୍ୟାସରେ ଫୁଟାଇଛନ୍ତି।' କେନ୍ଦ୍ର ସାହିତ୍ୟ ଏକାଡେମୀର ଆଂଚଳିକ ସଚିବ ଡକ୍ଟର ମିହିର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରେଶଖର ହୋତା, ଔପନ୍ୟାସିକା ଇନ୍ଦିରା ଦାଶ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ପୁସ୍ତକର ପ୍ରକାଶକ ବିଦ୍ୟାପୁରୀର ନିର୍ଦ୍ଦେଶକ ଜୀବନାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବେର ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ଜୁଡ଼ିସିଆଲ୍ ଅଫିସର୍ ମୀନାକ୍ଷୀ ଦାଶ, ରେଲେୱେର ପୂର୍ବତନ ମୁଖ୍ୟ ଭିଜିଲାନ୍‌ସ ଅଧିକାରୀ ଓ ବରିଷ୍ଠ ଡିଜିଏମ୍ ସୁବ୍ରତ ତ୍ରିପାଠୀ, ଔପନ୍ୟାସିକ ଅର୍ଚ୍ଚନା ନାୟକ, କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ, ଲେଖକ ପୀତବାସ ରାଉତରାୟ, କବି ଓ ସ୍ତମ୍ଭକାର ନିରାକାର ଦାସ, ଅନୁବାଦିକା କନକଲତା ସାହୁ, ଗାଳ୍ପିକା ଆଭା ଦାଶ, ଶତଦ୍ରୁର ସମ୍ପାଦକ ଉପେନ୍ଦ୍ର ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ହୃଷିକେଶ ମଲ୍ଲିକଙ୍କ ସମେତ ବହୁ କବି ଓ କଥାକାର ଉପସ୍ଥିତ ଥିଲେ।

# ଦୁଇ ଦିବସୀୟ 'ମୋଟାପା' ନିବାରଣ ଶିବିର



**ଭୁବନେଶ୍ୱର,୨୮।୫/ଏନ୍‌ଏନ୍‌ଏସ୍:** ମୋଟାପା ବା ମୋଟାପଣ ଅବସ୍ଥା ଯୋଗୁଁ ବହୁ ଲୋକ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହାର ସମାଧାନ ଓ ନିବାରଣ ପାଇଁ ଖାଦ୍ୟପେୟ ଓ ଦିନଚର୍ଯ୍ୟାରେ ଶୃଙ୍ଖଳା ସହିତ ନିୟମିତ ଯୋଗାଭ୍ୟାସ ଓ ସଚେତନତା ଜରୁରୀ। 'ଭାରତୀୟ ଯୋଗ ସଂସ୍ଥାନ, ଓଡ଼ିଶା ପ୍ରାନ୍ତ ଅଧୀନସ୍ଥ ଭୁବନେଶ୍ୱର ନୟାପଲ୍ଲୀ ଯୋଗ ଜିଲ୍ଲା ଏବଂ ବରମୁଣ୍ଡା ଯୋଗ ଜିଲ୍ଲାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱିଦିବସୀୟ 'ମୋଟାପା ରୋଗ ନିବାରଣ ଶିବିର'ରେ ଏ ସଂପର୍କରେ ଯୋଗାଭ୍ୟାସ ଓ ସଚେତନ କରାଯାଇଛି।

ଆଜି ଅନୁଷ୍ଠିତ ହୋଇଯାଇଥିବା ଯୋଗ ଶିବିରରେ ଏକ ଶୃଙ୍ଖଳିତ ପରିବେଶ ମଧ୍ୟରେ ଦୁଇ ଯୋଗ ଜିଲ୍ଲାର ପ୍ରତ୍ୟେକ ସଦସ୍ୟ ସଦସ୍ୟା ଯୋଗଦେଇ ଯୋଗ ମାଧ୍ୟମରେ ସୁସ୍ଥ ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତି ଜନସମାଜକୁ ଜାଗୃତ କରାଇବାର ଏକ ସୁନ୍ଦର ପ୍ରଚେଷ୍ଟା କରିଥିଲେ। ସେହିପରି ପ୍ରଥମ ଦିନ ଯୋଗ ଶିବିର ସ୍ଥାନୀୟ ରେଷ୍ଟାଲ୍ ପାର୍କରେ ଶୁଭାରମ୍ଭ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଏଠାରେ ଭାରତୀୟ ଯୋଗ ସଂସ୍ଥାନ ଦ୍ୱାରା 'ମୋଟାପା' ନିବାରଣ ଉପରେ ଏକ ଯୋଗ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

ଦୁଇଦିନ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାନ୍ତ ସଦସ୍ୟା ମଞ୍ଜୁଳା ମିଶ୍ର, ବରମୁଣ୍ଡା ଯୋଗ ଜିଲ୍ଲା ପ୍ରଧାନ ପ୍ରଦୀପ୍ତ କୁମାର ମହାନ୍ତି ଏବଂ ନୟାପଲ୍ଲୀ ଯୋଗ ଜିଲ୍ଲା ପ୍ରଧାନ ଜ୍ୟୋତିର୍ମୟ ରଥ ପ୍ରମୁଖ ଯୋଗଦେଇ 'ମୋଟାପା' ରୋଗ ନିବାରଣ ଉପରେ ବିଶେଷ ଆଲୋକପାତ କରିବା ସହ ନିଜ ନିଜର ଖାଦ୍ୟପେୟ, ଦିନଚର୍ଯ୍ୟା, ଶୃଙ୍ଖଳିତ ଜୀବନ ଏବଂ ଯୋଗ ମାଧ୍ୟମରେ କିପରି ଏହାକୁ ନିବାରଣ ଓ ନିୟନ୍ତ୍ରଣ କରିହେବ ସେ ସମ୍ପର୍କରେ ନିଜର ବାର୍ତ୍ତା ସୁନ୍ଦର ଭାବେ ଉପସ୍ଥାପନା କରି ମୂଲ୍ୟବାନ ପରାମର୍ଶ ଦେଇଥିଲ। ଶିବିରରେ ପ୍ରାନ୍ତ ସଦସ୍ୟା ଶ୍ରୀମତୀ ମିଶ୍ରଙ୍କ ସମେତ ଯୋଗ ସଂସ୍ଥାନର ଅଧିକାରୀମାନେ ସମସ୍ତଙ୍କୁ ଏହି 'ମୋଟାପା' ରୋଗ ସମ୍ବନ୍ଧୀୟ ବିଭିନ୍ନ ଯୋଗାଭ୍ୟାସ କରାଇଥିଲେ। କାର୍ଯ୍ୟକ୍ରମରେ ଦୁଇ ଯୋଗ ଜିଲ୍ଲାର ଅଧିକାରୀ ଜୟଶ୍ରୀ ପଣ୍ଡା, ଜ୍ୟୋତିର୍ମୟୀ ମହାପାତ୍ର ଏବଂ ମମତା ଦାଶଙ୍କ ସମେତ କ୍ଷେତ୍ର, କେନ୍ଦ୍ର ଅଧିକାରୀ ଏବଂ ସାଧକ, ସାଧିକାଙ୍କ ସହ ମୋଟ ୧୫୦ ଜଣ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ପ୍ରଥମ ଦିନ କାର୍ଯ୍ୟକ୍ରମକୁ ଶୁଭ୍ରସିମା ମହାନ୍ତି ଏବଂ ଦ୍ୱିତୀୟ ଦିବସକୁ ଡକ୍ଟର ଜ୍ୟୋତିର୍ମୟୀ ଦାସ ସଞ୍ଚାଳକ କରିଥିଲେ।

**ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ସ୍ଥଳରେ**

# 'ମହାରାଜା ଖାରବେଳ ପ୍ରଦର୍ଶନୀ' ଉଦ୍‌ଘାଟିତ

**ଭୁବନେଶ୍ୱର,୨୮।୫/ଏନ୍‌ଏନ୍‌ଏସ୍:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ଅନ୍ତର୍ଗତ କାର୍ଯ୍ୟକ୍ରମ ସ୍ଥଳର ଅଡିଟୋରିୟମର ଭୂତଳରେ ଆୟୋଜିତ 'ମହାରାଜା ଖାରବେଳ ପ୍ରଦର୍ଶନୀ' ଓଡ଼ିଶାର ଗୌରବମୟ ଐତିହାସିକ, ସାଂସ୍କୃତିକ ଏବଂ ଶିକ୍ଷାଗତ ଐତିହ୍ୟ ସହ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଧ୍ୟେୟ ଯାତ୍ରାର ଜୀବନ୍ତ ପରିଚୟ ପ୍ରଦାନ କରୁଛି। ଏହି ଭବ୍ୟ ପ୍ରଦର୍ଶନୀର ଉଦ୍ଘାଟନ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ, ଏବିଭିପି ରାଷ୍ଟ୍ରୀୟ ସଭାପତି ପ୍ରଫେସର ରଘୁରାଜ କିଶୋର ତିୱାରୀ, ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ଼ଃ ବୀରେନ୍ଦ୍ର ସିଂହ ସୋଲାଙ୍କୀ ଏବଂ ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଆଶୀଷ ଚୌହାନଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା। ପ୍ରଦର୍ଶନୀରେ ଓଡ଼ିଶାର ସମୃଦ୍ଧ ଇତିହାସ, ଭଗବାନ ଜଗନ୍ନାଥଙ୍କ ଲୋକଆସ୍ଥା ଓ ସଂସ୍କୃତି, ପାରମ୍ପରିକ ପର୍ବପର୍ବାଣୀ, ଲୋକକଳା, ହସ୍ତଶିଳ୍ପ ଏବଂ କୋଣାର୍କ ସୂର୍ଯ୍ୟମନ୍ଦିରର ପ୍ରସିଦ୍ଧ କୋଣାର୍କ ଚକ୍ର ମାଧ୍ୟମରେ ରାଜ୍ୟର ସ୍ଥାପତ୍ୟ ଓ ବୈଜ୍ଞାନିକ ଚେତନାକୁ ଆକର୍ଷଣୀୟ ଭାବେ ପ୍ରଦର୍ଶିତ କରାଯାଇଛି। ସେହିପରି ଏବିଭିପି ଦ୍ୱାରା ବର୍ଷସାରା ଦେଶବ୍ୟାପୀ କରାଯାଇଥିବା ବିଭିନ୍ନ ସୃଜନାତ୍ମକ କାର୍ଯ୍ୟ, ସେବା କାର୍ଯ୍ୟକଳାପ, ଛାତ୍ର ଆନ୍ଦୋଳନ ଏବଂ ବିଭିନ୍ନ ଆୟାମର କାର୍ଯ୍ୟକଳାପକୁ ମଧ୍ୟ ସୁସଙ୍ଗତ ଭାବେ ଉପସ୍ଥାପିତ କରାଯାଇଥିଲା। ପ୍ରଦର୍ଶନୀର ପ୍ରବେଶ ଦ୍ୱାର ପ୍ରାଚୀନ ରତ୍ନଗିରି ବିଶ୍ୱବିଦ୍ୟାଳୟର ସ୍ଥାପତ୍ୟ ଶୈଳୀରୁ ପ୍ରେରିତ, ଯାହା ଓଡ଼ିଶାର ସମୃଦ୍ଧ ଶିକ୍ଷା ପରମ୍ପରା, ଲୋକ ପରମ୍ପରା ଓ ଜ୍ଞାନ ସାଧନାର ଐତିହାସିକ ଧାରାର ପ୍ରତୀକ ଅଟେ। ଉଲ୍ଲେଖନୀୟ ଯେ ଏବିଭିପିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ୨୯ରୁ ୩୧ ମେ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ, ଯେଉଁଥିରେ ଦେଶର ସମସ୍ତ ରାଜ୍ୟରୁ ୪୮୪ ଜଣ କାର୍ଯ୍ୟକର୍ତ୍ତା ପ୍ରତିନିଧି ଅଂଶଗ୍ରହଣ କରିବେ।

# ଜଳଭଣ୍ଡାରରୁ ତଳିଆ ଗାଁକୁ ମିଳୁନି ପିଇବା ପାଣି, ୩୫୦ ପରିବାରଙ୍କୁ ଘାରିଛି ପାଣିଚିନ୍ତା



**ଓଡ଼ଗାଁ,୨୮।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ମାଳମାଳ ପାନୀୟଜଳ ପ୍ରକଳ୍ପ ନିର୍ମାଣ ହୋଇଛି। ଏଥିରୁ କେତେକ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବାବେଳେ ଅଧାରୁ ଅଧିକ ପ୍ରକଳ୍ପ ଅକାମି ହୋଇ ପଡ଼ିରହିଛି କିନ୍ତୁ ସରକାରୀ ଖାତାରେ ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା କୁହାଯାଉଛି। ଦିନକୁଦିନ ଖରାର ପ୍ରକୋପ ବୃଦ୍ଧି ପାଉଥିବାରୁ ପାଣି ସମସ୍ୟା ଏବେ ବିଗିଡ଼ିବାକୁ ବସିଛି। ଜଳଭଣ୍ଡାର ତଳିଆ ଗାଁଗୁଡ଼ିକୁ ପିଇବାପାଣି ମିଳୁନଥିବା ବେଳେ ପାନୀୟଜଳ ପ୍ରକଳ୍ପକୁ ପ୍ରତିବର୍ଷ କଲରକରି ବିଭାଗ ଲାଭବାନ ହେଉଥିବା ଅଭିଯୋଗ ହୋଇଛି। ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ବାଣ୍ଟପୁର ପଞ୍ଚାୟତର ୪ଟି ଆଦିବାସୀ ଗାଁର ପାଖାପାଖି ୩୫୦ ପରିବାର ପାଣିପାଇଁ ଡହଳ ବିକଳ ହେଉଛନ୍ତି।ସୂଚନା ଅନୁଯାୟୀ, ବୁଢାବୁଢିଆଣୀ ଜଳଭଣ୍ତାରରୁ ଓଡ଼ଗାଁ ଏନ୍‌ଏସିକୁ ପାନୀୟଜଳ ଯୋଗାଣ କରାଯାଉଛି। ଏହାସହିତ ଚାଷୀମାନଙ୍କୁ କେନାଲ ମାଧ୍ୟମରେ ଚାଷଜମିକୁ ପାଣି ଦିଆଯାଉଛି। କିନ୍ତୁ ଜଳଭଣ୍ତାରରୁ ମାତ୍ର ୩ କିଲୋମିଟର ଦୂରରେ ଥିବା ପୋଡ଼ାସାହି, ମାଳଓଷ୍ଟିଆ, ନାଣ୍ଡିଗିରି, ଭୋବସର, ନୂଆସାହି, ଗଡ଼ଗାଁ ଆଦି ଗାଁକୁ ପାଣି ମିଳୁନାହିଁ। କେବଳ ଲୋକ ଦେଖାଣିଆ ଭାବେ ପାନୀୟଜଳ ପ୍ରକଳ୍ପ ନିର୍ମାଣକରି କାମସାରି ଦେଇଛି ପାନୀୟଜଳ ଯୋଗାଣ ବିଭାଗ। ବାଣ୍ଟପୁର ପଞ୍ଚାୟତର ଗଡ଼ଗାଁ, ପୋଡ଼ାସାହି, ନୂଆସାହି ଓ ନାଣ୍ଡିଗିରି ଗ୍ରାମର ଲୋକଙ୍କ ପାନୀୟଜଳ ସମସ୍ୟା ଦୂର କରିବା ପାଇଁ ପୋଡ଼ାସାହି ଠାକୁରାଣୀଙ୍କ ନିକଟରେ ଏକ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଜଳ ଓ ପରିମଳ ବିଭାଗ ପକ୍ଷରୁ ୩୦ଲକ୍ଷ ଟଙ୍କା ବ୍ୟୟରେ ୫୦ହଜାର ଲିଟର ବିଶିଷ୍ଟ ଟାଙ୍କି ନିର୍ମାଣ କରାଯାଇ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ କରାଯିବ। କିନ୍ତୁ ଦୁଃଖର ବିଷୟ ପାନୀୟଜଳ ପ୍ରକଳ୍ପ ନିର୍ମାଣ ହେବାର ଦୁଇଦିନ ପରେ ପ୍ରକଳ୍ପ ଅଚଳ ହୋଇପଡ଼ିଲା। ଆଜକୁ ୬ବର୍ଷ ଧରି ଲୋକମାନେ ପିଇବାପାଣି ନପାଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଠାରୁ ଆରମ୍ଭକରି ବିଭାଗୀୟ ଯନ୍ତ୍ରୀ ଓ ବ୍ଲକ୍ ପ୍ରଶାସନକୁ ବାରମ୍ବାର ଗୁହାରିକରି ନିରାଶ ହେବା ପରେ ଖୋଲାକୂପ ଓ ନଦୀରୁ ଦୂଷିତ ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପାନୀୟଜଳ ପ୍ରକଳ୍ପ ନିର୍ମାଣ ସମୟରେ ପ୍ରତିଘରକୁ ଟ୍ୟାପ୍ ଯୋଗାଣ ସହିତ ବୋର୍‌ୱେଲ୍, ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ଟାଙ୍କି ଏବେ ଖତ ଖାଉଥିବା ଦେଖିବାକୁ ମିଳିଛି। ନିର୍ମାଣ ହୋଇଥିବା ବୋର୍‌ୱେଲ ଏବେ ଭୂଷୁଡ଼ିବାକୁ ବସିଛି। ଏପଟେ ୪ଖଣ୍ଡ ଗାଁର ୩୫୦ ପରିବାର ପାଣି ମୁନ୍ଦିଏ ପାଇଁ ଚାହିଁ ବସିଥିବାବେଳେ ବିଭାଗ କାଗଜକଲମରେ କାମ ସାରି ଦେଇଛି। ସବୁଠାରୁ ବଡ଼କଥା ହେଉଛି ଗାଁ ଠାରୁ ୩ କିଲୋମିଟର ଦୂର ବୁଢାବୁଢିଆଣି ଜଳଭଣ୍ଡାରରୁ ଓଡ଼ଗାଁ ଏନ୍‌ଏସି ୧୫କିଲୋମିଟର ପାଣି ଯୋଗାଣ ହେଉଥିବାବେଳେ ଏହି ଆଦିବାସୀ ଗାଁଗୁଡ଼ିକୁ ଉପେକ୍ଷା କରିବାକୁ ପଡ଼ିଛି। ସେହିଭଳି ଏବେ ବି ଅନେକ ଗାଁ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତହୋଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ବୁଢାବୁଢିଆଣି ଜଳଭଣ୍ଡାରରୁ ଏହି ଆଦିବାସୀ ଗାଁଗୁଡ଼ିକୁ ପାଣି ଯୋଗାଣ କରିବାକୁ ଦାବି ହୋଇଛି।

**ବାରଙ୍ଗ ଥାନାରେ ଥାର୍ଡ ଡିଗ୍ରୀ, ଥାନାକୁ ଯିବାକୁ ଡରିଲେଣି ଲୋକେ**

# ବିଗୁଡୁଛି ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା: ବିଜେଡି

**ଭୁବନେଶ୍ୱର,୨୮।୫/ଏନ୍‌ଏନ୍‌ଏସ୍:** ଦିନକୁ ଦିନ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥାର ଚରମ ଅଧୋଗତି ହେଉଛି। ବିନା ତଥ୍ୟ ପ୍ରମାଣରେ ବାରଙ୍ଗ ଅଞ୍ଚଳର ଜଣେ ନିରୀହ ଯୁବକଙ୍କୁ ଥାର୍ଡ ଡିଗ୍ରୀ ଦେଇଛି ପୁଲିସ। ଫଳରେ ଉକ୍ତ ଯୁବକ ଜୀବନମରଣ ସହ ସଂଗ୍ରାମ କରୁଛନ୍ତି। ପୁଲିସର ଏହି ଦାୟିତ୍ୱ ହୀନତାକୁ କଡ଼ା ଭାଷାରେ ନିନ୍ଦା କରିବା ସହ ସଂପୃକ୍ତ ଯୁବକଙ୍କୁ ନ୍ୟାୟ ଦିଆଯାଉ ବୋଲି ବିଜେଡି ଦାବି କରିଛି ।

ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍‌ସିତା ସାହୁ ପୁଲିସ ବ୍ୟବସ୍ଥାର ଅପରିଣାମଦର୍ଶୀ କାର୍ଯ୍ୟ ତଥା ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ଶ୍ରୀମତୀ ଦେଓ କହିଛନ୍ତି, ରାଜ୍ୟରେ ଯେବେଠାରୁ ବିଜେପି ସରକାର ଆସିଲାଣି ସେହିଦିନ ଠାରୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ଚଣ୍ଡିପ୍ରସାଦ ଗାଁର ରାକେଶ ବେହେରା ନାମକ ଜଣେ ଯୁବକ ନିଜ ସ୍ତ୍ରୀ ନିଖୋଜ ହୋଇଥିବା ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାର ଦୁଇଦିନ ପରେ କାଠଯୋଡି ପଠାରୁ ଜଣେ ମହିଳାଙ୍କ ଗଳିତ ଶବ ମିଳିଥିଲା। ପୁଲିସ କିଛି ନବୁଝି ରାକେଶଙ୍କୁ ଡକାଇ ଥାର୍ଡ ଡିଗ୍ରୀ ଦେଇଛି। ଲଗାତାର ତିନିଦିନ ଧରି ଥାର୍ଡ ଡିଗ୍ରୀ ଯୋଗୁ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପର୍ଣ୍ଣ ରହିଛି। ଅନ୍ୟପଟେ ରାକେଶଙ୍କ ସ୍ତ୍ରୀ ଜୀବିତ ଥିବା ଜଣାପଡିଛି। ଗୋଟିଏ ପଟେ ନିଖୋଜ ମହିଳା ଜୀବିତ ଥିବା ଜଣାପଡିଥିଲା ବେଳେ ଅନ୍ୟପଟେ ଅପରିଚିତ ମହିଳାଙ୍କ ଗଳିତ ଶବ ସଠିକ ଚିହ୍ନଟ ନକରି ବିନା କାରଣରେ ରାକେଶକୁ ଥାର୍ଡ ଡିଗ୍ରୀ ଦେଇ ଲହୁଲୁହାଣ କରିଛି ପୁଲିସ। ବିନା ତଥ୍ୟ ପ୍ରମାଣରେ ବାରଙ୍ଗ ପୁଲିସର କାର୍ଯ୍ୟକଳାପକୁ ନିନ୍ଦା କରିଛି ଦଳ।

ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍‌ସିତା ସାହୁ କହିଛନ୍ତି, ମୃତ୍ୟୁବରଣ କରିଥିବା ମହିଳାଙ୍କ ପରିଚୟ ମିଳିନଥିବା ବେଳେ ନିଖୋଜ ଥିବା ମହିଳା ତଥା ରାକେଶଙ୍କ ପତ୍ନୀ ଜୀବିତ ଥିବା ଜଣାପଡିବା ପରେ ମଧ୍ୟ କାହିଁକି ପୁଲିସ ରାକେଶଙ୍କ ପ୍ରତି ଏଭଳି ଅମାନବୀୟ ବ୍ୟବହାର କରିଥିଲା। ଏହାର ଜବାବ୍ ଦିଅନ୍ତୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ। ପୁଲିସ ମଧ୍ୟ ରାକେଶର ପରିବାରକୁ ତାଙ୍କ ସହ ଦେଖା କରାଇ ଦେଉନାହିଁ। ଯଦି ଆଗାମୀ ଦିନରେ ରାକେଶ ବେହେରାଙ୍କ ସହିତ ତାଙ୍କ ପରିବାର ଲୋକଙ୍କ ଭେଟ କରାନଯାଏ। ବିଜେଡିର ଏକ ପ୍ରତିନିଧି ଦଳ ଖୁବ୍‌ଶୀଘ୍ର ଚିକିତ୍ସିତ ହେଉଥିବା ରାକେଶଙ୍କୁ ମେଡିକାଲରେ ଭେଟିବ। ରାକେଶ ବେହେରାଙ୍କ ଜୀବନ ସହିତ ଯଦି କିଛି ଅଘଟଣ ଘଟେ, ତାହାହେଲେ ପୁଲିସ କମିଶନର, ଡିଜି ଓ ମୁଖ୍ୟମନ୍ତ୍ରୀ ଉତ୍ତରଦାୟୀ ରହିବେ ବୋଲି ବିଜେଡି କହିଛି।

## ଆଜିର ଇତିହାସ

- ୧୯୬୮-ଦାରା ସିଂହ ରେସ୍‌ଲିଂ ଚାମ୍ପିଅନସିପ୍‌ରେ ବିଜୟୀ ହୋଇଥିଲେ।
- ୧୯୭୨- ଇତିହାସ ପୁରୁଷ ପୃଥ୍ୱୀରାଜ କପୁରଙ୍କ ନିଧନ।
- ୧୯୮୭-ପଞ୍ଚମ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ନିଧନ।
- ୨୦୦୮-ଭାଜପା ନେତା ବିଏସ୍ ୟେଦୁରପ୍ପା, କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ।
- ୨୦୧୦-ପୂର୍ବ ରାଷ୍ଟ୍ରପତି ପ୍ରତିଭା ପାଟିଲ୍ ହନୋଇ ପ୍ରାନ୍ତର ଏକ ବୌଦ୍ଧ ମନ୍ଦିରର ଲୋକାର୍ପଣ କରିଥିଲେ।

## ଆଜିର ରାଶିଫଳ




ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦


**ମେଷ** - ଦିନର ଆରମ୍ଭ ଅନୁକୂଳ ରହିବ। କାର୍ଯ୍ୟସ୍ଥଳରେ କଠିନ ପରିଶ୍ରମ କରିବେ। ନିଜ ଉପଲବ୍ଧିରେ ଗର୍ବ ଅନୁଭବ କରିବେ। ସୃଜନଶୀଳ ଓ ମନୋରଞ୍ଜନ ପାଇଁ ଦିନଟି ଉତ୍ତମ।

**ବୃଷ** - ଉତ୍ସାହରେ ଦିନଟି ଭରି ରହିବ। ସହଜରେ କାମ ପୂରା ହୋଇଯିବ। ସରକାରୀ ଚାକିରିରେ ଟ୍ରାନ୍ସଫର୍ ଯୋଗ ରହିଛି। ବ୍ୟବସାୟରେ ବଡ଼ ଆର୍ଥିକ ଲାଭ ହେବାର ସମ୍ଭାବନା ରହିଛି।

**ମିଥୁନ** - ଦିନଟି ଲାଭଦାୟକ ରହିବ। ପରିଶ୍ରମର ଫଳ ପାଇବେ। ଆର୍ଥିକ ସ୍ଥିତି ମଜଭୁତ ରହିବ। ଅଚାନକ ଧନ ଲାଭର ସଂକେତ ରହିଛି। ଆବଶ୍ୟକତା ଉପରେ ଧ୍ୟାନ ଦେବେ। ସମ୍ପର୍କରେ ମଧୁରତା ରହିବ।

**କର୍କଟ** - ଦିନଟି ଭଲରେ ବିତିବ। ଅଫିସ୍‌ରେ ଅଧିକ କାମ ମିଳିପାରେ। ଧାର୍ମିକ ଅନୁଷ୍ଠାନର ଆୟୋଜନ ହୋଇପାରେ। ରାଜନୀତିର ଲୋକମାନେ ପ୍ରଶଂସିତ ହେବେ। କ୍ରୋଧ ଉପରେ ନିୟନ୍ତ୍ରଣ ରହିବ।

**ସିଂହ** - ଆପଣଙ୍କ ପାଇଁ ଦିନଟି ଉତ୍ତମ। ସାମାଜିକ କାର୍ଯ୍ୟରେ ଭାଗ ନେଇପାରନ୍ତି। ମଲ୍ଟିନ୍ୟାସନାଲ୍ ସ୍ତରରୁ ଅଫର୍ ଆସିପାରେ। ଅନ୍ୟକୁ ମହତ୍ତ୍ୱ ଦେଲେ ସମ୍ମାନ ପାଇବେ। ଅର୍ଥ ନେଣଦେଣରେ ସାବଧାନ ରହିବେ।

**କନ୍ୟା** - ଜୀବନ ଏକ ନୂଆ ଓ ସକାରାତ୍ମକ ଦିଗ ନେଇ ଆସିବ। କୌଣସି ମହତ୍ତ୍ୱପୂର୍ଣ୍ଣ କାମ ପୂରା ହୋଇପାରେ। ନୂଆ ବ୍ୟାପାର ଆରମ୍ଭ କରିପାରନ୍ତି। ପରିବାରର ସହଯୋଗ ମିଳିଯିବ। ଦିନଟି ଖୁବ୍ ଭଲ।

**ତୁଳା** - ଦିନର ଆରମ୍ଭରେ ମନ ଶାନ୍ତ ରହିବ। ଆର୍ଥିକ ସ୍ଥିତି ମଜଭୁତ ରହିବ। ସରକାରୀ ଯୋଜନାରୁ ଲାଭ ଉଠେଇବେ। ଲଭ୍ ମେଟ୍ସଙ୍କ ପାଇଁ ଦିନଟି ଖୁବ୍ ଭଲ। ବିବାଦ ଠାରୁ ନିଜକୁ ଦୂରରେ ରଖନ୍ତୁ।

**ବିଛା** - ଖୁସିଭରା ଦିନଟିଏ। ପ୍ରଶଂସିତ ହେବେ। ନୂଆ ପ୍ରୋଜେକ୍ଟର ଆରମ୍ଭ କରିପାରନ୍ତି। ଧାର୍ମିକ ସ୍ଥଳର ଦର୍ଶନ ଯୋଗ ରହିଛି। ଛୋଟ ଛୋଟ ଘଟଣାରୁ ଖୁସି ଖୋଜିବେ। ସମୟ ଆପଣଙ୍କ ସପକ୍ଷରେ ରହିବ।

**ଧନୁ** - ଆର୍ଥିକ ଦୃଷ୍ଟିରୁ ଦିନଟି ଭାଗ୍ୟଶାଳୀ। ଅଚାନକ ଧନ ଲାଭ ଯୋଗ ରହିଛି। ବିଦ୍ୟାର୍ଥୀମାନେ ନୂଆ କୋର୍ସ କରିବେ। ସମୟ ପୂର୍ବରୁ କାମ ପୂରା ହେବ। ମହତ୍ତ୍ୱପୂର୍ଣ୍ଣ ଜିନିଷ ଉପରେ ଗୁରୁତ୍ୱ ଦେବେ।

**ମକର** - ମିଶ୍ରିତ ଫଳ ପାଇବେ। ଆଳସ୍ୟ ଅନୁଭବ କରିବେ। ଯାତ୍ରା ଯୋଗ ରହିଛି। ଜୀବନସାଥୀ ସହିତ ଥିବା ମତଭେଦ ଦୂର ହେବ। ପିଲାଙ୍କ ସହିତ ସମୟ ବିତେଇବେ। ପୁରୁଣା ସାଙ୍ଗଙ୍କ ସହିତ ସାକ୍ଷାତ ହୋଇପାରେ।

**କୁମ୍ଭ** - ପରିବାରରେ ଉତ୍ସବର ପରିବେଶ ରହିବ। ଜରୁରୀ କାମ ପୂରା ହେବ। ନୂଆ କାମର ଯୋଜନା କରିପାରନ୍ତି। ପ୍ରେମୀମାନଙ୍କ ପାଇଁ ଦିନଟି ଶାନ୍‌ଦାର ରହିବ। ସୋସିଆଲ୍ ମିଡିଆରେ ସମୟ ବିତେଇବେ।

**ମୀନ** - ନୂଆ ଉମଙ୍ଗ ଓ ଆର୍ଥିକ ଲାଭ ହେବ। ସୌନ୍ଦର୍ଯ୍ୟ ପ୍ରସାଧନ କ୍ଷେତ୍ରରେ ଲାଭ ଯୋଗ ରହିଛି। କଳା ଓ ସାହିତ୍ୟ କ୍ଷେତ୍ରର ଲୋକମାନଙ୍କୁ ନୂଆ ଅବସର ମିଳିବ। କାର୍ଯ୍ୟସ୍ଥଳର ପରିବେଶ ହାଲୁକା ରହିବ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ନିୟତସ୍ୟ ତୁ ସଂନ୍ୟାସଃ କର୍ମଣୋ ନୋପପଦ୍ୟତେ।**
**ମୋହାତ୍ତସ୍ୟ ପରିତ୍ୟାଗସ୍ତାମସଃ ପରିକୀର୍ତ୍ତିତଃ। (୧୮/୭)**

ଯାହାର ଯେଉଁ କର୍ମ ସ୍ୱଭାବନିୟତ ଅର୍ଥାତ କର୍ତ୍ତବ୍ୟ ରୂପରେ ନିର୍ଦ୍ଦିଷ୍ଟ ସେ କର୍ମ ତ୍ୟାଗ କରିବା ଯୁକ୍ତିଯୁକ୍ତ ନୁହେଁ। ମୋହବଶତଃ ସେ କର୍ମ ତ୍ୟାଗ କଲେ ତାକୁ ତାମସିକ ତ୍ୟାଗ କୁହାଯାଏ।

ଶ୍ରୀ ରାମକୃଷ୍ଣ କହନ୍ତି - ଜଣେ ଭକ୍ତ ଈଶ୍ୱରଙ୍କ ନାମ ସର୍ବଦା ଉଚ୍ଚାରଣ କରିବା ଉଚିତ ଏବଂ ନିଜର ସାଂସାରିକ କର୍ତ୍ତବ୍ୟ ପାଳନ କରିବ ଯେଉଁ ପର୍ଯ୍ୟନ୍ତ ସତ୍-ଚିତ୍- ଆନନ୍ଦରେ ମନ ସମାହିତ ନହେଇଛି।

# ଥଣ୍ଡା ରକ୍ତର ଜୀବ



ଭୟଙ୍କର ଗରମ ଏ ସମୟରେ ମଣିଷମାନଙ୍କର ଅବସ୍ଥା ଖରାପ କରିଦେଇ ସାରିଲାଣି। ହିଟ୍ ୱେଭ ଲୋକଙ୍କୁ ସିଝଉଛି। ଆମ ଦେଶ ତ ଅତ୍ୟଧିକ ଗରମ ଭିତରେ ରହୁଛି କିନ୍ତୁ ଏ ସମୟରେ ୟୁରୋପ୍‌ରେ ମଧ ଭୀଷଣ ଗରମ ଅନୁଭୂତ ହେଉଛି। ଗରମ ପ୍ରଭାବରୁ ଅଧିକ ଝାଳ ମଧ ବାହାରୁଛି ଯାହା ସମସ୍ତଙ୍କ ପାଇଁ ବିରକ୍ତିକର ଘଟଣା। ପାଣି ଭିତରେ ରହୁଥିବା ମାଛମାନଙ୍କର ବି ଝାଳ ବାହାରେ, ପାଣି ଭିତରେ ରହି ସେମାନେ କିପରି ନିଃଶ୍ୱାସ-ପ୍ରଶ୍ୱାସ ନିଅନ୍ତି, ପାଣିରୁ ବାହାରିବା ମାତ୍ରେ ସେମାନଙ୍କର ଜୀବନ କାହିଁକି ଚାଲିଯାଏ କେବେ ଏ ବିଷୟରେ ଚିନ୍ତା କରିଛନ୍ତି କି? ତେବେ ଏହା ମଧ ସତ ଯେ ମାଛମାନଙ୍କୁ ଜୀବିତ ରହିବା ପାଇଁ ଅକ୍ସିଜେନ୍‌ର ଆବଶ୍ୟକ ହୁଏ। ତଫାତ କେବଳ ଏତିକି ଯେ ମାଛମାନେ ପାଣିରେ ମିଶିଥିବା ଅକ୍ସିଜେନ୍‌ର ବ୍ୟବହାର କରନ୍ତି। ଏଥିପାଇଁ ପ୍ରକୃତି ସେମାନଙ୍କର ଶରୀରରେ ଏକ ଖାସ୍ ଅଙ୍ଗର ନିର୍ମାଣ କରିଛି ଯାହାକୁ ଗିଲ୍ସ ବୋଲି କୁହାଯାଏ। ମାଛମାନେ ପ୍ରଥମେ ନିଜ ମୁହଁ ଦ୍ୱାରା ପାଣି ଭିତରକୁ ନିଅନ୍ତି ଓ ଏହି ପାଣି ଗିଲ୍ସ ପର୍ଯ୍ୟନ୍ତ ପହଞ୍ଚିଥାଏ ଯେଉଁଠାରେ ହଜାର ହଜାର ସଂଖ୍ୟାରେ ପତଳା ବ୍ଲଡ୍ ଭେସେଲ୍ସ ଥାଆନ୍ତି। ଏଗୁଡ଼ିକ ପାଣିରେ ଥିବା ଅକ୍ସିଜେନ୍‌କୁ ନେଇ ରକ୍ତ ସହିତ ମିଶାଇ ଦିଅନ୍ତି। ଏହାପରେ ଏହି ଗିଲ୍ସ ଜରିଆରେ ରକ୍ତରେ ଥିବା କାର୍ବନ୍ ଡାଇଅକ୍ସାଇଡ୍‌କୁ ବାହାରକୁ ଛାଡ଼ିଦିଅନ୍ତି। ତେବେ ମଣିଷମାନଙ୍କର ଫୁସ୍‌ଫୁସ୍ ଯେଉଁ କାମ କରେ ମାଛମାନଙ୍କର ଗିଲ୍ସ ସେହି କାମ କରିଥାଏ। ବୈଜ୍ଞାନିକମାନଙ୍କ ଅନୁସାରେ ପାଣିରେ ଅକ୍ସିଜେନ୍‌ର ମାତ୍ରା ବାୟୁ ତୁଳନାରେ କମ୍ ଥାଏ। ଏଥିପାଇଁ ମାଛମାନଙ୍କର ନିଃଶ୍ୱାସ ନେବାର ପ୍ରକ୍ରିୟା ମଣିଷମାନଙ୍କ ଠାରୁ ଅଧିକ କଷ୍ଟକର ହୋଇଥାଏ। କିନ୍ତୁ ସେମାନଙ୍କର ଗିଲ୍ସର ଗଠନ ଖାସ୍ ପ୍ରକାରର ହୋଇଥିବାରୁ ଅକ୍ସିଜେନ୍ ଟାଣିବାରେ ଏହା ଖୁବ୍ ପ୍ରଭାବୀ ହୋଇଥାଏ। ମଣିଷଙ୍କ ଅପେକ୍ଷା ମାଛମାନଙ୍କର କମ୍ ଅକ୍ସିଜେନ୍ ଆବଶ୍ୟକ ହୁଏ। ସମୁଦ୍ରରେ ଏପରି ଅନେକ ସ୍ଥାନ ରହିଛି ଯେଉଁଠାରେ ଅକ୍ସିଜେନ୍ ସ୍ତର କମ୍ ଥିବାରୁ ମାଛମାନେ ନିଃଶ୍ୱାସ-ପ୍ରଶ୍ୱାସ ନେଇପାରନ୍ତି ନାହିଁ। ଏହିପରି ସ୍ଥାନଗୁଡ଼ିକୁ ‘ଡେଥ୍ ଜୋନ୍’ ବୋଲି କୁହାଯାଏ। ତେଣୁ ମାଛମାନେ ପାଣି ବାହାରକୁ ଆସିଲେ ଗିଲ୍ସଗୁଡ଼ିକର ପତଳା ସଂରଚନା ଶୁଖିବାକୁ ଲାଗେ ଓ ଅକ୍ସିଜେନ୍ ସପ୍ଲାଇ କମ୍ ହୋଇଯାଏ ଓ ସମାନେ ମୃତ୍ୟୁବରଣ କରିଥାନ୍ତି।

# ଲୋକଗୀତ ‘କଚୌଡ଼ି ଗଲି’

ଇତିହାସକୁ କେବଳ ପୃଷ୍ଠାରେ ଗଣାଯାଏ ନାହିଁ। ଇତିହାସ ଲୋକଗୀତର ଧୂନ୍‌ରେ ମଧ ନିଃଶ୍ୱାସ-ପ୍ରଶ୍ୱାସ ନେଇଥାଏ। କିଛି ଯନ୍ତ୍ରଣାଦାୟକ ଘଟଣାକୁ ସମୟ ଓ ବଡ଼ ବଡ଼ ପୁସ୍ତକ ଭୁଲିଯାଇଥାନ୍ତି। ସାଧାରଣତଃ ସେହି ଘଟଣାଗୁଡ଼ିକ ସମୟ ସମୟରେ ଲୋକଗୀତ ଭାବରେ ପୁଣି ଥରେ ଲୋକମାନଙ୍କ ପାଖକୁ ଫେରିଆସେ ଓ ଅତୀତର ସମୟକୁ ମନେ ପକାଇଦିଏ। ଏ ସମୟରେ ଏକ ୨୦୦ ବର୍ଷର ପୁରୁଣା ଯନ୍ତ୍ରଣା ଧୂନ୍ ଭାବରେ ଆମର ପ୍ଲେଲିଷ୍ଟର ଅଂଶବିଶେଷ ହୋଇଗଲାଣି। କୋକ୍ ଷ୍ଟୁଡିଓ ଭାରତର ନୂଆ ସିଜିନର ପାରମ୍ପରିକ ଭୋଜପୁରୀ ଲୋକଗୀତ ‘କଚୌଡ଼ି ଗଲି’ ଏ ସମୟରେ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି। ବନାରସ୍‌ର ଏହି କଜ୍‌ରୀ ଲୋକଗୀତ କେବଳ ଏକ ଭାଇରାଲ୍ ଗୀତ ନୁହେଁ, ଏହା ୧୮୨୪ ମସିହା ସହିତ ଜଡ଼ିତ ହୋଇ ରହିଛି। ଏହି ଗୀତରେ ଲୁଚି ରହିଛି ଜଣେ ପତ୍ନୀ ବା ପ୍ରେମିକାର ବିରହ ବେଦନା ଯାହା ଆଙ୍ଗ୍ଲୋ-ବର୍ମା ଯୁଦ୍ଧର ଆଘାତକୁ ବର୍ଣ୍ଣନା କରୁଛି।




**କଚୋରି ଗଳିର ଇତିହାସ**-ଏହି କାହାଣୀ ୧୮୨୪ ମସିହାର ଘଟଣା ସହିତ ଜଡ଼ିତ ଯେତେବେଳେ ଇଂରେଜ ଓ ବର୍ମାର ସାମ୍ରାଜ୍ୟ ମଧ୍ୟରେ ପ୍ରଥମ ଆଙ୍ଗ୍ଲୋ-ବର୍ମା ଯୁଦ୍ଧ ଆରମ୍ଭ ହୋଇଥିଲା। ସେ ସମୟରେ ଯୁଦ୍ଧର ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ଇଂରେଜମାନେ ଦେଶର ଅନେକ କ୍ଷେତ୍ରର ସାଧାରଣ ନାଗରିକ, ମଜଦୁର ଓ ପୁରୁଷମାନଙ୍କୁ ଜବରଦସ୍ତି ନେଇ ସେନାରେ ଭର୍ତ୍ତି କରଉଥିଲେ। ଉତ୍ତର ପ୍ରଦେଶର ପୂର୍ବାଞ୍ଚଳ, ମିର୍ଜାପୁର ଓ ବନାରସ୍‌ର ପୁରୁଷମାନଙ୍କୁ ସମୁଦ୍ର ରାସ୍ତାରେ ସେମାନେ ଆଜିର ମିଆଁମାରର ୟାଙ୍ଗନକୁ ପଠାଇ ଦେଉଥିଲେ। ‘କଚୌଡ଼ି ଗଲି’ ଗୀତଟି ବନାରସ୍‌ର ଏକ ଗଳିରୁ ଆରମ୍ଭ ହୋଇଥିବା ଜଣେ ପତ୍ନୀର କାହାଣୀ ଯାହାର ପତି ଇଂରେଜମାନଙ୍କର ଏହି କ୍ରୂର ନିଷ୍ପତ୍ତିର ଶିକାର ହୋଇଥିଲା। ସେ ବନାରସ୍‌ର ଏହି କଚୌଡ଼ି ଗଳିରେ ନିଃସହାୟ ଅବସ୍ଥାରେ ଛିଡ଼ା ହୋଇ ପତିକୁ ବ୍ରିଟିଶ ସେନାଙ୍କ ସହିତ ଯିବାର ଦେଖିଥିଲା। ଏହି ଗୀତଟି ମହିଳା ଭିତରେ ଥିବା ଦୁଃଖ, କ୍ରୋଧ ଓ ଖାଲି ହୋଇଥିବା ଘରର ବୋଝକୁ ବର୍ଣ୍ଣନା କରୁଛି। ଦେଶର ଦିଗଜ ଶାସ୍ତ୍ରୀୟ ଓ ଲୋକଗାୟିକାମାନେ ଏହି ଗୀତଟିକୁ ଘରେ ଘରେ ପହଞ୍ଚାଇ ଇତିହାସ ପୃଷ୍ଠାରେ ଅମର କରିଦେଇଛନ୍ତି।

# ଭଗବାନଙ୍କ ଆଖି



ୟୁରୋପ୍‌ର ଏକ ସୁନ୍ଦର ଦେଶ-ବୁଲ୍‌ଗେରିଆ। ସେଠାରେ ରହିଛି ଏପରି ଏକ ଗୁମ୍ଫା ଯାହାକୁ ଦେଖିଲେ ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ଏହି ଅନୋଖା ସ୍ଥାନଟିକୁ ଲୋକମାନେ ଭଗବାନଙ୍କ ଆଖି ବୋଲି ମଧ କହନ୍ତି। ଏହି ଗୁମ୍ଫାରେ ତିଆରି ହୋଇଥିବା ଦୁଇଟି ବଡ଼ ଗୋଲାକାର ଛିଦ୍ର ମଣିଷର ଆଖି ପରି ଦେଖାଯାଏ। ସୂର୍ଯ୍ୟକିରଣ ଏହି ଛିଦ୍ର ଦେଇ ଭିତରକୁ ଗଲେ ଗୁମ୍ଫାର ପୂରା ଦୃଶ୍ୟ ବଦଳିଯାଏ। ଏହି ଗୁମ୍ଫାର ଅସଲ ନାମ ପ୍ରୋହୋଡନା ଗୁମ୍ଫା। ଏହା ବୁଲଗେରିଆର ରାଜଧାନୀ ସୋଫିୟା ଠାରୁ ପାଖାପାଖି ଦୁଇ ଘଣ୍ଟା ଦୂରରେ ଅବସ୍ଥିତ। ହଜାର ହଜାର ବର୍ଷ ଧରି ଏହି ପଥରଗୁଡ଼ିକ ଉପରେ ପାଣି ଓ ପବନର ପ୍ରଭାବ ପଡ଼ିବା ଦ୍ୱାରା ଏହି ଗୁମ୍ଫାର ନିର୍ମାଣ ହୋଇଛି ବୋଲି କୁହାଯାଉଛି। ଧୀରେ ଧୀରେ ଛାତ ଉପରେ ତିଆରି ଛିଦ୍ର ଆଖିପରି ନଜର ଆସିଲା ଓ ସ୍ଥାନୀୟ ଲୋକମାନେ ଏହି ଛିଦ୍ରଗୁଡ଼ିକୁ ‘ଭଗବାନଙ୍କ ଆଖି’ ବୋଲି କହିବା ଆରମ୍ଭ କଲେ। ବର୍ଷାଦିନେ ଏହି ଛିଦ୍ରରୁ ପାଣି ବୋହିଲେ ଏହି ଦୃଶ୍ୟକୁ ‘ଭଗବାନଙ୍କ ଅଶ୍ରୁ’ ବୋଲି ଲୋକମାନେ କହନ୍ତି। ପାଖାପାଖି ୮୮ ଫୁଟ୍ ଲମ୍ବ ଏହି ଗୁମ୍ଫା ଆଡ୍‌ଭେଞ୍ଚର ପସନ୍ଦ କରୁଥିବା ଲୋକମାନଙ୍କ ପାଇଁ ଖୁବ୍ ପସନ୍ଦଯୋଗ୍ୟ ସ୍ଥାନ। ସେଠାରେ ରକ୍ କ୍ଲାଇମ୍ବିଂ ଓ ବଞ୍ଜି ଜମ୍ପିଂ ପରି ଆକ୍ଟିଭିଟିଜ୍ ମଧ କରାଯାଏ। ଏହି କାରଣରୁ ପ୍ରତି ବର୍ଷ ହଜାର ହଜାର ପର୍ଯ୍ୟଟକ ସେହି ରହସ୍ୟମୟ ସ୍ଥାନଟିକୁ ଦେଖିବା ପାଇଁ ପହଞ୍ଚି ଥାଆନ୍ତି।

# ଏକ ମନମୋହକ ଦୁନିଆ



ଭିଏତନାମ୍‌ରେ ରହିଛି ଅନେକ ଭୂଦୃଶ୍ୟ ଓ ଅନୋଖା ଆକର୍ଷଣ ଯେଉଁ ସ୍ଥାନଗୁଡ଼ିକ ପର୍ଯ୍ୟଟକ ଓ ଅନ୍ୱେଷଣକାରୀଙ୍କୁ ଆକର୍ଷିତ କରିଥାଏ। ଏହି ସୂଚୀରେ ସାମିଲ ଅଛି ଏକ ଶାନ୍‌ଦାର ଗୁମ୍ଫା ଯାହାର ନାମ ପାରାଡାଇଜ୍ ଗୁମ୍ଫା। ଏହାକୁ ଥିଏନ୍ ଡୁଓଙ୍ଗ ଗୁମ୍ଫା ବୋଲି ମଧ କୁହାଯାଏ। କ୍ୱାଙ୍ଗ ତ୍ରି ପ୍ରାନ୍ତରେ ସ୍ଥିତ ଏକ ଜାତୀୟ ଉଦ୍ୟାନର ମୁଖ୍ୟ ପରିସ୍ଥିତିକୀ ତନ୍ତ୍ରରେ ପାରାଡାଇଜ୍ ଗୁମ୍ଫା ଅବସ୍ଥିତ। ‘ଭୂମିଗତ ମହଲ’ ନାମରେ ପ୍ରସିଦ୍ଧ ଏହି ଗୁମ୍ଫାରେ ୧୯୧ ମିଟର ଉଚ୍ଚରେ ଚୂନପଥରର ପାହାଡ଼ଗୁଡ଼ିକ ପରିସର ଭିତରେ ଏହା ଅବସ୍ଥିତ ଯାହା ପ୍ରାଚୀନ ଜଙ୍ଗଲ ଦ୍ୱାରା ଘେରିହୋଇ ରହିଛି। ପାରାଡାଇଜ୍ ଗୁମ୍ଫାର ଅନ୍ୱେଷଣ ରୟାଲ୍ ବ୍ରିଟିଶ କେଭ୍ ଆସୋସିଏସନ୍ କରିଥିଲା ଯାହାର ନେତୃତ୍ୱ ନେଇଥିଲେ ହାଓ୍ୱାର୍ଡ ଲିମ୍ବର୍ଟ। ଏହି ଗୁମ୍ଫାର ଲମ୍ବ ୩୧.୪ କି.ମି, ଓସାର ପାଖାପାଖି ୩୦-୧୦୦ ମିଟର ଓ ଗଭୀରତା ପାଖାପାଖି ୬୦-୮୦ ମିଟର ହେବ। ୨୦୧୦ରେ ଥିଏନ୍ ଗୁମ୍ଫାକୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲିଦିଆଯିବା ପରେ ନିଜର ଏକ କି.ମି ଲମ୍ବା କାଠର ଶିଡ଼ି ପ୍ରଣାଳୀ ସହିତ ଏହା ସେହି କ୍ଷେତ୍ରର ଏକ ପ୍ରମୁଖ ଆକର୍ଷଣ ମଧ୍ୟରୁ ଅନ୍ୟତମ ହୋଇଗଲା। ଏହା ଏସିଆର ସବୁଠାରୁ ଲମ୍ବା ଶୁଷ୍କ ଗୁମ୍ଫାର ମାନ୍ୟତା ପାଇଛି। ପାରାଡାଇଜ୍ ଗୁମ୍ଫା କାର୍ଷ୍ଟ ଗୁମ୍ଫା ପ୍ରଣାଳୀର ଅଂଶବିଶେଷ ଯାହାର ବିଭିନ୍ନ ଆକାର ଓ ଆକୃତିଗୁଡ଼ିକରେ ଅନେକ ଫମ୍ପା କକ୍ଷ ରହିଛି। ଏହି କକ୍ଷଗୁଡ଼ିକ ପର୍ବତ ସାଇଡ୍‌ରେ ସ୍ଥିତ ଗୁମ୍ଫା ପ୍ରବେଶ ଦ୍ୱାରଗୁଡ଼ିକ ମାଧ୍ୟମରେ ବାହାର ଦୁନିଆ ସହିତ ଜଡ଼ିତ ହୋଇ ରହିଛି। ଉତ୍ତର-ପୂର୍ବରୁ ଦକ୍ଷିଣ-ପଶ୍ଚିମ ଦିଗରେ ବ୍ୟାପ୍ତ ଏକ ଭୂ-ବୈଜ୍ଞାନିକ ଦୋଷ ପ୍ରଣାଳୀ ଦ୍ୱାରା ଏହି କ୍ଷେତ୍ରର ଅନ୍ୟ ଗୁମ୍ଫାଗୁଡ଼ିକ ସହିତ ପାରାଡାଇଜ୍ ଗୁମ୍ଫାର ନିର୍ମାଣ ହୋଇଥିଲା। ଏହି ଫାଟଗୁଡ଼ିକରୁ ପ୍ରବାହିତ ପାଣି ଦୋଷରେଖା ସହିତ ପଥରର ଘଟକଗୁଡ଼ିକୁ ଖଣ୍ଡିତ କରିଥିଲା। ମୁଖ୍ୟତଃ ପ୍ରାକୃତିକ ଜଳରେ ପଥର, ଚୂନପଥର ଭାଙ୍ଗି ମିଶିଥିବାରୁ ଏହା ସୃଷ୍ଟି ହୋଇଥିଲା।

# ପାଚନ ସ୍ୱାସ୍ଥ୍ୟ



ପ୍ରତି ବର୍ଷ ଆଜିର ଦିନରେ ବିଶ୍ୱ ସ୍ତରରେ ପାଳନ କରାଯାଏ ପାଚନ ସ୍ୱାସ୍ଥ୍ୟ ଦିବସ। ଡବ୍ଲ୍ୟୁଜିଓ ଓ ଡବ୍ଲ୍ୟୁଜିଓଏଫ୍‌ର ସହଯୋଗରେ ଏହି ଦିବସର ପ୍ରାରମ୍ଭ ହୋଇଥିଲା। ପାଚନ ସମ୍ବନ୍ଧୀୟ ରୋଗ ଓ ବିକାର ବିଷୟରେ ଲୋକମାନଙ୍କୁ ସଚେତନ କରେଇବା ଏହି ଦିବସର ଉଦ୍ଦେଶ୍ୟ ଥିଲା। ୨୯ ମେ’, ୧୯୫୮ରେ ୱାଶିଂଟନ୍‌ରେ ୱର୍ଲଡ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ପ୍ରଥମ ବିଶ୍ୱ କଂଗ୍ରେସ ବୈଠକରେ ବିଶ୍ୱ ପାଚନ ସ୍ୱାସ୍ଥ୍ୟ ଦିବସ ପାଳନ କରାଯିବା ନେଇ ଘୋଷଣା କରାଯାଇଥିଲା। ଏକ ଆକଳନ ଅନୁସାରେ ଏବେ ବିଶ୍ୱର ୫୬ ପ୍ରତିଶତ ଭାରତୀୟ ପରିବାର ପାଚନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାଗୁଡିକର ସମ୍ମୁଖୀନ ହେଉଛନ୍ତି। ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ରୋଗର ନିୟନ୍ତ୍ରଣ, ବ୍ୟାପକତା, ନିଦାନ, ପ୍ରବନ୍ଧନ ଓ ଉପଚାର ସମ୍ପର୍କରେ ସାଧାରଣ ଲୋକମାନେ ସେତେଟା ସଚେତନ ନୁହନ୍ତି। ତେଣୁ ପ୍ରତି ବର୍ଷ ବିଶେଷ ପ୍ରକାରର ପାଚନ ରୋଗ ବା ଡିସ୍‌ଅର୍ଡର୍ ଉପରେ ଏହି ଦିବସର ଥିମ୍ କେନ୍ଦ୍ରିତ ହୋଇଥାଏ। ତେବେ ପାଚନ ସ୍ୱାସ୍ଥ୍ୟର ସମ୍ପର୍କ ଥାଏ ଭାଇରାଲ୍ ହେପାଟାଇଟିସ୍, ଇରିଟେବଲ୍ ବୋୱେଲ୍ ସିଣ୍ଡ୍ରୋମ୍, ଆନ୍ତରେ ସଂକ୍ରମଣ ଓ ପରିଷ୍କାର ପାଣି, ଇନ୍‌ଫ୍ଲାମେଟୋରୀ ବୋୱେଲ୍, ଲିଭର୍ କ୍ୟାନ୍ସର୍ ଓ ହଟ୍ ମାଇକ୍ରୋଭ୍‌ସ ସହିତ।

ଆମ ପାଚନ ତନ୍ତ୍ର ମଧ୍ୟରେ ଛୋଟ ଆନ୍ତ, ବଡ ଆନ୍ତ, ଲିଭର୍, ମୁହଁ, ଗଳା, ଭୋଜନ ନଳୀ ଆଦି ଥାଆନ୍ତି। ଖାଦ୍ୟ ଖାଇବା ପରେ ମୁହଁ ଭିତରେ ଚୋବେଇବା ମାତ୍ରେ ଖାଦ୍ୟ ହଜମ କରିବାର ପ୍ରକ୍ରିୟା ଆରମ୍ଭ ହୋଇଯାଏ। ସେଥିପାଇଁ ଲାଳ ଖାଦ୍ୟକୁ ହଜମ କରେଇବାରେ ବହୁତ ବଡ ଯୋଗଦାନ ଦେଇଥାଏ। ଆମ ଶରୀରରେ ଦୁଇ ପ୍ରକାରର ପାଚନ ପ୍ରକ୍ରିୟା ରହିଛି। ପ୍ରଥମ-ମେକାନିକାଲ୍ ଓ ଅନ୍ୟଟି-କେମିକାଲ୍।

# [illegible]

ଏ ସମୟରେ ଖୁବ୍ ଚର୍ଚ୍ଚା ମଧ୍ୟରେ ଅଛନ୍ତି ଫାର୍‌ହାନ ଅଖତର୍। ଏହାର କାରଣ ରଣବୀରଙ୍କ ସହିତ ‘ଡନ୍-୩’କୁ ନେଇ ସୃଷ୍ଟି ହୋଇଥିବା ବିବାଦ। ଏହା ମଧ୍ୟରେ ଫାର୍‌ହାନଙ୍କ ଆଗାମୀ ପ୍ରୋଜେକ୍ଟକୁ ନେଇ ଆସିଛି ଏକ ବଡ଼ ଅପ୍‌ଡେଟ୍। ଖବର ଅନୁସାରେ ଫାର୍‌ହାନ ବହୁତ ଶୀଘ୍ର ଅମିର ଖାନ ଓ ଆଶୁତୋଷ ଗୋୱାରିକରଙ୍କ ନୂଆ ପିରିୟଡିକ୍ ସ୍ପୋର୍ଟସ୍ ଡ୍ରାମାରେ ନଜର ଆସିବେ। ଫିଲ୍ମର କାହାଣୀ ଭାରତ-ପାକିସ୍ତାନର ବିଭାଜନ ଓ ଭାରତୀୟ କ୍ରିକେଟ୍‌ର ପ୍ରଥମ କ୍ୟାପ୍‌ଟେନ୍ ଲାଲା ଅମରନାଥଙ୍କ ଜୀବନୀ ଉପରେ ଆଧାରିତ। କୁହାଯାଉଛି ଯେ ଫାର୍‌ହାନ ଏହି ଫିଲ୍ମରେ ଅଭିନୟ କରିବା ସହିତ ପ୍ରଡ୍ୟୁସର୍ ଭାବରେ କାମ କରିପାରନ୍ତି। କିନ୍ତୁ ତାଙ୍କର ଭୂମିକା ପୂରା ଫିଲ୍ମରେ ଦେଖିବାକୁ ମିଳିବ ନାହିଁ କାରଣ ଜଣେ ପାକିସ୍ତାନୀ କ୍ରିକେଟ୍ ଖେଳାଳି ଭାବରେ ଫାର୍‌ହାନ ନଜର ଆସିବେ। ତେବେ ତାଙ୍କର ଭୂମିକା ଯଦିଓ ଛୋଟ କିନ୍ତୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି ଓ ଏହା ଏକ ପ୍ରକାରର କ୍ୟାମିଓ ଭୂମିକା ହୋଇପାରେ। ଏ ବିଷୟରେ ନିର୍ମାତାମାନଙ୍କ ତରଫରୁ କୌଣସି ଆଧିକାରିକ ଘୋଷଣା ହୋଇନଥିଲେ ମଧ ଦର୍ଶକମାନେ ବେଶ୍ ଉତ୍ସାହିତ ଅଛନ୍ତି। କାହାଣୀରେ ଭାରତର ବିଭାଜନ ସମୟରେ ଲାଲା ଅମରନାଥଙ୍କ ନିକଟତର ଜଣେ ସାଙ୍ଗ ପାକିସ୍ତାନରେ ରହିଯାଉଛି। ଏହି ସାଙ୍ଗ ଭୂମିକାରେ ନଜର ଆସିବେ ଫାର୍‌ହାନ। ତେବେ ଫିଲ୍ମର କାହାଣୀ କେବଳ କ୍ରିକେଟ୍ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ସେ ସମୟର ଗଭୀର ଦୋସ୍ତି, ପରସ୍ପର ଠାରୁ ଦୂରେଇ ଯିବାର ଯନ୍ତ୍ରଣା ଓ ସମ୍ପର୍କର ଭାବନାଗୁଡ଼ିକୁ ବଡ଼ ପରଦାରେ ଦେଖିବାକୁ ମିଳିବ। ତେବେ ଫାର୍‌ହାନଙ୍କ ଚରିତ୍ରଟି ଦର୍ଶକମାନଙ୍କର ହୃଦୟକୁ ସ୍ପର୍ଶ କରିବ ଏଥିରେ ସନ୍ଦେହ ନାହିଁ। ଓର୍କଫ୍ରଣ୍ଟ ଦୃଷ୍ଟିରୁ ଫାର୍‌ହାନ ଏହା ପୂର୍ବରୁ ସ୍ପୋର୍ଟସ୍ ବାୟୋପିକ୍ ‘ଭାଗ୍ ମିଲ୍‌ଖା ଭାଗ୍’ରେ ନିଜର ଦମ୍‌ଦାର ଅଭିନୟ ପାଇଁ ଦର୍ଶକମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ତେବେ ଦୀର୍ଘ ୨୨ ବର୍ଷ ପରେ ଫାର୍‌ହାନ ଓ ଆଶୁତୋଷ ଏହି ଫିଲ୍ମ ଜରିଆରେ ଏକା ସହିତ କାମ କରିବେ। ଏହା ପୂର୍ବରୁ ୨୦୦୪ରେ ରିଲିଜ ହୋଇଥିବା ଫିଲ୍ମ ‘ଲକ୍ଷ୍ୟ’ରେ ଏମାନେ ଏକା ସହିତ କାମ କରିଥିଲେ। ଫିଲ୍ମର ଅପ୍‌ଡେଟ୍ ଅନୁସାରେ ଏଥିରେ ଲାଲା ଅମରନାଥଙ୍କ ଭୂମିକାରେ ଅମିର ଖାନ ନଜର ଆସିପାରନ୍ତି।





**ଆଜିର ମ୍ୟାଚ୍**

ଗୁଜରାଟ ଟାଇଟନ୍ସ ବନାମ ରାଜସ୍ଥାନ ରୟାଲ୍ସ

ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ନ୍ୟୁ ଚଣ୍ଡିଗଡ଼

କ୍ୱାଲିଫାୟର୍-୨

ନିତିଦିନ NITIDIN

# ୩୦ରୁ ଫ୍ୟୁଚର୍ ଚାମ୍ପିଅନ୍ସ କପ୍ ଅଣ୍ଡର-୧୬ କ୍ରିକେଟ୍

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ଦିଲୀପ ତିର୍କୀ ସ୍ପୋର୍ଟ୍ସ ରିସର୍ଚ୍ଚ ଆଣ୍ଡ୍ ଡେଭେଲପ୍‌ମେଣ୍ଟ୍ ଫାଉଣ୍ଡେସନ୍ ପକ୍ଷରୁ ଭୁବନେଶ୍ୱରରେ 'ଫ୍ୟୁଚର୍ ଚାମ୍ପିଅନ୍ସ କପ୍- ୨୦୨୬' ଅଣ୍ଡର-୧୬ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ହେବାକୁ ଯାଉଛି। ଯୁବ କ୍ରିକେଟ୍ ପ୍ରତିଭାଙ୍କୁ ଉତ୍ସାହିତ କରିବା ଏବଂ ତୃଣମୂଳ ସ୍ତରରେ କ୍ରିକେଟ୍‌ର ବିକାଶ ଏହି ଟୁର୍ଣ୍ଣାମେଣ୍ଟ୍‌ର ଲକ୍ଷ୍ୟ।

ଟୁର୍ଣ୍ଣାମେଣ୍ଟ୍ ମେ' ୩୦ରୁ ଜୁନ୍ ୧୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ଟାଉନ୍ କ୍ଲବ୍ ଏବଂ ୧୨୦ ଇନ୍‌ଫାଣ୍ଟ୍ରି ବାଟାଲିଅନ୍ ଗ୍ରାଉଣ୍ଡ୍‌ରେ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟ୍‌ରେ ୮ଟି ଟିମ୍ ଦୁଇଟି ଗ୍ରୁପ୍‌ରେ ଲିଗ୍-କମ୍-ନକ୍‌ଆଉଟ୍ ଫର୍ମାଟ୍‌ରେ ଖେଳିବେ। ଗ୍ରୁପ୍-ଏ'ରେ ରେଡ୍ ଷ୍ଟାର୍, ଟାଉନ୍ କ୍ଲବ୍, ପ୍ରଗତି ସ୍ପୋର୍ଟିଂ ଏବଂ ଜୟଦେବ ସ୍ପୋର୍ଟିଂ ଥିବାବେଳେ ଗ୍ରୁପ୍-ବି'ରେ ପାରାମାଉଣ୍ଟ୍ ସ୍ପୋର୍ଟିଂ, ସହିଦ୍ ସ୍ପୋର୍ଟିଂ, ରାମେଶ୍ୱର ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍ ସ୍ଥାନ ପାଇଛନ୍ତି। ଲିଗ୍ ପର୍ଯ୍ୟାୟ ପରେ ଜୁନ୍ ୯ ଓ ୧୦ରେ ସେମିଫାଇନାଲ୍ ଏବଂ ୧୧ ତାରିଖରେ ୧୨୦ ଇନ୍‌ଫାଣ୍ଟ୍ରି ବାଟାଲିୟନ୍ ଗ୍ରାଉଣ୍ଡ୍‌ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ।

ପୂର୍ବତନ ଭାରତୀୟ ହକି ଟିମ୍‌ର କ୍ୟାପ୍‌ଟେନ୍ ପଦ୍ମଶ୍ରୀ ଡ. ଦିଲୀପ ତିର୍କୀଙ୍କ ନେତୃତ୍ୱରେ ଆୟୋଜିତ ଟୁର୍ଣ୍ଣାମେଣ୍ଟ୍‌ରେ ଯୁବ କ୍ରିକେଟର୍, କୋଚ୍, ଏକାଡେମୀ ଏବଂ କ୍ରୀଡ଼ାପ୍ରେମୀଙ୍କୁ ଗୋଟିଏ ମଞ୍ଚକୁ ଆଣିବ ବୋଲି ଆଶା କରାଯାଉଛି।

**ଫ୍ରେଞ୍ଚ୍ ଓପନ୍: ତୃତୀୟ ରାଉଣ୍ଡ୍‌ରେ ଜୋକୋଭିଚ୍**

# ବିଶ୍ୱ ନଂ-୧ ସିନର୍ ଟୁର୍ଣ୍ଣାମେଣ୍ଟ୍‌ରୁ ବାହାର

**ପ୍ୟାରିସ୍,୨୮।୫/ଏଜେନ୍ସି:** ବିଶ୍ୱ ନମ୍ବର-୧ ତଥା ଟୁର୍ଣ୍ଣାମେଣ୍ଟ୍‌ର ଟପ୍ ସିଡ୍ ଖେଳାଳି ଜାନିକ୍ ସିନର୍ ଫ୍ରେଞ୍ଚ୍ ଓପନ୍‌ରୁ ବାଦ୍ ପଡ଼ିଛନ୍ତି। ଗୁରୁବାର ଦ୍ୱିତୀୟ ରାଉଣ୍ଡ୍ ମ୍ୟାଚ୍‌ରେ ଅଣସିଡେଡ୍ ଆର୍ଜେଣ୍ଟିନା ଖେଳାଳି ଜୁଆନ୍ ମାନୁଏଲ୍ ସେରୁଣ୍ଡୋଲୋ ପାଞ୍ଚ୍ ସେଟ୍‌ରେ ସିନର୍‌ଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ

**ପରବର୍ତ୍ତୀ ରାଉଣ୍ଡ୍‌ରେ ସ୍ୱିଆତେକ୍-ସ୍ୱିତୋଲିନା**



ସର୍ବିୟାର ମହାନ୍ ଖେଳାଳି ନୋଭାକ୍ ଜୋକୋଭିଚ୍ ଟୁର୍ଣ୍ଣାମେଣ୍ଟ୍‌ର ତୃତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ୩୯ ବର୍ଷୀୟ ଜୋକୋଭିଚ୍ ଫ୍ରାନ୍ସର ଭାଲେଣ୍ଟାଇନ୍ ରୋୟରଙ୍କୁ ଚାରି ସେଟ୍‌ରେ ହରାଇଛନ୍ତି। ସେହିପରି ମହିଳା ବର୍ଗରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ୍ ଏଲିନା ରିବାକିନାଙ୍କୁ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଛି। ଗୁରୁବାର ଖେଳାଯାଇଥିବା ୩ ଘଣ୍ଟା ୩୬ ମିନିଟ୍‌ର ମ୍ୟାଚ୍‌ରେ ଜୁଆନ୍ ୩-୬, ୨-୬, ୭-୫, ୬-୧, ୬-୧ରେ ବିଜୟୀ ହୋଇଛନ୍ତି। ମ୍ୟାଚ୍‌ର ତୃତୀୟ ସେଟ୍ ଅବସରରେ ଡିହାଇଡ୍ରେସନ୍ କାରଣରୁ ସିନର୍‌ଙ୍କୁ ମେଡିକାଲ୍ ଟାଇମ୍ ଆଉଟ୍ ନେବାକୁ ପଡ଼ିଥିଲା। ସେହିପରି ଜୋକୋଭିଚ୍ ବୁଧବାର ପ୍ରାୟ ୩ ଘଣ୍ଟା ୪୪ ମିନିଟ୍ ପର୍ଯ୍ୟନ୍ତ ଚାଲିଥିବା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୭୪ତମ ର୍‌ୟାଙ୍କର ଭାଲେଣ୍ଟାଇନ୍ ରୋୟରଙ୍କୁ ୬-୩, ୬-୨, ୬-୭ (୭), ୬-୩ରେ ହରାଇ ଲଗାତାର ୨୧ ବର୍ଷ ପାଇଁ ଫ୍ରେଞ୍ଚ୍ ଓପନ୍‌ର ତୃତୀୟ ରାଉଣ୍ଡ୍‌ରେ ପହଞ୍ଚିବାରେ ସଫଳ ହୋଇଛନ୍ତି। ଏହି ବିଜୟ ସହିତ ଜୋକୋଭିଚ୍ ରୋଲାଣ୍ଡ୍ ଗାରୋସ୍‌ରେ ଫ୍ରେଞ୍ଚ୍ ଖେଳାଳିମାନଙ୍କ ବିପକ୍ଷରେ ୧୪-୦ ରେକର୍ଡ କରିଛନ୍ତି। ଅନ୍ୟ ମ୍ୟାଚ୍‌ରେ ଜର୍ମାନୀର ଆଲେକ୍‌ଜାଣ୍ଡର୍ ଜ୍ୱେରେଭ୍ ଚେକ୍ ଗଣରାଜ୍ୟର ଥୋମାସ୍ ମାଚେକ୍‌ଙ୍କୁ ୬-୪, ୬-୨, ୬-୨ରେ ଏବଂ କାସ୍ପର୍ ରୁଡ୍ ସର୍ବିୟାର ହମଦ ମେଦଜେଦୋଭିଚ୍‌ଙ୍କୁ ୬-୩, ୬-୨, ୬-୪ରେ ହରାଇ ତୃତୀୟ ରାଉଣ୍ଡ୍‌ରେ ସ୍ଥାନ ହାସଲ କରିଛନ୍ତି।

ମହିଳା ସିଙ୍ଗଲ୍ସରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ୍ ଏଲିନା ରିବାକିନାଙ୍କୁ ୟୁକ୍ରେନ୍‌ର ୟୁଲିୟା ଷ୍ଟାରୋଡୁବ୍‌ତସେଭା ୩-୬, ୬-୧, ୭-୬ (୪)ରେ ହରାଇ ବାହାର କରିଛନ୍ତି। ଚାରିଥରର ଚାମ୍ପିଅନ୍ ଇଗା ସ୍ୱିଆତେ୍ ୬-୨, ୬-୩ରେ ସାରା ବେଜଲେକଙ୍କୁ ହରାଇ ରୋଲାଣ୍ଡ୍ ଗାରୋସ୍‌ରେ ୪୨ତମ ବିଜୟ ସହ ପରବର୍ତ୍ତୀ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ଏବେ ତୃତୀୟ ରାଉଣ୍ଡ୍‌ରେ ସେ ପୋଲାଣ୍ଡ୍‌ର ମାଗଡ଼ା ଲିନେଟ୍‌ଙ୍କୁ ଭେଟିବେ।

**ସବ୍-ଜୁନିୟର୍ ଜାତୀୟ ବେସ୍‌ବଲ୍ ଚାମ୍ପିଅନ୍‌ଶିପ୍**

# ମହାରାଷ୍ଟ୍ର ବାଳିକା ଚାମ୍ପିଅନ୍

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ସ୍ଥାନୀୟ କିଟ୍/କିସ୍ ଗ୍ରାଉଣ୍ଡ୍‌ରେ ଚାଲିଥିବା ୩୧ତମ ସବ୍-ଜୁନିୟର୍ ଜାତୀୟ ବେସ୍‌ବଲ୍ ଚାମ୍ପିଅନ୍‌ଶିପ୍‌ର ବାଳିକା ବର୍ଗରେ ଛତିଶଗଡ଼କୁ ହରାଇ ମହାରାଷ୍ଟ୍ର ଚାମ୍ପିଅନ୍ ହୋଇଛି। ସେହିପରି ମହାରାଷ୍ଟ୍ର ଓ ଛତିଶଗଡ଼ ଆସନ୍ତାକାଲିର ବାଳକ ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଶା ବାଳିକା ଦଳ ହାର୍ଡ ଲାଇନ୍ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶକୁ ୧୧-୬ରେ ହରାଇ ତୃତୀୟ ସ୍ଥାନ ହାସଲ କରିଛି। ଆଜି ଅନୁଷ୍ଠିତ

**ବାଳକ ଫାଇନାଲ୍‌ରେ ମହାରାଷ୍ଟ୍ର-ଛତିଶଗଡ଼**

ବାଳକ ସେମିଫାଇନାଲ୍‌ରେ ମହାରାଷ୍ଟ୍ର ୮-୧ରେ ପଞ୍ଜାବକୁ ଏବଂ ଛତିଶଗଡ଼ ୭-୬ରେ ଦିଲ୍ଲୀକୁ ହରାଇ ଫାଇନାଲ୍ ସ୍ଥାନ ପକ୍କା କରିଛନ୍ତି। ସେମିଫାଇନାଲ୍ ପରେ ଅନୁଷ୍ଠିତ ହାର୍ଡ ଲାଇନ୍ ମ୍ୟାଚ୍‌ରେ ପଞ୍ଜାବ ୯-୫ରେ ଦିଲ୍ଲୀକୁ ହରାଇ ଦେଇଛି। ବାଳିକା ବିଭାଗ ସେମିଫାଇନାଲ୍‌ରେ ମହାରାଷ୍ଟ୍ର ୧-୦ରେ ଆନ୍ଧ୍ରପ୍ରଦେଶକୁ ଏବଂ ଛତିଶଗଡ଼ ୧୯-୧ରେ ଓଡ଼ିଶାକୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲେ।

**ମହିଳା ଟି-୨୦ ବିଶ୍ୱକପ୍ ୨୦୨୬**

# ମ୍ୟାଚ୍ ଅଧିକାରୀ ପ୍ୟାନେଲ୍ ଘୋଷିତ

**ଦୁବାଇ,୨୮।୫/ଏଜେନ୍ସି:** ଆଗାମୀ ମହିଳା ଟି-୨୦ ବିଶ୍ୱକପ୍ ପାଇଁ ଆଇସିସି ଗୁରୁବାର ମ୍ୟାଚ୍ ଅଧିକାରୀଙ୍କ ପ୍ୟାନେଲ୍ ଘୋଷଣା କରିଛି। ଏହା ମହିଳା ଟି-୨୦ ବିଶ୍ୱକପ୍‌ର ଲଗାତାର ତୃତୀୟ ସଂସ୍କରଣ ହେବ, ଯେଉଁଥିରେ ସମ୍ପୂର୍ଣ୍ଣ ଭାବେ ମହିଳା ମ୍ୟାଚ୍ ଅଧିକାରୀ ପ୍ୟନେଲ୍ ହେବ। ଏହା ମଧ୍ୟରୁ କାଣ୍ଡେସ୍ ଲା ବୋର୍ଡେ, ଗାୟତ୍ରୀ ବେଣୁଗୋପାଳନ୍, କେରିନ୍ କ୍ଲାଷ୍ଟେ ଏବଂ ଶାତିରା ଜାକିର୍ ଜୁନ୍ ୧୨ରୁ ଇଂଲଣ୍ଡ ଓ ୱେଲ୍ସରେ ନିଜର ଟୁର୍ଣ୍ଣାମେଣ୍ଟ୍ ପଦାର୍ପଣ କରିବେ। ଟି-୨୦ ବିଶ୍ୱକପ୍‌ର ୩୩ ମ୍ୟାଚ୍‌ରେ ମୋଟ ୧୪ ଅମ୍ପାୟାର୍ ଓ ଚାରି ମ୍ୟାଚ୍ ରେଫରି ରହିବେ। ଏହା ମଧ୍ୟରୁ ୨୦୨୪ ସଂସ୍କରଣ ୯ ମ୍ୟାଚ୍ ଅଧିକାରୀ ସାମିଲ ଅଛନ୍ତି। ଅଷ୍ଟ୍ରେଲିଆର କ୍ଲେୟାର୍ ପୋଲୋସାକ୍ ସବୁଠୁ ଅନୁଭବୀ ହୋଇଥିବା ବେଳେ ସେ ନିଜର ୬ଷ୍ଠ ବିଶ୍ୱକପ୍‌ରେ ମ୍ୟାଚ୍ ପରିଚାଳନା କରିବେ। ସେ ୨୨ ମ୍ୟାଚ୍‌ରେ ଅମ୍ପାୟାରିଂ କରିଛନ୍ତି। ସେହିପରି ୧୯-୧୯ ମ୍ୟାଚ୍ ପରିଚାଳନା କରିଥିବା ଜ୍ୟାକ୍‌ଲିନ୍ ୱିଲିୟମ୍ସ ଏବଂ କିମ୍ କଟନ୍ ପଞ୍ଚମ ବିଶ୍ୱକପ୍‌ରେ ଅବତୀର୍ଣ୍ଣ ହେବ। ମ୍ୟାଚ୍ ରେଫରିଙ୍କ ମଧ୍ୟରେ ତିନିଜଣ ଶାଣ୍ଡ୍ରେ ଫ୍ରିଟ୍‌ଜ, ଜିଏସ୍ ଲକ୍ଷ୍ମୀ ଏବଂ ମିଚେଲ୍ ପରେରା ୨୦୨୪ ସଂସ୍କରଣର ଅଂଶବିଶେଷ ଥିଲେ। ଚତୁର୍ଥ ମ୍ୟାଚ୍ ରେଫରି ନ୍ୟୁଜିଲାଣ୍ଡର ଟ୍ରୁଡି ଆଣ୍ଡରସନ୍ ହେବେ।




**ଆଇଏସ୍ଏସ୍ଏଫ୍ ବିଶ୍ୱକପ୍**

# ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ ଈଶା ସିଂହ

**ମ୍ୟୁନିକ୍,୨୮।୫/ଏଜେନ୍ସି:** ଭାରତୀୟ ଯୁବ ଶୁଟର୍ ଈଶା ସିଂହ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ୨୦୨୬ର ମହିଳା ୨୫ ମିଟର ପିସ୍ତଲ୍ ଇଭେଣ୍ଟ୍‌ରେ ସ୍ୱର୍ଣ୍ଣ ପଦକ ଜିତି ନୂଆ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ୨୧ ବର୍ଷୀୟା ଈଶା ଫାଇନାଲ୍‌ରେ ୫୦ରୁ ୪୩ ସଠିକ୍ ଟାର୍ଗେଟ୍ ହାସଲ କରି ସିନିୟର୍ ଏବଂ ଜୁନିୟର୍ ବର୍ଗର ନୂଆ ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି। ଈଶା ଦୁଇବର୍ଷ ତଳେ ବାକୁରେ କୋରିଆର କିମ୍ ୟେ-ଜି'ଙ୍କ ଦ୍ୱାରା ସ୍ଥାପିତ ୪୨ ପଏଣ୍ଟ୍‌ର ସିନିୟର୍ ବିଶ୍ୱ ରେକର୍ଡ ଭଙ୍ଗ କରି ନୂଆ ରେକର୍ଡ କାଏମ କରିଛନ୍ତି। ଏହା ସହିତ ହିଁ ସେ ୟାଙ୍ଗ୍ ଜିନ୍‌ଙ୍କ ୪୧ ପଏଣ୍ଟ୍‌ର ଜୁନିୟର୍ ବିଶ୍ୱ ରେକର୍ଡକୁ ମଧ୍ୟ ପଛରେ ପକାଇଛନ୍ତି। ଏହି ପ୍ରଦର୍ଶନ ସହ ସେ କେବଳ ସ୍ୱର୍ଣ୍ଣ ପଦକ ଜିତିନାହାନ୍ତି, ବରଂ ରୋମ୍‌ରେ ଖେଳାଯିବାକୁ ଥିବା ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ପାଇଁ ସିଧା ଯୋଗ୍ୟତା ଅର୍ଜନ କରିଛନ୍ତି। ଜର୍ମାନୀର ପୂର୍ବତନ ବିଶ୍ୱ ଚାମ୍ପିଅନ୍ ଡୋରେନ୍ ଭେନେକ୍ୟାମ୍ପ୍ ୩୮ ସ୍କୋର୍ ସହିତ ରୌପ୍ୟ ଏବଂ ବୁଲ୍‌ଗେରିଆର ମିରୋସ୍ଲାଭ୍ ମିନ୍‌ଚେଭା ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଈଶା ପ୍ରିସିସନ୍ ରାଉଣ୍ଡ୍‌ରେ ୨୯୩ ଏବଂ ର୍‌ୟାପିଡ୍ ଫାୟାର୍‌ରେ ୨୯୪ ପଏଣ୍ଟ୍ (ମୋଟ ୫୮୭ ପଏଣ୍ଟ୍) ସହ କ୍ୱାଲିଫିକେସନ୍ ରାଉଣ୍ଡ୍‌ରେ ୫ମ ସ୍ଥାନରେ ରହି ଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିଥିଲେ। ଭାରତର ମନୁ ଭାକର ଏବଂ ରାହୀ ସରନୋବତ ଯଥାକ୍ରମେ ୫୮୨ ଏବଂ ୫୮୧ ପଏଣ୍ଟ୍ ସହ ୧୨ଶ ଏବଂ ୧୪ଶ ସ୍ଥାନରେ ରହିଥିଲେ।



ମହିଳା ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ୍ ଇଭେଣ୍ଟ୍‌ରେ ଆଶୀ ଚୌକସେ ୫୮୯ ପଏଣ୍ଟ୍ ସହ ୧୦ମ ସ୍ଥାନରେ ରହି ଗୋଟିଏ ପଏଣ୍ଟ୍ ପାଇଁ ଫାଇନାଲ୍ ଯୋଗ୍ୟତା ହରାଇଥିଲେ। ସ୍ୱିଜରଲାଣ୍ଡ୍‌ର ଏମିଲି ଜେଗୀ ୫୯୦ ପଏଣ୍ଟ୍ ସହ ଅଷ୍ଟମ ତଥା ଅନ୍ତିମ ଫାଇନାଲ୍ ସ୍ଥାନ ହାସଲ କରିଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ବିଦର୍ଶ ବିନୋଦ ୫୮୮ ପଏଣ୍ଟ୍ ସହ ୧୪ଶ ଏବଂ ତିଲୋତ୍ତମା ସେନ୍ ୫୮୩ ପଏଣ୍ଟ୍ ସହ ୪୮ତମ ସ୍ଥାନ ହାସଲ କରିଥିଲେ।

**ଇଣ୍ଡିଆନ୍ ଓପନ୍ ପାରା-ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍**

# ଓଡ଼ିଶାକୁ ୮ ସ୍ୱର୍ଣ୍ଣ ସମେତ ୧୮ ପଦକ

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ବେଙ୍ଗାଲୁରୁର କ୍ରାନ୍ତିରଭା ଷ୍ଟାଡିୟମ୍‌ରେ ମେ' ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଅଷ୍ଟମ ଇଣ୍ଡିଆନ୍ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍ ୨୦୨୬ରେ ଓଡ଼ିଶାର ଆଥ୍‌ଲେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ଭାରତୀୟ ପାରାଲିମ୍ପିକ୍ କମିଟି ଦ୍ୱାରା ଆୟୋଜିତ ବିଶ୍ୱ ପାରା ଆଥ୍‌ଲେଟିକ୍ସ ମାନ୍ୟତାପ୍ରାପ୍ତ ଏହି ଚାମ୍ପିଅନ୍‌ଶିପ୍ ଜାପାନର ନାଗୋୟାରେ ହେବାକୁ ଥିବା ଆଗାମୀ ଏସିଆନ୍ ପାରା ଗେମ୍ସ ପାଇଁ ଅନ୍ତିମ ଚୟନ ଟ୍ରାଏଲ୍ ଥିଲା। ଏହି ଚାମ୍ପିଅନ୍‌ଶିପ୍‌ରେ ଓଡ଼ିଶାର ୧୧ ଜଣିଆ ଶକ୍ତିଶାଳୀ ଦଳ ଭାଗନେଇ ୮ ସ୍ୱର୍ଣ୍ଣ, ୬ ରୌପ୍ୟ ଏବଂ ୪ ବ୍ରୋଞ୍ଜ୍ ସମେତ ମୋଟ ୧୮ ପଦକ ଜିତିଛନ୍ତି। ଏହା ମଧ୍ୟରୁ କମଳାକାନ୍ତ ନାୟକ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ବ୍ରୋଞ୍ଜ୍, ସ୍ୱସ୍ତିକ ସାହୁ ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ସେହିପରି ମହିଳା ଏଫ୍୫୬ ଜାଭେଲିନ୍ ଥ୍ରୋ'ରେ ସୁଚିତ୍ରା ପରିଡ଼ା ବ୍ୟକ୍ତିଗତ ସର୍ବଶ୍ରେଷ୍ଠ (୧୯.୬ ମିଟର) ସହ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ଏହା ବ୍ୟତୀତ ମୋହନ ସାହୁ, ଜୟନ୍ତୀ ବେହେରା, ଜଦୁନାଥ ମାଝୀ, ଜୟପ୍ରକାଶ ବାରିକ ଏବଂ କୁନିଲତା ବାରିକ ମଧ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନ୍ ସଭାପତି କମଳାକାନ୍ତ ରଥଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏହି ବିପୁଳ ସଫଳତା ପଛରେ ଥିବା ସମର୍ପଣ, କଠିନ ପରିଶ୍ରମ ଏବଂ ପ୍ରତିବଦ୍ଧତା ପାଇଁ ସମସ୍ତ ଆଥ୍‌ଲେଟ୍, ଗାଇଡ୍ ରନର୍, କୋଚ୍‌ଙ୍କୁ ଅଭିନନ୍ଦନ ଜଣାଇଛି। ଏହା ସହିତ ଆସୋସିଏସନ୍ କଳିଙ୍ଗ ଷ୍ଟାଡିୟମ୍‌ରେ ୨୪ ଦିନିଆ ପ୍ରସ୍ତୁତି କ୍ୟାମ୍ପ୍ ଆୟୋଜନ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗକୁ ମଧ୍ୟ କୃତଜ୍ଞତା ଜଣାଇଛି।



# ପ୍ରଣୟ ଆଉଟ୍; କ୍ୱାର୍ଟର୍ ଫାଇନାଲ୍‌ରେ ସିନ୍ଧୁ ଓ ଲକ୍ଷ୍ୟ

**ସିଙ୍ଗାପୁର ଓପନ୍**

**ସିଙ୍ଗାପୁର,୨୮।୫/ଏଜେନ୍ସି:** ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ଓ ଲକ୍ଷ୍ୟ ସେନ୍ ଗୁରୁବାର ଏଠାରେ ଚାଲିଥିବା ସିଙ୍ଗାପୁର ଓପନ୍ ସୁପର୍ ୭୫୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍‌ର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ତେବେ ଏଚ୍ଏସ୍ ପ୍ରଣୟ ପରାଜୟ ସହ ବାହାର ହୋଇଛନ୍ତି। ସିନ୍ଧୁ ୩୭ ମିନିଟ୍ ମଧ୍ୟରେ ଜାପାନର ରିକୋ ଗୁଞ୍ଜୀଙ୍କୁ ୨୧-୯, ୨୧-୧୨ରେ ହରାଇଛନ୍ତି। ଏବେ ତାଙ୍କ ମୁକାବିଲା ଶୀର୍ଷ ସିଡ୍ କୋରିଆର ଆନ୍ ସେ ୟଙ୍ଗ୍‌ଙ୍କ ସହ ହେବ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ କୁନଲାଭୁତ୍ ଭିଟିଡସର୍ନ ଦୁଇ ପଏଣ୍ଟ୍‌ରେ ପିଠି ସମସ୍ୟା କାରଣରୁ ରିଟାୟର୍ ହେବାରୁ ଲକ୍ଷ୍ୟ ସେନ୍‌ଙ୍କୁ କ୍ୱାର୍ଟର ଫାଇନାଲ୍‌ରେ ସ୍ଥାନ ମିଳିଛି। ଏବେ ୨୦୨୧ ବିଶ୍ୱ ଚାମ୍ପିଅନ୍‌ଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ଲକ୍ଷ୍ୟଙ୍କ ସାମ୍ନା ଜାପାନର କୋକୀ ୱତାନାବେଙ୍କ ସହ ହେବ।

ପୁରୁଷ ଡବଲ୍ସରେ ଚତୁର୍ଥ ସିଡ୍ ସାତ୍ତ୍ୱିକ୍ ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀ କଡ଼ା ସଂଘର୍ଷ ପରେ ଚୀନା ତାଇପେଇର ଲି ଝି ହୁଇ ଓ ୟାଙ୍ଗ୍ ପୋ ସୁଆନ୍‌ଙ୍କୁ ଏକ ଘଣ୍ଟାର ମ୍ୟାଚ୍‌ରେ ୨୧-୧୫, ୧୧-୨୧, ୨୧-୧୮ରେ ହରାଇ ଅନ୍ତିମ ଆଠରେ ସ୍ଥାନ ହାସଲ କରିଛନ୍ତି। କ୍ୱାର୍ଟର୍ ଫାଇନାଲ୍‌ରେ ସେମାନଙ୍କ ମୁକାବିଲା ମାଲେସିଆର ଖାଇ ଶିଙ୍ଗ୍ କାଙ୍ଗ୍ ଓ ଆରୋନ୍ ଚାଇଙ୍କ ଯୋଡ଼ି ସହ ହେବ। ମିକ୍ସଡ୍ ଡବଲ୍ସରେ ଧ୍ରୁବ କପିଲା ଓ ତନୀଷା କ୍ରାଷ୍ଟୋ ମଧ୍ୟ ଅନ୍ତିମ ଆଠରେ ପହଞ୍ଚିଛନ୍ତି। ଭାରତୀୟ ଯୋଡ଼ି ଜାପାନର ୟୁତା ୱାତାନାବେ ସ ମାୟା ତୁଗାଚୀଙ୍କୁ ୮-୨, ୨୧-୧୭, ୨୧-୧୬ରେ ହରାଇ ଦେଇଛି। ଏବେ ସେମାନଙ୍କ ସାମ୍ନା କୋରିଆର କିମ୍ ଜାଏ ହିୟୋନ୍ ଜାଙ୍ଗ୍ ଓ ହା ଜିୟୋଙ୍ଗ୍ ତଥା ମାଲେସିଆର ଚେନ୍ ତାଙ୍ଗ ଜିୟେ ଓ ତୋହ ଇ ୱେଇଙ୍କ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ବିଜେତା ସହ ହେବ। ଅନ୍ୟପକ୍ଷରେ ପ୍ରଣୟ ଅନ୍ତିମ ଗେମ୍‌ରେ ସମ୍ପୂର୍ଣ୍ଣ ଭାବେ ପଛୁଆ ରହିବା ସହିତ ୬୧ ମିନିଟ୍‌ର ମ୍ୟାଚ୍‌ରେ ଘରୋଇ ଦାବିଦାର ଲୋହ କୀନ୍ ୟୁ'ଙ୍କ ଠାରୁ ୧୮-୨୧, ୨୧-୧୬, ୧୫-୨୧ରେ ପରାଜିତ ହୋଇଛନ୍ତି।



**ଭାରତର ଦ୍ରୁତ ଅର୍ଥନୈତିକ ବିକାଶକୁ ପ୍ରଶଂସା କଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ**

# 'ଭାରତକୁ ବୁଝିବାକୁ ହେଲେ ଟ୍ରେନ୍‌ରେ ଯାତ୍ରା କର'

**କାନ୍‌ବେରା, ୨୮।୫/ଏଜେନ୍ସି:** ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍ ଭାରତର ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତିର ଉଚ୍ଚ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଭାରତ ଏହି ଦଶନ୍ଧିରେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ଆଡ଼କୁ ଅଗ୍ରସର ହେଉଛି ଏବଂ ଏହା ସମଗ୍ର ଇଣ୍ଡୋ-ପାସିଫିକ୍ (ଭାରତ-ପ୍ରଶାନ୍ତ ମହାସାଗରୀୟ) କ୍ଷେତ୍ର ପାଇଁ ଏକ ବଡ଼ ସୁଯୋଗ। କାନବେରା ସ୍ଥିତ ସଂସଦକୁ ସମ୍ବୋଧିତ କରି ଆଲବାନିଜ୍ କହିଛନ୍ତି ଯେ ଅଷ୍ଟ୍ରେଲିଆ କେବଳ ପ୍ରଶାନ୍ତ ମହାସାଗରର ଦେଶ ନୁହେଁ, ବରଂ ଭାରତ ମହାସାଗରର ମଧ୍ୟ ଦେଶ ଅଟେ। ତେଣୁ ଭାରତ ସହିତ ସମ୍ପର୍କ ଅଷ୍ଟ୍ରେଲିଆ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ୨୦୨୨ ମସିହାରେ ହୋଇଥିବା ଅର୍ଥନୈତିକ ସହଯୋଗ ଏବଂ ବାଣିଜ୍ୟ ଚୁକ୍ତି ବିଷୟରେ ମଧ୍ୟ ଉଲ୍ଲେଖ କରି କହିଛନ୍ତି ଯେ ଏହାଦ୍ୱାରା ଦୁଇ ଦେଶର ବାଣିଜ୍ୟିକ ସମ୍ପର୍କ ମଜଭୁତ ହୋଇଛି। ଶିକ୍ଷା, ସଂସ୍କୃତି ଏବଂ କ୍ରିକେଟ୍ ମଧ୍ୟ ଦୁଇ ଦେଶକୁ ଆହୁରି ନିକଟତର କରିଛି। ତେବେ ସେ ଏହି ଅବସରରେ ଆଉ ଏକ ବଡ଼ କଥା କହିଛନ୍ତି। ଆଲବାନିଜ୍ କହିଛନ୍ତି ଯେ ସେ ପ୍ରଥମ ଥର ପାଇଁ ୧୯୯୧ରେ ଜଣେ ବ୍ୟାକ୍‌ପ୍ୟାକର୍ (ସାଧାରଣ ପର୍ଯ୍ୟଟକ) ଭାବେ ଭାରତ ଯାଇଥିଲେ ଏବଂ ପ୍ରଧାନମନ୍ତ୍ରୀ ହେବା ପରେ ଏପର୍ଯ୍ୟନ୍ତ ଦୁଇ ଥର ଭାରତ ଗସ୍ତ କରିସାରିଛନ୍ତି। ସେ କହିଛନ୍ତି ଯେ ଭାରତକୁ ସଠିକ୍ ଭାବେ ବୁଝିବାକୁ ହେଲେ ବସ୍ କିମ୍ବା ଟ୍ରେନ୍‌ରେ ଯାତ୍ରା କରିବା ଉଚିତ୍। ଭାରତକୁ ଅନ୍ତରୀଣସ୍ତରରେ ଦେଖିବା ଓ ବୁଝିବା ଏକ ସୁଖଦ ଅନୁଭବ ଆଣିଥାଏ। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ଖୁବ୍ ଶୀଘ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆତିଥେୟତା ପ୍ରଦାନ କରିବାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ସେ କହିଛନ୍ତି ଯେ ଏହା ଦ୍ୱିତୀୟ ଥର ହେବ ଯେବେ ସେ ମୋଦୀଙ୍କୁ ଆତିଥେୟତା ପ୍ରଦାନ କରିବେ। ଅଷ୍ଟ୍ରେଲିଆ ଗଣମାଧ୍ୟମ ଅନୁଯାୟୀ, ମୋଦୀ ଜୁଲାଇ ପ୍ରାରମ୍ଭରେ ଅଷ୍ଟ୍ରେଲିଆ ଗସ୍ତ କରିପାରନ୍ତି। ମୋଦୀ ଶେଷ ଥର ପାଇଁ ମେ ୨୦୨୩ରେ ଅଷ୍ଟ୍ରେଲିଆ ଯାଇଥିଲେ। ସେହିପରି ଅନ୍ୟ ଏକ ରିପୋର୍ଟ ଅନୁସାରେ



ଅଷ୍ଟ୍ରେଲିଆର ପ୍ରତିରକ୍ଷା ମନ୍ତ୍ରୀ ତଥା ଉପ-ପ୍ରଧାନମନ୍ତ୍ରୀ ରିଚାର୍ଡ ମାର୍ଲ୍ସ ଆସନ୍ତା ସପ୍ତାହରେ ଭାରତ ଗସ୍ତରେ ଆସିବେ ଏବଂ ଏହି ସମୟରେ ସେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସହ ଦୁଇ ଦେଶର ପ୍ରତିରକ୍ଷା ଏବଂ ରଣନୈତିକ ସହଯୋଗକୁ ମଜଭୁତ କରିବା ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ଆରପାରିରେ ପ୍ରସିଦ୍ଧ ଶାୟର ବଶୀର ବଦ୍ର

**ଭୋପାଳ, ୨୮।୫/ଏଜେନ୍ସି:** ଦେଶର ଅନ୍ୟତମ ପ୍ରସିଦ୍ଧ ଶାୟର ବଶୀର ବଦ୍ରଙ୍କର ୯୧ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଡକ୍ଟର ବଶୀର ବଦ୍ରଙ୍କୁ ଉର୍ଦ୍ଦୁ ଗଜଲ୍‌ର ସେହେନ୍‌ସାହା ଭାବେ ବିବେଚନା କରାଯାଏ। ସେ ଗୁରୁବାର ମଧ୍ୟାହ୍ନ ୧୨:୧୫ ସମୟରେ ଭୋପାଳରେ ଏହି ନଶ୍ୱର ଦୁନିଆକୁ ଅଲବିଦା କହିଛନ୍ତି। ଉର୍ଦ୍ଦୁ ସାହିତ୍ୟର ଆତ୍ମାରେ ସମାହିତ ବଶୀର ବଦ୍ର ପ୍ରାୟ ୧୪ ବର୍ଷ ଧରି ଡିମେନ୍ସିଆ (ସ୍ମୃତିଭ୍ରଂଶ) ରୋଗରେ ପୀଡ଼ିତ ଥିଲେ, ଯାହାଫଳରେ ତାଙ୍କର ସ୍ମୃତିଶକ୍ତି ଦୁର୍ବଳ ହୋଇଯାଇଥିଲା; କିନ୍ତୁ ତାଙ୍କ ଶାୟରୀ ଆଜି ବି ଲୋକଙ୍କ ହୃଦୟରେ ସ୍ପନ୍ଦିତ ହେଉଛି। ସନ୍ଧ୍ୟା ୭:୩୦ ସମୟରେ ଭୋପାଳ ଟକିଜ୍ ନିକଟସ୍ଥ କବରସ୍ଥାନରେ ତାଙ୍କର ଶେଷକୃତ୍ୟ (ସୁପୁର୍ଦ୍ଦ-ଏ-ଖାକ୍) ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ପୁରା ଉର୍ଦ୍ଦୁ ଗଜଲ୍ ଜଗତ ମ୍ରିୟମାଣ ହୋଇପଡିଛି। ୧୫ ଫେବ୍ରୁଆରୀ ୧୯୩୫ରେ ଉତ୍ତରପ୍ରଦେଶର କାନ୍‌ପୁର ଅଞ୍ଚଳରେ ଜନ୍ମିତ ବଶୀର ବଦ୍ର ଅଲିଗଡ ମୁସଲିମ୍ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ପରେ ସେ ଏହି ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ ମଧ୍ୟ ଯୋଗଦେଇଥିଲେ। କିଛି ଦିନ ପୁଲିସ୍ ବିଭାଗରେ ମଧ୍ୟ ସେ କାମ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ତେବେ ତାଙ୍କର ଗଜଲ୍ ପ୍ରତି ମାତ୍ରାଧିକ ଦୁର୍ବଳତା ତାଙ୍କୁ ଏକ ଭିନ୍ନ ବ୍ୟକ୍ତିତ୍ୱ ବା ପରିଚୟ ଦେଇଥିଲା। ପଦ୍ମଶ୍ରୀ ଏବଂ ସାହିତ୍ୟ ଏକାଡେମୀ ପୁରସ୍କାର ୧୯୯୯, ଉତ୍ତରପ୍ରଦେଶ ଉର୍ଦ୍ଦୁ ଏକାଡେମୀ ସମ୍ମାନ (୪ଥର) ଏବଂ ବିହାର ଉର୍ଦ୍ଦୁ ଏକାଡେମୀ ସମ୍ମାନରେ ସମ୍ମାନିତ ବଶୀର ବଦ୍ରଙ୍କର ଉର୍ଦ୍ଦୁ ସାହିତ୍ୟ ପ୍ରତି ଅବଦାନ ମଧ୍ୟ ଅନେକ। ସେ ୧୮ହଜାରରରୁ ଅଧିକ ଶେର୍, ୭ରୁ ଅଧିକ ଉର୍ଦ୍ଦୁ ଗଜଲ ଏବଂ ୧ ହିନ୍ଦୀ କବିତା ସଂକଳନ ମଧ୍ୟ ରଚନା କରିଥିଲେ। ତାଙ୍କ ଲିଖିତ ଅନେକ ଗଜଲ, ଶେର ତଥା ଅନ୍ୟ ରଚନାଗୁଡିକୁ ଦେଶର ଅନେକ ଆଞ୍ଚଳିକ ଭାଷାରେ ମଧ୍ୟ ଅନୁବାଦ କରାଯାଇଛି। ତାଙ୍କ ଶାୟରୀଗୁଡ଼ିକରେ ଜୀବନର ବାସ୍ତବିକତା ସହ ପ୍ରେମ ଏବଂ ପୀଡା ସବୁକିଛିର ଏକ ଅଦ୍ୱିତୀୟ ମିଶ୍ରଣ ଦେଖିବା ତଥା ଶୁଣିବାକୁ ମିଳେ, ଯାହାକି ପ୍ରତ୍ୟେକଙ୍କ ହୃଦୟକୁ ଗଭୀର ଭାବେ ଆନ୍ଦୋଳିତ କରିଥାଏ।



# ପୁଣି ଖୋଲିବ ଲିପୁଲେଖ ମାର୍ଗ

**ନୂଆଦିଲ୍ଲୀ/ବେଜିଂ, ୨୮।୫/ଏଜେନ୍ସି:** ୨୦୨୦ ଗଲୱାନ ସଂଘର୍ଷ ପରେ ଅର୍ଥାତ୍ ଦୀର୍ଘ ୭ ବର୍ଷରେ ଭାରତ-ଚୀନ ସୀମାରେ ବନ୍ଦ ହୋଇଯାଇଥିବା ଲିପୁଲେଖ୍ ବାଣିଜ୍ୟ ମାର୍ଗ ଏବେ ପୁଣି ଥରେ ଖୋଲିବାକୁ ଯାଉଛି। ଉତ୍ତରାଖଣ୍ଡର ପିଥୋରାଗଡ଼ରୁ ୩୦୦ ଭାରତୀୟ ବ୍ୟବସାୟୀଙ୍କ ଏକ ତାଲିକା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ପଠାଯାଇଛି। ବିନା ଭିସା-ପାସପୋର୍ଟରେ କେବଳ 'ଟ୍ରେଡ୍ ପାସ୍' (ବାଣିଜ୍ୟ ପାସ୍) ଜରିଆରେ ବ୍ୟବସାୟୀମାନେ ତିବ୍ବତର ତକଲାକୋଟ୍ ବଜାରରେ ପହଞ୍ଚିବେ। ଏଥରର ବିଶେଷତ୍ୱ ହେଉଛି, ପ୍ରଥମ ଥର ପାଇଁ ସୀମା ପର୍ଯ୍ୟନ୍ତ ସଡ଼କ ପଥ ନିର୍ମାଣ ହୋଇସାରିଥିବାରୁ ବାଣିଜ୍ୟିକ ସାମଗ୍ରୀସବୁ ଘୋଡ଼ା ଖଚର ବଦଳରେ ଟ୍ରକ୍ ତଥା ଅନ୍ୟ ପରିବହନ ଗାଡ଼ି ମାଧ୍ୟମରେ ଯିବ। ଏଥର ବାଣିଜ୍ୟ ପଥ ଖୋଲିବାର ପ୍ରଭାବ କେବଳ ବ୍ୟବସାୟ ମଧ୍ୟରେ ସୀମିତ ରହିବ ନାହିଁ ବୋଲି ଆଶା କରାଯାଉଛି। କୈଳାସ ଯାତ୍ରା ପୂର୍ବରୁ ହିଁ ସୀମାନ୍ତ ଅଞ୍ଚଳର ଅର୍ଥନୀତିରେ ଚଳଚଞ୍ଚଳତା ବଢ଼ିଛି, ଏବେ ବାଣିଜ୍ୟ ଆରମ୍ଭ ହେବା ଦ୍ୱାରା ବ୍ୟାସ, ଦାରମା ଏବଂ ଚୌଦାସ ଉପତ୍ୟକାର ଲୋକଙ୍କ ପାଇଁ ରୋଜଗାର ଓ ଆୟର ନୂଆ ଆଶା ସଞ୍ଚାର ହୋଇଛି। ଭାରତ ଏବଂ ଚୀନ ମଧ୍ୟରେ ସମ୍ପର୍କ ସୁଧାରିବା ପାଇଁ ସାମ୍ପ୍ରତିକ କୂଟନୈତିକ ପ୍ରୟାସ ମଧ୍ୟରେ, ଏହାକୁ ପରସ୍ପର ପ୍ରତି ବିଶ୍ୱାସ ଏବଂ ଆଲୋଚନା ପୁନଃପ୍ରତିଷ୍ଠାର ଏକ ସଂକେତ ଭାବେ ଦେଖାଯାଉଛି। ଲିପୁଲେଖ୍ ଅଞ୍ଚଳକୁ ନେଇ ନେପାଳର ଆପତ୍ତି ଏବଂ ପୁରୁଣା ସୀମା ବିବାଦ ଏବେ ମଧ୍ୟ ଏହି ସମ୍ପୂର୍ଣ୍ଣ ଅଞ୍ଚଳକୁ ରଣନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ସମ୍ବେଦନଶୀଳ କରି ରଖିଛି।

# ଗଙ୍ଗାରେ ଡଙ୍ଗା ବୁଡ଼ି ୩ ମୃତ



**ପାଟନା, ୨୮।୫/ଏଜେନ୍ସି:** ପାଟନାର ବାଢ଼ ଅଞ୍ଚଳରେ ପ୍ରବାହିତ ଗଙ୍ଗା ନଦୀରେ ଗୁରୁବାର ଏକ ଡଙ୍ଗା ଓଲଟି ପଡ଼ିବା ଯୋଗୁଁ ୩ ଜଣ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ସେହିପରି ଏହି ଘଟଣାରେ ନିଖୋଜ ଥିବା ଅନ୍ୟ ୪ ଜଣଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି। ଉଦ୍ଧାରକାରୀ ଦଳ ଏସ୍‌ଡିଆର୍‌ଏଫ୍ ୭ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ଗୁରୁବାର ସକାଳ ୫:୪୫ ସମୟରେ ବିନ୍ଦ ଟୋଲିର ୧୪/୧୫ ଜଣ ଲୋକ (ଅଧିକାଂଶ ମହିଳା ଓ ଶିଶୁ) ଡଙ୍ଗା ଯୋଗେ ସମସ୍ତୀପୁର ଜିଲ୍ଲାର ସୁଲତାନପୁର ଦିଆରାକୁ ଯାଇଥିଲେ। ବାଢ଼ ଅଞ୍ଚଳର ଲୋକେ ପ୍ରାୟତଃ ପନିପରିବା ତୋଳିବା ଏବଂ ଚାଷ କାମ ପାଇଁ ସେହି ଅଞ୍ଚଳକୁ ଯାଇଥାନ୍ତି। ଫେରିବା ସମୟରେ ପ୍ରବଳ ପବନ ଏବଂ କ୍ଷମତାଠାରୁ ଅଧିକ ଭାର (ଲୋଡ୍) ଯୋଗୁଁ ଡଙ୍ଗାଟି ଓଲଟି ପଡ଼ିଥିଲା। ଡଙ୍ଗାରେ ସୁରକ୍ଷା ପାଇଁ କୌଣସି ଜୀବନ ରକ୍ଷାକାରୀ ସରଞ୍ଜାମ (ଲାଇଫ୍ ଜ୍ୟାକେଟ୍ ଆଦି) ମଧ୍ୟ ନଥିଲା। ଅନ୍ୟପକ୍ଷେ ଡଙ୍ଗାଟି ନଦୀର ମଝିସ୍ରୋତରେ ଥିବାରୁ କିଛି ଯାତ୍ରୀ ଦେଖୁଦେଖୁ ଭାସିଗଲେ, ସେମାନଙ୍କୁ ବଞ୍ଚାଇବାକୁ ସୁଯୋଗ ସୁଦ୍ଧା ମିଳିଲାନି। ଏହି ଦୁର୍ଘଟଣା ବାଢ଼ର ଉମାନାଥ ଅଞ୍ଚଳରେ ଘଟିଛି। ଡଙ୍ଗା ବୁଡୁଥିବାର ଦେଖି ଆଖପାଖରେ ଥିବା କେଉଟ ଓ ସ୍ଥାନୀୟ ବୁଡ଼ାଳିମାନେ ଗଙ୍ଗା ନଦୀକୁ ଡେଇଁ ପଡ଼ିଥିଲେ ଏବଂ ୭ ଜଣଙ୍କୁ ବଞ୍ଚାଇ ନେଇଥିଲେ। ମୃତକମାନଙ୍କୁ ନୀଲମ କୁମାରୀ (୩୦), ଶ୍ରବଣ ମହତୋ (୩୬) ଏବଂ କାଶୀ କୁମାର (୧୫) ଭାବେ ଚିହ୍ନଟ କରାଯାଇଛି। ଶ୍ରବଣ ଏବଂ କାଶୀ ସମ୍ପର୍କରେ ବାପା-ପୁଅ ଅଟନ୍ତି। ଆହତମାନଙ୍କ ମଧ୍ୟରେ ରାହୁଲ କୁମାର, ମମତା ଦେବୀ, କବୁତରୀ କୁମାରୀ ଏବଂ ଜଣେ ୧୬ ବର୍ଷର ନାବାଳିକା ସାମିଲ ଅଛନ୍ତି। ବାକି ୩ ଜଣଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇପାରିନାହିଁ। ଡଙ୍ଗାରେ ଥିବା ସମସ୍ତ ଲୋକ ବାଢ଼ ଥାନା ଅଞ୍ଚଳର ମାସୁମଗଞ୍ଜ ବିନ୍ଦ ଟୋଲିର ବାସିନ୍ଦା ଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra